ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୧/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 21/2024 Page 18 ₹ 7.00 | SAMBALPUR

୫୧ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 28 | ମୂଲ୍ୟ₹୭/-

# ବଦଳିବ ପରିକ୍ରମା ପ୍ରକଳ୍ପ ଡିଜାଇନ

## ନିର୍ମାଣ ହେବ ବିଭିନ୍ନ ମଣ୍ଡପ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଡିଜାଇନକୁ ନେଇ ବିଜେଡି ସରକାର ସମୟରେ ବିଭିନ୍ନ ପ୍ରକାର ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା। ସେତେବେଳେ ବାରମ୍ବାର ଡିପିଆର୍ ପରିବର୍ତ୍ତନ ନେଇ ନ୍ୟାଶନାଲ ମନ୍ୟୁମେଣ୍ଟ ଏଜେନ୍ସି (ଏନ୍ଏମ୍ଏ) ଓ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ଭେକ୍ଷଣ ସଂସ୍ଥା(ଏଏସ୍ଆଇ) ଅନୁମତି ବିବାଦରେ ପ୍ରକଳ୍ପ ଛନ୍ଦି ହୋଇପଡ଼ିଥିଲା। ବିରୋଧୀ ଦଳରେ ଥିବା ଭାଜପା ତତ୍କାଳୀନ ବିଜେଡି ସରକାରଙ୍କୁ ଏହି ପ୍ରସଙ୍ଗରେ ଘେରିଥିଲା। ଭାଜପା କ୍ଷମତାକୁ ଆସିବା ପରେ ଏବେ ପ୍ରକଳ୍ପ ଡିଜାଇନରେ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ହୋଇଛି। ଲୋକଙ୍କ ଧର୍ମୀୟ ଭାବନାକୁ ସମ୍ମାନ ଦେଇ ଆସନ୍ତା ୩ ମାସ ମଧ୍ୟରେ ପୁରୁଣା ସହିତ ନୂଆ ଡିଜାଇନ ପ୍ରସ୍ତୁତ କରାଯିବ ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଡିଜାଇନ୍ ବଦଳିବ। ପୁରୁଣା ପରିକ୍ରମା ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ପରିବର୍ତ୍ତନ କରାଯିବା ସହ ଲୋକଙ୍କ ଧର୍ମୀୟ ଭାବନାକୁ ନେଇ ନୂତନ ଭାବେ ଘୃତଯଜ୍ଞ ମଣ୍ଡପ, ଅନ୍ନଯଜ୍ଞ ମଣ୍ଡପ ଏବଂ ଜ୍ଞାନଯଜ୍ଞ ମଣ୍ଡପ ଆଦି ସଂଯୋଗ କରାଯିବ। ଆସନ୍ତା ୩ମାସ ମଧ୍ୟରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ। ପରିକ୍ରମା ପ୍ରକଳ୍ପ ମଧ୍ୟରେ ଆଉ କ'ଣ ରୂପରେଖ ହେବ ସେ ନେଇ ଖୁବ୍‌ଶୀଘ୍ର ସ୍ପଷ୍ଟତା ଆସିବ। ନୂତନ ଡିଜାଇନ୍ ନେଇ ଆଲୋଚନା ଚାଲିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନମନ୍ତ୍ରୀଙ୍କ ଏହି ସୂଚନା ପରେ ପରିକ୍ରମା ପ୍ରକଳ୍ପର ନୂତନ ରୂପରେଖକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିବାବେଳେ ଜଗନ୍ନାଥପ୍ରେମୀଙ୍କ ମନରେ ଆଶା ବଢ଼ିଛି।

ସୂଚନା ଅନୁଯାୟୀ, ପରିକ୍ରମା ପ୍ରକଳ୍ପରେ ବିଭିନ୍ନ ଯଜ୍ଞମଣ୍ଡପ, ସଂସ୍କୃତି ମଣ୍ଡପ, ଧର୍ମପରାୟଣ ମଣ୍ଡପ ଆଦି ସ୍ଥାନିତ କରିବାକୁ ତତ୍କାଳୀନ ରାଜ୍ୟ ସରକାରଙ୍କୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରସ୍ତାବ ଦେଇଥିଲେ। ଏ ନେଇ କାର୍ଯ୍ୟ କରାଯିବାକୁ ଚିନ୍ତା କରାଯାଇଥିଲା। ତେବେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କରାଯାଇଥିଲେ ମଧ୍ୟ ☞ପୃଷ୍ଠା-୪



ରାଜସ୍ଥାନର ଜୟପୁର-ଅଜମେର ରାଜପଥରେ ଏଲ୍‌ପିଜି ଟ୍ୟାଙ୍କର ଟ୍ରକ୍‌କୁ ଧକ୍କା ଦେବା ପରେ ଗ୍ୟାସ୍ ଲିକ୍ ହୋଇଛି। ଏଥିରେ ପ୍ରାୟ ୪୦ ଗାଡ଼ି ଜଳିଯିବା ସହ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ବେଳର ଦୃଶ୍ୟ। (ରିପୋର୍ଟ: ପୃଷ୍ଠା-୪)

# ମନ୍ଦିର-ମସ୍‌ଜିଦ ବିବାଦ ଗ୍ରହଣୀୟ ନୁହେଁ

ପୁଣେ,୨୦।୧୨

ରାମ ମନ୍ଦିର ନିର୍ମାଣ କରି କେହି ହିନ୍ଦୁ ନେତା ହୋଇଯାଆନ୍ତି ନାହିଁ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ଗୁରୁବାର ପୁଣେଠାରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। 'ବିଶ୍ୱଗୁରୁ ଭାରତ' ଶୀର୍ଷକ ବକ୍ତୃତାମାଳାରେ ଉଦ୍‌ବୋଧନ ଦେବାବେଳେ ଭାଗବତ କହିଥିଲେ, ରାମମନ୍ଦିର ହିନ୍ଦୁମାନଙ୍କ ବିଶ୍ୱାସର ଏକ ବିଷୟ। ରାମମନ୍ଦିର ନିର୍ମାଣ ହେବା ଉଚିତ



ମୋହନ ଭାଗବତ

**ରାମମନ୍ଦିର ନିର୍ମାଣ ଦ୍ୱାରା କେହି ହିନ୍ଦୁ ନେତା ହୋଇଯାଆନ୍ତି ନାହିଁ: ମୋହନ ଭାଗବତ**

ବୋଲି ହିନ୍ଦୁମାନେ ବିଶ୍ୱାସ କରୁଥିଲେ। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପରେ କେତେଜଣ ବ୍ୟକ୍ତି ହିନ୍ଦୁମାନଙ୍କ ନେତା ହୋଇପାରିଛନ୍ତି ବୋଲି ଏକ ଧାରଣା ସୃଷ୍ଟି କରିଛନ୍ତି। ତେବେ ତାହା କରି, କେହି ହିନ୍ଦୁ ନେତା ହୋଇଯିବେ ନାହିଁ।

ଦେଶର ବିଭିନ୍ନ ଭାଗରେ ମନ୍ଦିର-ମସ୍‌ଜିଦ ବିବାଦ ବଢ଼ିବାରେ ଲାଗିଥିବାରୁ ଭାଗବତ ଚିନ୍ତାବ୍ୟକ୍ତ କରିଛନ୍ତି। ନୂଆ ନୂଆ ସ୍ଥାନରେ ମନ୍ଦିର-ମସ୍‌ଜିଦ ବିବାଦ ଛିଡ଼ା କରାଯାଉଛି। ଏହା ଗ୍ରହଣୀୟ ନୁହେଁ ବୋଲି ଆର୍ଏସ୍ଏସ୍ ମୁଖ୍ୟ କହିଛନ୍ତି। ସବୁଦିନ ଏଭଳି ବିବାଦ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ
ନିର୍ଦ୍ଦେଶକୁ ଅଣଦେଖା

# ଚିନ୍ତା ବଢ଼ାଇଲା ଅଦିନିଆ ବର୍ଷା

ଭୁବନେଶ୍ୱର,୨୦।୧୨
(ଅନୁରାଧା ମହାରଣା)

ଉପକୂଳ ଓଡିଶାରେ ଦିନ ତମାମ ଦୁହାକୁ ଦୁହା ବର୍ଷା ଲାଗି ରହିଛି। କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଚାଷୀଙ୍କୁ ବ୍ୟଥିତ କରିଛି। ବିଲରେ ପାଚିଲା ଧାନ ଲହଡି ମାରୁଛି। ଖଳାକୁ ଆସିବା ଆଗରୁ ଅଦିନିଆ ବର୍ଷା ଭିଜାଇ ଦେଇଛି । ବିଲରେ, ଖଳାରେ ଓ ମଣ୍ଡିରେ ଧାନ ପଡ଼ିରହିଛି। ଅମଳ ହେବ କି ନାହିଁ ଏବେ ଏଇ ଚିନ୍ତା ଉପକୂଳ ଚାଷୀଙ୍କୁ ଘାରିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବର୍ଷା ଆହୁରି ୨୪ ଘଣ୍ଟା ଜାରି ରହିବ। ବର୍ଷା ପାଣିରେ ଭିଜୁଥିବାରୁ ପାଚିଲା ଧାନ ଗଜା ହେବା ଆଶଙ୍କା ମଧ୍ୟ ବଢି ଯାଇଛି। ବର୍ଷା ସତ୍ତ୍ୱେ ଉପକୂଳ ଜିଲାର କେତେକ ସ୍ଥାନରେ ☞ପୃଷ୍ଠା-୪









ADVERTORIAL

## "ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ହେବା ପରେ ହିଁ ଦାୟିତ୍ୱଶୀଳ ପ୍ରଚାରର ଶୁଭାରମ୍ଭ ହୁଏ"

– ତାନିଖେଲି ଭରଣୀ

ଫ୍ରିଡମ ସନଫ୍ଲାୱାର ଅଏଲର୍ ନବୀନତମ ଟିଭି ବିଜ୍ଞାପନରେ ବିଚାରପତି ଭୂମିକାରେ ଅଭିନୟ କରିଛନ୍ତି ଶ୍ରୀ ଭରଣୀ । ତାଙ୍କ ମତରେ ଶୁଦ୍ଧତା ଏବଂ ସ୍ୱାଦର କ୍ଷେତ୍ରରେ ଭାରତର ନଂ 1* ବିକ୍ରି ହେବାରେ ଫ୍ରିଡମ ସନଫ୍ଲାୱାର ଅଏଲ ସର୍ବଶ୍ରେଷ୍ଠ । ତଥାପି, ଜଣେ ଦାୟିତ୍ୱଶୀଳ ସେଲିବ୍ରିଟି ହିସାବରେ, ସେ କେବଳ ମାତ୍ର ବିଜ୍ଞାପନରେ ଅଭିନୟ ମଧ୍ୟରେ ନିଜକୁ ସୀମିତ ରଖି ନାହାନ୍ତି । ବ୍ରାଣ୍ଡ ନିଜର ପ୍ରତିଶ୍ରୁତି ଭଳି କାର୍ଯ୍ୟ କରେ କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ସେ ନିଜେ ଆବଶ୍ୟକ ପରୀକ୍ଷଣ କରିଛନ୍ତି ।

*ଜେମିନି ଏଡିବୁଲ୍ ଏଣ୍ଡ ଫ୍ୟାଟ୍ ଇଣ୍ଡିଆ ଲିମିଟେଡ୍ ସୂର୍ଯ୍ୟମୁଖୀ ଅଏଲ୍ ବିଭାଗ, ରିଫାଇଣ୍ଡ ଅଏଲ୍ ଉପଭୋକ୍ତା ପ୍ୟାକ (ROCP) ଶ୍ରେଣୀରେ ଅଲ୍ ଇଣ୍ଡିଆ (U+R) ବଜାର ପାଇଁ MAT ଫେବୃଆରୀ 2024 ଅବଧି ପାଇଁ ଏକ NIQ ରିଟେଲ୍ ସୂଚକ ତଥ୍ୟ ଅନୁସାର ଦାବି କରିଛନ୍ତି ।

- **ଶ୍ରୀ ଭରଣୀ ଦୟାକରି କହିବେ କାହିଁକି ଆପଣ କାକିନାଡ଼ାରେ ଫ୍ରିଡମ ସନଫ୍ଲାୱାର ଅଏଲର ଫ୍ୟାକ୍ଟ୍ରି ପରିଦର୍ଶନ କରିଛନ୍ତି?**

ଶ୍ରୀ ଭରଣୀ: "ମୁଁ ଦୃଢ଼ ଭାବେ ବିଶ୍ୱାସ କରେ ଯେ ଦାୟବଦ୍ଧତାର ସହିତ କୌଣସି ପ୍ରଚାର କରିବା ପୂର୍ବରୁ ନିଜେ ସବୁ ବିଷୟରେ ସୁନିଶ୍ଚିତ ହେବା ଉଚିତ । ତେଣୁ ମୁଁ କାକିନାଡ଼ା ଫ୍ୟାକ୍ଟ୍ରି ପରିଦର୍ଶନ କରିବାର ସିଦ୍ଧାନ୍ତ ନିଏ। କି ଭାବେ ତେଲ ଉତ୍ପାଦନ କରା ହୁଏ ତାହା ମୋର ପ୍ରତ୍ୟକ୍ଷ ଭାବେ ଦେଖିବାର ଏବଂ ଏହା ଫ୍ରିଡମର ପ୍ରତିଶ୍ରୁତି ଭଳି ଉଚ୍ଚ ମାନଦଣ୍ଡ ସୁନିଶ୍ଚିତ କରୁଛି କି ନାହିଁ ତାହା ଜାଣିବାର ଇଚ୍ଛା ଥିଲା ।"

- **ଫ୍ୟାକ୍ଟ୍ରି ଦେଖିବା ପରେ ଆପଣଙ୍କ ମନରେ ପ୍ରଥମେ କି ଧାରଣା ହୋଇଥିଲା?**

ଶ୍ରୀ ଭରଣୀ: "ଫ୍ୟାକ୍ଟ୍ରି ମଧ୍ୟରେ ଏତେ ବୃହତ୍ତମ ଉତ୍ପାଦନ ପ୍ରକ୍ରିୟା ଦେଖି ମୁଁ ଅବାକ ହୋଇ ଯାଇଥିଲି। ପ୍ଲାଣ୍ଟର ଆକାର ବିଶାଳ, ସମସ୍ତ ମେଶିନ୍ ଅତ୍ୟାଧୁନିକ ଏବଂ ପରିଷ୍କାର-ପରିଚ୍ଛନ୍ନତାର ଉପଯୁକ୍ତ ବ୍ୟବସ୍ଥା ଥିଲା। ଗୁଣମାନ ପ୍ରତି ଫ୍ରିଡମର ପ୍ରତିଶ୍ରୁତିର ବିଷୟଟି ମୋ ନିକଟରେ ପ୍ରଥମରେ ହିଁ ସ୍ୱଷ୍ଟ ହୋଇ ଯାଇଥିଲା ।"

- **ଉତ୍ପାଦନ ପ୍ରକ୍ରିୟା ସମ୍ପର୍କରେ ଆପଣ କେଉଁ ସମସ୍ତ ବିଷୟ ଜାଣି ପାରିଛନ୍ତି ?**

ଶ୍ରୀ ଭରଣୀ: "ସମସ୍ତ ପ୍ରକ୍ରିୟାଟି କମ୍ପ୍ୟୁଟର ମାଧ୍ୟମରେ କେନ୍ଦ୍ରୀୟ ଭାବରେ ନିୟନ୍ତ୍ରିତ । ସମସ୍ତ କାର୍ଯ୍ୟ ଅଟୋମ୍ୟାଟିକ୍ ଅଟେ – ତେଲ ଭରିବା ଠାରୁ ଠିପି ଲଗେଇବା ଏବଂ ଲେବେଲିଙ୍ଗ ଠାରୁ ପ୍ୟାକିଙ୍ଗ, ଏହି ସବୁ କିଛି ମେଶିନ୍ ସାହାଯ୍ୟରେ କରାହୁଏ । ଫୁଡ୍ ସେଫ୍ଟି ଏଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ (FSSAI)ର ନିୟମ ଅନୁସାରେ ଏକସମାନ ଏବଂ ସର୍ବୋତ୍କୃଷ୍ଟ ଗୁଣମାନ ସୁନିଶ୍ଚିତ କରିବା ପାଇଁ ସେମାନେ ରିଫାଇନିଙ୍ଗ ପ୍ରକ୍ରିୟାରେ ଅତ୍ୟାଧୁନିକ ନ୍ୟାନୋ ପ୍ରଯୁକ୍ତି ବ୍ୟବହାର କରନ୍ତି ।"

- **ପ୍ରଡକ୍ଟର ଗୁଣମାନକୁ ଅଟୋମେସନ୍ କିଭଳି ପ୍ରଭାବିତ କରେ?**

ଶ୍ରୀ ଭରଣୀ: "ହାତର କୌଣସି ରକମର ବ୍ୟବହାର ଛଡ଼ା, ଅଟୋମେଟେଡ୍ ପ୍ରକ୍ରିୟାର ଉତ୍ପାଦନ ସୁନିଶ୍ଚିତ କରେ ଯେ ଉତ୍ପାଦନର ସମସ୍ତ ସ୍ତରରେ କୌଣସି ରକମ ସଂକ୍ରମଣ ନ ଘଟେ । ଏହା ସହିତ ତାଙ୍କ ପାଖରେ ଅତ୍ୟାଧୁନିକ କ୍ୱାଲିଟି ଲ୍ୟାବ୍ ରହିଛି ଯେଉଁଠାରେ 101ଟି ଗୁଣମାନ ପରୀକ୍ଷଣ କରାହୁଏ।"

- **ସର୍ବମୋଟ ଆପଣଙ୍କ ଏହି ପରିଦର୍ଶନ ସମ୍ପର୍କରେ ଆପଣ କ'ଣ କହିବେ ?**

ଶ୍ରୀ ଭରଣୀ: "ମୁଁ ଅତ୍ୟନ୍ତ ଆନନ୍ଦର ସହିତ ଜଣାଉଛି ଯେ ଫ୍ରିଡମ ପ୍ରକୃତ ଅର୍ଥରେ ଉପଭୋକ୍ତା ମାନଙ୍କ ପାଇଁ ପ୍ରଡକ୍ଟର ଗୁଣମାନ ଉପରେ ବିଶେଷ ଗୁରୁତ୍ୱ ଦିଏ । ତାଙ୍କର ଅଙ୍ଗୀକାର ପ୍ରକୃତରେ ଅସାଧାରଣ ଏବଂ ତେଣୁ ସେମାନେ ଭାରତର ନଂ 1* ସେଲିଙ୍ଗ ସନଫ୍ଲାୱାର ଅଏଲ ବ୍ରାଣ୍ଡ।"






A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




# ୨୩ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

ଆସନ୍ତା ଡିସେମ୍ବର ୨୩ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ସରକାରୀ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଡିସେମ୍ବର୨୩ରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି।

# ନିରଞ୍ଜନ ପଟ୍ଟନାୟକଙ୍କ ଘରେ ୧୦ ଘଣ୍ଟାର ଇଡି ଚଢ଼ାଉ

ଭୁବନେଶ୍ୱର,୨୦।୧୨ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ନିରଞ୍ଜନଙ୍କ ବାସଭବନ ସମେତ ରାଜ୍ୟର ୫ଟି ସ୍ଥାନରେ ଇଡିର ଏକାଧିକ ଟିମ୍ ଏକକାଳୀନ ଚଢ଼ାଉ ସହ ଯାଞ୍ଚ କରିଛି। ଏହି ସ୍ଥାନ ମଧ୍ୟରେ ନିରଞ୍ଜନଙ୍କ ଭାଇ ଓ ଜଣେ ସମ୍ପର୍କୀୟଙ୍କ ଘର, ମଞ୍ଚେଶ୍ୱରସ୍ଥିତ ଏକ ବ୍ୟବସାୟିକ ସଂସ୍ଥା, ଶିଶୁପାଳଗଡ଼ସ୍ଥିତ ଫାର୍ମ ହାଉସ୍ ଏବଂ ରାଉରକେଲାସ୍ଥିତ ଏକ କାର୍ଯ୍ୟାଳୟ ରହିଥିବା ଜଣାପଡ଼ିଛି। ସକାଳ ପ୍ରାୟ ସାଢ଼େ ୯ଟାରେ ଇଡିର ୫ରୁ ଅଧିକ ଅଧିକାରୀ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ନିରଞ୍ଜନଙ୍କ ବାସଭବନରେ ପହଞ୍ଚି ପଚରାଉଚରା କରିଥିଲେ। ଭିତରେ ଯାଞ୍ଚ ଚାଲିଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଘର ବାହାରେ ସିଆର୍‌ପିଏଫ୍ ଫୋର୍ସ ମୁତୟନ କରାଯାଇଥିଲା। ପ୍ରାୟ ୧୦ ଘଣ୍ଟା କାଳ ନିରଞ୍ଜନଙ୍କୁ ଇଡି ଅଧିକାରୀମାନେ ପଚରାଉଚରା କରିବା ସହ ବହୁ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ତେବେ କେଉଁ ଘଟଣାକୁ ନେଇ ଏହି ରେଡ୍ କରାଯାଉଛି ସେନେଇ ଇଡି ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ବେଆଇନ ଆର୍ଥିକ କାରବାର କିମ୍ବା ଖଣି ସମ୍ପର୍କିତ ମାମଲାକୁ ନେଇ ଚଢ଼ାଉ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଏ ସମ୍ପର୍କରେ ନିରଞ୍ଜନ କହିଛନ୍ତି, ଇଡିକୁ ପଚାରନ୍ତୁ ରେଡ୍‌ରେ କ'ଣ ସବୁ ପାଇଲେ। କେତେ ଟଙ୍କା ବାହାରିଲା। ମୋର କୌଣସି ମାଇନିଂ ବ୍ୟବସାୟ କି ଅନ୍ୟ ଧନ୍ଦା ନାହିଁ। ମୁଁ ଦୀର୍ଘଦିନରୁ ରାଜନୀତି କରି ଆସୁଛି। ମୋ ଭାଇମାନେ ବ୍ୟବସାୟ କରିବେନି ଆଉ କ'ଣ କରିବେ? ଏହାସହିତ ମୋର କ'ଣ ସମ୍ପର୍କ ଅଛି। ମୋ ନାଁରେ ୱାରେଣ୍ଟ ଥିଲା କି? କାହିଁକି ଇଡି ରେଡ୍ କଲା, ତାକୁ ପଚାରନ୍ତୁ। ତା'ପରେ ମୁଁ ଯାଇ ଅଧିକ ପ୍ରତିକ୍ରିୟା ଦେବି ବୋଲି ନିରଞ୍ଜନ କହିଛନ୍ତି।

## ମୋର କୌଣସି ବ୍ୟବସାୟ ନାହିଁ: ନିରଞ୍ଜନ



# ଓଡ଼ିଶା ପାଇଁ ସ୍ୱତନ୍ତ୍ର ସହାୟତା ଦାବି କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

## କେନ୍ଦ୍ର ପ୍ରାକ୍ ବଜେଟ ପରାମର୍ଶ ବୈଠକ



୨୦୨୫-୨୬ ଆର୍ଥିକବର୍ଷ ପାଇଁ କେନ୍ଦ୍ର ସରକାର ବଜେଟ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏ ନେଇ ରାଜସ୍ଥାନର ଜୟସାଲମେରଠାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବଜେଟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳ୍ପ, ପର୍ଯ୍ୟଟନ, ସହରାଞ୍ଚଳ ବିକାଶ ଓ ଭିତ୍ତିଭୂମି ପାଇଁ ଆସନ୍ତା ବଜେଟରେ ଓଡ଼ିଶା ଲାଗି ସ୍ୱତନ୍ତ୍ର ସହାୟତା ଦାବି କରିଛନ୍ତି। ଏଥିସହିତ ରାଜ୍ୟରେ ଚାଲୁ ରହିଥିବା ଓ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ଲାଗି ବ୍ୟୟ ବରାଦ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି।

କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ପାଇଁ ରାଜ୍ୟଗୁଡ଼ିକୁ ଦିଆଯାଉଥିବା ସ୍ୱତନ୍ତ୍ର ସହାୟତା ରାଶି(ଏସ୍‌ଏସିଆଇ)କୁ ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। ୨୦୨୪-୨୫ ବଜେଟରେ ଏସ୍‌ଏସିଆଇକୁ ୧.୫୦ ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି, ଯାହାକି ଓଡ଼ିଶା ସମେତ ଅନ୍ୟ ସମସ୍ତ ରାଜ୍ୟକୁ ଫାଇଦା ମିଳିଛି। ତେବେ ଏସ୍‌ଏସିଆଇ ପାର୍ଟ-୧ ଅନୁଦାନ ସମୁଦାୟ ବ୍ୟୟବରାଦର ମାତ୍ର ୩୭ ପ୍ରତିଶତ ଏବଂ ଅବଶିଷ୍ଟ ୬୩ ପ୍ରତିଶତ ସେକ୍ଟରାଲ ରିଫର୍ମସ ପାଇଁ ବିନିଯୋଗ କରାଯାଇଛି। ୨୦୨୫-୨୬ ବଜେଟରେ ଏସ୍‌ଏସିଆଇ ପାର୍ଟ-୧ ରାଶି ଅତିକମ୍‌ରେ ୬୦ ପ୍ରତିଶତକୁ ବୃଦ୍ଧି କରିବା ସହ ବାକି ସେକ୍ଟରାଲ ରିଫର୍ମ ପାଇଁ ବଜେଟରେ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜାତୀୟ ହାର ତୁଳନାରେ ଓଡ଼ିଶାରେ ସହରୀକରଣ କମ୍ ରହିଛି। ସହରଗୁଡ଼ିକ ବିକାଶର ଇଞ୍ଜିନ୍ ଭାବେ କାର୍ଯ୍ୟ କରୁଥିବା ବେଳେ ରାଜ୍ୟର ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଲୋକେ ସହରାଭିମୁଖୀ ହେଉଛନ୍ତି। ଏଥିପାଇଁ ବହୁ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହଯୋଗ ଆବଶ୍ୟକ। ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟର ସହରୀକରଣକୁ ସହାୟତା କରିବା ପାଇଁ ଆଗାମୀ ବିଜେଟରେ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି।

ସେହିପରି ଆସନ୍ତା ବଜେଟରେ ରାଜ୍ୟରେ ନୂତନ ଶିଳ୍ପଭିତ୍ତିକ ସହରାଞ୍ଚଳ ବିକାଶ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଗୋପାଳପୁର (ସଲ୍ଟ ପାନ ଲ୍ୟାଣ୍ଡ) ଓ ଝାରସୁଗୁଡ଼ା ସହରାଞ୍ଚଳର ବିକାଶ ପାଇଁ ଅନୁଦାନ ପ୍ରଦାନ କରାଗଲେ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆସନ୍ତା ବର୍ଷଗୁଡ଼ିକରେ ଓଡ଼ିଶା ଦେଶ ବିକାଶର ଇଞ୍ଜିନ୍ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ରାଜ୍ୟରେ ଶିଳ୍ପ ପାର୍କ ଓ କରିଡର, ବିଦ୍ୟୁତ୍ ଗ୍ରୀଡ୍, ରେଲୱେ ଭିତ୍ତିଭୂମି, ସଡ଼କ ଓ ଏକ୍ସପ୍ରେସ୍‌ୱେ, ବନ୍ଦର ଏବଂ ବିମାନବନ୍ଦର ଭଳି ପ୍ରକଳ୍ପ ପାଇଁ ବୃହତ୍ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି।

ସାଗରମାଳା ପ୍ରକଳ୍ପ, ପୂର୍ବତଟ ଅର୍ଥନୈତିକ କରିଡର ଏବଂ ଜାତୀୟ ଜଳପଥ-୫ ଆଦି ପ୍ରକଳ୍ପ ପ୍ରତିଷ୍ଠା ହେଲେ ଓଡ଼ିଶାର ଶିଳ୍ପ ବିକାଶ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଏସବୁ କ୍ଷେତ୍ରକୁ ଦୃଷ୍ଟିଦେବାକୁ ବୈଠକରେ ମୁଖ୍ୟମନ୍ତ୍ରୀ ଅର୍ଥମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ପାରାଦୀପ ବନ୍ଦରର ଦକ୍ଷତା ଓ ବୈଷୟିକ କ୍ଷମତା ବୃଦ୍ଧି କରିବା ସହ କଣ୍ଟେନର ହ୍ୟାଣ୍ଡଲିଂ ଭିତ୍ତିଭୂମିର ସମ୍ପ୍ରସାରଣ, ଶିଳ୍ପ ପ୍ରକଳ୍ପଗୁଡ଼ିକର ପରିବେଶ ମଞ୍ଜୁରୀ ପାଇଁ ଫାଷ୍ଟ ଟ୍ରାକିଂ ସହାୟତା, ଆକାଂକ୍ଷୀ ଜିଲାଗୁଡ଼ିକରେ ଶିଳ୍ପାୟନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଏବଂ ଓଡ଼ିଶାରେ ରେୟାର ଆର୍ଥ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି।

ସେହିପରି ଓଡ଼ିଶାରେ ବିଶ୍ୱସ୍ତରୀୟ ପର୍ଯ୍ୟଟନର ବିକାଶ କରିବା ପାଇଁ ରାଜ୍ୟ ସରକାର ଆଗାମୀ ଦିନରେ ୧୦ ହଜାର କୋଟି ଟଙ୍କା ବିନିଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଆସନ୍ତା ବଜେଟରେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦେଇଛନ୍ତି।

ଏଥିସହିତ ଜଳ ଜୀବନ ମିଶନ (ଜେଏମ୍‌ଏମ୍) ପାଇଁ ଚଳିତ ଆର୍ଥିକ ବର୍ଷର କେନ୍ଦ୍ରୀୟ ସହାୟତା ରାଶି ଦେବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥାପନ କରିଛନ୍ତି।

# ହିଟ୍ ଆଣ୍ଡ୍ ରନ୍: ଅବସରପ୍ରାପ୍ତ ଶିକ୍ଷକ ମୃତ, ୨ ଗୁରୁତର

ଭବାନୀପାଟଣା,୨୦।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଧୀନ ବନ୍ଧୋପଲା ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ସକାଳେ ରାସ୍ତାରେ ଠିଆ ହୋଇଥିବା ଲୋକଙ୍କ ଉପରେ ହଠାତ୍ ଏକ ମିନି ପିକ୍‌ଅପ୍ ଭ୍ୟାନ ମାଡ଼ିଯିବା ପରେ ଚମ୍ପଟ ମାରିଥିଲା। ଏହି ହିଟ୍ ଆଣ୍ଡ୍ ରନ୍ ଘଟଣାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭବାନୀପାଟଣା ସହର କୁମାରପଡ଼ା ନକଟିଗୁଡ଼ାର ରେହମତ ତୁଲ୍ଲା ଖାଁ। ଗୁରୁତର ଆହତ ଅଶୋକ ମହାରଣା ଓ ମୁରଲୀ ହଂସଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଭବାନୀପାଟଣା ସଦର ଥାନା ପୋଲିସ ଏକ ମାମଲା ରୁଜୁକରିବା ସହ ମୃତଦେହ ଜବତ କରିଛି। ଘଟଣାସ୍ଥଳର ଏକ ସିସିଟିଭିରେ କଏଦ ହୋଇଥିବା ଗାଡ଼ି ମଡ଼ାଇବାର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ଦେଖିଲେ ଏହା ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ଘଟଣାର କିଛି ଘଣ୍ଟା ପରେ ମିନି ପିକ୍‌ଅପ୍‌କୁ ସଦର ଥାନା ନିକଟରୁ ପୋଲିସ ଜବତ କରିଛି। ହେଲେ ଏହା ପୂର୍ବରୁ ଚାଳକ ଫେରାର ମାରିଛନ୍ତି। ମିନି ପିକ୍‌ଅପ୍‌ର ନମ୍ବର (ଡବ୍ଲ୍ୟୁବି ୧୯ଏଲ୍-୩୯୪୬)କୁ ଦେଖିଲେ ଏହା ପଶ୍ଚିମବଙ୍ଗର ଗାଡ଼ି ବୋଲି ଜଣାପଡ଼ିଛି।

## ସିସିଟିଭିରେ କଏଦ ହେଲା ଗାଡ଼ି ମଡ଼ାଇବାର ଦୃଶ୍ୟ



ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍।





ଠକ ଏଜେଣ୍ଟମାନେ ପୀଡ଼ିତଙ୍କୁ ଚାକିରି ଓ ଭିଜାର ମିଥ୍ୟା ପ୍ରତିଶ୍ରୁତି ଦେଇଥାନ୍ତି

ପୀଡ଼ିତମାନଙ୍କୁ ଦକ୍ଷିଣ-ପୂର୍ବ ଏସୀୟ ଦେଶକୁ ମାନବ ଚାଲାଣ କରାଯାଏ

ପୀଡ଼ିତମାନଙ୍କୁ ସାଇବର ଅପରାଧ କରିବା, ଅମାନବୀୟ ପରିସ୍ଥିତିରେ ରହିବା ପାଇଁ ବାଧ୍ୟ କରାଯାଏ ଓ ନିର୍ଯାତନା ଦିଆଯାଏ

ମନେରଖନ୍ତୁ! ଚାକିରି ଅଫରଗୁଡ଼ିକର ସତ୍ୟାସତ୍ୟ ଯତ୍ନର ସହିତ ଯାଞ୍ଚ କରନ୍ତୁ, କେବଳ ସରକାରଙ୍କ ଦ୍ୱାରା ଅନୁମୋଦିତ ଏଜେଣ୍ଟଙ୍କ ଉପରେ ବିଶ୍ୱାସ କରନ୍ତୁ

ରୁହନ୍ତୁ | ଭାବନ୍ତୁ | ପଦକ୍ଷେପ ନିଅନ୍ତୁ

ଏପରି କଲ୍ ଓ ଇମେଲ୍‌କୁ www.cybercrime.gov.in ଅଥବା 1930 ରେ କଲ୍ କରି ରିପୋର୍ଟ କରନ୍ତୁ

ଅଧିକ ସୂଚନା ପାଇଁ CyberDost କୁ ଫଲୋ କରନ୍ତୁ।

CBC 19101/13/0028/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶାନ୍ତିଧାମ ଫାଉଣ୍ଡେଶନ ପକ୍ଷରୁ ଝୁମ ଇଣ୍ଟରନ୍ୟାଶନାଲର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ବିଜେଇଏମ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଏମ୍-୧୫, ବିଜେବି ନଗର, ସମୟ: ଅପରାହ୍ନ ୪ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଭୀମଟାଙ୍ଗୀ, ସମୟ: ଅପରାହ୍ନ ୫ଟା।
- କଥକ ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'କଥା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ସାଇ କିଡ୍ସର ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ମ୍ୟୁଜିକ୍ ଇନ୍ ଦି ପାର୍କ, ସ୍ଥାନ: ଇନ୍ଦିରା ଗାନ୍ଧୀ ପାର୍କ, ସମୟ: ଅପରାହ୍ନ ୫ଟା।

## କଟକ

- ରେଭେନ୍ସା କଲିଜିଏଟ୍ ସ୍କୁଲ ୧୯୭୪ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ଶ୍ରୀଦୁର୍ଗା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ସିଦ୍ଧିଦୁର୍ଗା ମଣ୍ଡପ, ଖପୁରିଆ ଶିଳ୍ପାଞ୍ଚଳ, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର

- ରୋଟାରୀ କ୍ଲବ ପକ୍ଷରୁ ମେଗା ସ୍ୱାସ୍ଥ୍ୟମେଳା, ସ୍ଥାନ: କୁପାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ସକାଳ ୯ଟା ୩୦।
- ସଚେତନଧର୍ମୀ ନାଟକ ପରିବେଷଣ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ମେଗା କୁଇଜ୍ ପ୍ରତିଯୋଗିତା, ସ୍ଥାନ: ମଡର୍ନ ପବ୍ଲିକ ସ୍କୁଲ, ମେଢ଼ଡମ୍ବରୁ କ୍ୟାମ୍ପସ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଜବାଟୀ ଛକ, ମାଣିଖମ୍ବ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବିଶିଷ୍ଟ କଳାକାର ନବକିଶୋର ନାଥଙ୍କ ସ୍ମୃତିଚାରଣ ସଭା, ସ୍ଥାନ: କୁଆଗଡ଼ିଆ, ସିମୁଳିଆ, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଧାମନଗର ବାର୍ ଆସୋସିଏଶନର ୧୦ମ ବାର୍ଷିକୋତ୍ସବ, ସ୍ଥାନ: ଧାମନଗର କୋର୍ଟ ପରିସର, ସମୟ: ଅପରାହ୍ନ ୪ଟା।
- ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କର ସତ୍‌ସଙ୍ଗ ଓ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କୋଣାର୍କ ବରଫ କାରଖାନା ପାଖ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଏଏମ୍‌ବି ସ୍କୁଲର ୧୬ତମ ବାର୍ଷିକୋତ୍ସବ, ସ୍ଥାନ: ଦୋବଲ କାଳୀପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ପୂଜା, ମେଳା ଏବଂ ଭଜନ, କୀର୍ତ୍ତନ ସମାରୋହ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- ରବୀନ୍ଦ୍ର ବିଦ୍ୟା ନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ : ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ଶଙ୍କରପୁର, କେନ୍ଦୁଝର, ସମୟ : ସକାଳ୯ଟା।
- କେନ୍ଦୁଝର ଗୋନାସିକା ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ସାଂସ୍କୃତିକ କର୍ଯ୍ୟକ୍ରମ, ସ୍ଥାନ: କେନ୍ଦୁଝର କାଳୀ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଧ୍ୟାନ ଶିବିର,ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା, ସମୟ: ସକାଳ ୭ଟା।
- ବିଦ୍ୟାଳୟର ବାର୍ଷିକୋତ୍ସବ,ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୈଶିଙ୍ଗା, ବେତନଟୀ ବ୍ଲକ,ସମୟ: ଅପରାହ୍ନ ୨ଟା।
- ମୟୂରଭଞ୍ଜ ପୁସ୍ତକ ମେଳା. ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟାରୁ ରାତି ୧୦ଟା।
- ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ,ସ୍ଥାନ:ଉଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର,ସମୟ: ଅପରାହ୍ନ ୫ଟା ୩୦।

## ବ୍ରହ୍ମପୁର

- ବାଲିପଦର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।

## ଢେଙ୍କାନାଳ

- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ବିଶ୍ୱ ଧ୍ୟାନ ଦିବସ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ ପରିସର, ସମୟ: ସକାଳ ୭ଟା୩୦।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କାମାକ୍ଷାନଗର ସାରଙ୍ଗଧର ଉଚ୍ଚବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ତାଳଚେର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ନୂଆବଜାର, କଲେଜ ରୋଡ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।

## ଯାଜପୁର

- ମେଗା ଫୁଡ୍ ଫିଏଷ୍ଟାର ଦ୍ୱିତୀୟ ଦିନ, ସ୍ଥାନ: ଯାଜପୁର ରୋଡ୍, ତରାପୁର କଳିଙ୍ଗ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅଭିରାମ ପରମହଂସ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଟିବି ଉପରେ ଡାକ୍ତରଙ୍କ ତାଲିମ ଶିବିର, ସ୍ଥାନ: ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକର ନନ୍ଦିଘୋର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ସୃଜନ – ୩ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଜି ଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ମାଝୀଗୁଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲା ବ୍ୟାଙ୍କର୍ସ କୋର କମିଟି ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ଏସ୍‌ୟୁଜେର ସମ୍ବଲପୁର ଜିଲା ଶାଖାର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ପର୍କ ଫାଉଣ୍ଡେସନ ପକ୍ଷରୁ ଯୋଗ ଓ ଫିଜିଓଥେରାପି କର୍ମଶାଳା, ସ୍ଥାନ: ଧନକଉଡା ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଏସ୍‌ଏମ୍‌ଇ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ନିକଟସ୍ଥ ଡଲଫିନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମାନେଶ୍ୱର ବ୍ଲକ ପୁରୁଣା ବଲାରଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ଦିଲ୍ଲୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଶାସନସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।
- ବ୍ରାଇଟ ଫ୍ୟୁଚର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଉତ୍କର୍ଷ –୨୦୨୪, ସ୍ଥାନ: ନକ୍ସାପାଲି ସ୍ଥିତ ସ୍କୁଲ ପରିସର, ସମୟ : ଅପରାହ୍ନ ୪ଟା ୩୦।
- ଅଭୟ ଆର୍ଟ ଏକାଡ଼େମୀ ପକ୍ଷରୁ କୁଚିଣ୍ଡାରେ ମେରୁ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଷ୍ଟାଡ଼ିୟମ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: କୋଶଳ କଳା ମଣ୍ଡଳ ପଡ଼ିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୦ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୧୫।

## ସୁବର୍ଣ୍ଣପୁର

- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଯାପନୀ, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡାର ଉଦ୍‌ଯାପନୀ, ସ୍ଥାନ: ମୁର୍ଷୁଣ୍ଡି ରଘୁନାଥ ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।
- ବୀରମହାରାଜପୁର କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ବୀରମହାରାଜପୁର କଲେଜ, ସମୟ: ଅପରାହ୍ନ ୨ ଟା।
- ୧୧ତମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: କମିରା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୨ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।
- ଧନୁଯାତ୍ରା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ ଟା ।

## ବରଗଡ଼

- ରାଜ୍ୟସ୍ତରୀୟ ଟୁନୁ ପଣ୍ଡା ସ୍ମାରକୀ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଖେଳ ଭବନ, ଅତାବିରା, ସମୟ: ସନ୍ଧ୍ୟା ୫ଟା।

## ଝାରସୁଗୁଡ଼ା

- ସେଣ୍ଟମେରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବିଟିଏମ୍ ପଡ଼ିଆ ସମୟ: ସକାଳ ୭ଟା।
- ପଞ୍ଚ ଉପଚାର ପୂଜା ଓ ଆଳତି, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ୧୦୮ ମୃତ୍ୟୁଞ୍ଜୟଜପ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ସକାଳ ୮ଟା।
- ସର୍ବଭାରତୀୟ କରାଟେ ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ମଙ୍ଗଳବଜାର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ବ୍ଲକ ସ୍ତରୀୟ ଯତରା ମହୋତ୍ସବ,ସବଡେଗା ନିଉ ଓଡ଼ିଶା ସ୍କୁଲ ଗାଇବିରା ପଡିଆ,ସମୟ :ପୂର୍ବାହ୍ନ୧୦ଟା।
- ଜିଲା ସ୍ତରୀୟ ଯୁବ ଉତ୍ସବ,ସ୍ଥାନ: ସଂସ୍କୃତି ଭବନ,ସମୟ, ପୂର୍ବାହ୍ନ ୧୦ଟା୩୦।

## ରାଉରକେଲା

- ଯୋଗ ଶିବିର, ସ୍ଥାନ: ଉଦିତନଗର ପରେଡ ପଡିଆ, ସମୟ: ପ୍ରାତଃ ୫ଟା୩୦।
- ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ରାଉରକେଲା ଏନ୍ଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- ସମତା ଫାଉଣ୍ଡେଶନ ପକ୍ଷରୁ ବନ୍ଧୁମିଳନ, ସ୍ଥାନ : ଝିରପାଣି, ସମୟ: ସକାଳ ୧୦ଟା।
- ବାଣିଜ୍ୟ ଉଦ୍ୟୋଗ ସମ୍ମେଳନ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ବିମାନ ବନ୍ଦର ନିକଟ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିମ୍ନାଷ୍ଟିକ ପରୀକ୍ଷା, ସ୍ଥାନ: କଳିଙ୍ଗ ବିହାର ଜିମ୍ନାଷ୍ଟିକ, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ ଆଦ୍‌ମୀ ପାର୍ଟି ବୈଠକ, ସ୍ଥାନ: ବାସନ୍ତୀ କଲୋନୀ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଆର୍‌ଆର୍‌ଆର୍‌ସିସିର ବାର୍ଷିକୋତ୍ସବ, ସ୍ଥାନ: ଭଗବତୀ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ୩ୟ ପଲଟନ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପଲଟନ ପଡ଼ିଆ, ଦେବଗଡ଼, ସମୟ: ସକାଳ ୮ଟା।
- ଜିଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଜଣାଅଜଣା ପ୍ରତିଯୋଗିତା, ସ୍ଥାନ: ସୂଚନାକେନ୍ଦ୍ର, ପାଠାଗାର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଦୃଷ୍ଟି ବ୍ୟାୟାମ ନେଇ ୫ ଦିନିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀଙ୍କ ନିମନ୍ତେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଦଳିପାଳ, ବ୍ଲକ ତିଳେଇବଣି, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଓଡ଼ିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲ। ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହେବେ। ଶନିକ୍ଷେତ୍ରସ୍ଥ ଶୁକ୍ର ଯୋଗୁ କାର୍ଯ୍ୟ ତ୍ୱରାନ୍ୱିତ ହେବା ବଦଳରେ ହଠାତ୍ ଅଟକିଯାଇପାରେ। ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ପରିବାରର ନିର୍ଦ୍ଦେଶକ୍ରମେ ଗୃହକୁ ଧାତୁ, ଅଳଙ୍କାର ଆଦି ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ ଆଣିପାରନ୍ତି।

**ବୃଷ** କେନ୍ଦ୍ରସ୍ଥ ବୁଧ ହେତୁ ଆଜି ଯେମିତି ଚାହୁଁଛନ୍ତି, ସେମିତି ହିଁ ପାଇବେ। ପିଲାମାନଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। କର୍ମ କ୍ଷେତ୍ର, ଯାନବାହନ, ଦୋକାନ ବାଡ଼ି, ସଭା ସମିତିରେ ଟେନ୍‌ସନ୍ ଲାଗିରହିବ। ଅତି ନିକଟରେ ରହି ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷଭାବେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** କର୍ମସ୍ଥାନରେ ରାହୁ ନେଇ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। ବିଭିନ୍ନ କାମରେ ବ୍ୟସ୍ତ ରହିବା କାରଣରୁ ମନ ଠିକ୍ ରହିବ ନାହିଁ। କୌଣସି ବ୍ୟକ୍ତି ଦ୍ୱାରା ବାଧ୍ୟବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ୍ କାମରେ ଆଲୋଚନା ସରଗରମରେ ଅସମାପ୍ତ ରହିବ।

**କର୍କଟ** ନିଜ ରାଶିରେ କେନ୍ଦ୍ରସ୍ଥ ମଙ୍ଗଳଙ୍କ ସୁପ୍ରଭାବରେ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥାକହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ଟଙ୍କା ପଇସା, ନେବା ଆଣିବା, କ୍ଷେତ୍ରରେ ସତର୍କ ନ ରହିଲେ ଅନୁତାପ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ଦୋକାନବାଡ଼ିରେ ସମସ୍ୟା ଦେଖାଦେବ।

**ସିଂହ** ଶନିଙ୍କ ଦୃଷ୍ଟିରେ ରାଶ୍ୟାଧିପ ବୁଧ ରହିଥିବା ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହି ନ ପାରେ। ଅତ୍ୟଧିକ ଲୋଭ ଏବଂ ସନ୍ଦେହ, ପାରିପାର୍ଶ୍ୱିକ ପରିସ୍ଥିତିକୁ ଅସ୍ୱାଭାବିକ କରିପାରେ। ଅପରାହ୍ନେ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**କନ୍ୟା** ଭାଗ୍ୟସ୍ଥାନକୁ ବୁଧ ଦେଖୁଥିବାରୁ ଆଜିର ସବୁ କାମ ବନ୍ଧୁଙ୍କ ସାହାଯ୍ୟରେ ସମ୍ପନ୍ନ ହେବ। ଋଣ ପରିଶୋଧ କରିବେ, ଶତ୍ରୁତାର ଅବସାନ ଘଟିବ, ରୋଗପୀଡ଼ା ଉପଶମ ହେବ। ବହୁତ ଦିନ ହେଲା ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନବଳାଇବେ। ସାଙ୍ଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧିପାଇବ।

**ତୁଳା** ଆଜି ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିବ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳ ହେବେ। ବୁଦ୍ଧିଜୀବୀଙ୍କ ସୁନଜରରେ ଆସିବେ। ସାହିତ୍ୟସଭା, ଆନୁଷ୍ଠାନିକ କାମ, ରାଜନୈତିକ ସଂଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନରେ ଚେଷ୍ଟା ସଫଳ ହେବ।

**ବିଛା** ଭାଗ୍ୟାଧିପ କର୍ମସ୍ଥାନରେ ଅବସ୍ଥାନ କରି ଅଭିଳାଷ ପୂରଣ କରିବାରେ ତତ୍ପରତା ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟରେ ମାଲପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରରେ ସମାଧାନ ମଧ୍ୟ ହୋଇଯିବ। ପାରିବାରିକ ଜୀବନ ଉତ୍ତମ ବୁଝାମଣାରେ ସୁଖସନ୍ତୋଷ ପାଇପାରିବେ।

**ଧନୁ** ଷଷ୍ଠାଧିପ ଶୁକ୍ର ଦ୍ୱିତୀୟ ଅବସ୍ଥାନ କରିଥିବାରୁ କାର୍ଯ୍ୟରେ ସଫଳତା କଷ୍ଟକର ହୋଇପାରେ। ଯାହା ଭାବୁଛନ୍ତି ଶୀଘ୍ର ନ କଲେ ପରିସ୍ଥିତି ବଦଳି ଯାଇପାରେ। ବନ୍ଧୁଙ୍କୁ ମନକଥା କହି ନ ପାରିଲେ ପରେ ପସ୍ତେଇବେ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମକର** ସ୍ୱଗୃହୀ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବ। ନିଜର ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ଭାଗ୍ୟାଧିପ ବ୍ୟୟଭାବସ୍ଥ ଯୋଗୁ ବିଦ୍ୟମାନ ସ୍ଥିତି ସମାଧାନ ଦିଗକୁ ଗତି କରି ନ ପାରେ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥ ଅପରିହାର୍ଯ୍ୟ ହୋଇପାରେ। ସକାଳୁ ମାଙ୍ଗଳିକ କାମ କିମ୍ବା ଧର୍ମାନୁଷ୍ଠାନ ସକାଶେ ଖିଆପିଆ ଛାଡି ବୁଲିବେ। ପରିସ୍ଥିତିକୁ ଆଖି ଆଗରେ ରଖି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିପାରିଲେ କାର୍ଯ୍ୟ ସାଧନ କରିପାରିବେ।

**ମୀନ** ଆଜିର ଗ୍ରହସ୍ଥିତିରୁ ମନଭୁଲାଣିଆ କଥାରେ ଶତ୍ରୁମାନେ ମିତ୍ର ପାଲଟିଯିବେ। ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନ ହାନି ଘଟିପାରେ। ପରିବାରରେ, ପରିବହନରେ, ଗୃହ ନିର୍ମାଣରେ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରିଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଡିସେମ୍ବର ୨୧ ତାରିଖ, ପୌଷ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ, ଶନିବାର, ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ସପ୍ତମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୪୭ ଗତେ ଘ.୦୯।୦୨ ମଧ୍ୟେ, ଘ.୧୨।୦୬ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୯।୦୨ ଗତେ ଘ.୧୦।୨୩ ମଧ୍ୟେ ରାହୁକାଳ॥

# ଏଲ୍‌ପିଜି ଟ୍ୟାଙ୍କର ଧକ୍କାରେ ୧୧ ମୃତ, ୩୫ ଆହତ

**ଜୟପୁର,୨୦।୧୨(ପି.ଟି.)**

ଜୟପୁର-ଅଜମେର ଜାତୀୟ ରାଜପଥରେ ଶୁକ୍ରବାର ଭୋର ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିବା ସହ ୩୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏଲ୍‌ପିଜି ଟ୍ୟାଙ୍କର ଏକ ଟ୍ରକ୍‌କୁ ଧକ୍କା ଦେଇ ଜଳିଯିବାରୁ ରାଜପଥରେ ବିଶାଳ ନିଆଁ ପିଣ୍ଡୁଳା ସୃଷ୍ଟି ହୋଇଥିଲା। ଏହି ନିଆଁରେ ପାଖାପାଖି ୪୦ ଗାଡ଼ି ଜଳିଯାଇଛି। ଅଳ୍ପ କିଛି ମିନିଟ୍ ମଧ୍ୟରେ ନିଆଁ ବହୁ ଦୂରକୁ ବ୍ୟାପିଯାଇଥିଲା, ଯାହା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଏହି ନିଆଁରେ ରାଜପଥ ପାର୍ଶ୍ୱରେ ଥିବା କେତେକ ଘର ମଧ୍ୟ ଜଳିଯାଇ ବ୍ୟାପକ କ୍ଷୟକ୍ଷତି କରିଛି। ବିସ୍ଫୋରଣ ଓ ଅଗ୍ନିକାଣ୍ଡ ପରେ ଜାତୀୟ ରାଜପଥ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂମାଚ୍ଛାଦିତ ରହିଥିଲା। ଫଳରେ ଗୋଟିଏ କିଲୋମିଟର ପର୍ଯ୍ୟନ୍ତ ଦୃଶ୍ୟ ହୋଇ ନ ଥିଲା। ଦୁର୍ଘଟଣା ଯୋଗୁ ରାଜପଥର ପ୍ରାୟ ୩୦୦ ମିଟର ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଅନେକ ହଜାର ଗାଡ଼ି ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ାହୋଇ ରହିଥିଲା।

ଦୁର୍ଘଟଣାସ୍ଥଳରେ ଜୟପୁର ପୋଲିସ କମିଶନର ବିଜୁ ଜର୍ଜ ଜୋସେଫ୍‌ଙ୍କ ସମେତ ତାଙ୍କ ବିଭାଗର ବହୁ ଅଧିକାରୀ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଛନ୍ତି। ଟ୍ରକ୍ ସହ ଧକ୍କା ହେବା ଫଳରେ ଏଲ୍‌ପିଜି ଟ୍ୟାଙ୍କରର ଆଉଟ୍‌ଲେଟ୍ ନୋଜଲ୍ ନଷ୍ଟ ହୋଇଯିବାରୁ ଗ୍ୟାସ୍ ଲିକ୍ ହୋଇ ଏତେବଡ଼ ଦୁର୍ଘଟଣା ଘଟିଲା ବୋଲି ପୋଲିସ କମିଶନର କହିଛନ୍ତି। ଭୋର ୫ଟା ୪୫ ମିନିଟ୍ ସମୟରେ ଏକ ସ୍କୁଲ୍ ସମ୍ମୁଖରେ ଦୁର୍ଘଟଣା ଘଟିଥିଲା। ଟ୍ୟାଙ୍କର ପଛରେ ଥିବା ଗାଡ଼ିଗୁଡ଼ିକ ଜଳିଯାଇଥିଲା। ବିପରୀତ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକରେ ମଧ୍ୟ ନିଆଁ ଲାଗିଯାଇଥିଲା ଏବଂ ସେଗୁଡ଼ିକ ପରସ୍ପରକୁ ଧକ୍କା ଦେଇଥିଲେ। ଗାଡ଼ିରୁ ଲୋକମାନେ ବାହାରିଯିବାକୁ ସମୟ ପାଇ ନ ଥିଲେ। ଲୋକେ ଧାଉଁଥିବା ଓ ପୋଷାକ ଖୋଲିଦେଉଥିବା ଦେଖାଯାଇଥିଲା। ଆହତମାନଙ୍କୁ ୨୫ଟି ଆମ୍ବୁଲାନ୍ସ ଯୋଗେ ଜୟପୁରର ଏସ୍‌ଏମ୍‌ଏସ୍ ମେଡିକାଲ କଲେଜ ହସ୍ପିଟାଲ ପଠାଯାଇଥିଲା। ଗୁରୁତର ୭ ଜଣଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିବା ମେଡିକାଲ କଲେଜ ପ୍ରିନ୍ସିପାଲ୍ ଡ. ଦୀପକ ମାହେଶ୍ୱରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବଦଳିବ ପରିକ୍ରମା ...

ଏସବୁ ପ୍ରକଳ୍ପରେ ସ୍ଥାନ ପାଇ ନ ଥିଲା। ନୂତନ ଭାଜପା ସରକାର ଏବେ ପୁରୁଣା ପରିକ୍ରମା ପ୍ରକଳ୍ପରେ କିଛି ପରିବର୍ତ୍ତନ କରିବାକୁ ଚିନ୍ତା କରୁଛନ୍ତି। ସାଧାରଣତଃ ସନାତନ ଧର୍ମର ମୂଳପିଣ୍ଡ ହେଉଛି ଯଜ୍ଞ। ବୈଦିକ ପରମ୍ପରାର ମୂଳ ଅଙ୍ଗ ଘୃତଯଜ୍ଞ ବା ହୋମଯଜ୍ଞ। ତେଣୁ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଉତ୍କଳୀୟ କାରୁକାର୍ଯ୍ୟରେ ଭବ୍ୟ ଯଜ୍ଞଶାଳା ନିର୍ମାଣ କରାଯିବାର ଯୋଜନା ରହିଛି। ସେଥିରେ ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଯଜମାନଙ୍କ ଦାନରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ବିଶ୍ୱର ମଙ୍ଗଳ ପାଇଁ ଘୃତାହୁତି ଦିଆଯିବା ପାଇଁ ପ୍ରସ୍ତାବ ରହିଛି। ସେହିଭଳି ଜ୍ଞାନଯଜ୍ଞ ଆଧାରରେ ବାହାରୁ ଆସୁଥିବା ଭକ୍ତଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଉତ୍କଳର ଇତିହାସ ସମ୍ପର୍କରେ ଅବଗତ କରାଇବା ପାଇଁ ଡକ୍ୟୁମେଣ୍ଟାରି ପ୍ରସ୍ତୁତି ସହ ଅଡିଟୋରିୟମ ନିର୍ମାଣ କଥା ଚିନ୍ତା କରାଯାଉଛି। ଅପରପକ୍ଷରେ ଅନ୍ନଯଜ୍ଞ ମାଧ୍ୟମରେ ବିନାମୂଲ୍ୟରେ ଭକ୍ତଙ୍କୁ ପ୍ରତ୍ୟେକ ଦିନ ନିଃଶୁଳ୍କ ମହାପ୍ରସାଦ ପରଷା ଏବଂ ସ୍ୱଳ୍ପ ମୂଲ୍ୟରେ ପ୍ରସାଦ ବିକ୍ରି ପାଇଁ ପ୍ରସ୍ତାବ ରହିଛି। ପ୍ରକଳ୍ପ ଢାଞ୍ଚାରେ ମଧ୍ୟ ଅନେକ କିଛି ପରିବର୍ତ୍ତନ କରାଯିବ ବୋଲି ଜଣାପଡ଼ିଛି। ଏ ନେଇ ଶୁକ୍ରବାର ଆଇନମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପରିକ୍ରମା ପ୍ରକଳ୍ପର ନୂତନ ଡିଜାଇନ ପ୍ରସ୍ତୁତ କରାଯିବ। ପରିକ୍ରମା ପ୍ରକଳ୍ପ ସହ ଧର୍ମୀୟ ଭାବନା ଜଡ଼ିତ ହୋଇ ରହିଛି। ଘୃତ ଯଜ୍ଞ ମଣ୍ଡପ, ଅନ୍ନ ଯଜ୍ଞ ମଣ୍ଡପ ଓ ଜ୍ଞାନ ଯଜ୍ଞ ମଣ୍ଡପ ନିର୍ମାଣ ପାଇଁ ଚିନ୍ତା କରାଯାଇଛି। ଏନେଇ ବିଚାରବିମର୍ଶ ଚାଲିଛି। ଦୁଇରୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଇନମନ୍ତ୍ରୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା ୧୯ଟି ମଠ କ୍ଷତିଗ୍ରସ୍ତ ହୋଇଥିଲା। ମଠ ଗାଦିଘରକୁ ଛାଡ଼ି ବାକି ଅଂଶକୁ ଭଙ୍ଗାଯାଇଥିଲା। ତନ୍ମଧ୍ୟରେ ଘୃତ, ଜ୍ଞାନ ଓ ଅନ୍ନ ଯଜ୍ଞ ମଣ୍ଡପ ମଧ୍ୟ ଲୋପ ପାଇଥିଲା, ଯାହାକୁ ନେଇ ମଠାଧୀଶ ଓ ସାଧୁସନ୍ଥ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ପ୍ରଥମରୁ ହିଁ ପରିକ୍ରମା ପ୍ରକଳ୍ପର ଡିଜାଇନ୍ ବା ଭିଜନରେ ଅସ୍ୱଚ୍ଛତା ରହିଥିଲା। ବାରମ୍ବାର ଡିପିଆର୍ ପରିବର୍ତ୍ତନ ସହ ରାଷ୍ଟ୍ରୀୟ ଐତି଼ହ୍ୟ ସ୍ମାରକୀ କର୍ତ୍ତୃପକ୍ଷ (ଏନ୍‌ଏମ୍‌ଏ) ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଅନୁମତି ବିବାଦରେ ପ୍ରକଳ୍ପ ଛନ୍ଦି ହୋଇପଡ଼ିଥିଲା। ଏପରି କି ପ୍ରକଳ୍ପର ଶିଳାନ୍ୟାସ ପରେ ବି ପ୍ରକଳ୍ପ ଅନ୍ତର୍ଗତ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର, ଶ୍ରୀଜଗନ୍ନାଥ ଅତିଥି କେନ୍ଦ୍ର, ଐତିହ୍ୟ ରଘୁନନ୍ଦନ ଲାଇବ୍ରେରି ଏବେ ସୁଦ୍ଧା ସମ୍ପୂର୍ଣ୍ଣ ରୂପରେଖ ନେଇପାରିନାହିଁ। ଏନେଇ ଏନ୍‌ଏମ୍‌ଏକୁ ନୂଆ ପ୍ରସ୍ତାବ ଦିଆଯାଇଛି। ତେବେ ସମ୍ପ୍ରତି ପରିକ୍ରମା ପ୍ରକଳ୍ପ ଡିଜାଇନ ପରିବର୍ତ୍ତନ ପ୍ରସ୍ତାବକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ପୂର୍ବ ସରକାରଙ୍କ ସମୟରେ ଏସବୁ ମଣ୍ଡପ ସ୍ଥାନ ପାଇବାକୁ ଥିବା ବେଳେ କୌଣସି କାର୍ଯ୍ୟ କରାଗଲା ନାହିଁ। ମାତ୍ର ଅନେକ କୋଟି ଟଙ୍କା ହରିଲୁଟ ହୋଇଛି। ରାଜ୍ୟ ସରକାର ଏହାର ସିବିଆଇ ଯାଞ୍ଚ କରିବା ଆବଶ୍ୟକ। ସରକାର ସବୁ କାମ ଦୀର୍ଘସ୍ଥାୟୀ ଭାବେ ନିର୍ମାଣ କରନ୍ତୁ ବୋଲି ଖୁଣ୍ଟିଆ କହିଛନ୍ତି। ସେହିପରି ମହନ୍ତ ନାରାୟଣ ରାମାନୁଜ ଦାସ କହିଛନ୍ତି, ଧର୍ମକୁ ରକ୍ଷା କରିବା ନେଇ ମନ୍ତ୍ରୀ ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହାକୁ ସ୍ୱାଗତ କରୁଛୁ। ପ୍ରତ୍ୟେକ ମନ୍ଦିରର ଚାରିପାଖରେ ଜ୍ଞାନ ଯଜ୍ଞ, ଅନ୍ନ ଯଜ୍ଞ ଓ ଘୃତ ଯଜ୍ଞ ମଣ୍ଡପ ହେବା ଆବଶ୍ୟକ। ଏହାଦ୍ୱାରା ବାହାରୁ ଯେଉଁ ଭକ୍ତ ଆସୁଛନ୍ତି ସେମାନେ ମହାପ୍ରଭୁଙ୍କ ପ୍ରସାଦ ପାଇପାରିବେ। ଏଥିସହ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଯେଉଁ ସବୁ ମଠର ଯଜ୍ଞ ମଣ୍ଡପ, ଜ୍ଞାନ ମଣ୍ଡପ, ସଭା ମଣ୍ଡପ ଭଙ୍ଗାଯାଇଥିଲା ସେଗୁଡ଼ିକର ପୁନଃ ନିର୍ମାଣ କରାଯାଉ। ଫଳରେ ମଠ ସମ୍ପର୍କରେ ଭକ୍ତ ଜାଣିପାରିବେ ବୋଲି ଦାସ ମହାରାଜ ମତବ୍ୟକ୍ତ କରିଛନ୍ତି। ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ପରିକ୍ରମା ପ୍ରକଳ୍ପ ମଧ୍ୟରେ ଥିବା ମଠଗୁଡ଼ିକର ପୁନରୁଦ୍ଧାର କାମ ସହ ସରକାରଙ୍କ ନିର୍ଦ୍ଦେଶ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅନ୍ତର୍ଗତ ନିୟମାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ।

### ମନ୍ଦିର-ମସ୍‌ଜିଦ ବିବାଦ ...

ମୁଣ୍ଡ ଟେକୁଛି। ସେଗୁଡ଼ିକୁ କିପରି ଅନୁମତି ଦିଆଯାଉଛି ବୋଲି ଭାଗବତ ପ୍ରଶ୍ନ କରିଛନ୍ତି। ଭାରତରେ ବହୁବର୍ଷ ଧରି ବିଭିନ୍ନ ଧର୍ମ, ଜାତି ଓ ବିଚାରଧାରାର ଲୋକମାନେ ସଦ୍‌ଭାବନାର ସହ ବସବାସ କରିଆସୁଛନ୍ତି। ସମାବେଶୀ ସମାଜ ସପକ୍ଷରେ ମତ ରଖି ଭାଗବତ କହିଥିଲେ, ଭାରତ ସଦ୍‌ଭାବନା ସହ ଏକତ୍ର ରହିପାରିଥିବା ବିଶ୍ୱକୁ ଦେଖାଇବାକୁ ହେବ। ବିଶ୍ୱ ଦ୍ୱାରା ଗୃହୀତ ହୋଇପାରିବା ଭଳି ଦେଶରେ ସଦ୍‌ଭାବନାର ଏକ ମଡେଲ ବିକଶିତ କରିବାକୁ ହେବ।

ସୂଚନାଯୋଗ୍ୟ, ବିଭିନ୍ନ ମସ୍‌ଜିଦ ହିନ୍ଦୁ ମନ୍ଦିର ଉପରେ ନିର୍ମାଣ କରାଯାଇଥିବା ଅଭିଯୋଗ କରି ସେଗୁଡ଼ିକର ସର୍ଭେ ପାଇଁ ଅଦାଲତରେ ଦାବି କରାଯାଉଛି। ଗତ ୧୨ ତାରିଖରେ ସୁପ୍ରିମକୋର୍ଟ ଦେଶବ୍ୟାପୀ ଏକ ନିର୍ଦ୍ଦେଶନାମା ଜାରି କରି ଏଭଳି ନୂଆ ମାମଲା ଗ୍ରହଣ ନ କରିବା ଏବଂ ମସ୍‌ଜିଦ ତଳେ ମନ୍ଦିର ଢାଞ୍ଚା ଥିଲା କି ନାହିଁ ସର୍ଭେ କରାଇବାକୁ ନିର୍ଦ୍ଦେଶ ନ ଦେବା ପାଇଁ ଅଦାଲତଗୁଡ଼ିକୁ କହିଥିଲେ।

### ଚିନ୍ତା ବଢ଼ାଇଲା ...

ଚାଷୀମାନେ କ୍ଷେତରୁ ଧାନ ଖଳାକୁ ନେଉଥିବା ଦେଖିବାକୁ ମିଳିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ମେଘୁଆ ପାଗ ଯୋଗୁ ଦିନର ତାପମାତ୍ରା ୫ରୁ ୬ ଡିଗ୍ରୀ ହ୍ରାସ ପାଇଛି। ଶୀତ ଓ ବର୍ଷାରେ ଜନଜୀବନ ପ୍ରଭାବିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ ଅଧିକାଂଶ ମଣ୍ଡିରେ ଅମଳ ଧାନ ଖୋଲା ଆକାଶ ତଳେ ଥିବାରୁ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ସେହିପରି ଗଞ୍ଜାମ, ଗଜପତି, ଫୁଲବାଣୀ, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ, ବୌଦ୍ଧ ଆଦି ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୦ ମିମି ବର୍ଷା ହୋଇଥିବାବେଳେ ପାରାଦୀପରେ ୨୭.୮, ଜଗତ୍‌ସିଂହପୁରରେ ୧୮.୧ ମିଲିମିଟର ରେକର୍ଡ କରାଯାଇଛି। ତେବେ ଶନିବାର ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ୨୨ ତାରିଖରେ ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଆଦି ଜିଲାରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଆଦି ଜିଲାରେ ମଧ୍ୟ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇପାରେ। ଏହା ପରଠାରୁ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ପ୍ରାୟ ଶୁଖିଲା ରହିବ। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ହେଲେ ମଧ୍ୟ ୨୪ ତାରିଖଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ।

**ଆଜି ବି ବର୍ଷିବ, ଅମଳକୁ ନେଇ ଚନ୍ତାରେ ଚାଷୀ**

# ରାହୁଲ, ଖାର୍ଗେଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

ନୂଆଦିଲ୍ଲୀ,୨୦।୧୨




ଭାଜପା ଏମ୍‌ପି ନିଶିକାନ୍ତ ଦୁବେ। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ଇଣ୍ଡିଆ ବ୍ଲକ୍ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଥିବାବେଳେ ଭାଜପା ପକ୍ଷରୁ ଶୁକ୍ରବାର କଂଗ୍ରେସ ନେତା ରାହୁଲଙ୍କ ଗାନ୍ଧୀଙ୍କ ବିରୋଧରେ ଅନୁରୂପ ପଦକ୍ଷେପ ନିଆଯାଇଛି। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଗତ ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖିଛନ୍ତି। ଶାହାଙ୍କ ସମ୍ବିଧାନ ବିତର୍କ ସମ୍ପର୍କିତ ବିବୃତିକୁ ଏଡିଟ୍ କରି ଏକ୍ସ'ରେ ଶେୟାର କରିଥିବାରୁ ତତ୍କାଳ ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ କରାଯାଉ ବୋଲି ଏଥିରେ ନିଶିକାନ୍ତ ଦାବି କରିଛନ୍ତି। ରାଜ୍ୟ ସଭାରେ ମଧ୍ୟ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧରେ ଅନୁରୂପ ନୋଟିସ ଦିଆଯାଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଛନ୍ତି। ଶାହାଙ୍କ ବିରୋଧରେ ଖାର୍ଗେ ସ୍ୱାଧିକାର ଭଙ୍ଗ ନୋଟିସ ଦେବାର ଦିନକ ପରେ ତାଙ୍କ ବିରୋଧରେ ଶାସକ ପକ୍ଷ ନୋଟିସ ଦେଇଛନ୍ତି। ନିଶିକାନ୍ତ କହିଛନ୍ତି, ରାହୁଲ ଏଭଳି ଲଜ୍ଜାଜନକ କାର୍ଯ୍ୟ ପାଇଁ ଷଡ଼ଯନ୍ତ୍ର ରଚିବାବେଳେ ଭୁଲିଯାଇଛନ୍ତି ଯେ, ଲୋକ ସଭାର ବିରୋଧୀ ଦଳ ନେତାଙ୍କଠାରୁ ଯେପରି ସମ୍ବେଦନଶୀଳ ବ୍ୟବହାର ଆଶା କରାଯାଏ, ରାହୁଲ ତାକୁ ଭୁଲି ସବୁ ସୀମା ଅତିକ୍ରମ କରିଛନ୍ତି। ସେ ସଂସଦୀୟ ସ୍ୱାଧିକାରକୁ ଭଙ୍ଗ କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଗୃହରୁ ନିଲମ୍ବନ ଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ନିଶିକାନ୍ତ ଉକ୍ତ ନୋଟିସରେ ଉଲ୍ଲେଖ କରିଛନ୍ତି। ପାର୍ଲାମେଣ୍ଟରେ ଏହାର ତଦନ୍ତ ରିପୋର୍ଟ ଦାଖଲ ନ ହେବା ପର୍ଯ୍ୟନ୍ତ ରାହୁଲଙ୍କୁ ଗୃହକୁ ପ୍ରବେଶ କରିବାକୁ ଅନୁମତି ଦିଆ ନ ଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ନିଶିକାନ୍ତ ଓ ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ବିରୋଧରେ ପୂର୍ବରୁ ଦିଆଯାଇଥିବା ପ୍ରିଭିଲେଜ୍ ମୋଶନ ନୋଟିସ ଉପରେ ପ୍ରଥମେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କଂଗ୍ରେସ ଏମ୍‌ପି ହିବି ଏଡେନ୍ ଦାବି କରିଛନ୍ତି।

ପ୍ରକାଶ ଯେ, ରାଜ୍ୟ ସଭାରେ ମଙ୍ଗଳବାର ସମ୍ବିଧାନ ସମ୍ପର୍କିତ ବିତର୍କ ବେଳେ ଶାହା ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ଏବେ ଏକ ଫ୍ୟାଶନ୍ ହୋଇଯାଇଛି, 'ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର। କଂଗ୍ରେସ ନେତାମାନେ ଯେତିକିଥର 'ଆମ୍ବେଡକର ଆମ୍ବେଡକର' ଚିତ୍କାର କରୁଛନ୍ତି, ସେତେଥର ଭଗବାନଙ୍କ ନାମ ନେଇଥିଲେ ୭ ଜନ୍ମ ଧରି ସ୍ୱର୍ଗରେ ସ୍ଥାନ ପାଇଥାଆନ୍ତେ। କଂଗ୍ରେସ ଆମ୍ବେଡକରଙ୍କ ନାମ ଧରୁଥିବାରୁ ଭାଜପା ଖୁସି, କିନ୍ତୁ ବିରୋଧୀ ଦଳ ତାଙ୍କ ପ୍ରତି ଥିବା ନିଜ ମନୋଭାବର ମଧ୍ୟ ପରିପ୍ରକାଶ କରିବା ଉଚିତ ବୋଲି ସେ କହିଥିଲେ। ଶାହାଙ୍କ ଏହି ବକ୍ତବ୍ୟ ସମ୍ବଳିତ ଭିଡିଓକୁ ଏଡିଟ୍ କରି ସୋସିଆଲ ମିଡିଆରେ ପ୍ରସାର କରାଯାଇଥିବା ଭାଜପା ଅଭିଯୋଗ ଆଣିଛି।

# ବୀଭତ୍ସ ଉପହାର



## ସଂସଦରେ ପ୍ରିୟଙ୍କାଙ୍କୁ '୧୯୮୪' ଲେଖାଥିବା ବ୍ୟାଗ୍ ଦେଲେ ଅପରାଜିତା

ନୂଆଦିଲ୍ଲୀ,୨୦।୧୨

କଂଗ୍ରେସର ନବନିର୍ବାଚିତ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ୩ ଦିନ ପୂର୍ବରୁ ପାର୍ଲାମେଣ୍ଟକୁ 'ପାଲେଷ୍ଟାଇନ' ଲେଖାଥିବା ଏକ ବ୍ୟାଗ୍ କାନ୍ଧରେ ପକାଇ ଆସିଥିଲେ। ଗାଜା ଯୁଦ୍ଧରେ ନିର୍ଯାତନାର ସମ୍ମୁଖୀନ ହୋଇଥିବା ପାଲେଷ୍ଟିନୀୟଙ୍କ ସମର୍ଥନରେ ସେ ଏହି ବ୍ୟାଗ୍ ଆଣିଥିବା କହିଥିବାବେଳେ ଏହାକୁ ନେଇ ସମାଲୋଚିତ ହୋଇଥିଲେ। ତା' ପରଦିନ ବାଂଲାଦେଶରେ ନିର୍ଯାତନାର ସମ୍ମୁଖୀନ ହୋଇଥିବା ସଂଖ୍ୟାଲଘୁ ହିନ୍ଦୁଙ୍କ ସମର୍ଥନରେ ସେ ଆଉ ଏକ ବ୍ୟାଗ୍ ପକାଇ ଆସିଥିଲେ। ଶୀତ ଅଧିବେଶନର ଶେଷ ଦିନରେ ଭୁବନେଶ୍ୱରର ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ୧୯୮୪ ଶିଖ୍ ଦଙ୍ଗା ସମ୍ପର୍କରେ ମନେପକାଇଦେବା ପାଇଁ ପ୍ରିୟଙ୍କାକୁ '୧୯୮୪' ଲେଖାଥିବା ଏବଂ ସେଥିରୁ ରକ୍ତ ଝରିବା ଭଳି ବୀଭତ୍ସ ଦେଖାଯାଉଥିବା ଏକ ବ୍ୟାଗ୍ ଉପହାର ପ୍ରଦାନ କରିଛନ୍ତି। ଗତ ୫୦ ବର୍ଷରେ କଂଗ୍ରେସ ଯାହା କରିଛି, ତାହା ବର୍ତ୍ତମାନର ପିଢ଼ି ଜାଣିବା ଆବଶ୍ୟକ। ବ୍ୟାଗ୍ ପ୍ରିୟଙ୍କାଙ୍କର ଅତି ପ୍ରିୟ ହୋଇଥିବାରୁ ତାଙ୍କୁ ବ୍ୟାଗ୍ ଉପହାର ଦେବାକୁ ନିଷ୍ପତ୍ତି ନେଲି ବୋଲି ଅପରାଜିତା କହିଛନ୍ତି।

# ଓମ୍ ପ୍ରକାଶ ଚୌଟାଲାଙ୍କ ପରଲୋକ



ନୂଆଦିଲ୍ଲୀ,୨୦।୧୨

ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି)ର ଅଧ୍ୟକ୍ଷ ଓମ୍ ପ୍ରକାଶ ଚୌଟାଲାଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଶ୍ୱାସକ୍ରିୟା ଜନିତ ସମସ୍ୟା ଯୋଗୁ ସେ ଅନେକ ଦିନ ହେଲା ଅସୁସ୍ଥ ଥିଲେ। ଗୁରୁଗ୍ରାମର ଏକ ଘରୋଇ ହସ୍ପିଟାଲରେ ସେ ମଧ୍ୟାହ୍ନ ୧୨ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।

ଚୌଟାଲା ହେଉଛନ୍ତି ପୂର୍ବତନ ଉପପ୍ରଧାନମନ୍ତ୍ରୀ ଦେବୀ ଲାଲ୍‌ଙ୍କ ପୁଅ। ସେ ୫ ଥର ହରିୟାଣାର ମୁଖ୍ୟମନ୍ତ୍ରୀ ଏବଂ ୭ ଥର ବିଧାୟକ ରହିଥିଲେ। ତେବେ ଦୁର୍ନୀତି ମାମଲାରେ ଛନ୍ଦିହୋଇ ତାଙ୍କୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ଦିଲ୍ଲୀର ତିହାର ଜେଲରେ କଟାଇବାକୁ ପଡ଼ିଥିଲା। କୋଭିଡ୍ ମହାମାରୀ ପାଇଁ ଜେଲରୁ ଅତ୍ୟଧିକ ଭିଡ଼ କମାଇବା ପାଇଁ ୨୦୨୧ରେ ଚୌଟାଲାଙ୍କ ସମେତ କେତେଜଣ ବନ୍ଦୀଙ୍କୁ ମୁକ୍ତ କରିଦିଆଯାଇଥିଲା। ଜେଲରେ ସେ ସର୍ବବରିଷ୍ଠ ଅନ୍ତେବାସୀ ଥିଲେ। ତାଙ୍କ ବିୟୋଗରେ ହରିୟାଣା ସରକାର ୩ ଦିନିଆ ରାଜ୍ୟ ଶୋକ ଘୋଷଣା କରିଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ସମସ୍ତ ଅଟ୍ଟାଳିକାରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବ। ସେହିପରି ସମସ୍ତ ସରକାରୀ ଉତ୍ସବକୁ ବନ୍ଦ ରଖାଯାଇଛି। ଚୌଟାଲାଙ୍କ ବାସସ୍ଥାନ ସିର୍ସା ଜିଲାର ତେଜା ଖେରା ଫାର୍ମରେ ଶନିବାର ଅପରାହ୍ନ ୩ଟାରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ ହେବ। ତାଙ୍କ ପରଲୋକରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ୧୯୩୫ ଜାନୁଆରୀ ୧ରେ ଚୌଟାଲା ସିର୍ସା ଜିଲାର ଚୌଟାଲା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୮୯ ଡିସେମ୍ବର ୨ରେ ପ୍ରଥମ ଥର ହରିୟାଣାର ମୁଖ୍ୟମନ୍ତ୍ରୀ ହୋଇ ୧୯୯୦ ମେ' ୨୨ ପର୍ଯ୍ୟନ୍ତ ରହିଥିଲେ। ସେହିବର୍ଷ ଜୁଲାଇ ୧୨ରେ ସେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇ ୫ ଦିନ ପରେ ଇସ୍ତଫା ଦେଇଥିଲେ। ୧୯୯୧ ଏପ୍ରିଲ ୨୨ରେ ତୃତୀୟ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ରାଷ୍ଟ୍ରପତି ଶାସନ ଜାରି ହେବାରୁ କାର୍ଯ୍ୟକାଳ ୨ ସପ୍ତାହରେ ଶେଷ ହୋଇଥିଲା। ପରେ ୧୯୯୯ ଜୁଲାଇ ଏବଂ ୨୦୦୦ ଫେବୃଆରୀରେ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଥିଲେ।

# ରାହୁଲ ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପାର ଗଣବିକ୍ଷୋଭ



ଭୁବନେଶ୍ୱର ପାୱାର ହାଉସ ଛକଠାରେ ଶୁକ୍ରବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର, ୨୦।୧୨(ସୁନିତ୍ ମିଶ୍ର)

ପାର୍ଲାମେଣ୍ଟରେ ହୋଇଥିବା ଠେଲାପେଲା ଘଟଣାକୁ ନେଇ ଓଡ଼ିଶାରେ ଭାଜପା ନେତାମାନେ ପ୍ରତିବାଦ ଜାରି ରଖିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭାଜପା ଅଭିଯୋଗ କରିଛି, ଦଳର ବରିଷ୍ଠ ନେତା ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ମୁକେଶ ରାଜପୁତଙ୍କୁ ରାହୁଲ ଗାନ୍ଧୀ ସଂସଦ ସମ୍ମୁଖରେ ଆକ୍ରମଣକରି ଲହୁଲୁହାଣ କରିଛନ୍ତି। ଏହି ଘଟଣାକୁ ସାରା ଦେଶ ନିନ୍ଦାକରିଛି। ଏହାଦ୍ୱାରା ୭୫ ବର୍ଷ ପୂର୍ତ୍ତି କରିଥିବା ଆଧୁନିକ ଭାରତର ଗଣତନ୍ତ୍ରର ଛବି ବର୍ତ୍ତମାନ ସାରା ବିଶ୍ୱରେ ଖରାପ ହୋଇଛି। ଏହାର ପ୍ରତିବାଦ କରି ଭାଜପା କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱର ପାୱାର ହାଉସ ଛକଠାରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଗଣବିକ୍ଷୋଭ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି, ପାର୍ଲାମେଣ୍ଟରେ ରାହୁଲ ଯେପରି ଆଚରଣ ପ୍ରଦର୍ଶନକରି ଗୁଣ୍ଡାଗର୍ଦ୍ଦି କଲେ ତାହାକୁ ଯେତେ ନିନ୍ଦାକଲେ କମ୍ ହେବ। ତାଙ୍କ ଯୋଗୁ ଓଡ଼ିଶା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଆହତ ହୋଇ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ପାର୍ଲାମେଣ୍ଟରେ ଭାଜପାର ୨ ଏମ୍‌ପିଙ୍କୁ ରକ୍ତାକ୍ତ କରି ରାହୁଲ ଯେଉଁ ରକ୍ତର ଛିଟା ପକାଇଲେ ଏହା ଇତିହାସରେ ଲିପିବଦ୍ଧ ହୋଇ ରହିବ। ତାଙ୍କର ଏହି ଆକ୍ରମଣ କେବଳ ଜନପ୍ରତିନିଧିଙ୍କ ଉପରେ ନୁହେଁ ବରଂ ଗଣତନ୍ତ୍ର ମନ୍ଦିର ଉପରେ ଆକ୍ରମଣ। ଏହି ଘଟଣା ନିର୍ବାଚିତ ପ୍ରତିନିଧିଙ୍କ ସୁରକ୍ଷା ପ୍ରତି ଏକ ବିପଦପୂର୍ଣ୍ଣ ସଙ୍କେତକୁ ଆହ୍ୱାନ କରୁଛି। ପ୍ରତାପ ଷଡ଼ଙ୍ଗୀଙ୍କ ଉପରେ ଏହି ଆକ୍ରମଣ ଓଡ଼ିଆ ଲୋକଙ୍କ ଭାବନାକୁ ଗଭୀର ଭାବେ ଆଘାତ ଦେଇଛି। ଏପରି ଅସମ୍ମାନକୁ ଓଡ଼ିଶା କେବେହେଲେ ସହ୍ୟ କରିବ ନାହିଁ। କଂଗ୍ରେସର କାର୍ଯ୍ୟ ଏବଂ ଭାଷଣବାଜି ବିଭାଜନକାରୀ ଏବଂ ହିଂସାତ୍ମକ ରାଜନୀତିର ଇତିହାସକୁ ଏହା ପ୍ରତିଫଳିତ କରେ। ଏହାର ପ୍ରତିବାଦକରି ଗୁରୁବାର ଯୁବମୋର୍ଚ୍ଚା ତରଫରୁ ରାହୁଲଙ୍କ କୁଶପୁତ୍ତଳିକା ଦାହକରାଯାଇଥିବା ବେଳେ ଶୁକ୍ରବାର ଭାଜପା କାର୍ଯ୍ୟକର୍ତ୍ତାମାନେ ଗଣାଧାରଣା ଦେଇଛନ୍ତି। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ରାଜ୍ୟପାଳଙ୍କୁ ଅବଗତ କରାଯାଇଛି ଯେ ଏଭଳି କାର୍ଯ୍ୟ କରି କଂଗ୍ରେସ ଦଳ ଭାରତବର୍ଷର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ବଦଳରେ ଉପହାସ କରାଯାଇଛି ବୋଲି ମନମୋହନ କହିଛନ୍ତି।

# ଦଳ ବିରୋଧୀ କାର୍ଯ୍ୟ: ବିଜେଡିରୁ ୨ ନିଲମ୍ବିତ

ରାଜନଗର, ୨୦।୧୨
(ଭାସ୍କର ରାଉତରାୟ)

ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୁକ୍ରବାର କୁରୁଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୁମର କୁମାର ସ୍ୱାଇଁ ଓ ଯୁବନେତା ହିମାଂଶୁ ଭୂଷଣ ପାଣିଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି ବୋଲି ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ କୁରୁଣ୍ଟି ପଞ୍ଚାୟତର ଏହି ଦୁଇ ନେତା ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ସହ ଦଳୀୟ କର୍ମୀଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଥିଲେ। କୁରୁଣ୍ଟି ପଞ୍ଚାୟତର ବିଜେଡି ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ ଓ ଦଳର ଆଗଧାଡିର ନେତାମାନେ ଏ ନେଇ ଲିଖିତ ଭାବେ ବ୍ଲକ ବିଜେଡି ସଭାପତିଙ୍କୁ ଜଣାଇଥିଲେ।

# ଦୁଗ୍ଧଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ: କଂଗ୍ରେସ

ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

ରାଜ୍ୟ ସରକାର ନିକଟରେ ଦୁଗ୍ଧଚାଷୀଙ୍କ ଅର୍ଥନୈତିକ ବିକାଶ ପାଇଁ କାମଧେନୁ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ ଏହି ଯୋଜନାରେ ଝିଙ୍କିକା ମାରି ବଣି ପୋଷିବା ବ୍ୟବସ୍ଥା କରା ନ ଯାଉ । ଦୁଗ୍ଧ ପ୍ୟାକେଟ୍‌ର ଓଜନ ପରିମାଣ କମାଇ ବିକ୍ରି କରା ନ ଯାଉ । ଏଥିରେ ଚାଷୀର ଆଦୌ ବିକାଶ ହେବ ନାହିଁ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି। ସେ ଗତ ୨୫ ବର୍ଷ ମଧ୍ୟରେ ଦୁଗ୍ଧଚାଷୀମାନଙ୍କ ଆର୍ଥିକ ଦୁଃସ୍ଥିତି ସୁଧୁରି ନାହିଁ। ଦୁଗ୍ଧଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ଦିନକୁ ଦିନ ଜଟିଳ ହେଉଛି । ରାଜ୍ୟ ସରକାର ଆନ୍ତରିକତାର ସହିତ ଦୁଗ୍ଧଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ଚାଷୀଙ୍କଠାରୁ ଦୁଗ୍ଧ ଲିଟର ପିଛା ୪୦ ଟଙ୍କାରେ କ୍ରୟ କରିବା ସହ ଗୋଖାଦ୍ୟରେ ଚାଷୀଙ୍କୁ ୭୦ ପ୍ରତିଶତ ରିହାତି, ପ୍ରତି ବ୍ଲକ୍‌ସ୍ତରରେ ସରକାରୀ ଗୋଖାଦ୍ୟ ଭଣ୍ଡାର, ପ୍ରତି ପଞ୍ଚାୟତରେ ଗୋଶାଳା ପ୍ରତିଷ୍ଠା, ଗୋପାଳକଙ୍କ ପରିବାର ଆତ୍ମନିଯୁକ୍ତି ଯୋଜନାରେ ବିନା ବନ୍ଧକ ଓ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

# ଭାଜପାରେ ମିଶିଲେ ସରପଞ୍ଚଙ୍କ ସମେତ ବିଜେଡି, କଂଗ୍ରେସ କର୍ମୀ

ଭଦ୍ରକ,୨୦।୧୨(ସନାତନ ରାଉତ)

ଭଦ୍ରକ କୁଆଁସସ୍ଥିତ ଭାଜପା ବିଧାନସଭା କାର୍ଯ୍ୟାଳୟରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ଉପସ୍ଥିତିରେ ଶତାଧିକ ବିଜେଡି, କଂଗ୍ରେସ ନେତା ଓ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଭଦ୍ରକ ବ୍ଲକ ଗୋରାମାଟି ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଭାଗ୍ୟବତୀ ମହାକୁଡ଼ଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ସୁଦର୍ଶନ ସେଠୀ, କୁଳମଣି ଜେନା, ରବୀନ୍ଦ୍ର ନାୟକଙ୍କ ସମେତ ବହୁ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ଏରଡ଼ା ପଞ୍ଚାୟତର ଯୁବନେତା ଭକ୍ତହରି ମହାନ୍ତିଙ୍କ ନେତୃତ୍ୱରେ ସମିତିସଭ୍ୟା ପୁଷ୍ପାରାଣୀ ବଳ, ପୂର୍ବତନ ସମିତିସଭ୍ୟ ବନମାଳୀ ବିଶ୍ୱାଳ, ୱାର୍ଡସଭ୍ୟ ମାନସ ଜେନା, ରମେଶ ତ୍ରିପାଠୀ, ପୂର୍ବତନ ୱାର୍ଡସଭ୍ୟ ଗଦାଧର ମିଶ୍ର, ରଞ୍ଜିତ୍ ମିଶ୍ର, ଉମ୍ବରୁଧର ନାୟକ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ପୌରପାଳିକାର ୫ନଂ. ୱାର୍ଡର ବିଜେଡି ନେତା କିଶୋର ବାରିକଙ୍କ ନେତୃତ୍ୱରେ ସୁଭଦ୍ରା ଦାସ, କୁନି ଦାସ, କନକଲତା ଦାସ, ସମା ବିବି, ସଲିନା ବିବିଙ୍କ ସମେତ ବହୁ ମହିଳା, ଚଣ୍ଡିଗାଁ ପଞ୍ଚାୟତର କଂଗ୍ରେସ ନେତା ସୁଧାଂଶୁ ଶେଖର ରାଉତ, ଶରତ ଜେନା, ଦୀପ୍ତି ଜେନା, ରବି ଜେନା ପ୍ରମୁଖ ଭାଜପାରେ ସାମିଲ ହୋଇଥିବା ବେଳେ ବିଧାୟକ ସମସ୍ତଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏସବୁ ଅଞ୍ଚଳରେ ଭାଜପା ଆହୁରି ଶକ୍ତିଶାଳୀ ହେବା ସହ ଆଗକୁ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ବିଧାୟକ କହିଛନ୍ତି।



ଭାଜପାର ମିଶ୍ରଣ ପର୍ବରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ନୂତନ କର୍ମୀ।

# କୋରୁକୋଣ୍ଡା ବ୍ଲକ୍ ଅଧ୍ୟକ୍ଷଙ୍କ ନାଁରେ ପୁଣି ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ନ ହେଲେ ବ୍ଲକ୍ ଅଫିସ୍‌ରେ ତାଲା ପକାଇବାକୁ ଚେତାବନୀ

କୋରୁକୋଣ୍ଡା, ୨୦।୧୨(ଶିବଦତ୍ତ ସାହୁ)



ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଅଧ୍ୟକ୍ଷ ଜିତୁ ବୁରୁଡ଼ିଙ୍କ ବିରୋଧରେ ପୁଣି ଥରେ ପୁଣି ଥରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ମାରିୱାଡା ଜିଲା ପରିଷଦ, ବ୍ଲକ୍ ଉପାଧ୍ୟକ୍ଷ ଏବଂ ୮ଜଣ ସମିତି ସଭ୍ୟାସଭ୍ୟ ।

ମିଳିଥିବା ସୂଚନା ଅନୁଯାୟୀ, ମାରିୱାଡା ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଓ ବ୍ଲକ ଉପାଧ୍ୟକ୍ଷା ମାନସୀ ପଡ଼ିଆମି ଏବଂ ୮ଜଣ ସମିତି ସଭ୍ୟ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟରେ ବିଡିଓଙ୍କୁ ସାକ୍ଷାତକରି ବ୍ଲକ୍ ଅଧ୍ୟକ୍ଷ ଜିତୁଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସେମାନେ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ଦୀର୍ଘ ୩ବର୍ଷ ହେଲା ବ୍ଲକ୍‌ର ସମିତି ସଭ୍ୟଙ୍କ ଅଜାଣତରେ ନିଜେ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି । ଏହାକୁ ନେଇ ସମସ୍ତ ସମିତି ସଭ୍ୟ ବାରମ୍ବାର ବ୍ଲକ୍ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ବି ବ୍ଲକ୍ ଅଧ୍ୟକ୍ଷ ନିଜ ଇଚ୍ଛା ମୁତାବକ ଏଭଳି କାର୍ଯ୍ୟ କରିଚାଲିଛନ୍ତି । ଏହାକୁ ବିରୋଧକରି ପୂର୍ବରୁ ୩/୪ ଥର ଡକାଯାଇଥିବା ପାଞ୍ଚାୟତ ସମିତି ବୈଠକକୁ ଉପରୋକ୍ତ ସମିତି ସଭ୍ୟାସଭ୍ୟ ବର୍ଜନ ମଧ୍ୟ କରିଥିଲେ। ଅଧ୍ୟକ୍ଷ ବାରମ୍ବାର ସମସ୍ତଙ୍କୁ ଅଣଦେଖା କରିବା ଯୋଗୁ ଗତ କିଛି ମାସ ପୂର୍ବେ ସମିତି ସଭ୍ୟମାନେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମଧ୍ୟ ଆଣିଥିଲେ। କିନ୍ତୁ ତାଙ୍କର ଅର୍ଥ ଓ ବାହୁବଳକୁ ସାମ୍ନାକରି ନ ପାରି ଆମେ ବିଫଳ ହୋଇଥିଲୁ। ଆଜକୁ ପ୍ରାୟ ଦୀର୍ଘ ୩ ବର୍ଷ ଧରି ଏଭଳି ସମସ୍ୟା ଲାଗି ରହିଛି। ନ୍ୟାୟ ପାଇଁ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ଆଦୌ ଗ୍ରହଣ କରାଯାଉନାହିଁ ବୋଲି ସମିତି ସଭ୍ୟ ଅଭିଯୋଗ କରିଛନ୍ତି। ତୁରନ୍ତ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆମେ କୌଣସି ପଞ୍ଚାୟତ ସମିତି ବୈଠକ କରିବାକୁ ଦେବୁ ନାହିଁ। ଆବଶ୍ୟକ ପଡ଼ିଲେ କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ତାଲା ପକାଇବାକୁ ବାଧ୍ୟ ହେବୁ ବୋଲି ଉପରୋକ୍ତ ସମିତି ସଭ୍ୟ ଚେତାବନୀ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ିଙ୍କୁ ଏ ସମ୍ପର୍କରେ ପଚାରିବାରୁ, ପ୍ରତି ମାସରେ ବୈଠକ ହୋଇ କାମ ବଣ୍ଟନ କରାଯାଉଛି। ମୋ ନାମରେ କେତେଜଣ ବ୍ୟକ୍ତି ମିଥ୍ୟା ଅଭିଯୋଗ ଆଣୁଛନ୍ତି ବୋଲି ସେ କହିଛନ୍ତି। କୋରୁକୋଣ୍ଡା ବିଡିଓ ଅମୂଲ୍ୟ ଚରଣ ସାହୁଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୪୧୦୪୦୬ରେ ଫୋନ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ନ ହେବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। –ଶ୍ରୀଅରବିନ୍ଦ



# ନିର୍ଦ୍ଦେଶକୁ ଅଣଦେଖା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିଯୁକ୍ତି ବିଷୟରେ ସୁପ୍ରିମକୋର୍ଟଙ୍କୁ ପୁଣି ଥରେ ରାଜ୍ୟଗୁଡ଼ିକୁ ସେମାନଙ୍କର ଦାୟିତ୍ୱ ସମ୍ପର୍କରେ ସ୍ମରଣ କରାଇବାକୁ ପଡ଼ିଛି। ଏହା ଚିନ୍ତାଜନକ ଯେ, ପ୍ରକାଶ ସିଂ ମାମଲାର ରାୟକୁ ଅନୁସରଣ କରିବାକୁ ଚାହୁଁ ନ ଥିବା ଦେଖାଯାଉଛି। ନିକଟରେ ସର୍ବୋଚ୍ଚ ଅଦାଲତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ପଶ୍ଚିମବଙ୍ଗର ଡିଜିପି ନିଯୁକ୍ତି ଉପରେ ସ୍ପଷ୍ଟୀକରଣ ମାଗିଥିଲେ। ଡିଜିପି ଚୟନ ପାଇଁ କୋର୍ଟଙ୍କ ନିର୍ଦ୍ଦେଶିତ ପ୍ରକ୍ରିୟାକୁ ଏହିସବୁ ରାଜ୍ୟ ସହ ଝାଡ଼ଖଣ୍ଡ ଅବମାନନା କରିଥିବା ଜନ୍ ସେବା ଟ୍ରଷ୍ଟ କୋର୍ଟରେ ଅଭିଯୋଗ ଆଣି ନିୟମର ଉଲ୍ଲଂଘନ ହୋଇଥିବା ଦାବି କରିଥିଲା। ଏହା ଦର୍ଶାଇଥିଲା ଯେ, ପୋଲିସ ମୁଖ୍ୟଙ୍କ ପାଇଁ ସ୍ଥିରୀକୃତ ୨ ବର୍ଷ କାର୍ଯ୍ୟକାଳର ଆବଶ୍ୟକତାକୁ ଅଣଦେଖା କରାଯିବା ସହ ଯୋଗ୍ୟ ଆଇପିଏସ୍ ଅଧିକାରୀଙ୍କ ପାଇଁ ୟୁପିଏସ୍‌ସି ଦ୍ୱାରା ପ୍ରସ୍ତୁତ ନିଯୁକ୍ତି ତାଲିକାରୁ ଚୟନ କରିବାର ଆଦେଶ ପାଳନ କରାଯାଇନାହିଁ। ରାଜନୈତିକ ହସ୍ତକ୍ଷେପରୁ ପୋଲିସକୁ ଅଲଗା କରିବା ଏବଂ ଯୋଗ୍ୟତାଭିତ୍ତିକ ନେତୃତ୍ୱ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ୨୦୦୬ର ପ୍ରକାଶ ସିଂ ରାୟ ଥିଲା ଗୁରୁତ୍ୱପୂର୍ଣ୍ଣ। ପୋଲିସରେ ସ୍ଥିରତା ଓ ବୃତ୍ତିଗତ ଭାବନାକୁ ବଢ଼ାଇବା ପାଇଁ କାର୍ଯ୍ୟକାଳ ସୀମା ନିର୍ଦ୍ଧାରଣ କରାଯିବା ସହ ତଥା ବ୍ୟବସ୍ଥାଗତ ପ୍ରକ୍ରିୟା ସ୍ଥିର କରାଯାଇଛି। ତଥାପି ରାଜ୍ୟଗୁଡ଼ିକ ଏହି ନିର୍ଦ୍ଦେଶନାମାକୁ ପାଳନ କରୁନାହାନ୍ତି। ତେବେ ପ୍ରତିକ୍ରିୟା ଜଣାଇବା ପାଇଁ କୋର୍ଟ ବର୍ତ୍ତମାନ ୬ ସପ୍ତାହ ଏବଂ ଉତ୍ତର ପାଇଁ ୪ ସପ୍ତାହ ଦେଇଛନ୍ତି। ୧୭ ବର୍ଷର ପୁରୁଣା ନିର୍ଦ୍ଦେଶ ପାଳନରେ ବିଳମ୍ବକୁ ନେଇ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏସବୁ ଦୃଷ୍ଟିରୁ କୋର୍ଟ ନିରାଶା ପ୍ରକାଶ କରିବା ଯଥାର୍ଥ। ପୋଲିସ ସଂସ୍କାର କେବଳ ପଦାନୁକ୍ରମର କଥା ନୁହେଁ, ଏଥିରେ ନ୍ୟାୟ, ଉତ୍ତରଦାୟିତ୍ୱ ଏବଂ ଜନସାଧାରଣଙ୍କ ଆତ୍ମବିଶ୍ୱାସ ଜଡ଼ିତ। ତେବେ ନିର୍ଦ୍ଦେଶକୁ ଅଣଦେଖା କରୁଥିବା ରାଜ୍ୟଗୁଡ଼ିକୁ ଶୀଘ୍ର ଉତ୍ତର ଦେବାକୁ ପଡ଼ିବ।

### ବାବୁ ବିବାଦ

ନିକଟରେ କେରଳର ନିଲମ୍ବିତ ଆଇଏଏସ୍ ଅଧିକାରୀ ଏନ୍. ପ୍ରଶାନ୍ତ ଫେସ୍‌ବୁକ୍‌ରେ ତାଙ୍କର ବରିଷ୍ଠ ସହକର୍ମୀ ଏ. ଜୟତିଲକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ଜୟତିଲକଙ୍କ ଅଫିସ୍ ତଫସିଲଭୁକ୍ତ ଜାତି( ଏସ୍‌ସି) ଓ ଜନଜାତି(ଏସ୍‌ଟି)ଙ୍କ ସଶକ୍ତୀକରଣ ଯୋଜନାର ଫାଇଲ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ବାହାରେ ପ୍ରକାଶ କରିଥିବା ପ୍ରଶାନ୍ତ କହିଥିଲେ। ଏସ୍‌ସି /ଏସ୍‌ଟି ସମୁଦାୟଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ 'ଉନ୍ନତି' ହିଁ ଏହି ବିବାଦର ମୂଳ କାରଣ। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ନିକଟକୁ ଜୟତିଲକ ପଠାଇଥିବା ଚିଠିକୁ ଆଧାରକରି ପ୍ରକାଶିତ ଏକ ଖବରକାଗଜ ରିପୋର୍ଟରେ ଦର୍ଶାଯାଇଛି ଯେ ପ୍ରଶାନ୍ତ ତାଙ୍କ ଉତ୍ତରାଧିକାରୀ କେ.ଗୋପାଳକୃଷ୍ଣନ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହସ୍ତାନ୍ତର କରିବାରେ ବିଫଳ ହୋଇଛନ୍ତି। ତେବେ ପ୍ରଶାନ୍ତ ଏହାକୁ ଷଡ଼ଯନ୍ତ୍ର ଦର୍ଶାଇ ତା'ଉପରେ ତୁରନ୍ତ ପ୍ରତିକ୍ରିୟା ପ୍ରକାଶକରି ଜୟତିଲକ ଓ ଗୋପାଳକ୍ରିଷ୍ଣନ୍ ଡିଜିଟାଲ ରେକର୍ଡରେ ହେରଫେରକରି ତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ବୋଲି ସେ କହିଥିଲେ। ପ୍ରଶାନ୍ତଙ୍କ ବିରୋଧରେ ଅବମାନନା ଏବଂ ସରକାରଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଅଭିଯୋଗ ହୋଇଛି। ଡିଜିଟାଲ ଉପକରଣଗୁଡ଼ିକ ବର୍ତ୍ତମାନ ବିବାଦରେ ଅସ୍ତ୍ର ପାଲଟିଯାଇଛି। ଶୃଙ୍ଖଳା ଫେରାଇ ଆଣିବା ଏବଂ ଅମଲାତାନ୍ତ୍ରିକ ଝଗଡ଼ା ଶାସନର ଗୁରୁତ୍ୱ ଯେଭଳି ହ୍ରାସ ନ କରିପାରିବ ତାହା ନିଶ୍ଚିତ କରିବା ଲାଗି ଆଇଏଏସ୍ ଅଧିକାରୀ ସଂଘ ଏଥିରେ ହସ୍ତକ୍ଷେପ କରିବା ଉଚିତ। ଏହା ନିଶ୍ଚିତ ଯେ, ଭର୍ଚୁଆଲ ବାଦ ବିବାଦରେ ଜଡ଼ିତ ବରିଷ୍ଠ ଅଧିକାରୀଙ୍କଠାରୁ କେରଳ ଯୋଗ୍ୟ ଅଧିକାରୀ ଆବଶ୍ୟକ କରେ। ବାସ୍ତବରେ ଆବଶ୍ୟକ ହେଉଛି ଉତ୍ତରଦାୟିତ୍ୱ, ବୃତ୍ତିଗତତା ଏବଂ ଜନସେବା ଟୁଇଟର ଝଗଡ଼ା ପାଇଁ ଉଦ୍ଦିଷ୍ଟ ନୁହେଁ।

### ଦ୍ୱୈତ ଦାୟିତ୍ୱ

ଅର୍ଥନୈତିକ ବ୍ୟାପାର ସଚିବ ଅଜୟ ସେଠ୍‌ଙ୍କୁ ମଧ୍ୟବର୍ତ୍ତିକାଳୀନ ରାଜସ୍ୱ ସଚିବ ଭାବରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କ୍ୟାବିନେଟ୍ ନିଯୁକ୍ତି କମିଟି(ଏସିସି ) ନିର୍ଦ୍ଦେଶ ଅନୁଯାୟୀ, ସ୍ଥାୟୀ ନିଯୁକ୍ତି ନ ହେବା କିମ୍ବା ପୁନଃ ନିର୍ଦ୍ଦେଶ ନ ଦିଆଯିବା ପର୍ଯ୍ୟନ୍ତ ସେ ଏହି ଦ୍ୱୈତ ଦାୟିତ୍ୱ ତୁଲାଇବେ। ୧୯୮୭ ବ୍ୟାଚ୍ କର୍ନାଟକ କ୍ୟାଡର ଆଇଏଏସ୍ ଅଧିକାରୀ ସେଠ୍ ଅର୍ଥନୈତିକ କାର୍ଯ୍ୟରେ ସ୍ଥିରତା ବଜାୟ ରଖିବା ପଦକ୍ଷେପ ପାଇଁ ଜଣାଶୁଣା। ବିଟେକ୍ ଏବଂ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଆଇଏଏସ୍ ଅଧିକାରୀ ସେଠ୍ ଏପ୍ରିଲ ୨୦୨୧ ଠାରୁ ଅର୍ଥନୈତିକ ବ୍ୟାପାର ବିଭାଗର ନେତୃତ୍ୱ ନେଉଛନ୍ତି। ବର୍ତ୍ତମାନ କେନ୍ଦ୍ର ବଜେଟରେ ପୁଣି ଥରେ ସେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ। ଏହି ସପ୍ତାହ ପୂର୍ବରୁ ଅବସରପ୍ରାପ୍ତ ରାଜସ୍ୱ ସଚିବ ସଞ୍ଜୟ ମାଲହୋତ୍ରାଙ୍କୁ ନୂତନ ଆର୍‌ବିଆଇ ଗଭର୍ନର ଭାବେ ନିଯୁକ୍ତ ଦିଆଯିବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଅର୍ଥ ମନ୍ତ୍ରଣାଳୟର ଅଭ୍ୟନ୍ତରୀଣ ଉତ୍ସରୁ ଜଣାପଡ଼ିଛି ଯେ, ଆର୍ଥିକ ନୀତି ନିର୍ଦ୍ଧାରଣରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି, ଯାହା ତାଙ୍କୁ ଏହି ଦାୟିତ୍ୱ ପାଇଁ ଯୋଗ୍ୟ କରିଛି। ଏହା ଏକ ଉଚ୍ଚକୋଟୀର ମୁହୂର୍ତ୍ତ, ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଚ୍ୟାଲେଞ୍ଜକୁ ମୁକାବିଲା କରିବା ଲାଗି ସେଠ୍‌ଙ୍କ ନିକଟରେ ଦକ୍ଷତା, କୌଶଳ ରହିଛି। ମନ୍ତ୍ରଣାଳୟର କାର୍ଯ୍ୟ ବିଷୟରେ ସେଠ୍‌ଙ୍କର ଗଭୀର ଜ୍ଞାନ ରହିଥିଲେ ମଧ୍ୟ ତାଙ୍କ ନିଯୁକ୍ତି ସୁନିଶ୍ଚିତ କରେ ଯେ ବଜେଟ ପ୍ରକ୍ରିୟାରେ ସମସ୍ୟା ଉପୁଜିବାର ପ୍ରଶ୍ନ ନାହିଁ। ହେଲେ ପ୍ରଶ୍ନ ହେଉଛି: ସେ କେତେଦିନ ପର୍ଯ୍ୟନ୍ତ ଏହି ଦ୍ୱୈତ ଭୂମିକାକୁ ସୁଚାରୁରୂପେ ତୁଲାଇପାରିବେ ? ବର୍ତ୍ତମାନ ପାଇଁ ସମସ୍ତଙ୍କ ନଜର ତାଙ୍କ ଉପରେ ଅଛି।

Email: dilipcherian@gmail.com

## su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | 9 | 8 | | |
| | | 9 | | | | | | 2 |
| | 1 | | | | 6 | 4 | | 3 |
| | | | 7 | | | | | |
| 4 | 5 | 6 | | | | | | |
| | | 3 | 6 | | | | | |
| | | | | 9 | | | | 1 |
| 6 | | 1 | | | | 3 | | |
| 2 | | | 4 | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 5 | 6 | 7 | 8 | 9 | 2 | 3 |
| 2 | 8 | 6 | 9 | 4 | 3 | 1 | 7 | 5 |
| 9 | 7 | 3 | 5 | 1 | 2 | 8 | 4 | 6 |
| 7 | 2 | 4 | 1 | 3 | 5 | 6 | 8 | 9 |
| 8 | 6 | 1 | 7 | 2 | 9 | 5 | 3 | 4 |
| 5 | 3 | 9 | 4 | 8 | 6 | 2 | 1 | 7 |
| 6 | 4 | 8 | 2 | 9 | 7 | 3 | 5 | 1 |
| 1 | 9 | 2 | 3 | 5 | 4 | 7 | 6 | 8 |
| 3 | 5 | 7 | 8 | 6 | 1 | 4 | 9 | 2 |

ଗତକାଲିର ଉତ୍ତର

# ରାଜ୍ୟ ପିତୃତ୍ୱବାଦ ଓ ନିମ୍ନ ଆକାଂକ୍ଷା



ଡ. ଚିତ୍ତରଞ୍ଜନ ନାୟକ

ଆମ ରାଜ୍ୟରେ ସତ୍ତା ବଦଳିଛି। ଦୀର୍ଘ ୨୪ ବର୍ଷର ପୂର୍ବ ସରକାର ସମୟରେ ଓଡ଼ିଶାର ପ୍ରଗତି କେତେ ହେଲା ତାହା ବିତର୍କର ବିଷୟ। ମାତ୍ର ପୂର୍ବ ସରକାରଙ୍କ ସୁଦୀର୍ଘ କାର୍ଯ୍ୟକାଳ ସମୟରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ (?) ଯୋଜନାର କୌଣସି ଅଭାବ ନ ଥିଲା। ଏବେର ସରକାର 'ଜନ ହିତୈଷୀ ଯୋଜନା'ରେ ଆଉ ଦୁଇ ପାଦ ଆଗକୁ ଯିବେ ସିନା, ପଛକୁ କିଆଁ ଆସିବେ! ଏହା ଖାଲି ଆମ ଓ ଦଶା ନୁହେଁ, ଅଧିକାଂଶ ରାଜ୍ୟରେ ଏମିତି ଅନେକ ଯୋଜନା ଚାଲିଛି। ଏହି ବ୍ୟବସ୍ଥାକୁ ଆମେ କହୁ 'ରାଜ୍ୟ ପିତୃତ୍ୱବାଦ ବ୍ୟବସ୍ଥା'। ରାଜ୍ୟ ବୋଇଲେ ଉଭୟ କେନ୍ଦ୍ର ଓ ପ୍ରଦେଶ ସରକାରଙ୍କୁ ବୁଝିବା। 'ରାଜ୍ୟ ପିତୃତ୍ୱବାଦ' ର ଅର୍ଥ ଏହି ଯେ ଗରିବ–ଗ୍ରାମୀଣ ଜନତାଙ୍କ ମୌଳିକ ଆବଶ୍ୟକତାକୁ ପୂରା କରିବା ପାଇଁ ସରକାରଙ୍କ 'ଅଭିଭାବକ' ଭୂମିକା ନିର୍ବାହ କରିବାର ପ୍ରବଣତା। ଏହାକୁ 'ଉପରରୁ ତଳକୁ' ବିକାଶ ମଡେଲର ଅଂଶବିଶେଷ ବୋଲି ଧରି ନିଆଯାଇପାରେ। ଆମେ ଏହାକୁ 'ଶୀର୍ଷ ଆରୋପିତ' ମଡେଲ ବୋଲି ମଧ୍ୟ କହିପାରିବା।

ଆସନ୍ତୁ, ଏହାର ପ୍ରଭାବ ବିଷୟରେ ସାମାନ୍ୟ ସମୀକ୍ଷା କରିବା। ବିକାଶ ପାଇଁ ସର୍ବାଦୌ ଆବଶ୍ୟକ ଚିଜଟି ହେଉଛି 'ଆକାଂକ୍ଷା'। ଆକାଂକ୍ଷା ଥିଲେ ଲୋକେ ଉଦ୍‌ଯୋଗ କରନ୍ତି। ଲୋକଙ୍କ ପରିଶ୍ରମଶୀଳତାରୁ ଉତ୍ପାଦନରେ ଅଭିବୃଦ୍ଧି ହୁଏ। ନବୋନ୍ମେଷର ଅବସର ରହେ। ଉଚ୍ଚ ଆକାଂକ୍ଷା ଥିବା ବ୍ୟକ୍ତିମାନେ ଦକ୍ଷତା, ଶ୍ରମ ବଜାର ଏବଂ ସାମାଜିକ ମଞ୍ଚ ସମେତ ବିଭିନ୍ନ କ୍ଷେତ୍ରରେ ଉନ୍ନତ ଫଳାଫଳ ପାଇବାରେ ପ୍ରବୃତ୍ତ ରୁହନ୍ତି। ତେବେ ଏହି ଆକାଂକ୍ଷା ବ୍ୟକ୍ତିର ସାମାଜିକ ପରିବେଶ ଦ୍ୱାରା ନିର୍ଣ୍ଣିତ ହୁଏ। ସାମାଜିକ ପରିବେଶ ଶିକ୍ଷା, ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା ଇତ୍ୟାଦି ମୌଳିକ ସୁବିଧା ଉପରେ ନିର୍ଭର କରେ। ତେଣୁ ସମାଜବାଦ, ସାମ୍ୟବାଦ, ପୁଞ୍ଜିବାଦ ପରି ବିବିଧ ପରସ୍ପର ବିରୋଧୀ ଆର୍ଥିକ ସିଦ୍ଧାନ୍ତରେ ମଧ୍ୟ ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ ସୂଚୀରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଇନ ବ୍ୟବସ୍ଥାର ସୁପରିଚାଳନାକୁ ସାମିଲ କରିବା ନେଇ କୌଣସି ଅସମ୍ମତି ନ ଥାଏ।

ଓଡ଼ିଶା ପରିପ୍ରେକ୍ଷୀରେ ଏହା ଏକ ବିଡ଼ମ୍ବନା ଯେ, ଲୋକ କଲ୍ୟାଣ ନାଁରେ ଆମେ ନୂଆ ନୂଆ ଯୋଜନା ପାଇ ଚାଲୁଛୁ। ମାତ୍ର ମାନବ ସମ୍ବଳର ବିକାଶ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ଦୁଇ ଗୁରୁତ୍ୱପୂର୍ଣ୍ଣ ସେବାକ୍ଷେତ୍ରରେ ବଡ଼ ସାଲିସ କରି ଚାଲିଛୁ। ଉଦାହରଣ ସ୍ୱରୂପ,



ଆମେ ଅଗ୍ରଣୀ ସ୍ୱୟଂସେବା ସଂସ୍ଥା 'ପ୍ରଥମ' ତରଫରୁ ୨୦୨୨ ବର୍ଷ ପାଇଁ ପ୍ରକାଶିତ ତଥ୍ୟକୁ ବିଚାରକୁ ନେଇପାରିବା। ବିସ୍ତୃତ ତଥ୍ୟ ଭିତରୁ ଏହା ମଧ୍ୟ ଜଣାଗଲା ଯେ, ଅଷ୍ଟମ ପାସ୍‌ରୁ ଶତକ ୨୩. ୪ ଛାତ୍ରୀ ଓ ୨୯. ୭ ଛାତ୍ର ଦ୍ୱିତୀୟ ଶ୍ରେଣୀର ପୁସ୍ତକ ପଢ଼ିବା ପାଇଁ ଅକ୍ଷମ। ସେହିପରି ୟୁନେସ୍କୋ(୨୦୨୧)ର ତଥ୍ୟ ଦର୍ଶାଏ ଯେ, ଓଡ଼ିଶାରେ ୩୧୯୭ଟି ବିଦ୍ୟାଳୟ ଜଣେ ମାତ୍ର ଶିକ୍ଷକ ଦ୍ୱାରା ପରିଚାଳିତ, ଯେଉଁଥିରୁ ୮୮ ଭାଗ ବିଦ୍ୟାଳୟ ଗ୍ରାମାଞ୍ଚଳରେ ଅବସ୍ଥିତ। ଅନେକ ବିଦ୍ୟାଳୟ ଥିବ ଯେଉଁଠି ୫ଟି ଶ୍ରେଣୀ ପାଇଁ ମାତ୍ର ଜଣେ ଶିକ୍ଷକ ଥିବେ। ରାଜ୍ୟରେ ଉଚ୍ଚ ଶିକ୍ଷାର ସ୍ଥିତି ମଧ୍ୟ ସହଜେ ଅନୁମେୟ। ସ୍ୱାସ୍ଥ୍ୟ କଥା ତ ସମସ୍ତଙ୍କ ଅଙ୍ଗେନିଭା! ଆଇନ ବ୍ୟବସ୍ଥା ବିଷୟରେ ମଧ୍ୟ ଆମେ ଏଠାରେ ଆଲୋଚନା କରୁନାହୁଁ। ଆମର ପ୍ରଧାନ ପ୍ରଶ୍ନଟି ହେଲା, ଶିକ୍ଷାର ଗୁଣବତ୍ତା ବିନା 'ଆକାଂକ୍ଷା' ଜାତ ହେବ କିପରି ?

ଆର୍ଥିକ ଢାଞ୍ଚାର କ୍ରମାଗତ ପରିବର୍ତ୍ତନ ଯୋଗୁ ଗାଁରେ ରହୁଥିବା ଏକ ବଡ଼ ବର୍ଗ ପାଇଁ ପାରମ୍ପରିକ କର୍ମ ସଂସ୍ଥାନ ଆଉ ପୂର୍ବପରି ଉପଲବ୍ଧ ନୁହେଁ। ପଳାୟନ ଏକ ସ୍ୱାଭାବିକ ପ୍ରକ୍ରିୟାରେ ପରିଣତ ହୋଇଛି। ତେବେ ବୟସ୍କ ବ୍ୟକ୍ତି, ଶିଶୁ, ତରୁଣ, ମା'ମାନେ ଯିବେ କୁଆଡ଼େ। ନିଜର ପିଲାମାନେ ଯଦି କିଛି ବାହାରୁ ଟଙ୍କା ପଠାଉଥିବେ ସେତିକି ସମ୍ବଳ ସହ ସୀମିତ ସମ୍ପତ୍ତିରୁ ନାମମାତ୍ର ଆୟରେ ପ୍ରତିପୋଷଣର ଜ୍ୱାଳା ଭିତରେ ଯେ କୌଣସି ଉପାୟରେ 'ପ୍ରତ୍ୟକ୍ଷ ସରକାରୀ ସହଯୋଗ' ସେମାନଙ୍କ ପାଇଁ ନିଶ୍ଚୟ ଏକ ବଡ଼ ଆଶ୍ୱାସନା। ତେଣୁ ତାହା ପିଲାମାନଙ୍କ ପାଇଁ 'ମଧ୍ୟାହ୍ନ ଭୋଜନ' ହେଉ ବା ମାଆମାନଙ୍କ ପାଇଁ 'ସୁଭଦ୍ରା', ଚାଷୀମାନଙ୍କ ପାଇଁ 'କାଳିଆ' (ଏବେ ନୂଆ ନାଁ– ସି.ଏମ୍.କିଷାନ ସମ୍ମାନ), ବୟସ୍କମାନଙ୍କ 'ମଧୁବାବୁ ପେନ୍‌ସନ' ବା ପୂରା ପରିବାର ପାଇଁ 'ପି. ଏମ୍. ଗରିବ କଲ୍ୟାଣ ଅନ୍ନ' ଯୋଜନା – ଏ ସବୁ ଯୋଜନା ଅସହାୟତାରୁ ବ୍ୟକ୍ତିକୁ ଆଶ୍ୱସ୍ତି ପ୍ରଦାନକାରୀ ନିଶ୍ଚୟ। ଆମେ ଏହାର ବିରୋଧୀ ନୋହୁଁ। ମାତ୍ର ଏ ସବୁ ଯୋଜନା ପ୍ରଣୟନ ପୂର୍ବରୁ ଚିହ୍ନଟ ଓ ହସ୍ତାନ୍ତରଣ ପ୍ରକ୍ରିୟା ସ୍ୱଚ୍ଛ ଓ ପାରଦର୍ଶୀ ହେବା ଜରୁରୀ। ଯଥା ଏକ ସରକାରୀ ଆକଳନ କହେ ଯେ ଗ୍ରାମୀଣ ଓଡ଼ିଶାର ଦରିଦ୍ରତା ଶତକ ୨୦ ରୁ କମ୍ (ନୀତି ଆୟୋଗ, ୨୦୨୪)। ତାହାଲେ ଓଡ଼ିଶାର ୮୨ ଭାଗ ଲୋକ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା' ରେ ହିତାଧିକାରୀ ହେଲେ କେମିତି ? ସେହିପରି ପାଠକେ ଜାଣି ବିସ୍ମିତ ହେବେ ଯେ, ୨୦୨୦ କୋଭିଡ ସମୟରେ ମାତ୍ର ତିନି ମାସ ପାଇଁ ଆରମ୍ଭ ହୋଇଥିବା ଏହି ଗରିବ କଲ୍ୟାଣ ଅନ୍ନ ଯୋଜନା ଏବେ ୨୦୨୮ ପର୍ଯ୍ୟନ୍ତ ପ୍ରସାରିତ ହୋଇ ସାରିଲାଣି। ୨୦୨୪–୨୫ ବଜେଟରେ ଏଥିପାଇଁ ଖର୍ଚ୍ଚ ଅଟକଳ ହୋଇଛି ୨,୦୫,୨୫୦କୋଟି ଟଙ୍କା। ଅବଶ୍ୟ ଏଥିରେ ଏବର୍ଷଠାରୁ ସମସ୍ତ ପ୍ରକାର ଖାଦ୍ୟ ସବ୍‌ସିଡି ସମ୍ମିଳିତ ହୋଇଛି। ତେବେ ଶିକ୍ଷା, ରୋଜଗାର ଓ ଦକ୍ଷତା ବିକାଶ ପାଇଁ ବଜେଟରେ ବ୍ୟୟବରାଦ ହୋଇଛି ୧,୪୮,୦୦୦ କୋଟି ଟଙ୍କା। ମୋଟ ବ୍ୟୟର ପ୍ରତିଶତ ହିସାବରେ ଦେଖିଲେ ମାନବ ସମ୍ବଳ ବିକାଶ ପାଇଁ ଉଦ୍ଦିଷ୍ଟ ଏହି ଶିକ୍ଷା–ରୋଜଗାର–ଦକ୍ଷତା ବିକାଶ ବ୍ୟୟ ୨୦୧୬–୧୭ରେ ଏଥିନିମନ୍ତେ କରାଯାଇଥିବା ବ୍ୟୟଠାରୁ ମଧ୍ୟ କମ୍। ସେହିପରି ମୋଟ ଖର୍ଚ୍ଚର ଶତକଡ଼ା ଦେଖିଲେ ଏ ବର୍ଷ ରାଜ୍ୟ ସରକାରଙ୍କ ଶିକ୍ଷା ଉପରେ ବ୍ୟୟବରାଦ (୧୩. ୪%) ଗତବର୍ଷର ଖର୍ଚ୍ଚ (୧୪. ୬%) ଠାରୁ କମ୍ ଅଛି। ତେଣୁ ଜନପ୍ରିୟତା ହାସଲକାରୀ ଯୋଜନା ଆଗରେ ଶିକ୍ଷା କ୍ଷେତ୍ରଟି ମ୍ଳାନ ପଡ଼ିଯାଉଛି। ପ୍ରଶ୍ନ ହେଉଛି ଯେ ଏପରି କାହିଁକି ହେଉଛି ?

ପୁଣି ଆଲୋଚନା ସେହି 'ଶୀର୍ଷ ଆରୋପିତ' ବ୍ୟବସ୍ଥାକୁ ଫେରିଲା, ଯାହାକୁ ଆମେ 'ପିତୃତ୍ୱବାଦ ବ୍ୟବସ୍ଥା' ବୋଲି କହୁଛୁ। କାରଣ ଯେପରି ଛୋଟ ପିଲାଟିଏ ଜାଣି ନ ଥାଏ କେଉଁଟା ଠିକ୍, କେଉଁଟା ଭୁଲ୍। ବାପା ତା' ପାଇଁ ନିଷ୍ପତ୍ତି ନିଅନ୍ତି। ସେହିଭଳି ଆମେ ଜାଣିନୁ ଯେ ଆମ ପିଲା ପାଇଁ ସ୍କୁଲରେ ଶିକ୍ଷକ ଜରୁରୀ ନା ମଧ୍ୟାହ୍ନଭୋଜନ ! ସରକାର ଆମର ମାଆବାପା, ଯାହା ବ୍ୟବସ୍ଥା କରିବେ, ଉଚିତ ବ୍ୟବସ୍ଥା କରିବେ ! ଏହାକୁ ଆମେ ଜଡ଼ତା ନା ଉଦାସୀନତା ନା ଆତ୍ମଲୁପ୍ତି କ'ଣ କହିବା ? ମାତ୍ର ଏକ ବିଶିଷ୍ଟ ସମୂହ ଏପରି ଦ୍ୱିବିଧ ମଧ୍ୟରେ ରହିଲେ ଏହି 'ପିତୃତ୍ୱବାଦ' ବ୍ୟବସ୍ଥା କାୟା ବିସ୍ତାର କରି ଚାଲିଥିବ।

କିନ୍ତୁ ପିତୃତ୍ୱବାଦରୁ 'ଆକାଂକ୍ଷା'ର ଅକାଳମୃତ୍ୟୁ ନ ହେଉ। ଦୀର୍ଘକାଳରେ ଗ୍ରାମୀଣ ଜୀବିକାରେ 'ଜଡ଼ତା' ସୃଷ୍ଟି ନ ହେଉ। ଜନତାଙ୍କ କର୍ମପ୍ରବଣତା ବାଧିତ ନ ହେଉ। ସରକାର ପ୍ରଗତିର ସୁଗମକର୍ତ୍ତା ହୁଅନ୍ତୁ, ମାତ୍ର ରାଜ୍ୟ ଅଭିଭାବକତ୍ୱରୁ ଲୋକଙ୍କୁ ମୁକ୍ତିମିଳୁ।

ପ୍ରଫେସର, ଅର୍ଥଶାସ୍ତ୍ର ବିଭାଗ, ପୂର୍ବୋତ୍ତର ପର୍ବତୀୟ ବିଶ୍ୱବିଦ୍ୟାଳୟ, ଶିଲଂ, ମେଘାଳୟ
ମୋ: ୭୨୦୫୦୪୬୫୩୧

# ମୁଁ କାହିଁକି ବାହାହେବି



ରାକେଶ ପଣ୍ଡା

ଭାରତୀୟ ପରମ୍ପରାରେ ବିବାହ ହେଉଛି ଏକ ପବିତ୍ର ବନ୍ଧନ। ସାମାଜିକ ଚଳଣି ଓ ଜୀବନ ନିର୍ବାହ ନିମନ୍ତେ ବିବାହ ଜରୁରୀ। ଜଣେ ମଣିଷର ଜୀବନ ହେଉଛି କିଛି କାର୍ଯ୍ୟ ଓ ଆବଶ୍ୟକତାର ସମଷ୍ଟି। ଯେଉଁ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପାଦନରେ ଅନ୍ୟ ଜଣେ ବ୍ୟକ୍ତିର ସହଭାଗିତା ନିହାତି ଆବଶ୍ୟକ, ଯେଉଁଥିପାଇଁ ଜଣେ ପୁରୁଷ ଅବା ନାରୀ ଗୋଟିଏ ଜୀବନସାଥୀ ଆବଶ୍ୟକ କରିଥାଏ। ବ୍ୟବହାରିକ ଭାବରେ ଏକାକୀ ଜୀବନ ନିଃସ୍ୱ, ସ୍ଥାଣୁ ଓ ଅର୍ଥହୀନ। ତେଣୁ ଉଭୟ ମାନସିକ ଏବଂ ଶାରୀରିକ ଆବଶ୍ୟକତାକୁ ପୂରଣ କରିବାକୁ ଦୁଇ ବିପରୀତ ଲିଙ୍ଗର ବ୍ୟକ୍ତି ବିବାହ ପ୍ରକ୍ରିୟା ମାଧ୍ୟମରେ ଏକାଠି ହେବା ଜରୁରୀ। ଏତଦ୍‌ବ୍ୟତୀତ ସାଧାରଣ ସାମାଜିକ ରୀତି ଓ ନୀତି ହିସାବରେ ବିବାହ ମାଧ୍ୟମରେ ନିଜର କୁଳରକ୍ଷା ତଥା ସଂସାର ଆଗକୁ ବଢ଼ିବା ସହ ଗୋଟିଏ ନୂଆ ପରିବାର ମଧ୍ୟ ଜନ୍ମ ନେଇଥାଏ।

କିନ୍ତୁ ଆଜିର ସମୟରେ ଏହା ଦୃଶ୍ୟମାନ ହୁଏ ଯେ, ପ୍ରାୟ ଅଧିକାଂଶ ବୈବାହିକ ଜୀବନ ବିଶୃଙ୍ଖଳା ମଧ୍ୟରେ ନିଜର ଅସ୍ତିତ୍ୱ ବଞ୍ଚାଇ ରଖିବାକୁ ଚେଷ୍ଟା କରୁଛି। ସେଥିମଧ୍ୟରୁ କିଛି ଭଗ୍ନ ଅବସ୍ଥାରେ ଜର୍ଜରିତ ସମୟ ଅତିବାହିତ କରୁଥିବା ବେଳେ ଆଉ କିଛି ଅର୍ଦ୍ଧ ଭଗ୍ନ ଅବସ୍ଥାରେ କୋର୍ଟ ଓ କଚେରିରେ ମକଦ୍ଦମାର ବୋଝକୁ ମୁଣ୍ଡେଇ ଚାଲିଛି। ଛୋଟ ଛୋଟ ବିଷୟବସ୍ତୁ, ଘଟଣା ଏହାକୁ ଭାଙ୍ଗିବା ନିମନ୍ତେ ବଡ଼ କାରକ ସାଜିଛନ୍ତି। ଏମିତିକି ଗୋଟିଏ ଛାତ ତଳେ ଦମ୍ପତିମାନେ ବାସ କରି ମଧ୍ୟ ମାନସିକ ସ୍ତରରେ ଏକାକୀ ଜୀବନଯାପନ କରୁଛନ୍ତି, ଯାହାକି ବଡ଼ କଷ୍ଟ ଏବଂ ଯନ୍ତ୍ରଣାଦାୟକ। ଅନେକ ସମୟରେ ଉକ୍ତ ବିଶୃଙ୍ଖଳିତ ପରିସ୍ଥିତିକୁ ନେଇ ଦମ୍ପତିମାନଙ୍କ ମଧ୍ୟରେ ସନ୍ଦେହ, ଝଗଡ଼ା, ପାଟିତୁଣ୍ଡ, ବିବାହ ବିଚ୍ଛେଦ, ମାରପିଟ, ଏପରିକି ସ୍ୱାମୀ ସ୍ତ୍ରୀକୁ ହତ୍ୟା କରିବା, ସ୍ତ୍ରୀ ନିଜ ସ୍ୱାମୀକୁ ହତ୍ୟା କରିବା ଏବଂ ଉଭୟ ଆତ୍ମହତ୍ୟା କରି ଜୀବନ ହାରିବାର ଅନେକ ଘଟଣା ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି! ଯେଉଁଥିରେ ସମାଜରୁ ଦୁଇ ମୂଲ୍ୟବାନ୍ ମଣିଷ ଜୀବନର ଅକାଳ ବିୟୋଗ ଘଟିବା ସହ ତାହା ସେମାନଙ୍କର ସନ୍ତାନ ଓ ସେମାନେ ଯୋଡ଼ି ହୋଇଥିବା ସମସ୍ତ ପାରିବାରିକ ସଦସ୍ୟ ତଥା ସମ୍ପର୍କୀୟମାନଙ୍କ ଜୀବନକୁ ମଧ୍ୟ ଅନେକ ଦୁଃଖ ଓ ଯନ୍ତ୍ରଣା ମଧ୍ୟକୁ ଠେଲି ଦେଇଥାଏ।

ତେବେ ଜଣେ ବ୍ୟକ୍ତିଙ୍କ ଜୀବନ ଓ ପରିସ୍ଥିତିରେ ଉପୁଜୁଥିବା ଜଟିଳତା ମଧ୍ୟରେ ଗୋଟିଏ ବିବାହ ତଥା ବୈବାହିକ ସମ୍ପର୍କକୁ ସୁଚାରୁ ରୂପେ ଚାଲୁରଖିବା ସମସ୍ତଙ୍କ ପାଇଁ ସ୍ୱାଭାବିକ ଭାବରେ ଘଟି ନ'ପାରେ। ଯାହାର କାରଣ ହେଉଛି, ବର୍ତ୍ତମାନ ଦାମ୍ପତ୍ୟରେ ସୃଷ୍ଟି ହେଉଥିବା ଅବିଶ୍ୱସନୀୟତା, ସନ୍ଦେହ, ସମୟର ଅଭାବ ଯୋଗୁ ଯୋଗାଯୋଗ ପ୍ରକ୍ରିୟାରେ ହାନି, ଭୁଲ୍ ବୁଝାମଣା ଏବଂ ନିଜର ସ୍ୱାର୍ଥକୁ ଗୁରୁତ୍ୱ ତଥା ପ୍ରାଥମିକତା ପ୍ରଦାନ କରିବା। ଏହାଛଡ଼ା ସ୍ୱାମୀ ଓ ସ୍ତ୍ରୀ ତାଙ୍କର ମାତାପିତାଙ୍କଠାରୁ ଅଲଗା ହୋଇ ଏକୁଟିଆ ବାସ କରିବା ଦ୍ୱାରା ସେମାନଙ୍କୁ ଗୁରୁଜନଙ୍କର ଜୀବନ ପଥ ପ୍ରଦର୍ଶନ ଠିକ୍ ଢଙ୍ଗରେ ମିଳିପାରି ନ ଥାଏ, ଯାହାକି ଉକ୍ତ ପରିସ୍ଥିତିର ଅନ୍ୟତମ କାରଣ। କିଛି ଦିନ ତଳେ ଜଣେ ବନ୍ଧୁଙ୍କ ସହ ବାର୍ତ୍ତାଳାପ ସମୟରେ ମୁଁ ତାଙ୍କୁ ଥଟ୍ଟାରେ ପଚାରିଲି, 'ବନ୍ଧୁ କେବେ ବିବାହ ଭୋଜି ଦେଉଛ ?' ପ୍ରତ୍ୟୁତ୍ତରରେ ସେ ମୋତେ



କହିଲେ, 'ମୁଁ କାହିଁକି ବାହା ହେବି ?' ତୁମକୁ ଏମିତି ଥରେ ନୁହେଁ, ଦଶଥର ଭୋଜି ଖାଇବାକୁ ଦେବି, କିନ୍ତୁ ଦୟାକରି ମୋତେ ବିବାହ କରିବା କଥା କୁହ ନାହିଁ। ମୁଁ ନିଷ୍ପତ୍ତି ନେଇଛି, ବିବାହ କରିବି ନାହିଁ। ମୁଁ କହିଲି, ତୁମେ ସମାଜରେ ପ୍ରତିଷ୍ଠିତ। ତା'ସହ ଆର୍ଥିକ ଏବଂ ସାମାଜିକ ସ୍ତରରେ ମଧ୍ୟ ସବଳ ଓ ଦେଖିବାକୁ ସୁନ୍ଦର। ତଥାପି କେଉଁ କ୍ଷେତ୍ରରେ ଅଭାବ ରହିଗଲା ଯେ, ପୁଣି ବିବାହ କରିବାକୁ ମନା କରୁଛ ? ସେ ମୋତେ କହିଲେ, ଦୁଇ କିମ୍ବା ଚାରି ବର୍ଷ ଅବଧି ପାଇଁ ମୁଁ କାହିଁକି ବିବାହ କରିବି ? ନିଜର ସ୍ୱାଧୀନତା ଓ ବାସ୍ତବ ଖୁସିକୁ କାହିଁକି ଆତ୍ମଦାହ ଦେବି ? ବର୍ତ୍ତମାନର ପରିସ୍ଥିତି ହିସାବରେ ପ୍ରାୟ ଅଧିକାଂଶ ବିବାହ ଆଜି ବିଫଳ ଏବଂ ଦାମ୍ପତ୍ୟ ଜୀବନ ଅତ୍ୟନ୍ତ ବିଶୃଙ୍ଖଳ ଓ ଯନ୍ତ୍ରଣାପୂର୍ଣ୍ଣ। ମୁଁ ଏମିତି ଅବିବାହିତ ଅବସ୍ଥାରେ, ସ୍ୱାଧୀନ ହୋଇ ଖୁସିରେ ଜୀବନ ନିର୍ବାହ କରୁଛି। ପିତା, ମାତା ଓ ସମ୍ପର୍କୀୟମାନଙ୍କୁ ସମୟ ଦେଇପାରୁଛି। ମୋଟାମୋଟି କହିବାକୁ ଗଲେ ବାସ୍ତବରେ ମୁଁ ଖୁସିରେ ଅଛି।

ତେବେ ପ୍ରକୃତି ଏବଂ ସ୍ରଷ୍ଟା ହିଁ ଜଣେ ପୁରୁଷ ଓ ଜଣେ ନାରୀ ଭାବରେ ଗୋଟିଏ ଜୀବକୁ ଦୁଇ ଭାଗରେ ବିଭକ୍ତ କରି ସୃଷ୍ଟିର ସଂରଚନା କରିଛନ୍ତି। ଉଭୟ ଉଭୟଙ୍କ ପାଇଁ ପ୍ରତ୍ୟେକ କ୍ଷେତ୍ର ଏବଂ ଦରକାରିତା ନିମନ୍ତେ ପରିପୂରକ ଓ ନିର୍ଭରଶୀଳ। ଜଣେ ଅନ୍ୟ ଜଣଙ୍କ ବିନା ଅସମ୍ପୂର୍ଣ୍ଣ। ଜୀବନସାଥୀ ବିନା ନିଃସଙ୍ଗ ଜୀବନର ବାସ୍ତବିକତା ବ୍ୟବହାରିକ ଭାବରେ କଷ୍ଟଦାୟକ। ସେଥିପାଇଁ ଜୀବନର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବାରେ ଏବଂ ଏଥିରେ ଏକ ସନ୍ତୁଳନ ଓ ସମନ୍ୱୟ ରଖିବା ଉଦ୍ଦେଶ୍ୟରେ ଜଣେ ଜୀବନସାଥୀକୁ ଏକ ଅଭିନ୍ନ ଓ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବରେ ବିବେଚନା ଓ ଅଭିହିତ କରାଯାଇଥାଏ। ଏହାଛଡ଼ା ପ୍ରତ୍ୟହ, ପ୍ରତିଟି ସମୟରେ ପିତା, ମାତା, ଭାଇ, ଭଉଣୀ କିମ୍ବା ଅନ୍ୟ ସମ୍ପର୍କୀୟମାନେ ଶାରୀରିକ ଏବଂ ମାନସିକ ସ୍ତରରେ ନିକଟରେ ନ ଥାଇପାରନ୍ତି କିମ୍ବା ସେମାନଙ୍କ ଉପସ୍ଥିତି ସର୍ବଦା ଉପଲବ୍ଧ ହେବା ଅସମ୍ଭବ ଏବଂ ଆଶାହୀନ। କିନ୍ତୁ ଜଣେ ଜୀବନସାଥୀ ଜୀବନର ତେଲ, ଲୁଣ ଦୁନିଆର ପ୍ରତିଟି ଆବଶ୍ୟକତା ପୂରଣ ଏବଂ ଜୀବନ ନିର୍ବାହର ପ୍ରତିଟି ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବାରେ ଏକ ଅଭିନ୍ନ ଅଙ୍ଗ।

ଅପରପକ୍ଷରେ ଆଜିର ବାସ୍ତବତାକୁ ଆଧାର କରି ମୋର ବନ୍ଧୁ ବିବାହକୁ ନେଇ ଦେଇଥିବା ବ୍ୟକ୍ତିଗତ ମନ୍ତବ୍ୟ ଏବଂ ଉକ୍ତ ବନ୍ଧନରେ ବାନ୍ଧି ନ ହେବାର ନିଷ୍ପତ୍ତି ମଧ୍ୟ ବିଚାରର କାଠଗଡ଼ା ମଧ୍ୟରେ ଏକ ଓଜନିଆ ଯୁକ୍ତି ଓ ବିଧିମାନ୍ୟ ବିଚାରକୁ ଉପସ୍ଥାପିତ କରୁଛି। ଯଦି ସମାଜରେ ଦାମ୍ପତ୍ୟ ଜୀବନର ସ୍ଥିତି ଆଗକୁ ଏମିତି ନକାରାତ୍ମକ ରହେ ତଥା ଦାମ୍ପତ୍ୟ କଳହ, ବିଶୃଙ୍ଖଳା, ଜୀବନହାନି ଆଦି ଆଗାମୀ ଦିନରେ ଏହିପରି ବଢ଼ି ବଢ଼ି ଚାଲେ ଏବଂ ଆଜିର ଅଧିକାଂଶ ଯୁବବର୍ଗ ମୋର ବନ୍ଧୁଙ୍କ ପରି ମାନସିକତା ରଖନ୍ତି, ତେବେ ପ୍ରକୃତି ଓ ସ୍ରଷ୍ଟାଙ୍କର ସୃଷ୍ଟି, ସର୍ଜନା ଓ ସଂରଚନା ନିଶ୍ଚିତ ବାଧାପ୍ରାପ୍ତ ହେବ ଏବଂ ଆଗାମୀ ସମୟରେ ମାନବ ସମାଜର ଅସ୍ତିତ୍ୱ ତଥା ବିଦ୍ୟମାନତାରେ ଏକ ବଡ଼ ଅସନ୍ତୁଳନ ଦେଖାଦେବା ସହ ଧୀରେ ଧୀରେ ମାନବ ସଭ୍ୟତା ଲୋପ ହେବା ଆଡ଼କୁ ଗତିକରିବ ! ଏହାଛଡ଼ା ଲିଭ୍ ଇନ୍ ରିଲେଶନ, ଆତ୍ମ–ବିବାହ, ସମଲିଙ୍ଗୀ ବିବାହ ତଥା ଦୁଇଜଣ ବ୍ୟକ୍ତି ଉଭୟ ଉଭୟଙ୍କ ସହ ସ୍ୱଳ୍ପ ଅବଧିଯୁକ୍ତ ସମ୍ପର୍କକୁ ନେଇ ଅସ୍ଥାୟୀ ଭାବରେ ଯୋଡ଼ିହେବାର ଏହିପରି ଅନେକ ନୂତନ ପ୍ରଥା ଓ ନିରର୍ଥକ ପ୍ରକ୍ରିୟା ତଥା ପ୍ରୟାସ ମାନ ମୁଣ୍ଡ ଟେକିବା ସହ ବିବାହ ରୂପକ ପବିତ୍ର ବନ୍ଧନ ସମାଜରୁ ନିଜର ଅସ୍ତିତ୍ୱ ହରାଇ ବସିବ।

ବନ୍ଧାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

## ଏଇ ଭାରତରେ

ଅନ୍ୟମାନଙ୍କ ଘରେ କାମ କରୁଥିବା ଗରିବ ମହିଳା, ଶ୍ରମିକ ଶ୍ରେଣୀର ଲୋକ କିମ୍ବା ପରିବାର ଛାଡ଼ି ଅସହାୟ ଅବସ୍ଥାରେ ରହିଥିବା ଲୋକମାନଙ୍କ ପାଇଁ ସାହାରା ପାଲଟିଛନ୍ତି ଚେନ୍ନାଇର ୩୬ ବର୍ଷିଆ ଡି.ଉମା ରାନି। ସେ ଚେନ୍ନାଇ କିଲକାଟାଲ୍ଲାଇର ଉଜଭାର ସନ୍ଧାଇ ନିକଟରେ ରହୁଛନ୍ତି ଓ ପ୍ରତିଦିନ ୮୦୦ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। କୋଭିଡ୍ ମହାମାରୀ ପରେ ସେ ଏହା ଆରମ୍ଭ କରିଥିଲେ, ଯାହା ଏବେ ବି ଚାଲିଛି। ସେତେବେଳେ ସେ ତିରୁଭାନ୍ମା ମଲାଇରେ ଜଣେ ନର୍ସିଂ ଟ୍ୟୁଟର ଭାବେ କାମ କରୁଥିଲେ। ସେହି କାର୍ଯ୍ୟରୁ ସଞ୍ଚିତ କରିଥିବା ଅର୍ଥରେ ଉମା ମାଗଣା ଖାଦ୍ୟ ଯୋଗାଇବା ଆରମ୍ଭ କରିଥିଲେ। ଖାଇବାକୁ ଦେଉଥିବା ସ୍ଥାନର ନାମ ରଖିଛନ୍ତି ଥାଭାମୋଝି ଅନ୍ନଧନ କୋଡାମ (ଥାଭାମୋଝି ମାଗଣା ଖାଦ୍ୟ କେନ୍ଦ୍ର)। ଏଠାରେ ସେ ଅନ୍ନ, ସମ୍ବର, ପରିବା ତରକାରି, ମାଣ୍ଡିଆ ଜାଉ ଆଦି ମାଗଣାରେ ଦେଉଛନ୍ତି। ଏହି ଖାଦ୍ୟ ପ୍ରସ୍ତୁତି କରିବାରେ କେତେଜଣ ସ୍ୱେଚ୍ଛାସେବୀ ଉମାଙ୍କୁ ସହଯୋଗ କରୁଛନ୍ତି ଓ କେତେକ ବ୍ୟକ୍ତି ଆର୍ଥିକ ସହାୟତା ଦେଉଛନ୍ତି। ଏଭଳି କାର୍ଯ୍ୟ ପାଇଁ ଲୋକେ ଉମାଙ୍କୁ 'ଅନ୍ନପୂରାଣୀ' ଅର୍ଥାତ ଖାଦ୍ୟଦେବୀ ବୋଲି ସମ୍ବୋଧନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଡିସେମ୍ବର ୧୯୭୫

- ପ୍ରବଳ ତୋଫାନ ଯୋଗୁ ଆଣ୍ଡମାନ ସାଗରରେ ଏକ ବୋଟ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୭୦ ଜଣଙ୍କ ପ୍ରାଣହାନୀ।
- ଗୋଦାବରୀ ଜଳବଣ୍ଟନ ସଂକ୍ରାନ୍ତରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପର୍ଯ୍ୟଟନର ବିକାଶ ନିମନ୍ତେ ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ଗଠନ।

## ଚିରନ୍ତନୀ

ପାଞ୍ଚ ଇନ୍ଦ୍ରିୟେ ଷଡ଼ରିପୁ କଲେ ବିହାର
ମହାତୋଷେ
ସରସ ହୋଇଲା ଏ ଦେହର ଦଶ ଦୁଆର
ନବରସେ।
–(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦେଶର ସୀମାନ୍ତ ଆଜି ଅସ୍ଥିର

ମହାଶୟ,

ରାଜନୀତି କ୍ଷେତ୍ର ଏକ ରୁଚିହୀନ ସ୍ତରରେ ପହଞ୍ଚିଗଲାଣି। ଆଗାମୀ ଦିନରେ ଯେଉଁ ବିଷୟଟି ଏକ ଘମାଘୋଟ ବିତର୍କରେ ପରିଣତ ହେବାକୁ ଯାଉଛି ତାହା ହେଲା 'ୱାନ୍ ନେଶନ, ୱାନ୍ ଇଲେକ୍‌ସନ' ବା ଏକ ରାଷ୍ଟ୍ର, ଏକ ନିର୍ବାଚନ। ଏହାକୁ ଅନେକ ବିରୋଧୀ ଏକ ଅବାସ୍ତବ ପରିକଳ୍ପନା ରୂପେ ଅଭିହିତ କରନ୍ତି। ରାଜନୀତି ଏକ ବୃତ୍ତି ଏବଂ ଦୁର୍ନୀତି ସହ ତା'ର ସମ୍ପର୍କକୁ ନେଇ ମାକ୍ସ ୱେବର ଶହେବର୍ଷ ତଳେ କହିଥିଲେ। ଭାରତର ସ୍ୱାଧୀନତା ପରେ ରାଜନୀତି ଏକ ବୃତ୍ତିରେ ପରିଣତ ହୋଇସାରିଛି। ଏହି ବୃତ୍ତିରେ କ୍ଷମତା ଦଖଲ ହେଉଛି ମୂଳଲକ୍ଷ୍ୟ। ୟୁ ଗଭ୍ ଓ ମସ୍କ ଭଳି କେତେକ ଆନ୍ତର୍ଜାତିକ ମାନର ସର୍ବେକ୍ଷଣ ସଂସ୍ଥା ମତ ରଖନ୍ତି, ପ୍ରାୟ ୫୩ ପ୍ରତିଶତରୁ ଅଧିକ ଭାରତୀୟଙ୍କ ମତ ଦେଶ ଏବେ ଆବଶ୍ୟକ କରୁଛି କଠୋର ଶାସନ। ଦେଶର ସୀମାନ୍ତ ଆଜି ଅସ୍ଥିର। ପ୍ରାୟ ୪୦,୦୦୦ ବର୍ଗ କି.ମି. ଚାଇନା କବ୍‌ଜାରେ। ମଣିପୁର ଜଳିଚାଲିଛି। ପ୍ରଧାନମନ୍ତ୍ରୀ ବିଭିନ୍ନ ଦେଶ ଯାତ୍ରା କରିସାରିଥିଲେ ହେଁ ତାଙ୍କର ମଣିପୁର ଗସ୍ତର କୌଣସି ସୂଚନା ନାହିଁ।

–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବନ୍ଦେ ଭାରତ ଟ୍ରେନ୍‌ରୁ ଟିଟିଇଙ୍କ ମୃତଦେହ ଜବତ

ଟିଟିଲାଗଡ଼,୨୦।୧୨(ଶରତ ମିଶ୍ର)

ବନ୍ଦେ ଭାରତ ଏକ୍ସପ୍ରେସରୁ ଶୁକ୍ରବାର ଜଣେ କାର୍ଯ୍ୟରତ ଟିଟିଇଙ୍କ ମୃତଦେହ ଜବତ କରିଛି ଟିଟିଲାଗଡ଼ ଜିଆରପି। ଟିଟିଇ ଜଣକ ହେଲେ ଛତିଶଗଡ ଅଞ୍ଚଳର ରାଜେନ୍ଦ୍ର କୁମାର ନିର୍ମଳ କର (୪୭)। ପ୍ରତ୍ୟେକ ଦିନ ଭଳି ଶୁକ୍ରବାର ମଧ୍ୟ ସେ ରାଇପୁରରୁ ବନ୍ଦେଭାରତ ଟ୍ରେନ୍‌ରେ ଯାତ୍ରୀଙ୍କ ଟିକେଟ ଚେକ୍ କରିବା ପାଇଁ ଚଢ଼ିଥିଲେ। ହେଲେ ଖରିଆର ରୋଡରେ ସେ ଅସୁସ୍ଥ ଅନୁଭବ କରିବାରୁ ସେ ଟ୍ରେନରେ ପଡି ଯାଇଥିଲେ। ଟିଟିଲାଗଡ଼ ପହଞ୍ଚିବା ପୂର୍ବରୁ ଟ୍ରେନରେ ଟିଟିଇଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ତାଙ୍କ ସହ କର୍ମଚାରୀ ଟିଟିଲାଗଡ଼ ଜିଆରପି ପୋଲିସକୁ ଖବର ଦେଇଥିଲେ। ଟିଟିଲାଗଡ଼ରେ ବନ୍ଦେଭାରତ ଟ୍ରେନ୍ ପହଞ୍ଚିବା ପରେ ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ଓମ୍‌ଭେଲି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଟିଟିଲାଗଡ଼, ୨୦।୧୨
(ଶରତ ମିଶ୍ର/ସନ୍ତୋଷ ପଟ୍ଟନାୟକ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଚାରଭଟା ଓମଭେଲି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗୀମାନଙ୍କ ମନରେ ପ୍ରବଳ ଉତ୍କଣ୍ଠା ସୃଷ୍ଟି କରି ଆରମ୍ଭ ହୋଇଛି ବାର୍ଷିକ କ୍ରୀଡ଼ ଉତ୍ସବ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଟିଟିଲାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରାକର, ପୂର୍ବତନ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ମେଜର ବୃନ୍ଦାବନ ଷଡଙ୍ଗୀ, ଓମଭେଲି ବିଦ୍ୟାଳୟ ସଂସ୍ଥାପକ ତଥା ସଭାପତି ଲାୟନ ଦୀପକ କୁମାର ସାହୁ, ପରିଚାଳନା ସମିତି ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ ମହାନ୍ତି, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ମହେଶ୍ୱର ପ୍ରସାଦ ମିଶ୍ର ଏବଂ ମୁଖ୍ୟ ଉପଦେଷ୍ଟା ଡଃ ରବିନ ଚନ୍ଦ୍ର ପରମାଣିକ। ଦୀପ ପ୍ରଜ୍ୱଳନ ଏବଂ ଧ୍ୱଜା ଆରୋହଣ ପୂର୍ବକ ଅତିଥିବୃନ୍ଦ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀମାନଙ୍କ ଦ୍ୱାରା ମଶାଲ ପ୍ରବେଶ, ପରେଡ ପ୍ରଦର୍ଶନ ପରେ ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଶିକ୍ଷାର୍ଥୀଙ୍କ ପାଇଁ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। କ୍ରୀଡ଼ାର ନିୟମ ଏବଂ ଖେଳୁଆଳ ମନୋଭାବ ସମ୍ପର୍କରେ ଅତିଥିମାନେ କହିଥିଲେ। ବିଦ୍ୟାଳୟ ପତାକା ଉତ୍ତୋଳନ ପୂର୍ବକ ମୁଖ୍ୟଅତିଥି ଦ୍ୱିଦିବସୀୟ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗୀମାନଙ୍କ ଦ୍ୱାରା ଶପଥଗ୍ରହଣ ପରେ କ୍ରୀଡ଼ା ସମାରୋହର ଶୁଭାରମ୍ଭ ହୋଇଥିଲା। ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ଛାତ୍ରୀଛାତ୍ରଙ୍କ ମିଳିତ ସହଯୋଗରେ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଯାଇଛି।

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ସଇଁତଲା,୨୦।୧୨(ରାଖାଲ ପ୍ରସାଦ ଶତପଥି)


ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବାହାରେ ବସି ଅଧ୍ୟୟନ କରୁଛନ୍ତି।

**ଶିକ୍ଷକଙ୍କ ବଦଳି ବାତିଲ ଦାବି**

**ବଦଳି ନିଷ୍ପତ୍ତି ସ୍ଥଗିତ, ଖୋଲିଲା ତାଲା**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ କରମତଲା ପଞ୍ଚାୟତ ଟୁଷ୍ଟାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଅଭିଭାବକ ଓ ଗ୍ରାମବାସୀ ଶୁକ୍ରବାର ତାଲା ପକାଇ ଦେଇଛନ୍ତି। ସୂଚନା ଅନୁସାରେ ଟୁଷ୍ଟାପାଲି ଗ୍ରାମରେ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୫ଜଣ ଶିକ୍ଷକ ରହିଥିବାବେଳେ ୨ଟି କୋଠରି ରହିଛି। ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ ନନ୍ଦି ବାଗ ରେଙ୍ଗାଲବାହାଲ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଶୁକ୍ରବାର ବାଗଙ୍କୁ ରିଲିଫ କରାଯାଉଥିବା ଜାଣି ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଓ ଅଭିଭାବକମାନେ ବିଦ୍ୟାଳୟ କୋଠରିରେ ତାଲା ପକାଇଦେଇଥିଲେ। ତାଲା ପକାଇବା ଯୋଗୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାହାରେ ବସି ଅଧ୍ୟୟନ କରୁଥିଲେ। ଗ୍ରାମବାସୀ ଓ ଅଭିଭାବକ କହିଛନ୍ତି ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ମାତ୍ର ୨ଟି କୋଠରି ଥିବାବେଳେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାରଣ୍ଡାରେ ପାଠ ପଢୁଛନ୍ତି। କୋଠରି ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ କେତେବେଳେ ତାହା ଭାଙ୍ଗି ଯିବ କହିହେବ ନାହିଁ । ବିଦ୍ୟାଳୟରେ ବାଡ଼ ନ ଥିବାରୁ ବିଭିନ୍ନ ସମୟରେ ବୁଲା ଗାଇ, ଗୋରୁ, କୁକୁର ପଶି ବାରଣ୍ଡାରେ ରହି ଅପରିଷ୍କାର କରୁଛନ୍ତି। ସେହିପରି ମାତ୍ର ୫ଜଣ ଶିକ୍ଷକଙ୍କ ୮ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି। ପ୍ରଧାନ ଶିକ୍ଷକ ଆଉ କିଛିମାସ ପରେ ଅବସର ଗ୍ରହଣ କରିବାକୁ ଥିବାବେଳେ ବିଦ୍ୟାଳୟରେ ୪ଜଣ ଶିକ୍ଷକ କିଭଳି ୮ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପ୍ରଦାନ କରିବେ ବୋଲି ଅଭିଭାବକମାନେ କହିଛନ୍ତି। ବର୍ତ୍ତମାନ ବିଦ୍ୟାଳୟରୁ ଶିକ୍ଷକ ବାଗଙ୍କୁ ବଦଳି କରାଯାଇଥିବାବେଳେ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ପ୍ରଦାନ କରାଯାଇନାହିଁ। ତୁରନ୍ତ ନୂତନ ଶିକ୍ଷକ ନିଯୁକ୍ତି ପ୍ରଦାନ କରିବା କିମ୍ବା ବାଗଙ୍କ ବଦଳି ଆଦେଶକୁ ପ୍ରତ୍ୟାହାର କରିବାକୁ ଗ୍ରାମବାସୀ ଏବଂ ଅଭିଭାବକମାନେ ଦାବି କରି ବିଦ୍ୟାଳୟରେ ତାଲା ପକାଇଦେଇଥିଲେ। ଖବର ପାଇ ବିଦ୍ୟାଳୟକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ସାହୁ, ସିଆର୍‌ସିସି ପ୍ରମୋଦ ବୁଡ଼େକ, ମନଧର ଦୀପ ପହଞ୍ଚି ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଶିକ୍ଷକ ବାଗଙ୍କ ବଦଳି ଆଦେଶ ସ୍ଥଗିତ ରହିଲା ଏବଂ ନୂତନ ଶିକ୍ଷକ ନିଯୁକ୍ତି ପ୍ରଦାନ କରିବା ପରେ ହିଁ ବଦଳି କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯିବା ପରେ ଗ୍ରାମବାସୀ ଏବଂ ଅଭିଭାବକମାନେ ବିଦ୍ୟାଳୟର ତାଲା ଖୋଲିଥିଲେ।

## ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଦସ୍ତଖତ ଅଭିଯାନ

ପାଟଣାଗଡ,୨୦।୧୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଇଁଷା ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ଆହ୍ୱାନକ୍ରମେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅଭିଯାନ ଆସନ୍ତା ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଜିଲା ସଂଯୋଜକ ସନ୍ତୋଷ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ୧।୬।୨୦୦୮ରୁ ୧।୬।୨୦୧୮ ମଧ୍ୟରେ ବିଭିନ୍ନ ଅନୁଦାନ ଓ ଅଣ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ତଥା ବିଦ୍ୟାଳୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ନିମନ୍ତେ ନୂତନ ଅନୁଦାନ ନୀତି ପ୍ରଣୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସକାଶେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏ ସମ୍ପର୍କରେ ବାରମ୍ବାର ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଦସ୍ତଖତ ଅଭିଯାନ ମାଧ୍ୟମରେ ସଂଘ ପୁଣିଥରେ ଆନ୍ଦୋଳନର ଡାକରା ଦେଇପାରେ ବୋଲି ସୂଚନା ମିଳିଛି।

## ଏଡ୍‌ସ, ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଉଦ୍‌ଯାପିତ



ସଚେତନତା ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରୀଛାତ୍ର।

କଣ୍ଟାବାଞ୍ଜି,୨୦।୧୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦରସ୍ଥିତ ରାଜୀବ ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ଏଡ୍‌ସ ସଚେତନତା ଓ ସଡ଼କ ସୁରକ୍ଷା ଅଭିଯାନ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ତୁରେକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁବ ରେଡ୍‌କ୍ରସ ଶାଖାର ମିଳିତ ଉଦ୍ୟମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ଦିନରେ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ଏଡ୍‌ସ ସଚେତନତା ଓ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ। ଶୁକ୍ରବାର ଉଦଯାପିତ ଦିବସରେ ଯୁବ ରେଡ୍‌କ୍ରସ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନି କୁମାର ମେହେର ସଭାପତିତ୍ୱ କରିଥିବା ବେଳେ ତୁରେକେଲା ଥାନା ଭାରାପ୍ରାପ୍ତ ଅଧିକାରୀ ରମାକାନ୍ତ ସାହୁ ମୁଖ୍ୟ ଅତିଥି, ବରିଷ୍ଠ ଅଧ୍ୟାପକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଦିଲୀପ କୁମାର ପ୍ରଧାନ, ଅଧ୍ୟାପିକା ଶ୍ରାବଣୀ ବାରିକ, ପୂର୍ଣ୍ଣିମା ମେହେର ଉଦ୍‌ବୋଧନ ଦେଇଥିବା ବେଳେ ଯୁବ ରେଡ୍‌କ୍ରସ କାଉନସିଲ ପ୍ରଶାନ୍ତ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସ୍ଥଗିତ


ଦିବ୍ୟାଙ୍ଗମାନେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଘେରିଛନ୍ତି।

ଲୋଇସିଂହା,୨୦।୧୨(ସୁଶାନ୍ତ ବାରିକ)

**ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଘେରିଲେ ନିରାଶ ଶିବିରାର୍ଥୀ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ହେବାର ଥିଲା। ହେଲେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ହଠାତ୍ ସ୍ଥଗିତ ରଖାଯାଇଛି। କାର୍ଯ୍ୟକ୍ରମ ସ୍ଥଗିତ ସମ୍ପର୍କରେ ଜାଣି ନ ପାରି ଲୋଇସିଂହା ଓ ଆଗଲପୁର ବ୍ଲକରୁ ଶତାଧିକ ଦିବ୍ୟାଙ୍ଗ ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶ ହୋଇଥିଲେ। କାର୍ଯ୍ୟକ୍ରମ ସ୍ଥଗିତ ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇଥାନ୍ତା। ତେବେ କାହିଁକି ଶହ ଶହ ଟଙ୍କା ସାରି ଦୂରଦୂରାନ୍ତରୁ ଆସିଥାନ୍ତୁ ବୋଲି ଦିବ୍ୟାଙ୍ଗମାନେ ଅସନ୍ତୋଷ ବ୍ୟକ୍ତ କରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନଙ୍କୁ ଘେରିଥିଲେ। ଅପରପକ୍ଷେ ଜିଲା ପ୍ରଶାସନ ଏପରି ଆଭିମୁଖ୍ୟ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ବ୍ଲକରେ ପର୍ଯ୍ୟାୟକ୍ରମେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଲୋଇସିଂହା ବ୍ଲକ ଶିବିର ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ସପ୍ତାହେ ପୂର୍ବରୁ ଡାକବାଜି ଯନ୍ତ୍ରରେ ଗାଁ ଗାଁରେ ପ୍ରଚାର କରିଥିଲେ। ଏଥିସହ ଶିବିର ପାଇଁ ବ୍ଲକ ପରିସରରେ ଟେଣ୍ଟ ଗଡା ସରିଯାଇଥିଲା। ଏପରିକି ବୁଧବାର ଜିଲା ସମାଜିକ ସୁରକ୍ଷା ଅଧିକାରୀ ମଦନଜିଦ ହୋତା କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟକ୍ରମ ସଂକ୍ରାନ୍ତରେ ବ୍ଲକ ପ୍ରଶାସନ ସହ ଆଲୋଚନା କରିଥିଲେ। ହେଲେ ଜିଲା ପ୍ରଶାସନର ପତ୍ର ସଂଖ୍ୟା ୧୮୩୬(ତା ୧୯।୧୨।୨୪) ଅନୁଯାୟୀ ଲୋଇସିଂହା ଓ ପୁଇଁତଲା ବ୍ଲକ ଉକ୍ତ ଶିବିର ଆକସ୍ମିକ ଭାବେ ସ୍ଥଗିତ ରଖାଯାଇଛି। ଏ ସମ୍ପର୍କରେ ଜାଣି ନ ପାରି ଲୋଇସିଂହା ଓ ଆଗଲପୁର ବ୍ଲକର ଦିବ୍ୟାଙ୍ଗ ଶିବିରେ ଡାକ୍ତରଙ୍କ ପରାମର୍ଶ, ଦିବ୍ୟାଙ୍ଗ ପ୍ରମାଣପତ୍ର, ଉପକରଣ ଆଦି ପାଇବା ପାଇଁ ଆସିଥିଲେ। ଦୂରଦୂରାନ୍ତରୁ ଦିବ୍ୟାଙ୍ଗମାନେ ଶହଶହ ଟଙ୍କା ସାରି ଗାଡି ଭଡ଼ା କରି ଶିବିରକୁ ଆସି ସେମାନେ ନିରାଶ ହୋଇଥିଲେ। କିଛିଦିନ ପୂର୍ବରୁ ଆଗଲପୁର ବ୍ଲକରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ସେହି ଶିବିରରେ ପରାମର୍ଶ ନେଇଥିବା ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ହାସଲ ପାଇଁ ଲୋଇସିଂହା ବ୍ଲକ ଶିବିରରେ ଯୋଗଦେବାକୁ କୁହାଯାଇଥିଲା। ଏଣୁ ଆଗଲପୁରରୁ ମଧ୍ୟ ବହୁସଂଖ୍ୟ ଦିବ୍ୟାଙ୍ଗ ଶିବିରକୁ ଆସି ସେମାନଙ୍କୁ ନିରାଶ ହେବାକୁ ପଡିଥିଲା। ହେଲେ ଉଭୟ ବ୍ଲକରୁ ଆସିଥିବା ଦିବ୍ୟାଙ୍ଗମାନେ ତାଙ୍କୁ କେହି ଅଙ୍ଗନୱାଡି କର୍ମୀ ସ୍ଥଗିତ ନେଇ କହି ନ ଥିବା ବ୍ଲକ ସମାଜିକ ସୁରକ୍ଷା ଅଧିକାରୀଙ୍କୁ କହୁଥିବା ଶୁଣିବାକୁ ମିଳିଥିଲା। ଏ ସମ୍ପର୍କରେ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନ କହନ୍ତି, ସ୍ଥଗିତ ସମ୍ପର୍କରେ ଅଙ୍ଗନୱାଡି କର୍ମୀଙ୍କୁ ଅବଗତ କରି ଗାଁରେ କହି ଦେବାକୁ କୁହାଯାଇଥିଲା। ଜିଲା ପ୍ରଶସନ ପକ୍ଷରୁ ହଠାତ ସ୍ଥଗିତକୁ ନେଇ ସେଦୁଃଖିତ ବୋଲି କହିଥିଲେ।

## ଝୁର୍ଲାକାନୀ ଛକରେ ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଦେଓଗାଁ,୨୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଝୁର୍ଲାକାନୀ ଛକରେ ଶୁକ୍ରବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ସିନଖମନର ଯୁଗେଶ୍ୱର ବାଗ(୪୦)। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହ ଅଗ୍ନିଶମ ବାହିନୀ ଗୁରୁତର ଆହତଙ୍କୁ ଦେଓଗାଁ ଗୋଷ୍ଠି ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଆହତଙ୍କୁ ବଲାଙ୍ଗୀରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସିନଖମନ ଗାଁର ଯୁଗେଶ୍ୱର ବାଗ କାମ ସାରି ଝୁର୍ଲାକାନୀ ଗାଁରୁ ଫେରୁଥିବା ବେଳେ ଦେଓଗାଁ ପଟରୁ ଗୋଟିଏ ବାଇକ୍‌ରେ କୁଠୁର୍ଲାର ବିରେନ ନାଏକ, ଅର୍ଡା ଗାଁର ରଘୁ ମେହେର ଓ ସିଲେଟକାନୀ ଗାଁର ନରେଶ ମେହେର ୩ଜଣ ଯାଉଥିବାବେଳେ କୁଠୁର୍ଲା ଛକରେ ଯୁଗେଶ୍ୱରଙ୍କୁ ସେମାନେ ଧକ୍କା ଦେଇଥିଲେ। ଯୁଗେଶ୍ୱର ଗୁରୁତର ଭାବେ ଆହତ ହୋଇ ମୃତ୍ୟୁବରଣ କରିଥିଲେ। ମୃତଦେହ ଦେଓଗାଁ ଚିକିତ୍ସାଳୟରେ ରଖାଯାଇଥିବା ବେଳେ ଶନିବାର ବଲାଙ୍ଗୀରରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ବୁଲିଲା ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ



ବ୍ଲକ ପରିସରରେ ପୋଷ୍ୟ ସନ୍ତାନ ସଚେତନତା ରଥ।

ଲୋଇସିଂହା,୨୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଶୁକ୍ରବାର ଲୋଇସିଂହା ବ୍ଲକରେ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଆରମ୍ଭ ହୋଇଛି। ସମାଜିକ କର୍ମୀ ପୁଷ୍ପାଞ୍ଜଳି ସୁନା, ଚାଇଲ୍ଡ ହେଲ ଲାଇନର କର୍ମୀ ଶୁଭମ ଜେନା ଏବଂ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳକ ଦି.ପଟେଲ ପ୍ରମୁଖ ନେତୃତ୍ୱରେ ଉକ୍ତ ସଚେତନତା ରଥ ବିଭିନ୍ନ ସ୍ଥାନକୁ ପରିକ୍ରାମ କରୁଛି। ଲୋଇସିଂହା ବ୍ଲକ, ପଞ୍ଚାୟତ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ପୋଲିସ ଷ୍ଟେଶନ ସମେତ ବ୍ଲକର ଝାରମୁଣ୍ଡା, କୁଶଙ୍ଗ ଅଞ୍ଚଳ ପରିକ୍ରାମ କରି ୪ ପୃଷ୍ଠା ସମ୍ବଳିତ ପୋଷ୍ୟ ସନ୍ତାନ ଗ୍ରହଣ ପଚାର ପତ୍ରିକା ବଣ୍ଟନ କରିବା ସହିତ ମାଇକ ଦ୍ୱାରା ପୋଷ୍ୟ ସନ୍ତାନର ଯୋଗ୍ୟତା ଆବେଦନ ପ୍ରଣାଳୀ ଓ ପଞ୍ଜୀକରଣ ଆଦି ଶବିଶେଷ ଉପରେ ଗୀତ ମାଧ୍ୟମରେ ଜନଜାଗରଣ କରିଥିଲେ।

## ତୁରେକେଲା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

କଣ୍ଟାବାଞ୍ଜି,୨୦।୧୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅନ୍ତର୍ଗତ ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ତୁରେକେଲା ଆଶ୍ରମ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ ସରପଞ୍ଚ ଜଳନ୍ଧର ମହାକୁଡ଼ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ମୁଖ୍ୟଅତିଥି ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସୂର୍ଯ୍ୟମଣି ସିଠ, ଗୋପାଳ ଧରୁଆ, ସୁକାନ୍ତି ମାଝି, ଗୀତାଞ୍ଜଳି ମଲ୍ଲିକ, ସମୀର ପଣ୍ଡା ସହଯୋଗ କରିଥିଲେ। ବକବାହାଲ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କୁନି ସାହୁ, ଶିକ୍ଷକ ରାଜକିଶୋର ନାଗଙ୍କ ଉପସ୍ଥିତିରେ ସିଆର୍‌ସିସି ବିରଞ୍ଚି ନାରାୟଣ ଦାଶ ମୁଖ୍ୟଅତିଥି ଓ ଦିବାନୀ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗଇଁତାପଡା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦେବ ବଗର୍ତ୍ତୀ, ଶିକ୍ଷକ ସୁନୀଲ ରଞ୍ଜନ ସଲତାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଖେଳ ପ୍ରତିଯୋଗିତା କରାଇଥିଲେ। ସେହିପରି ବାଞ୍ଜିପାଲି ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀ ଡାଳିମ୍ବ ମେହେର, ଶିକ୍ଷକ ଡମ୍ବରୁ ମେହେର ଓ କମିଟି ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ସିଆର୍‌ସିସି ବିରଞ୍ଚି ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାର ଉପକାରିତା ଉପରେ ଆଲୋକପାତ କରିବା ସହିତ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ରଣାପଡ଼ାରୁ ସଗ୍ରିଆପଡ଼ା ପୋଲ ଅଧାପନ୍ତରିଆ

କଣ୍ଟାବାଞ୍ଜି,୨୦।୧୨(ଗୁରୁଦୟାଲ ହଂସ)




ଅର୍ଦ୍ଧନିର୍ମିତ ପୋଲ ଓ ନାମଫଳକ।

**ବଡ଼ବାଙ୍କି ପଞ୍ଚାୟତ**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଉପାନ୍ତ ତଥା ମାଓବାଦୀ ପ୍ରବଣ ଅଞ୍ଚଳ ବଡବାଙ୍କି ପଞ୍ଚାୟତ ରଣାପଡ଼ାରୁ ସଗ୍ରିଆ ପଡ଼ା ରାସ୍ତା ନୂତନ ପୋଲ ଅଧାପନ୍ତରିଆ ହୋଇପଡ଼ିଛି। ବଡବାଙ୍କି ପଞ୍ଚାୟତ ସଦର ଗ୍ରାମଠାରୁ ରଣାପଡାରୁ ସଗ୍ରିଆ ପଡା ରାସ୍ତା ମଝିରେ ବହିଯାଇଥିବା ଡୁମେରମୁଣ୍ଡା ନାଳରେ ବର୍ଷା ଋତୁରେ ପ୍ରବଳ ବର୍ଷା ପାଣି ଯାଇଥାଏ। ଫଳରେ ନାଳର ପୂର୍ବଦିଗରେ ଥିବା ସଗ୍ରିଆ ପଡା ଓ ରଣା ପଡା ବିଚ୍ଛିନ୍ନ ହୋଇଥାଏ। ନାଳର ପୂର୍ବ ଦିଗରେ ରହିଛି ମାଝିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ। ଫଳରେ ବର୍ଷାଦିନରେ ଛାତ୍ରୀଛାତ୍ର ନାଳ ଉପରେ ପୋଲ ନ ଥିବାରୁ ସ୍କୁଲକୁ ଯାଇପାରନ୍ତି ନାହିଁ। ୨୦୨୪ ଜୁଲାଇରେ ପ୍ରବଳ ବର୍ଷାରେ ଛାତ୍ରୀଛାତ୍ର ସ୍କୁଲକୁ ଯିବା ବେଳେ ବିପଦର ସମ୍ମୁଖିନ ହୋଇଥିଲେ। ଏହି ନାଳ ଉପରେ ପୋଲ ନିର୍ମାଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ବିଜୁ କେବିକେ ଯୋଜନାରେ ୯ ଲକ୍ଷ ୩ ହଜାର ଟଙ୍କା ମଞ୍ଜୁର ହୋଇ ପଞ୍ଚାୟତ ସମିତି ଦ୍ୱାରା ନିର୍ମାଣ ଆରମ୍ଭ କରାଯାଇଥିଲା। ହେଲେ କାର୍ଯ୍ୟ ଆଜିଯାଏ ସମ୍ପୂର୍ଣ୍ଣ ହୋଇନାହିଁ। ଅଧାପନ୍ତରିଆ। ପୋଲ ନିର୍ମାଣ କରି ବନ୍ଦ କରାଯାଇଛି। ଏପରିକି ଅଧାପନ୍ତରିଆ ପୋଲ ନିର୍ମାଣ କରି ସମସ୍ତ ଟଙ୍କା ବିଲ କରି ଉଠାଣ କରାଯାଇଥିବା ଗ୍ରାମବାସୀଙ୍କ ଅଭିଯୋଗ ହେଉଛି। ପୋଲ ନିର୍ମାଣ କାର୍ଯ୍ୟ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ଅଧାପନ୍ତରିଆ ହୋଇପଡିଥିବା ନେଇ ସମ୍ପୃକ୍ତ ଜେଇଙ୍କୁ ତାଙ୍କ ମୋବାଇଲ ନଂ.୮୨୪୯୪୫୫୯୧୯ ସହ ଯୋଗାଯୋଗ କରିବାରୁ ଫୋନ ଉଠାଇ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଛବିଲାଲ ଛତରଙ୍କୁ ଯୋଗାଯୋଗ କରିବାରୁ ଏହା ପଞ୍ଚାୟତ କାର୍ଯ୍ୟ ନୁହେଁ କିମ୍ବା ପଞ୍ଚାୟତ କରିନାହିଁ। ପୁଣି ମୁଁ କାର୍ଯ୍ୟରେ ଯୋଗ ଦେବାର ଅଳ୍ପ କେଇ ଦିନ ହୋଇଥିବାରୁ ମୁଁ ଏ କାମ ବାବଦରେ ଜାଣି ନାହିଁ ବୋଲି କହିଥିଲେ।

# ମଣ୍ଡିରୁ ଉଠୁନି ଧାନ, ବଢୁଛି ଅସନ୍ତୋଷ



ଜିଲାପାଳଙ୍କୁ ଫେରାଦ ହୋଇଥିବା ତୁଲଣ୍ଡି ଅଞ୍ଚଳର ଚାଷୀ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ତେନ୍ତେଲଟିକ୍ରା ଅଞ୍ଚଳର ଚାଷୀ।

**ବରଗଡ଼,୨୦।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶୁକ୍ରବାର ମାସେ ପୂରିଛି। ହେଲେ ଅନ୍ୟବର୍ଷ ଭଳି ଏଥର ମଧ୍ୟ ଧାନ ବିକ୍ରିବଟା ସମସ୍ୟା ଲାଗି ରହିଛି। ଚାଷୀମାନେ ଧାନ ଅମଳ କରିସାରିଥିଲେ ମଧ ବିକ୍ରି କରି ପାରିନାହାନ୍ତି। ଫଳରେ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କ ପ୍ରାପ୍ୟଠାରୁ ଆରମ୍ଭ କରି ଚାଷକାର୍ଯ୍ୟ ପାଇଁ କରିଥବା ଋଣ ପରିଶୋଧରେ ଚାଷୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ନେଇ ଜିଲାରେ ଅସନ୍ତୋଷ ବଢ଼ିଚାଲିଥିବା ବେଳେ ଏକ ବଡ଼ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି।

ଧାନ ବିକ୍ରିବଟାରେ ଅନ୍ୟବର୍ଷ ଭଳି ଏଥର ମଧ ଟୋକନ କଟକଣା ବାଧକ ସାଜିଛି। କିନ୍ତୁ ଚଳିତବର୍ଷ ଟୋକନ କଟକଣା ପୂର୍ବବର୍ଷଠାରୁ ଅଧିକ ଜଟିଳ ହୋଇ ପଡ଼ିଛି। ଜିଲାରେ ନଭେମ୍ବର ମାସ ପ୍ରଥମ ସପ୍ତାହରୁ ଧାନ ଅମଳ କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟପଟେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ନିଷ୍ପତ୍ତି ଅନୁଯାୟୀ ନଭେମ୍ବର ୨୦ତାରିଖ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଲା କିନ୍ତୁ ଟୋକନ କଟକଣା ଯୋଗୁ ଚାଷୀମାନେ ଅମଳ ଧାନକୁ ମଣ୍ଡିକୁ ଆଣି ପାରୁନାହାନ୍ତି। କାରଣ ଯେଉଁ ଚାଷୀମାନେ ଧାନ ଅମଳ କରିସାରିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ୨୦୨୫ ଜାନୁୟାରୀ କିମ୍ବା ଫେବୃୟାରୀ ମାସ ରହିଛି।

କେବଳ ସେତିକି ନୁହେଁ ଯେଉଁ ଚାଷୀମାନେ ଟୋକନ ଆଧାରରେ ମଣ୍ଡିକୁ ଧାନ ଆଣୁଛନ୍ତି, ସେମାନଙ୍କ ଧାନକୁ ମଧ୍ୟ ବିଭିନ୍ନ ଆଳ ଦେଖାଇ କିଣାଯାଉ ନ ଥିବା ଏବଂ ମିଲର୍ସମାନେ ମଣ୍ଡିକୁ ଆସୁ ନ ଥିବାରୁ ଧାନ ଉଠୁ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଚାଷୀମାନେ ପ୍ରତିଦିନ ଜିଲାପାଳ ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି। କିନ୍ତୁ ସୁଫଳ ମିଳୁନାହିଁ। ଏଭଳି ଅଭିଯୋଗ କରି ଶୁକ୍ରବାର ବରପାଲି ବ୍ଲକ ତୁଲଣ୍ଡି ଏବଂ ଭେଡ଼େନ ବ୍ଲକ ତେନ୍ତେଲଟିକ୍ରା ଧାନ କ୍ରୟକେନ୍ଦ୍ର ଉପରେ ନିର୍ଭରଶୀଳ ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏ ନେଇ ପୃଥକ୍ ସ୍ମାରକପତ୍ର ପ୍ରଦାନ କରି ଧାନ ବିକ୍ରିବଟା ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି।

ତୁଲଣ୍ଡି ଧାନ କ୍ରୟକେନ୍ଦ୍ର ଉପରେ ନିର୍ଭରଶୀଳ ଚାଷୀମାନେ ଅଭିଯୋଗ କରିଛନ୍ତି, ସେମାନେ ଟୋକନ ଆଧାରରେ କ୍ରୟ କେନ୍ଦ୍ରକୁ ଧାନ ଆଣିଛନ୍ତି। କିନ୍ତୁ ମଣ୍ଡିରୁ ଧାନ ଉଠାଯାଉ ନାହିଁ। ଧାନ କ୍ରୟକେନ୍ଦ୍ର ଖୋଲିବାକୁ ମାସେ ପୂରିଥିବାବେଳେ କେବଳ ୨ଦିନ ଧାନ ଉଠିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେମାନଙ୍କ ଟୋକନ ଅବଧି ସରି ଆସୁଛି। ଫଳରେ ଉକ୍ତ କ୍ରୟକେନ୍ଦ୍ରରେ ବିକ୍ରି ଅପେକ୍ଷାରେ ରହିଥିବା ସବୁ ଧାନ ଉଠାଇବାକୁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଚାଷୀନେତା ସୁରେଶ ନେକାଣ୍ଡିଙ୍କ ସମେତ ତୁଲଣ୍ଡି ସରପଞ୍ଚ ମାନସ ରଞ୍ଜନ ବଡ଼ାଇ, ସମିତି ସଭ୍ୟ ଉପେନ୍ଦ୍ର ବାଗ, ଚାଷୀ ବନବସ ସାହୁ, ରଘୁନାଥ ଷଡ଼ଙ୍ଗୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

ସେହିପରି ତେନ୍ତେଲଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ଅଭିଯୋଗ କରିଛନ୍ତି, ଉକ୍ତ ମଣ୍ଡିରେ ଏପର୍ଯ୍ୟନ୍ତ ୧୪ହଜାର ପ୍ୟାକେଟ୍ ଧାନ ପଡ଼ି ରହିଛି। କିନ୍ତୁ ଗତ ୧୦ଦିନ ହେଲା ଉକ୍ତ ମଣ୍ଡିରୁ ଧାନ ବିକ୍ରିରେ ଅଚଳାବସ୍ଥା ଦେଖାଯାଇଛି। ମିଲ୍ ମାଲିକମାନେ ମଣ୍ଡିକୁ ଆସୁ ନ ଥିବା ଯୋଗୁ ଧାନ ଉଠୁନାହିଁ। କଟ୍‌ନୀଛଟ୍‌ନୀରେ ରାଜି ହେଲେ ଯାଇ ମଣ୍ଡିରୁ ଧାନ ଉଠିବ ବୋଲି କୁହାଯାଉଛି ଏବଂ ମିଲର୍ସଙ୍କ ମର୍ଜିରେ ମଣ୍ଡି ପରିଚାଳିତ ହେଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଜୟ କିଷାନ ଆନ୍ଦୋଳନ ସଭାପତି ସୁଶୀଲ ସାହୁ, ସମ୍ପାଦକ ହର ବଣିଆଁ, ଗଣେଶ ପ୍ରଧାନ, ବିରେନ୍ଦ୍ର ମହାକୁର, ଡାକ୍ତର ମହାକୁର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ଅଶ୍ଳୀଳ ବାର୍ତ୍ତା ମାମଲାରେ ପ୍ରାଧ୍ୟାପକ ନିଲମ୍ବିତ

**ପଦ୍ମପୁର,୨୦।୧୨(ପ୍ରଦୀପ୍ତ ଦାଶ):** ହ୍ୱାଟ୍ସଆପ୍ ମାଧମରେ ଅଶ୍ଳୀଳ ବାର୍ତ୍ତା ପଠାଇବା ମାମଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ପ୍ରାଧ୍ୟାପକ ବିରଞ୍ଚି ସାହୁଙ୍କୁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ତଦନ୍ତ କମିଟି ରିପୋର୍ଟକୁ ଆଧାର କରି ଶୁକ୍ରବାର ପ୍ରାଧ୍ୟାପକ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି ଅଞ୍ଚଳ ମହାବିଦ୍ୟାଳୟର ଅଧକ୍ଷ ଲଳିତ ମୋହନ ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ଅଧକ୍ଷ ପଣ୍ଡା ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି।

## ବରପାଲି କଲେଜରେ କ୍ୟାରିୟର କାଉନସେଲିଂ

**ବରପାଲି,୨୦।୧୨(ଚିତ୍ତରଞ୍ଜନ ସାହୁ):** ବରପାଲି ମହାବିଦ୍ୟାଳୟରେ ଶୁକ୍ରବାର ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅଧକ୍ଷା ସୁଶ୍ରୀ ଜୟନ୍ତୀ ଦାଶ ଓ କ୍ୟାରିୟର କାଉନସେଲିଂ ସେଲ୍ ସଂଯୋଜକ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଞ୍ଚିସ୍ଥିତ ବନିକ୍ ଏଜୁକେଶନର ଅରବିନ୍ଦ ସିଂ ଯୋଗଦେଇ ଯୁକ୍ତ ୩ ପାଠ୍ୟକ୍ରମ ଶେଷ ହେବା ପରେ ସରକାରୀ ଚାକିରୀ କ୍ଷେତ୍ରରେ ବ୍ୟାପକ ସୁଯୋଗ ଉପରେ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସହ ବକ୍ତା ଭାବେ ତାପସ ମହାକୁଡ଼ ଯୋଗଦେଇ ଭାରତୀୟ ରେଳସେବା ଓ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଥିବା ଚାକିରି ସୁଯୋଗ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଅଧାପିକା ଅଧ୍ୟାପକ ଯୋଗ ଦେଇଥିଲେ। ଅଧାପକ ଭକ୍ତବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ସ୍କୁଲର ବାର୍ଷିକୋତ୍ସବ

**ଝାରବନ୍ଧ,୨୦।୧୨(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା ମୁଖ୍ୟଅତିଥି, ଡିଗ୍ରୀ କଲେଜ ଅଧକ୍ଷ ଶ୍ୟାମସୁନ୍ଦର ବେହେରା, ଖବରଦାତା ଯୋହନ କୁମ୍ଭାର, ଦେବେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଭିନ୍ନ ଖେଳକୁଦରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବାଳକ ବିଭାଗରେ ପ୍ରଦୀପ ଭୋଇ ଓ ବାଳିକା ବିଭାଗରେ ସଞ୍ଜନା ବନଛୋର ଚାମ୍ପିୟନ ହୋଇଥିଲେ। ଗ୍ରନ୍ଥାଧକ୍ଷ ଚିନ୍ତାମଣି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ସରିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ଓ ର୍‍ୟାମ୍ପ ଶୋ ଅନୁଷ୍ଠିତ ହୋଇଥିଲା। ଉମେଶ ସାହୁ, ଛତ୍ରପାଳ ଗିରି, ସଙ୍ଗୀତା ବରିହା, ଜ୍ୟୋତି ସାହୁ, ବେଣୁଧର ପାଣିଗ୍ରାହୀ, କୁମୁଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅଧାପକ ମେଘନାଦ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାୟକଙ୍କ ପାଣିମୋରା ଧାନମଣ୍ଡି ପରିଦର୍ଶନ



ପାଣିମୋରା ମଣ୍ଡିରେ ବିଧାୟକ ଇରାଶିଷ ଆଚାର୍ଯ୍ୟ।

**ସୋହେଲା,୨୦।୧୨(ଅଶ୍ୱିନୀ କୁମାର ପାତ୍ର)**

ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଶୁକ୍ରବାର ବରଗଡ଼ ଜିଲା ସୋହେଲା ବ୍ଲକ ପାଣିମୋରା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ସେ ଅଚାନକ ପାଣିମୋରା ଧାନ ମଣ୍ଡିରେ ପହଞ୍ଚିଥିଲେ। ମଣ୍ଡିରେ ୧୧ ହଜାରରୁ ଅଧିକ ବସ୍ତା ଧାନ ଖୋଲା ଆକାଶ ତଳେ ରହିଥିବାରୁ ଚିନ୍ତା ପ୍ରକଟ କରିଥିଲେ। ଏଥିସହ ତୁରନ୍ତ ଜିଲା ଯୋଗାଣ ଅଧିକାରୀଙ୍କୁ ଫୋନ କରି ଧାନ ଉଠାଇବା ବ୍ୟବସ୍ଥା କରିବାକୁ ବିଧାୟକ ତାଗିଦ କରିଥିଲେ। ବିଧାୟକ ଆଚାର୍ଯ୍ୟ ସରକାରଙ୍କ ତରଫରୁ କରାଯାଇଥିବା ସମସ୍ତ ସୁବିଧା ଚାଷୀଙ୍କୁ ଯୋଗାଇ ଦେବା ପାଇଁ ମଣ୍ଡି କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବର୍ଷାରେ କାହାରି ଧାନ ଯେପରି ନଷ୍ଟ ନ ହୁଏ ସେଥିପ୍ରତି ଯତ୍ନ ନେବାକୁ ଉପସ୍ଥିତ କର୍ମଚାରୀଙ୍କୁ ବିଧାୟକ ତାଗିଦ କରିଥିଲେ।

## ବାରୁପାଲି ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ଶତବାର୍ଷିକୀ ସମାରୋହ

**ସୋହେଲା,୨୦।୧୨(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ କନାପାଲି ପଞ୍ଚାୟତ ଅନ୍ତର୍ଗତ ବାରୁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଯଶୋବନ୍ତ ପଟେଲ ସଭାରେ ସଭାପତିତ୍ୱ କରିଥିଲେ। ଅଧାପକ ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ଦେଇଥିଲେ। ପୂର୍ବତନ ବିଧାୟକ ମହମ୍ମଦ ରଫିକ୍, ସ୍ଥାନୀୟ ସରପଞ୍ଚ ମହାରଗି ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟରେ ଶିକ୍ଷାଦାନ କରିଥିବା ସମସ୍ତ ପୂର୍ବତନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଗୋବିନ୍ଦ ସେଠ ଏବଂ ନମିତା ବେହେରା ମଞ୍ଚ ପରିଚାଳନା କରିଥିଲେ। ଦୁଇଦିନ ଧରି ହେବାକୁ ଥିବା ଏହି ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ଲରମ୍ଭା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ

**ସରଣ୍ଡା, ୨୦।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା ମହାବିଦ୍ୟାଳୟ ବ୍ରଜବିହାରରେ ୫୦ ତମ ବାର୍ଷିକ କ୍ରୀଡୋତ୍ସବ କଲେଜ ଖେଳ ପଡିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ପ୍ରମୋଦ କୁମାର ଭୋଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ସେବାନିବୃତ୍ତ ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ପଣ୍ଡା ମୁଖ୍ୟ ଅତିଥି, ଲରମ୍ଭା ମହାବିଦ୍ୟାଳୟର ସେବା ନିବୃତ୍ତ ଅଧକ୍ଷ ଅଶୋକ କୁମାର ସାହୁ, ଧନେଶ୍ୱର ମେହେର, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧାପକ ରମଣୀ ରଞ୍ଜନ ସାହୁ, ବରିଷ୍ଠ ପ୍ରାଧାପକ ଡ. ଦିଗମ୍ବର ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ବରିଷ୍ଠ ବାଳକ ବିଭାଗରୁ ଶ୍ରୀତମ ଦେହେରୀ, ବାଳିକା ବିଭାଗରୁ ପ୍ରାଚୀ କର୍ଣ୍ଣ, କନିଷ୍ଠ ବାଳକ ବିଭାଗରୁ ମାନସ ରଞ୍ଜନ ସେଠ, ବାଳିକା ବିଭାଗରୁ ମୋସୁମୀ ନାୟକ ଚାମ୍ପିୟନ ହୋଇଥିଲେ। ବିଶିଷ୍ଟ କ୍ରୀଡାବିତ୍ ଭାବେ ବିନୟ କୁମାର ଶର୍ମାଙ୍କୁ ସମ୍ମାନିତ କରାଯାଇଥିଲା। ଖେଳ ପରିଚାଳକ ଚିତ୍ତରଞ୍ଜନ ଛନ୍ଦ, ବିନୟ କୁମାର ନାୟକ, ଶୁଭ୍ରାଂଶୁ ଶେଖର ସାହୁ, ସୁନୀଲ ସିଂ, ହରିଶ ପାତ୍ର, ରାଜେଶ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। କଲେଜର ଶାରୀରିକ ଶିକ୍ଷା ଅଧାପକ ସୌରଭ ପଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ହୋଇଥିଲା। ସଂସଦର ଉପସଭାପତି ପବିତ୍ର ମାହାଣା, ସଦସ୍ୟ ସୋରଜ ନାୟକ, ପାୟଲ ସାହୁ, ସିଦ୍ଧେଶ୍ୱର ପଧାନ, ଡ. ରଞ୍ଜିତ ପଧାନ, ଡ. ସୁବଳ ରଞ୍ଜନ ସାହୁ, ହେମନ୍ତ ପଧାନ, ପାଟମଞ୍ଜରୀ ସାହୁ, ଦିଲୀପ ସାହୁ, ରୁଚିତା ମାଝୀ, ସୁଶିଳ ମହାକୁର, ମୁଖ୍ୟ କିରାଣି ପ୍ରମୋଦ ଚନ୍ଦ୍ର ସେଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଗବନ୍ଧୁ ଦାଶ ସ୍ନାତକ ମହିଳା କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ




ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିଗଣ।

**ବରପାଲି,୨୦।୧୨(ଚିତ୍ତରଞ୍ଜନ ସାହୁ)**

ବରପାଲିସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ନୌସେନା ଅଧିକାରୀ ପ୍ରଭାତ ରଞ୍ଜନ ମିଶ୍ର ମୁଖ୍ୟ ଅତିଥି, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ସମ୍ପୂର୍ଣ୍ଣ ଭୋଇ, ସୁଧାଂଶୁ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କ୍ରୀଡା ଦ୍ୱାରା ଛାତ୍ରୀମାନଙ୍କ ଶାରୀରିକ ଅଭିବୃଦ୍ଧି ହେବା ସହ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। କ୍ରୀଡା ବିଭାଗ ଅଧାପକ ଲୋକନାଥ ମେହେର ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଇଥିଲେ। ଅଧାପିକା ପୁନମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୨୭ତାରିଖରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯିବ। ଅଧାପିକା ନିଳୀମା ନାୟକ, ପିଙ୍କି ବାରିକ, ଜ୍ୟୋତି ସାହୁ, ପରିଣୀତା ପଧାନ, ଅଧାପକ ଯତୀନ୍ଦ୍ର କୁମାର ସାହୁ, ନେପାଳ ବିଶ୍ୱାଳ, ସାର୍ଥକ ପାଣିଗ୍ରାହୀ, ଶଶାଙ୍କ ଶେଖର ପଧାନ, ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସହଯୋଗ କରିଥିଲେ। ଶୋଭାବତୀ ଥପା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## କଣ୍ଠଉମାଲ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଗାଇସିଲେଟ,୨୦।୧୨ (ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ବ୍ଲକ କଣ୍ଠଉମାଲରେ ଥିବା ସ୍ୱର୍ଗତ ବିରେନ୍ଦ୍ର କୁମାର ସାହୁ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ପୂର୍ବତନ ଅଧାପକ ଭୁବନ୍ଦ୍ରେ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ଅଞ୍ଚଳ କଲେଜ ଅଧକ୍ଷ ତଥା ନାଟ୍ୟକାର ଡ. କେଶରଞ୍ଜନ ପଧାନ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧକ୍ଷ ଡ. ଜୟକେତନ ତ୍ରିପାଠୀ ମୁଖ୍ୟ ଅତିଥି, ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଉପଦେଷ୍ଟା ନାରାୟଣ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଶାନ୍ତ କୁମାର ସାହୁ, ସରପଞ୍ଚ ଶେଷଦେବ ପଧାନ ଓ ସମିତି ସଭ୍ୟ ସୁଶାନ୍ତ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଭାବନା ସେଠ ବିବରଣୀ ପାଠ କରିଥିଲେ। କଲେଜ ସମ୍ପାଦକ ଦେବେନ୍ଦ୍ର ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସନୁ ପଣ୍ଡା ଓ ସାଥୀ ପାରାୟଣ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପାଇକମାଲ ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ଶିଶୁ ମେଳା

**ପାଇକମାଲ,୨୦।୧୨ (ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଓଷ୍ଟା ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧଳେନ୍ଦ୍ର ବାରିକ ଓ ସମ୍ମାନୀତ ଅତିଥି ଭାବେ ଗୋକୁଳାନନ୍ଦ ଡନସନା, ନନ୍ଦଲାଲ ନାୟକ, ବରଗଡ଼ ଜିଲା ଓଷ୍ଟା ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଭବାନୀ ଶଙ୍କର ଭୋଇ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ସଭାପତି ଆଶାକାନ୍ତ ରଣାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ମନ ମୋହିଲା ସମ୍ବଲପୁରୀ ର୍‍ୟାମ୍ପ୍ ଶୋ

### ପଦ୍ମପୁର ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

**ପଦ୍ମପୁର,୨୦।୧୨(ପ୍ରଦୀପ୍ତ ଦାଶ)**



ଜଣେ ଶିଶୁ ର୍‍ୟାମ୍ପ୍ ଶୋ'ରେ ଭାଗ ନେଇଛନ୍ତି।



ମହୋତ୍ସବରେ ଉପସ୍ଥିତ ଜନସାଧାରଣ।

ପଦ୍ମପୁର ଅଶୋକ ଖେଳ ପଡିଆରେ ଟାଉନ କ୍ଲବ ତରଫରୁ ଚାଲିଥିବା ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ପର୍ବକୁ ଶୁଭାରମ୍ଭ କରିଥିଲେ। କଳା ଓ କଳାକାରଙ୍କ ଏହି ମାଟି। ସାଂସ୍କୃତିକ କଳାର ମହକ ସାରା ବିଶ୍ୱକୁ ମହାକାଇବା ପାଇଁ ଆୟୋଜିତ ଏହି ମହାମଞ୍ଚ ବହୁତ ସୁନ୍ଦର ପ୍ରୟାସ ବୋଲି ମୁଖ୍ୟ ଅତିଥି କହିଥିଲେ। କ୍ଲବର ସଭାପତି ପ୍ରିତେଶ କୁମାର ବହିଦାର ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ କଣ୍ଠଶିଳ୍ପୀ ଶକ୍ତି ସ୍ୱରୂପା ପଣ୍ଡାଙ୍କ ଏକ ଭଜନରୁ ସନ୍ଧ୍ୟା ଆରମ୍ଭ ହୋଇଥିବାବେଳେ ଜେନିଥ ଲାୟନ୍ସ ଗୁରୁକୁଳର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ଅଧାପକ ତଥା ବରିଷ୍ଠ କଳାକାର କେଶରଞ୍ଜନ ପଧାନ ଏବଂ ନାଟ୍ୟକାର ଅଶୋକ କୁମାର ବହିଦାର ମଞ୍ଚ ସଂଯୋଜନା କରିଥିବା ବେଳେ ସଂକୃତିକା ପୁରୋହିତ, ଟ୍ୱିଙ୍କିଲ ପଧାନ, ସୁରଟ ଗୁରୁ ଓ ମନିସ ରଥ ଉଦଘୋଷକ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଆମ ସମ୍ବଲପୁରୀ ବାନ୍ଧକଳା ଓ ପୋଷାକକୁ ନେଇ ଏକ ର୍‍ୟାମ୍ପ ଶୋ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଆଇକନ ଫେଶନ କ୍ରିୟୁ ଗ୍ରୁପ୍‌ର ମଡେଲମାନଙ୍କ ସହ ସ୍ଥାନୀୟ ଅଞ୍ଚଳର ମୋଡେଲ ଯୋଗ ଦେଇଥିଲେ। କ୍ଲବ ପକ୍ଷରୁ ସୁରେଶ ସାହୁ, ଟେନିସ ପଣ୍ଡା ଏବଂ ଏ.ଡି.ଭି. ସୋମେଶ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଜିର ସାଂସ୍କୃତିକ ପର୍ବରେ କଣ୍ଠଶିଳ୍ପୀ ସନ୍ଧ୍ୟାରାଣୀ ପାଟଯୋଷୀଙ୍କ ଦ୍ୱାରା ରସ ଜାମୁଡାଳି ସଙ୍ଗୀତ ପରିବେଷଣ ସହ ପୁରୀ ନୃସିଂହ ସାଂସ୍କୃତିକ ଅନୁଷ୍ଠାନର ପାରମ୍ପରିକ ଘଟ ନୃତ୍ୟ, ଚନ୍ଦ୍ରାବତୀ ମେହେର ବିଦ୍ୟାଳୟ ସାଂସ୍କୃତିକ ଦଳ, କଟକ ନଟରାଜ ନୃତ୍ୟ ବିଦ୍ୟାଳୟ ଅନୁଷ୍ଠାନର ଲାବନି, ଉପକାର କଳା ପରିଷଦ ବଲାଙ୍ଗୀରର ଘୁଡକା ନାଚ, ଘେଁସ ସାଂସ୍କୃତିକ ଅନୁଷ୍ଠାନର ଦୁଲା ବିହା ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ପଶ୍ଚିମବଙ୍ଗର ପୁରୁଲିଆ ଛଉ ନୃତ୍ୟ ଦର୍ଶକଙ୍କ ବିଶେଷ ଆକର୍ଷଣ ପାଲଟିଥିଲା। ଚଳିତ ବର୍ଷ କଳା କ୍ଷେତ୍ରରେ ଅବଦାନ ପାଇଁ ବିଶ୍ରାମ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବର ସମ୍ପାଦକ ଇଂ. କୁନାଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସରଣ୍ଡା,୨୦।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ତିନି ଦିନିଆ ୧୩ତମ ଟୁନୁ ପଣ୍ଡା ସ୍ମାରକୀ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆୟୋଜକ ଅତାବିରା ଆଥ୍‌ଲେଟିକ ଆସୋସିଏଶନ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ବିଦ୍ୟୁତ ବିଭାଗ ଏସ୍‌ଡିଓ ରବି ନାରାୟଣ ମହାନ୍ତି, ଥାନାଧିକାରୀ ସୁକୁମାର ତ୍ରିପାଠୀ, ଶିଶୁ ରୋଗ ବିଶେଷଜ୍ଞ ଡା. ଶୋଭେନ୍ଦ୍ର ଦାଶ, ସାମାଜସେବୀ ଫକୀର କର୍ଣ୍ଣ, ବ୍ୟାଡ୍‌ମିଣ୍ଟନ ଖେଳାଳି ନବୀନ ଦାଶ, ସୟଦ କଡକ୍ ଅଲ୍ଲୀ, ନାରୀନେତ୍ରୀ ସୁଜାତା ପଣ୍ଡା, ଟୁର୍ଣ୍ଣାମେଣ୍ଟ ପରିଚାଳନା ମୁଖ୍ୟ ପାର୍ଥସାରଥୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଜିତେନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜୁନିୟର ଟିମ୍ ଓ ଭେଟେରାନ୍ ଖେଳାଳିଙ୍କ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ହୋଇଥିଲା। ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ମୁଖ୍ୟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ବାଲେଶ୍ୱର, କଟକ, ଭୁବନେଶ୍ୱର, ଢେଙ୍କାନାଳ, ଅନୁଗୋଳ, ସୁନ୍ଦରଗଡ଼, ଫୁଲବାଣୀ, ସମ୍ବଲପୁର, ବଲାଙ୍ଗୀର, ଭବାନିପାଟଣା, କୋରାପୁଟ ସମେତ ୫୦ଟି ରାଜ୍ୟସ୍ତରୀୟ ଟିମ୍ ଯୋଗ ଦେଇଛନ୍ତି ।



## ସଂକ୍ଷେପରେ

### ଶିଳ୍ପପତିଙ୍କ କାର୍ଯ୍ୟାଳୟରେ ଆୟକର ଚଢ଼ାଉ

ରାଉରକେଲା,୨୦।୧୨(ସଙ୍ଗୀତା ଜେନା): ସିଭିଲଟାଉନଶିପ୍‌ର ଜଣେ ଶିଳ୍ପପତିଙ୍କ କାର୍ଯ୍ୟାଳୟ ଉପରେ ଶୁକ୍ରବାର ସକାଳେ ଆୟକର ଚଢ଼ାଉ ହୋଇଥିବା ସୂଚନା ମିଳିଛି। ଏଥିରେ ଆୟକର ବିଭାଗର ଏକାଧିକ ଟିମ୍ ସାମିଲ ହୋଇଥିବା ଜଣାପଡ଼ିଛି। ଏ ନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ମିଳିନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଉକ୍ତ ଶିଳ୍ପପତିଙ୍କ କାର୍ଯ୍ୟାଳୟ ଉପରେ ଚଢ଼ାଉ ହୋଇଥିବା କୁହାଯାଉଛି। ତେବେ ଖବର ଲେଖା ହେବା (ରାତି ୮ଟା) ପର୍ଯ୍ୟନ୍ତ ଚଢାଉ ଜାରି ରହିଥିଲା।

### ୨୨ରୁ ଜାତୀୟ ବହୁଭାଷୀ ନାଟକ ପ୍ରତିଯୋଗିତା

ରାଉରକେଲା,୨୦।୧୨(ଦିନେଶ ମିଶ୍ର): ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସ୍ପନ୍ଦନ ଅନୁଷ୍ଠାନ ପକ୍ଷରୁ ୩୫ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଆସନ୍ତା ୨୨ ତାରିଖରୁ ସେକ୍ଟର-୧୯ ସ୍ଥିତ ସିଭିକ୍‌ସେଣ୍ଟର ପରିସରରେ ଅନୁଷ୍ଠିତ ହେବ। ୮ ଦିନ ଧରି ହେବାକୁ ଥିବା ଏହି ଜାତୀୟ ମହୋତ୍ସବରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ କଳାକାରମାନେ ଯୋଗଦେଇ ସେମାନଙ୍କ କଳା ପ୍ରଦର୍ଶନ କରିବେ। ୨୨ରେ କାରାଗାରର କାହାଣୀ, ୨୩ରେ ଏକ ଦୂରାଚାରୀ ରାଜା, ୨୪ରେ ଅଗତବତୀ, ୨୫ରେ ମାଗୁଣିର ଶଗଡ, ୨୬ରେ ଅଭିନନ୍ଦନ ମ୍ୟାକ୍‌ବେଥ୍, ୨୭ରେ ଦୁଇଟି ବଙ୍ଗଳା ଓ ସନ୍ଧ୍ୟାରେ ପ୍ରଥମ ବଙ୍ଗଳା, ୨୮ରେ ମଣିପୁର ଭାଷା ନାଟକ ଓ ୨୯ ତାରିଖ ମହୋତ୍ସବ ଶେଷ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଲୋକନୃତ୍ୟ ପ୍ରତିଯୋଗିତା ପରିବେଷିତ ହେବ ବୋଲି ସୂଚନା ଦିଆଯାଇଛି।

### ସ୍କ୍ରାପ୍ ଜବତ, ବେପାରୀ ଗିରଫ

ରାଉରକେଲା,୨୦।୧୨(ସଙ୍ଗୀତା ଜେନା): ବିଶ୍ରା ଅଞ୍ଚଳରୁ ମାଲବାହୀ ଅଟୋରେ ୫୦ କେଜି ଆଲୁମିନିୟମ୍ ଓ ୪୦ କେଜି ଷ୍ଟିଲ୍ ନେଇ ରାଉରକେଲା ଆସୁଥିବାବେଳେ ଜଣେ ବେପାରୀଙ୍କୁ ପୋଲିସ ଶୁକ୍ରବାର ବିଶ୍ରା ଛକରୁ ଗିରଫ କରିଛି। ତାଙ୍କୁ ପଚରାଉଚୁରା କରାଯିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଗିରଫ ବେପାରୀ ହେଲେ ବିଶ୍ରା ଥାନା ସନ୍ତୋଷପୁରର ମେହମୁଦ ଖାନ୍। ତାଙ୍କଠାରୁ ଲକ୍ଷାଧିକ ଟଙ୍କାର ସ୍କ୍ରାପ୍ ଜବତ ହୋଇଛି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଏକ ମାମଲା (ନଂ.୧୦୭୫/୨୪) ରୁଜୁ କରିଛି।

# ମରାମତି ହେଉନି ଯାତ୍ରୀ ପ୍ରତୀକ୍ଷାଳୟ

ରାଉରକେଲା,୨୦।୧୨(ବିପ୍ଳବ ରଞ୍ଜନ ଦାଶ)


ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ।

ସ୍ମାର୍ଟସିଟି ରାଉରକେଲା ସହରରେ ଥିବା ବସ୍‌ଷ୍ଟପ୍ ଗୁଡିକ ଶୋଚନୀୟ ଅବସ୍ଥାରେ ରହିଛି। ପ୍ରତୀକ୍ଷାଳୟରେ କେଉଁଠି ଚୌକି ନାହିଁ ତ ଆଉ କେଉଁଠି ତଳ ପ୍ଲେଟ୍‌ଗୁଡିକ ଉଠିଗଲାଣି। ସେଗୁଡିକର ମରାମତି କରାଯାଉ ନ ଥିବାରୁ ଯାତ୍ରୀମାନେ ନାନା ଅସୁବିଧା ଭୋଗୁଛନ୍ତି।

ସୂଚନା ଅନୁସାରେ, ଆର୍‌ଏମ୍‌ସି ପକ୍ଷରୁ ସହରରେ ୩୦ଟି ବସ୍ କ୍ୟୁ ସେଣ୍ଟର (ପ୍ଲାଷ୍ଟିକ୍ ଛାତ ବିଶିଷ୍ଟ ପ୍ରତୀକ୍ଷାଳୟ) ସ୍ଥାପିତ ହୋଇଛି। ମାତ୍ର ପ୍ରତୀକ୍ଷାଳୟ ଗୁଡିକର ଅବସ୍ଥା ଅତି ଦୟନୀୟ ରହିଥିବାରୁ ଯାତ୍ରୀମାନେ ନାନା ଅସୁବିଧା ଭୋଗୁଛନ୍ତି। ଅଧିକାଂଶ ପ୍ରତୀକ୍ଷାଳୟରେ ପଥର ଢଳେଇ ଉଠିଯାଇଥିବା ବେଳେ କେଉଁଠି ଚୌକି ଅଛି ତ କେଉଁଠି ଚୌକି ଉପର ଛାତ ନାହିଁ। ଏଣୁ ପ୍ରତୀକ୍ଷାଳୟ ଗୁଡିକ ମରାମତି ନ ହେଲେ ଗ୍ରୀଷ୍ମ ସମୟରେ ଯାତ୍ରୀମାନେ ମୁଣ୍ଡ ଗୁଞ୍ଜିବାରେ ସମସ୍ୟା ହେବ। ଆରଏମ୍‌ସି ପକ୍ଷରୁ ସହରର ଯେଉଁ ସ୍ଥାନରେ ବସ୍ ସେଲ୍ଟର ବା ବସ୍ କ୍ୟୁ ସେଣ୍ଟର ସ୍ଥାପନ ହୋଇଛି ତନ୍ମଧ୍ୟରୁ ଅଧିକାଂଶ ଜାଗାରେ ଦୈନିକ ଜନ ସମାଗମ ଆଖିଦୃଶିଆ ରହୁଛି। ପ୍ରାୟ ସେଣ୍ଟର କମ୍ ଯାତ୍ରୀ ସୁବିଧା ବିଶିଷ୍ଟ ଥିବାବେଳେ ସମସ୍ତେ ଉପକୃତ ହୋଇପାରୁ ନ ଥିବା କୁହାଯାଉଛି। ତେବେ ଆର୍‌ଏମ୍‌ସି ପକ୍ଷରୁ ଏକଦା ସହର ରିଂ ରୋଡ୍‌ରେ ୨୨ଟି ବସ୍ କ୍ୟୁ ସେଣ୍ଟର ନିର୍ମାଣ ହୋଇଛି। ଏହି ସେଣ୍ଟର ଗୁଡିକରୁ ଯାତ୍ରୀମାନେ ଗ୍ରୀଷ୍ମ ସମୟରେ କିଛିକାଂଶ ଆଶ୍ୱସ୍ତି ପାଇବା ଆଶା କରାଯାଉଥିବା ବେଳେ ସ୍ମାର୍ଟସିଟି ପକ୍ଷରୁ ନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟ ସଜଡା ନ ହେଲେ ଯାତ୍ରୀମାନେ ବହୁ ଅସୁବିଧା ଭୋଗିବେ ବୋଲି କୁହାଯାଉଛି। ବିଶେଷ କରି ରାଉରକେଲା ସହରର ବିଭିନ୍ନ କଲେଜକୁ ଉଚ୍ଚଶିକ୍ଷା ପାଇଁ ଆସୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ୟା ଉପୁଜିବା ଆଶଙ୍କା କରାଯାଉଛି। ଏସ୍‌ଟିଆଇ ଛକରେ ଛାତ୍ରୀଛାତ୍ର ବସ୍‌କୁ ଅପେକ୍ଷା କରୁଥିବା ବେଳେ ଏସ୍‌ଟିଆଇ ଛକ ଦୂରବର୍ତ୍ତୀ ପ୍ରତୀକ୍ଷାଳୟ କୌଣସି କାମକୁ ଆସୁନାହିଁ। ସେହିପରି ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜ ନିକଟରେ ସ୍ମାର୍ଟସିଟି ତରଫରୁ ନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏଣୁ ତୁରନ୍ତ ପ୍ରତୀକ୍ଷାଳୟ ଗୁଡିକର ମରାମତି କରିବା ପାଇଁ ଦାବି ହେଉଛି। ଏ ନେଇ ସ୍ମାର୍ଟସିଟି ସିଇଓ ତଥା ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସି ପକ୍ଷରୁ ସ୍ଥାପିତ ସମୁଦାୟ ୩୦ଟି ବସ୍ କ୍ୟୁ ସେଣ୍ଟର ସୁବ୍ୟବସ୍ଥିତ ରହିଛି। ଆଗକୁ ଯାତ୍ରୀଙ୍କ ପାଇଁ ଉକ୍ତ ସେଣ୍ଟର ଗୁଡିକର ମରାମତି କରାଯିବ ବୋଲି ସେ କହିଥିଲେ।

# ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର



ସାହିତ୍ୟ ଆସର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୦।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୫ ସ୍ଥିତ ଆଦର୍ଶ ପାଠାଗାର ପରିସରରେ ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଯୋଗଦେଇ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜୀବନାଦର୍ଶ ଓ ତାଙ୍କର ମାନବ ସମାଜକୁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର କେତେଖଣ୍ଡ କାଠି ସାହାଯ୍ୟରେ ପଠାଣି ସାମନ୍ତ ବିଭିନ୍ନ ଗ୍ରହ ନକ୍ଷତ୍ରଙ୍କ ଗତିବିଧି ବିଷୟରେ ଜାଣିପାରୁଥିଲେ। ଏଥିପାଇଁ ତାଙ୍କ ରଚିତ ପୁସ୍ତକ ସିଦ୍ଧାନ୍ତ ଦର୍ପଣ ଆମ ସମାଜ ପାଇଁ ଆଲୋକବର୍ତ୍ତିକା ହୋଇରହିଛି ବୋଲି ସେ ମତପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ଡ. ସନାତନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଗାଳ୍ପିକ ଅଜୟ କୁମାର ମହାନ୍ତି ଋଷିକେଶର ଅତିଥି ଶୀର୍ଷକ ଗଳ୍ପ ପାଠ କରିଥିଲେ। ସେହିପରି ସୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱ ଏବଂ ଅଧ୍ୟାପିକା ସିମ୍ରନ୍ ମହାପାତ୍ର ଓ ଅଧ୍ୟାପିକା ଶେଫାଳୀ ବାରିକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲାର କବୟିତ୍ରୀ ଓ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ବସନ୍ତ ଦାସ, ଝୁଙ୍କୁନା ପାଢୀ, ଏଟମ ରଥ, ନିରୁପମା ନାୟକ, କାଶୀନାଥ ପାତ୍ର, ଅକ୍ଷୟ ସାମଲ, ଗଙ୍ଗାଧର ଦାଶ, ମନୋଜ କୁମାର ପଣ୍ଡା, ପ୍ରଳୟ ଶତପଥୀ, ରାଜଲକ୍ଷ୍ମୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସହରବାସୀଙ୍କୁ ଉତ୍କୃଷ୍ଟମାନର ସୁବିଧା ଯୋଗାଇବାକୁ ଗୁରୁତ୍ୱ

ରାଉରକେଲା,୨୦।୧୨(ବିପ୍ଳବ ରଞ୍ଜନ ଦାଶ)


ନଗର ଉନ୍ନୟନ ମନ୍ତ୍ରୀ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

### ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ରାଉରକେଲା ଗସ୍ତରେ ଆସି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିସହ ସେ ରାଉରକେଲା ମହାନଗର ନିଗମ, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅଧକ୍ଷତା କରି ବିଭିନ୍ନ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଥିଲେ। ରାଉରକେଲାବାସୀଙ୍କୁ ଉତ୍କୃଷ୍ଟମାନର ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେ ସ୍ଥାନୀୟ ରିଂ ରୋଡ୍‌ଠାରୁ ଇ-ବସ୍ ଟର୍ମିନାଲ ପର୍ଯ୍ୟନ୍ତ କଙ୍କ୍ରିଟ୍ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ରାଉରକେଲା ମହାନଗର ନିଗମ ତରଫରୁ ବାସନ୍ତୀ କଲୋନୀଠାରେ ଥିବା ବାସନ୍ତୀ ବିଦ୍ୟାପୀଠର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ।

ଏହାପରେ ମନ୍ତ୍ରୀ ମହାପାତ୍ର ଆର୍‌ଏମ୍‌ସି ସଭାଗୃହରେ ଅନୁଷ୍ଠିତ ବୈଠକରେ ଅଧକ୍ଷତା କରି ରାଉରକେଲା ମହାନଗର ନିଗମ ଓ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ତରଫରୁ ସହରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ସେ ଆର୍‌ଏମ୍‌ସିର ପାରିପାର୍ଶ୍ୱିକ ଅଞ୍ଚଳଗୁଡ଼ିକର ଉନ୍ନତୀକରଣ ସହ ଲୋକମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା, ପରିମଳ ବ୍ୟବସ୍ଥା ସୁଦୃଢ଼ କରିବା, ରାସ୍ତାରେ ଗୋରୁଗାଈଙ୍କ ଚଳପ୍ରଚଳ ରୋକିବା ପାଇଁ କାଞ୍ଜିଆହୁଦା ନିର୍ମାଣ, ବେଆଇନ୍ ଜବରଦଖଲ ଉଚ୍ଛେଦ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏଥିସହ ଛେଣ୍ଡଠାରେ ଥିବା ସୁଲଭ ବାସଗୃହ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ପ୍ରକୃତ ହିତାଧିକାରୀ ଯେପରି ଘର ପାଇବାକୁ ବଞ୍ଚିତ ନ ହୁଅନ୍ତି ସେ ଦିଗରେ ଯତ୍ନବାନ ରହିବା ପାଇଁ ପରାମର୍ଶ ଦେଇଥିଲେ। ପରେ ସେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟୱାନ ମହାଜନ, ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କ ସମେତ ଆରଏମସି, ଆରଡିଏ, ୱାଟକୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ ଦଣ୍ଡ

ରାଉରକେଲା,୨୦।୧୨
(ସଙ୍ଗୀତା ଜେନା)

ଜଣେ ନାବାଳିକା ବଳାତ୍କାର ମାମଲାର ବିଚାର କରି ରାଉରକେଲା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍‌ସୋ) ପକ୍ଷରୁ ଶୁକ୍ରବାର ରାୟ ପ୍ରକାଶିତ ହୋଇଛି। ଏହି ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଦୀପୁ କୁମାର ଦେଙ୍କୁ ବିଚାରପତି ପି. ସୁରିୟା ରାଓ ୨୦ ବର୍ଷ ସଶ୍ରମ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୧୬ରେ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଛେଣ୍ଡ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୫/୨୦୧୬) ରୁଜୁ କରିଥିଲା। ପୀଡିତା ନାବାଳିକା ୩ ମାସର ଗର୍ଭବତୀ ଥିବାବେଳେ ଅସୁସ୍ଥ ହୋଇ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ସେ ମୃତ୍ୟୁବରଣ କରିଥିଲେ। ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ ୩୭୬(୨), ୩୧୪ ଆଇପିସି ଏବଂ ୬ ପୋକ୍‌ସୋ ଆକ୍ଟରେ ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ଏହି ମାମଲାର ବିଚାର ରାଉରକେଲା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ(ପୋକ୍‌ସୋ)ରେ ଚାଲିଥିଲା। ୧୫ ଜଣ ସରକାରୀ ସାକ୍ଷୀଙ୍କ ବୟାନ ଏବଂ ୨୭ଟି ଦସ୍ତାବିଜ୍‌କୁ ବିଚାର କରି ବିଚାରପତି ଦୀପୁଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିସହ ତାଙ୍କୁ ୨୦ ବର୍ଷ ସଶ୍ରମ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ କରିଥିଲେ। ଉକ୍ତ ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁଦାମ ଚନ୍ଦ୍ର ଦାଶ ପରିଚାଳନା କରୁଥିଲେ।

# ବସ୍ତି ଉଚ୍ଛେଦ ନୋହିଲା, ଫେରିଗଲେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ

ରାଉରକେଲା,୨୦।୧୨(ସଙ୍ଗୀତା ଜେନା)

କୋଏଲନଗର ଓ ସେକ୍ଟର-୨୦ ଅଞ୍ଚଳରେ ସାଇନ୍ସ ପାର୍କ ନିର୍ମାଣ କରାଯାଉଛି। ଏଥିପାଇଁ ସେଠାରେ ଥିବା ୫୦ବର୍ଷରୁ ପୁରୁଣା ହିଲଟପ୍ ବସ୍ତିକୁ ଉଚ୍ଛେଦ କରାଯାଉଛି। ଏହାର ବିସ୍ଥାପିତମାନଙ୍କୁ କୋଏଲ ନଦୀ କୂଳରେ ଥିବା ନେହରୁପାଲୀରେ ଥଇଥାନ କରାଯାଇଛି। ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଉକ୍ତ ବସ୍ତିକୁ ଉଚ୍ଛେଦ କରୁଛନ୍ତି। ତେବେ ଉକ୍ତ ବସ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇପାରିନାହିଁ। ଶୁକ୍ରବାର ସକାଳେ କାରଖାନା ସହରସେବା ବିଭାଗର ଏକ ଟିମ୍ ଜେସିବି ମେଶିନ ସହ ସେଠାରେ ପହଞ୍ଚି ୫/୭ଟି ଘର ଭାଙ୍ଗିବା ପାଇଁ ଉଦ୍ୟମ କରିଥିଲେ। ବହୁକଷ୍ଟରେ ସେଥିମଧ୍ୟରୁ ମାତ୍ର ଗୋଟିଏ ଘର ଭଙ୍ଗାଯାଇଥିଲା। ନେହରୁପାଲୀରେ ଘର, ବିଜୁଳି ଓ ପାନୀୟ ଜଳ ସୁବନ୍ଦୋବସ୍ତ କରାଗଲେ ସେଠାକୁ ଚାଲିଯିବେ ବୋଲି ବସ୍ତିବାସୀ କହିଥିଲେ।

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି, କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ



ଆମ୍ବେଡକର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୦।୧୨(ସଙ୍ଗୀତା ଜେନା)

ଭାରତୀୟ ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ଡା. ବି. ଆର୍. ଆମ୍ବେଡ଼କରଙ୍କୁ ଅସମ୍ମାନିତ କରିଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିଛି କଂଗ୍ରେସ। ଏହି ମର୍ମରେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ସଭାପତି ରବି ରାୟଙ୍କ ନେତୃତ୍ୱରେ ଉଦିତନଗରସ୍ଥିତ ଆମ୍ବେଡ଼କର ଛକରେ ଶୁକ୍ରବାର ସନ୍ଧ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ରାୟ କହିଥିଲେ, ବାବାସାହେବ ଦେଶର ପ୍ରାଣଦାତା। ତାଙ୍କ ଯୋଗୁ ଦେଶବାସୀ ମୌଳିକ ଓ ସାମ୍ବିଧାନିକ ସୁବିଧା ପ୍ରାପ୍ତ କରୁଛନ୍ତି। ତାଙ୍କୁ ଅପମାନ କରାଗଲେ ବରଦାସ୍ତ କରାଯିବନାହିଁ। ତେଣୁ ଅବିଳମ୍ବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ତାଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ରାୟ ଦାବି କରିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ଦେବବ୍ରତ ବିହାରୀ, ସରୋଜ ଲେଙ୍କା, ଆଶିଷ ମହାନ୍ତି, ମନୋ ସାମଲ, ଏସ୍. କେ. ଫିରଦୌସ, ପ୍ରଫୁଲ୍ଲ ପ୍ରଧାନ, ନଚିକେତା ମହାପାତ୍ର, ବିଜୟ ଆପଟ, ରିତା ମଲ୍ଲିକ, ବିନୋଦ ରାଉତ, ଲକ୍ଷ୍ମୀପ୍ରିୟା ରାଉତ, ନରେନ୍ଦ୍ର ମହାନନ୍ଦଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଅପରେଶନ ସୁରକ୍ଷାରେ ୧୩୪୦ ଚିହ୍ନଟ

ରାଉରକେଲା,୨୦।୧୨(ସଙ୍ଗୀତା ଜେନା)

### ଅପରାଧ ନିୟନ୍ତ୍ରଣ ପାଇଁ ଅଭିଯାନ

ରାଉରକେଲାରେ ଚୋରି, ଡକାୟତିଠାରୁ ଆରମ୍ଭ କରି ନିଶାଦ୍ରବ୍ୟ ବ୍ୟବହାର ଓ ଚୋରାଚାଲାଣ ଭଳି ବିଭିନ୍ନ ଆନ୍ତଃଜିଲା ଏବଂ ବାହ୍ୟ ରାଜ୍ୟ ଆପରାଧିକ କାର୍ଯ୍ୟକଳାପ ପେଣ୍ଠସ୍ଥଳୀ ପାଲଟିଛି। ରାଉରକେଲା ଅଞ୍ଚଳର ଅବସ୍ଥିତି ଓ ପଡ଼ୋଶୀ ରାଜ୍ୟ ସହ ଏହାର ବ୍ୟାପକ ସୀମା ଯୋଗୁ ପେଶାଦାର ଓ ଦୁର୍ଦ୍ଦାନ୍ତ ଅପରାଧୀମାନେ ପୋଲିସକୁ ଚକ୍‌ମା ଦେଇ ଖସିଯିବାରେ ସଫଳ ହେଉଛନ୍ତି। ଏହି ସମସ୍ୟାର ମୁକାବିଲା ଓ ଅପରାଧ ନିୟନ୍ତ୍ରଣ ପାଇଁ ଅପରେଶନ ସୁରକ୍ଷା ନାମରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ବୈଷୟିକ ଜ୍ଞାନକୌଶଳ ସହାୟତାରେ ଅପରାଧୀମାନଙ୍କ ଉପରେ ଦୃଷ୍ଟି ରଖି ଜନସାଧାରଣଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ମର୍ମରେ ରାଉରକେଲା ପୋଲିସ ବିଭିନ୍ନ ଅପରାଧକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ ସ୍ୱରୂପ ପ୍ରାୟ ୧୩୪୦ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ଚିହ୍ନଟ କରିଛି। ସେଥିମଧ୍ୟରୁ ୬୦ ଜଣଙ୍କ ପ୍ରୋଫାଇଲ୍ କରାଯାଇଛି। ଏହି ଅଭିଯାନ ମିଶନ ମୋଡ୍‌ରେ କରାଯାଉଛି। ଆସନ୍ତା ଜାନୁଆରୀ ୨୦୨୫ ଶେଷ ସୁଦ୍ଧା ସମସ୍ତ ଅଭ୍ୟାସଗତ ଅପରାଧୀଙ୍କ ପ୍ରୋଫାଇଲ କରିବାକୁ ଯୋଜନା କରାଯାଉଛି ବୋଲି ଶୁକ୍ରବାର ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ପ୍ରେସ୍ ବିବୃତ୍ତିରେ ଉଲ୍ଲେଖ କରିଛନ୍ତି।

# ମ୍ୟୁନିସିପାଲ କଲେଜର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

ରାଉରକେଲା,୨୦।୧୨(ଦିନେଶ ମିଶ୍ର)

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡ. ସନାତନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଦୁଇଦିନିଆ ବାର୍ଷିକ କ୍ରୀଡ଼ୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ ନିଖିଳ କଳାକାର ପ୍ରଧାନ ଓ କଲେଜ ଗଭର୍ନିଂ ବଡି ସଭାପତି ଦେବୀନ୍ଦର କୌର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ୪ ଜଣ ଚାମ୍ପିୟନ କ୍ରୀଡା ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଯୁକ୍ତ ୨ ବାଳକ ବିଭାଗରେ କ୍ରୀଷ୍ଟା ଟୋପୋ, ବାଳିକା ବିଭାଗରେ ପ୍ରଣତୀ ଏକ୍କା ଏବଂ ଯୁକ୍ତ ୩ ବାଳକ ବିଭାଗରେ ମହାବୀର ଖାଡିଆ ଓ ବାଳିକା ବିଭାଗର ସ୍ୱାତୀ କିର୍ଣ୍ଣିଆ ଚାମ୍ପିୟନ ହୋଇଥିଲେ। ସତ୍ୟରଞ୍ଜନ ପଣ୍ଡା, ଅଜୟ କୁମାର ରାଉତ, ସନ୍ଧ୍ୟାରାଣୀ ପରିଜା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଡମ୍ ବାହାଦୂର ନିଖିଳ ସାହୁ, ପ୍ରଭାତ ଅଗ୍ରୱାଲ, ଅମିୟ ଟୋପୋ, ଆକାଶ ଦାସ, ଶୀଳ୍ପ ଲାକ୍ରା, ଡକ୍ଟର ଦିବ୍ୟକାନ୍ତୀ ବିଲୁଙ୍ଗ, ସୁଦୀପ୍ତି କେରକେଟ୍ଟା, ବୈଦେହୀ ପାଢୀ ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡା ସଂସଦ ଉପସଭାପତି ବିଜୟ କୁମାର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ଦୀପ୍ତି ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରିୟଙ୍କା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ବାଣିଜ୍ୟ ଉଦ୍ୟୋଗ ସମ୍ମେଳନ ଉଦ୍‌ଘାଟିତ

ରାଉରକେଲା,୨୦।୧୨(ବିପ୍ଳବ ରଞ୍ଜନ ଦାଶ)


ସମ୍ମେଳନରେ ମଞ୍ଚାସୀନ ମନ୍ତ୍ରୀଙ୍କ ସହ ଅନ୍ୟମାନେ ।

ରାଉରକେଲା ଚ୍ୟାମ୍ବର ଅଫ କମର୍ସ ପକ୍ଷରୁ ବାଣିଜ୍ୟ ଉଦ୍ୟୋଗ ସମ୍ମେଳନ -୨୦୨୪ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସଭାପତି ପ୍ରଭାତ ଟେବ୍ରିୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହକୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଏବଂ ମତ୍ସ୍ୟ, ପଶୁସମ୍ପଦ ଓ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟର ନିର୍ବାହୀ ନିର୍ଦ୍ଦେଶକ ଚେତନ ଶ୍ରୀବାସ୍ତବ, ନବଦୁର୍ଗା ଗ୍ରୁପ୍ ଅଧକ୍ଷ ନିମିଶ ଗଡଡିଆ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି ସ୍ୱାଇଁ କହିଥିଲେ, ଏହି ସମ୍ମିଳନୀ ବୃହତ ଓ କ୍ଷୁଦ୍ର ଶିଳ୍ପ ପାଇଁ ସହାୟକ ହେବ। ରାଉରକେଲା ଓ ଆଖପାଖ ଅଞ୍ଚଳର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କ ପାଇଁ ଏହା ପ୍ଲାଟଫର୍ମ ଯୋଗାଇବ। ଓଡ଼ିଶା ପ୍ରାକୃତିକ ସମ୍ପଦର ଗନ୍ତାଘର। ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶା ଭିତ୍ତିଭୂମି ଅଧିକ ସୁଦୃଢ଼। ଶିଳ୍ପୋଦ୍ୟୋଗ ସ୍ଥାପନ କରିବା ପାଇଁ ଶିଳ୍ପପତିଙ୍କୁ ଓଡ଼ିଶା ଆକୃଷ୍ଟ କରେ ଓ ଏଥିପାଇଁ ଓଡ଼ିଶାରେ ସ୍ୱତନ୍ତ୍ର ଶିଳ୍ପନୀତି ରହିଛି। ଷ୍ଟିଲ ପ୍ରସ୍ତୁତି, ଇନଫ୍ରାଷ୍ଟ୍ରକ୍ଚର ବିକାଶ ଓ ସେବା ଉଦ୍ୟୋଗ କ୍ଷେତ୍ରରେ ଶିଳ୍ପ ବିପ୍ଳବ କେନ୍ଦ୍ର ଭାବେ ରାଉରକେଲା ପରିଚିତ। ଓଡିଶା ଶିଳ୍ପ ଓ ଅର୍ଥନୈତିକ ଜିଡିପିରେ ୨.୮ପ୍ରତିଶତ ଯୋଗଦାନ କରି ୧୩ତମ ବୃହତମ ଅର୍ଥନୀତି ଭାବେ ଉଦ୍ଭବ ହୋଇଛି। ଲୁହାପଥର, ବକ୍ସାଇଟ, କ୍ରୋମାଇଟ ଭଳି ୪୦ ପ୍ରତିଶତ ଖଣିଜ ସମ୍ପଦ କେବଳ ଓଡ଼ିଶାରୁ ଉତ୍ପାଦନ ହୁଏ। ଏଥସହ ପାରଦ୍ୱୀପ, ଧାମରା, ଗୋପାଳପୁର ବନ୍ଦରକୁ ଆହୁରି ଉନ୍ନତତର କରି ଓଡ଼ିଶା ବାଣିଜ୍ୟ କ୍ଷେତ୍ରକୁ ବିକଶିତ କରିବା ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ ରଖିଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ସେ ଆହୁରି କହିଥିଲେ, ଓଡିଶାକୁ ପୂର୍ବ ଓ ଦକ୍ଷିଣପୂର୍ବ ଏସିଆର ଅର୍ଥନୈତିକ ମୁଖଶାଳା ଭାବେ ଗଢି ତୋଳିବାର ପ୍ରୟାସ ଚାଲିଛି। ଗତ ୫ ମାସରେ ଆମ ସରକାର ୧ଲକ୍ଷ ୮୦ହଜାର କୋଟି ଟଙ୍କା ନିବେଶ ମଞ୍ଜୁରୀ ଦେଇଛି। ଏହାଦ୍ୱାରା ୧ଲକ୍ଷ ୧୦ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ପୂର୍ବରୁ କେବଳ ଖଣି ଉଦ୍ୟୋଗ ଶିଳ୍ପ କ୍ଷେତ୍ରରେ ନିବେଶ ହେଉଥିଲା। ଫଳରେ ନିଯୁକ୍ତି ହାର ବୃଦ୍ଧି ପାଉ ନ ଥିଲା। ମାତ୍ର ଡବଲ ଇଞ୍ଜିନ ସରକାର କେମିକାଲ, ପେଟ୍ରୋ କେମିକାଲ, ଟେକ୍ସଟାଇଲ୍ସ ଇଣ୍ଡଷ୍ଟ୍ରି ଆଦି ଉଦ୍ୟୋଗ ସୃଷ୍ଟି କରି ଓଡ଼ିଶାର ସାମଗ୍ରିକ ବିକାଶ କରିବାକୁ ଲକ୍ଷ୍ୟ ରଖିଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ।

ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ତାଙ୍କ ବକ୍ତବ୍ୟରେ କହିଥିଲେ, ୨୦୪୭ ସୁଦ୍ଧା ଦେଶକୁ ବିକଶିତ ଭାରତ ଏବଂ ୨୦୩୬ ସୁଦ୍ଧା ରାଜ୍ୟକୁ ବିକଶିତ ଓଡିଶା ଭାବେ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ରହିଛି। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ୩୧୪ଟି ଜମି ବ୍ୟାଙ୍କ ସୃଷ୍ଟି ବିଷୟରେ ଉଲ୍ଲେଖ କରି ୪୮୦କି.ମି. ସମୁଦ୍ର ବେଳାଭୂମି ଉପଯୋଗ କରି ମୁଖ୍ୟମନ୍ତ୍ରୀ ମତ୍ସ୍ୟକଲ୍ୟାଣ ଯୋଜନା ତ୍ୱରାନ୍ୱିତ କରାଯିବ ବୋଲି ମଲ୍ଲିକ କହିଥିଲେ। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ସାଧାରଣ ସମ୍ପାଦକ ଶୁଭମ କପୁର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ଶୁକ୍ରବାର ଅପରାହ୍ଣ ୩ଟାରେ ଉଭୟ ମନ୍ତ୍ରୀ ଛେଣ୍ଡସ୍ଥିତ ପୁଟନ ମଲରେ ଇଲେକ୍ଟ୍ରିକ ବସ୍‌ର ରକ୍ଷଣାବେକ୍ଷଣ ଡିପୋ ଉଦ୍‌ଘାଟନ କରିବା ସହିତ ଆର୍‌ଡିଏ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ।

# ଖୋଲା ଆକାଶ ତଳେ ପଡ଼ିରହିଛି ଧାନ

ସମ୍ବଲପୁର,୨୦।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଗତ ନଭେମ୍ବର ୨୨ରୁ ଖରିଫ୍ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଧାନ ସଂଗ୍ରହ ପ୍ରକ୍ରିୟା ଶୃଙ୍ଖଳିତ ହୋଇପାରିନାହିଁ। ପ୍ରାରମ୍ଭରୁ ଏଭଳି ଅବ୍ୟବସ୍ଥା ଲାଗି ରହିଥିବାରୁ ଜିଲାର ବିଭିନ୍ନ ମଣ୍ଡି ଓ ଧାନ ସଂଗ୍ରହ କେନ୍ଦ୍ରରେ ଅନେକବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ଏଭଳି ପରିସ୍ଥିତିରେ ଲଘୁଚାପଜନିତ ଆସନ୍ନ ବର୍ଷା ଅନ୍ୟ ଏକ ବିପଦ ଭାବେ ଉଭା ହୋଇଛି। ଯାହାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ଜିଲାର ଚାଷକୁଳ। ବର୍ଷାରେ ଧାନ ଭିଜିଯିବା ଆଶଙ୍କା ରହିଛି। ଭିତ୍ତିଭୂମି ଅଭାବ ଥିବା କ୍ରୟକେନ୍ଦ୍ରରେ ବିକ୍ରି ପାଇଁ ଗଚ୍ଛିତ ରଖିଥିବା ଧାନକୁ ସମ୍ଭାବ୍ୟ ବର୍ଷାରୁ ସୁରକ୍ଷା ଚିନ୍ତା ଘାରିଛି ସେମାନଙ୍କୁ। ଚଳିତ ଖରିଫରେ ସମଗ୍ର ଜିଲାରେ ସ୍ଥାୟୀ ଓ ଅସ୍ଥାୟୀ ମିଶି ମୋଟ୍ ୧୨୩ଟି କ୍ରୟ କେନ୍ଦ୍ରରେ ଧାନ ସଂଗ୍ରହ କରାଯାଉଛି। ତେବେ ଧାନ ସଂଗ୍ରହ ପ୍ରକ୍ରିୟାରେ ପରିଚାଳନାଗତ ତ୍ରୁଟି ଓ କ୍ରୟକେନ୍ଦ୍ରରେ ଭିତ୍ତିଭୂମିର ଅଭାବଜନିତ କାରଣରୁ ଜିଲାରେ ଧାନ ସଂଗ୍ରହ ଏପର୍ଯ୍ୟନ୍ତ ସୁରୁଖୁରୁରେ ହୋଇପାରି ନ ଥିବା



ବିଭିନ୍ନ ମଣ୍ଡି ଓ କ୍ରୟ କେନ୍ଦ୍ରରେ ଖୋଲା ଆକାଶ ତଳେ ପଡ଼ି ରହିଛି ଧାନ।

ଅଭିଯୋଗ ହେଉଛି। କୁଚିଣ୍ଡା ଉପଖଣ୍ଡରେ କେତେକ ମଣ୍ଡିରେ, ରେଙ୍ଗାଲି ବ୍ଲକ ଅନ୍ତର୍ଗତ କେନାଲୋଇ ମଣ୍ଡିରେ ଖୋଲା ଆକାଶତଳେ ଧାନ ପଡ଼ି ରହିଛି। ଜିଲାର ମୋଟ୍ ୧୨୩ ଟି ଧାନ କ୍ରୟକେନ୍ଦ୍ର ମଧ୍ୟରୁ ୪୬ଟି ସ୍ଥାୟୀ ଓ ୭୭ଟି ଅସ୍ଥାୟୀ କ୍ରୟ କେନ୍ଦ୍ରରେ ଧାନ ସଂଗ୍ରହ ହେଉଛି। ବିଶେଷକରି କୁଚିଣ୍ଡା ଉପଖଣ୍ଡରେ ଥିବା ମୋଟ୍ ୫୫ଟି କ୍ରୟ କେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଥିବା ଦେଖିବାକୁ

**ଆସନ୍ନ ବର୍ଷା ପାଇଁ ଚିନ୍ତିତ ଚାଷୀ**

ମିଳିଛି। କ୍ରୟ କେନ୍ଦ୍ରରେ କଙ୍କ୍ରିଟ ଚଟାଣ ନ ଥିବାରୁ ଚାଷୀମାନେ ବିକ୍ରୟ ପାଇଁ ଏଠାକୁ ଆଣିଥିବା ଧାନବସ୍ତାଗୁଡ଼ିକୁ ମାଟି ଉପରେ ଥାକ ମାରି ରଖିବାକୁ ବାଧ ହେଉଛନ୍ତି। ସେହିପରି ଏଠାରେ କୌଣସି ଛାତ ବା ଛାଉଣୀ ନ ଥିବାରୁ ସଦ୍ୟ ଲଘୁଚାପଜନିତ ଆସନ୍ନ ବର୍ଷାରୁ ଏଠାରେ ଧାନକୁ ସୁରକ୍ଷିତ ରଖିବା ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

ଧାନର ଏଫ୍ଏକ୍ୟୁମାନ ଆଳରେ କଟନୀଛଟନୀ ଭଳି ମିଲ୍ ମାଲିକ ଓ ସେମାନଙ୍କ ପ୍ରତିନିଧିଙ୍କ ଦୌରାତ୍ମ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ଜଟିଳ କରୁଛି। ମିଲ ମାଲିକମାନେ ଧାନର ଏଫ୍ଏକ୍ୟୁ ଓ ଆଦ୍ରତା ଉପରେ ପ୍ରଶ୍ନ ଉଠାଇ ଧାନ କୁଇଣ୍ଟାଲ ପିଛା ୫ ରୁ ୬ କେଜି କାଟିବା (କଟନୀ ଛଟନୀ) ପାଇଁ ଦାବି କରୁଛନ୍ତି। ସ୍ଥାନ ବିଶେଷରେ କୁଇଣ୍ଟାଲ ପ୍ରତି ୮ କେଜି ପର୍ଯ୍ୟନ୍ତ କାଟିବାକୁ ମଧ୍ୟ ଦାବି କରୁଛନ୍ତି। ମାତ୍ର ଚାଷୀମାନେ ଏହାକୁ ବିରୋଧ କରିଥିବାରୁ ସେମାନଙ୍କ ଧାନ କ୍ରୟ ପାଇଁ ମଣ୍ଡି ବା କ୍ରୟକେନ୍ଦ୍ରକୁ ଆସୁନାହାନ୍ତି ମିଲ ମାଲିକମାନେ। ଫଳରେ ଜିଲାରେ ଧାନ ସୁରୁଖୁରୁରେ ଉଠି ନ ପାରି ଦୀର୍ଘଦିନ ଧରି ମଣ୍ଡିରେ ପଡ଼ି ରହୁଛି। ଏହାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୁଚିଣ୍ଡା ଉପଖଣ୍ଡରେ ହାତୀ ଉପଦ୍ରବ ଯୋଗୁ ମଣ୍ଡିରେ ଧାନବସ୍ତା ରଖି ବିକ୍ରୟ ଅପେକ୍ଷାରେ ଶୀତ, କାକରରେ, ବିନା ସୁରକ୍ଷାରେ ଜଗି ରହିବା ଚାଷୀଙ୍କ ପାଇଁ ଅନ୍ୟ ଏକ ଗମ୍ଭିର ସମସ୍ୟା ଭାବେ ଉଭା ହୋଇଛି। ଏହି ଅବ୍ୟବସ୍ଥା ସମ୍ପର୍କିତ ତଥ୍ୟ ପାଇଁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କୁ ତାଙ୍କ ମୋବାଇଲ୍‌ରେ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲା। ମାତ୍ର ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ଅଧ୍ୟୟନ ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ପରାମର୍ଶ


ମୁଖ୍ୟଅତିଥି ଭୁବନେଶ୍ୱର କିଷାନଙ୍କ ସହ ଅନ୍ୟମାନେ।

**କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ**

କୁଚିଣ୍ଡା,୨୦।୧୨(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ଦୁଇଦିନ ଧରି ଚାଲିଥିବା ୩୪ତମ ବାର୍ଷିକ କ୍ରୀଡା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟୟନସହ କ୍ରୀଡାକୁ ମଧ୍ୟ ଗୁରୁତ୍ୱ ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ନୃପଲାଲ ପଟେଲ ଏଥିରେ ମୁଖ୍ୟବକ୍ତା ଓ ପରିଚାଳନା କମିଟି ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ସତ୍ୟନାରାରଣ ପଟେଲ ଅତିଥି ପରିଚୟ ପ୍ରଦାନସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅତିଥିମାନେ କ୍ରୀଡା ଚାମ୍ପିୟନ ହୋଇଥିବା ଛାତ୍ରୀ ଯାଜ୍ଞସେନୀ କିଷାନ ଓ ଛାତ୍ର ରାଜା ସୁନାନୀଙ୍କ ସମେତ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଭାବନା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷା ଡେମୋଷ୍ଟ୍ରେଟର ପ୍ରତିମା କୁମାରୀ ନାୟକ, ଡିଇଓ ସମୀନ ରଞ୍ଜନ ନାଏକ, ସେକ୍ସନ ଅଫିସର ଭେଷଜ କୁମାର ଗରଡିଆ, କୁଲେଇଗଡ ହାଇସ୍କୁଲ କ୍ରୀଡାଶିକ୍ଷକ ପ୍ରଦୀପ୍ତ କୁମାର ପଟେଲ ଓ କୁଟୁରାଚୁଆଁ ହାଇସ୍କୁଲ କ୍ରୀଡା ଶିକ୍ଷକ ସୌଭାଗ୍ୟ କୁମାର ପଟେଲ, କଲେଜ କର୍ମଚାରୀ ଜୟଦେବ ରାଉତ, ଅସିମ କୁମାର ପରୁଆ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଭାଜପା ପକ୍ଷରୁ କୁଚିଣ୍ଡାରେ ବିକ୍ଷୋଭ

କୁଚିଣ୍ଡା,୨୦।୧୨(ବିରଞ୍ଚି ଦର୍କା)

ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନ ଥିବାବେଳେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ସଂସଦ ପରିସରରେ ଅନ୍ୟ ଜଣେ ଏମ୍‌ପିଙ୍କୁ ଧକ୍କା ଦେବା ଦ୍ୱାରା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ତଳେ ପଡିଯାଇ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ଘଟଣାକୁ ଭାଜପା ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଶୁକ୍ରବାର ସମ୍ବଲପୁର ଜିଲା କୁଚିଣ୍ଡାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭାଜପା କୁଚିଣ୍ଡା ନଗର ମଣ୍ଡଳ ସଭାପତି କାହ୍ନୁ ଚରଣ ନାୟକଙ୍କ ନେତୃତ୍ୱରେ ଏହି ବିରୋଧ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ବରିଷ୍ଠ କାର୍ଯ୍ୟକର୍ତ୍ତା ଶୈଳେନ୍ଦ୍ର ନାୟକ, ଶୁଶିଳ ଅଗ୍ରୱାଲ, ଅରୁଣ ଅଗ୍ରୱାଲ, ରାଣାପ୍ରତାପ ସିଂ, ସଚ୍ଚିଦାନନ୍ଦ ଶର୍ମା, ସୁଦନ ଖଣ୍ଡା, ରଞ୍ଜନ ଶର୍ମା, ଅସିତ ଗଙ୍ଗଦେବ, ପିଙ୍କୁ ପାଣି, ପ୍ରାଣବନ୍ଧୁ ନାଥ, ମହେଶ ରାୟ, ଶ୍ରୀକାନ୍ତ ଦ୍ୱିବେଦୀ, ଅନୁପମା ନାୟକ, କୁଞ୍ଜଲତା ନାୟକ, ଅଜୟ ରାୟ, ଅଶୋକ ପଟେଲଙ୍କ ସମେତ ବହୁ ସଂଖ୍ୟକ କର୍ମୀ ସାମିଲ ହୋଇଥିଲେ।

## ୱେଷ୍କୋର ପୂର୍ବତନ ସିଓଓ ମୋହନ ମିଶ୍ରଙ୍କ ପରଲୋକ


ମୋହନ କୁମାର ମିଶ୍ର।

ସମ୍ବଲପୁର,୨୦।୧୨(ବି.ଶଙ୍କର)

ୱେଷ୍କୋର ପୂର୍ବତନ ଚିଫ ଅପରେଟିଂ ଅଫିସର (ସିଓଓ) ମୋହନ କୁମାର ମିଶ୍ରଙ୍କ ଗୁରୁବାର ସନ୍ଧ୍ୟାରେ ବାଙ୍ଗାଲୁରୁଠାରେ ପରଲୋକ ହୋଇଯାଇଛି। ସେ କ୍ୟାନସର ରୋଗରେ ଆକ୍ରାନ୍ତ ହୋଇ ସେଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ଅନ୍ତିମ ଶଯ୍ୟାରେ ସ୍ତ୍ରୀ ଜୟଶ୍ରୀ, ପୁଅ ସ୍ୱପ୍ନିଲ ପ୍ରଶାନ୍ତ, ବୋହୂ ଦୀପିକା, ଝିଅ ସୋନାଲି, ଜ୍ୱାଇଁ ମିଥିଲେଶ ସୂପକାର ଓ ନାତି ଇଶାନ ଉପସ୍ଥିତ ଥିଲେ। ଅବିଭକ୍ତ ସମ୍ବଲପୁର ଜିଲା ବାଗଡିହିର ମୂଳବାସିନ୍ଦା ଜନ୍ମେଜୟ ମିଶ୍ର ଓ ସରୋଜିନୀଙ୍କ ପୁଅ ଅଟନ୍ତି । ଚାକିରୀକାଳରେ ସହକର୍ମୀ ମହଲରେ ବେଶ ଲୋକପ୍ରିୟ ସ୍ୱର୍ଗତ ମିଶ୍ର ବିଦ୍ୟୁତ୍ ଚୋରି ରୋକିବା ସହ ୱେଷ୍କୋରେ ଅନେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ। ଶୁକ୍ରବାର ସମ୍ବଲପୁର ସ୍ଥିତ ଜିଲାସ୍କୁଲର ପୁରାତନ ଛାତ୍ର ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ତାଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି।

**ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ର ବାର୍ଷିକ ଉତ୍ସବ**

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଛାତ୍ରୀଛାତ୍ର

ସମ୍ବଲପୁର,୨୦।୧୨(ବି.ଶଙ୍କର)

ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ର ବାର୍ଷିକ ଉତ୍ସବ ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରଣରଞ୍ଜୟ ସିଂହ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନୀତ ଅତିଥି ଭାବେ ସମ୍ବଲପୁର ମହାନଗର ନିଗମ କମିସନର ବେଦଭୂଷଣ ଯୋଗଦାନ କରିଥିଲେ। ପାଠ ପଢ଼ିବା ସହ ଛାତ୍ରୀଛାତ୍ରମାନେ କ୍ରୀଡା, ଚିତ୍ରାଙ୍କନ, ବକ୍ତୃତା, ରଚନା, କୁଇଜ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଆବଶ୍ୟତା ରହିଛି। ଯଦ୍ୱାରା ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଭାବେ ସଫଳତାର ଶୀର୍ଷକୁ ଛୁଇଁ ପାରିବେ। ଏଥିସହ ସେମାନେ ନିଜ ବିଦ୍ୟାଳୟ ସହ ରାଜ୍ୟ ଓ ଦେଶକୁ ଗୌରାବାନ୍ୱିତ କରିପାରିବେ ବୋଲି ଉତ୍ସବରେ


ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚକ୍ରଧର ଦେହୁରୀ ଅତିଥି ସ୍ୱାଗତ କରିଥିଲେ। ପିଜିଟି ଇଂରାଜୀ ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସର୍ବ ପ୍ରଥମେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ହୋଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ଅତିଥିମାନଙ୍କୁ ଚାରା ଅର୍ପଣ କରି ସବୁଜ ସ୍ୱାଗତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ସ୍ୱାଗତ ନୃତ୍ୟ, ଓଡିଶୀ ନୃତ୍ୟ ଓ ଭାରତନାଟ୍ୟମ, ମୁଖଟା ନୃତ୍ୟ, ମୁକ ଅଭିନୟ, ଢେମସା ନୃତ୍ୟ, ନାଟକ, ଭାଙ୍ଗଡା ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ଯୋଗ ନୃତ୍ୟ ପ୍ରଭୃତି ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରକାର ନୃତ୍ୟଗୀତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଥିଲେ ଛାତ୍ରୀଛାତ୍ର। ଶେଷରେ ଉପାଧ୍ୟକ୍ଷ ବଳରାମ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଭିମସାର ପଦୋନ୍ନତି ବିରୋଧରେ ଡାକ୍ତରଙ୍କ ଆବେଦନ ଖାରଜ

ସମ୍ବଲପୁର,୨୦।୧୨(ଭବାନୀ ଶଙ୍କର ଭୋଇ)

ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ୬୩ ଜଣ ବରିଷ୍ଠ ସହାୟକଙ୍କ ପଦୋନ୍ନତିକୁ ଖାରଜ କରିବା ପାଇଁ ବୁର୍ଲା ମେଡିକାଲର ୬ଜଣ ଡାକ୍ତର କରିଥିବା ଆବେନକୁ ଗତ ୧୭ ତାରିଖରେ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ଜଷ୍ଟିସ ଏସ୍‌କେ ପାଣିଗ୍ରାହୀ ଦେଇଥିବା ରାୟ ଅନୁସାରେ ଭିମସାର ଆଇନ ୨୦୧୪ର ଧାରା ୪୪ ଅନୁସାରେ ପଦୋନ୍ନତିକୁ ଯଥାର୍ଥ ଦର୍ଶାଇ ଆବେଦନକୁ ଖାରଜ କରିଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୧୦ ନଭେମ୍ବର ୨୦୨୩ ରେ ବୁର୍ଲାର ୬ଜଣ ଡାକ୍ତର ଭିମସାର ମେଡିକାଲର ପଦୋନ୍ନତି ବୋର୍ଡର ରାୟକୁ ଖାରଜ କରିବାକୁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ଡାକ୍ତର ପ୍ରସନ୍ନ ସ୍ୱାଇଁଙ୍କ ସମେତ ୬ ଜଣ ଡାକ୍ତର ବୁର୍ଲା ଭିମସାରରେ ୬୩ ଜଣ ବରିଷ୍ଠ ସହାୟକଙ୍କ ପଦୋନ୍ନତି ବିରୋଧରେ ଆବେଦନ କରିଥିଲେ। ତେବେ ଭିମସାରରେ ହୋଇଥିବା ପଦୋନ୍ନତି ଯୋଗୁଁ ଆବେଦନକାରୀଙ୍କ ଉପରେ କୌଣସି ପ୍ରଭାବ କିମ୍ବା କ୍ଷତି ଘଟୁ ନ ଥିବାରୁ ୬୩ ଜଣ ବରିଷ୍ଠ ସହାୟକଙ୍କ ପଦୋନ୍ନତି ବିରୋଧରେ ଆବେଦନକୁ ମାନ୍ୟବର ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ଭିମସାରରେ ପ୍ରତ୍ୟେକ ବିଭାଗରେ କାର୍ଯ୍ୟରତ ନିୟମିତ ଆସୋସିଏଟ ପ୍ରଫେସରମାନଙ୍କ ମଧ୍ୟରେ ଦୁଇବର୍ଷରେ ଥରେ ବିଭାଗୀୟ ମୁଖ୍ୟ ଦାୟିତ୍ୱ ବଣ୍ଟନ ହେବା ସମ୍ବନ୍ଧୀୟ ସରକାରୀ ଆଦେଶନାମା ରହିଛି। ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆବେଦନ ଖାରଜ ହେବା ପରେ ପଦୋନ୍ନତିପାଇଥିବା ବୁର୍ଲା ଭିମସାରର ୬୩ ଜଣ ବରିଷ୍ଠ ସହାୟକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସୂଚନାଯୋଗ୍ୟଯେ ଭିମସାରରେ ପଦୋନ୍ନତିକୁ ନେଇ ଦୀର୍ଘ ବର୍ଷ ହେବ ଟଣାଓଟରା ଲାଗି ରହିଥିଲା। ଯାହାଦ୍ୱାରା କାର୍ଯ୍ୟରତ ନିୟମିତ ଆସୋସିଏଟ ପ୍ରଫେସରମାନଙ୍କ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ମିଳିବା ନେଇ ସମସ୍ୟା ସୃଷ୍ଟି ହେଉଥିଲା।

## ଉଠାଜଳସେଚନ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ପ୍ରତିଯୋଗିତା

ସମ୍ବଲପୁର,୨୦।୧୨(ବି.ଶଙ୍କର)

ପାଣି ପଞ୍ଚାୟତ ପକ୍ଷ ପାଳନ ୨୦୨୪-୨୫ ଉପଲକ୍ଷେ ସମ୍ବଲପୁର ଜିଲା ଉଠା ଜଳସେଚନ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ବିବିଧ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସିନ୍ଦୁରପଙ୍କ ସ୍ଥିତ ଜନାର୍ଦ୍ଦନ ପୂଜାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବକ୍ତୃତା, ରଚନା, କୁଇଜ, ପ୍ରକଳ୍ପ ପ୍ରଦର୍ଶନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା।


ଉଠା ଜଳସେଚନ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ବିବିଧ ପ୍ରତିଯୋଗିତାରେ ଅତିଥି ଓ ଛାତ୍ରୀଛାତ୍ର।

ଏଥିରେ ମାନେଶ୍ୱର ବ୍ଲକ ଅନ୍ତର୍ଗତ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଉଠା ଜଳସେଚନ ବିଭାଗ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ପାଳନ ଦିବସରେ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ପ୍ରଦୀପ କୁମାର ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ଚିତ୍ତରଞ୍ଜନ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଇଞ୍ଜିନିୟର ସନ୍ତୋଷ କୁମାର ସାହୁ ଓ ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀ ଇଞ୍ଜିନିୟର ସୌମ୍ୟରଞ୍ଜନ ମହାପାତ୍ରଙ୍କ ସହିତ କ୍ଷୀରୋଦ ବେହେରା, ସଞ୍ଜେଶ ମେହେର, ସୁରଜ ବାଘ ସହଯୋଗ କରିଥିଲେ ।

## ଗଙ୍ଗାଧର ସାହିତ୍ୟର ସାଙ୍ଗୀତିକତା କାର୍ଯ୍ୟକ୍ରମ

ସମ୍ବଲପୁର,୨୦।୧୨(ବି.ଶଙ୍କର)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ) ଓ ସୂର ମନ୍ଦିରର ମିଳିତ ଆନୁକୁଲ୍ୟରେ ଶୁକ୍ରବାର ଗଙ୍ଗାଧର ସାହିତ୍ୟର ସାଙ୍ଗୀତିକତା କାର୍ଯ୍ୟକ୍ରମ ପରିବେଷଣ ହୋଇଯାଇଛି । ଜିଏମୟୁର ଅଧ୍ୟାପନା ପ୍ରକୋଷ୍ଠ-୧ରେ ପ୍ରଫୁଲ୍ଲ ମିତ୍ରଙ୍କ ପରିଚାଳନାରେ ସମ୍ବଲପୁରର ପ୍ରତିଷ୍ଠିତ ଆକାଶବାଣୀ ଓ ଦୂରଦର୍ଶନ କଳାକାରମାନେ ଗଙ୍ଗାଧର ମେହେରଙ୍କ ରଚିତ କବିତା ଉପରେ ଆଧାରିତ ସଙ୍ଗୀତ ଗାନ କରିଥିଲେ। ପ୍ରାରମ୍ଭରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ଡ. ଏନ. ନାଗାରାଜୁ କବି ଗଙ୍ଗାଧର ମେହେରଙ୍କ କାବ୍ୟ କବିତାର ବୈଶିଷ୍ଟ୍ୟ ସମ୍ପର୍କରେ କହିବା ସହିତ ସ୍ୱଭାବ କବିଙ୍କ ତିରୋଧାନ ଶତବାର୍ଷିକୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ବର୍ଷବ୍ୟାପୀ କାର୍ଯ୍ୟକ୍ରମ ବାବଦରେ ସୂଚନା ଦେଇଥିଲେ। ପଦ୍ମଲୋଚନ ଦାଶ, ଡ. ପ୍ରଦୀପ ପଣ୍ଡା, ଡ. ଶ୍ୟାମ ଭୋଇ, ଐତିହାସିକ ଦୀପକ କୁମାର ପଣ୍ଡା, ସନ୍ତୋଷ କୁମାର ପିଙ୍ଗ ମଧ୍ୟ ଆଲୋଚନା କରିଥିଲେ। ପ୍ରଫୁଲ୍ଲ ମିତ୍ର ଗଙ୍ଗାଧର ସାହିତ୍ୟରେ କବି କଳ୍ପନା ଓ ଶବ୍ଦାବଳୀ ଅନୁଯାୟୀ ତାଳ, ଲୟ ଓ ସୂରର ମହତ୍ତ୍ୱ, ରାଗ ରାଗିଣୀ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ ମୋହନ ସାହୁ ଏବଂ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗାଁ ଉପରେ ଅଜଣା ହେଲିକପ୍ଟର:ଲୋକେ ଆତଙ୍କିତ

କୁଚିଣ୍ଡା,୨୦।୧୨(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ ଜମନକିରା ବ୍ଲକ କେନାଢିପା, ଧୁଡିପାଲି, ଚକୁଲିଆବାହାଲ ଆଦି ପଞ୍ଚାୟତର ବିଭିନ୍ନ ଗାଁ ଉପରେ ଆଜକୁ ୩/୪ଦିନ ହେବ ଏକ ଅଜଣା ହେଲିକେପ୍ଟର ଅତି ପାଖରେ ଚକ୍କର କାଟୁଛି। ସୂଚନା ଅନୁଯାୟୀ, ହେଲିକେପ୍ଟରରୁ ଏକ ଗୋଲାକୃତି ଆକାରର ଗୋଟିଏ ରିଙ୍ଗ ଓ ତା ମଝିରେ କ୍ୟାମେରା ଭଳି ଜିନିଷ ତଳକୁ ଝୁଲୁଥିବା ଦୃଶ୍ୟମାନ ହେଉଛି। ନକଟିପାଲି, ସାନ ବାଲିମାଲ, ଭୋଇପାଲି, ଚକୁଲିଆବାହାଲ ଆଦି ଗାଁ ଉପରେ ପ୍ରତିଦିନ ୨ରୁ୩ ଥର ଚକ୍କର କାଟୁଥିବା ଦେଖାଯାଉଛି। ଫଳରେ ଅଞ୍ଚଳର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। କେଉଁଥି ପାଇଁ ଓ କ'ଣ ପାଇଁ ଏହି ହେଲିକେପ୍ଟରଟି ଏଭଳି ଚକ୍କର କାଟୁଛି ତାର କୌଣସି ସୂଚନା ପ୍ରଶାସନ ପାଖରେ ମଧ୍ୟ ନାହିଁ। ଏ ସମ୍ପର୍କରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ଓ ଜମନକିରା ତହସିଲଦାର ହରେକୃଷ୍ଣ ବରିହାଙ୍କୁ ପଚାରିବାରେ ଏନେଇ ଆମ ପାଖରେ କୌଣସି ସୂଚନା ନ ଥିବା କହିଛନ୍ତି।


ଗାଁ ଉପରେ ଚକ୍କର କାଟୁଥିବା ଅଜଣା ହେଲିକେପ୍ଟର।

## ପ୍ରଶିକ୍ଷଣରେ ମିଳିଥିବା ଜ୍ଞାନକୁ ଉପଯୋଗ କର

ସମ୍ବଲପୁର,୨୦।୧୨(ଭବାନୀ ଶଙ୍କର ଭୋଇ)

ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ବଲପୁର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଧନକଉଡା ବ୍ଲକ ଅନ୍ତର୍ଗତ ଗୋପାଲପାଲି ଶୋଭାରାମ ବୁଦ୍ଧିଆ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହୋଇଥିଲା। ଜିଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବରେ ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟସ୍ତରରେ ପ୍ରଶିକ୍ଷିତ ଜ୍ଞାନକୁ ପ୍ରୟୋଗ କରିବା ପାଇଁ ଉତ୍ସାହିତ କରିଥିଲେ। ଉକ୍ତ ଶିବିର ପ୍ରଧାନଶିକ୍ଷୟିତ୍ରୀ ବିଳାଶିନୀ ବାବୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ସମ୍ମାନିତ ଅତିଥି ଭାବରେ ରାଜ୍ୟ ଜୁନିୟର ରେଡ଼କ୍ରସ ଅଫିସର ଲକ୍ଷ୍ମଣ କୁମାର ସ୍ୱାଇଁ, ଓସାକ କାଉନସେଲର ରୋଜାଲିନ ପଣ୍ଡା



ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀ।

**ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଉକ୍ତ ଉଦ୍‌ଯାପନୀ ସଭାରେ ଆନନ୍ଦ ଡନସନା ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ଦିବସରେ ଜିଲା ଜରୁରୀକାଳୀନ ଅଧିକାରୀ ରୋଜାଲିନ ତିର୍କୀ ପ୍ରାଥମିକ ସେବା ଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ତୃତୀୟ ଦିବସରେ ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ସୁଦାମ କିସକୋଙ୍କ ନେତୃତ୍ୱରେ ନିଆଁ ଲିଭାଇବା ଜନିତ ସୁରକ୍ଷା ଶିକ୍ଷା ଏବଂ ଅତିରିକ୍ତ ଜିଲା ପରିବହନ ଓ ଯୋଗାଯୋଗ ଅଧିକାରୀ କାହ୍ନୁଚରଣ ବାନରା ସଡ଼କ ସୁରକ୍ଷା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଡ. ସତ୍ୟନାରାୟଣ ହୋତା ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପଶ୍ଚିମ ଓଡ଼ିଶାର ବରଗଡ଼, ବଲାଙ୍ଗିର, ଝାରସୁଗୁଡ଼ା ଏବଂ ସମ୍ବଲପୁର ଆଦି ଚାରୋଟି ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ମୋଟ ୧୦୦ ଜଣ କାଉନସେଲର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜୁନିୟର ରେଡ଼କ୍ରସ କାଉନସିଲର ପ୍ରତାପ ସେନାପତି, ରାଜାରାମ ପଣ୍ଡା, ଦେବଦତ୍ତ ପଣ୍ଡା, ତୃପ୍ତିମୟୀ ସ୍ୱାଇଁ, ବିରେନ ସାହୁ, ବିକାଶ ରଞ୍ଜନ ସାହୁ ତଥା ଶୋଭାରାମ ବୁଦ୍ଧିଆ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କର୍ମଚାରୀ ଏବଂ ଛାତ୍ରୀଛାତ୍ର ବିଶେଷ ସହଯୋଗ କରିଥିଲେ।

**ଅନ୍ନଦାତା ମହୋତ୍ସବ ପାଳିତ**

କେସିଙ୍ଗା (ତୁମେଶ୍ୱର ସାହୁ): କେସିଙ୍ଗା ବ୍ଲକ ତୁର୍ଲାଖମନ ପଞ୍ଚାୟତ ପରିସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ କେସିଙ୍ଗା ପକ୍ଷରୁ ଶୁକ୍ରବାର ଅନ୍ନଦାତା ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଆଖପାଖ ଗ୍ରାମରୁ ବହୁ ଚାଷୀ ଯୋଗଦାନ କରିଥିଲେ। ଚିଫ୍ ମ୍ୟାନେଜର ରୋହିତ ମହାନନ୍ଦ ଚାଷ ଋଣ, ଗୋପାଳନ, ମାଛ ଚାଷ, ହାର୍ଭେଷ୍ଟର ଫାଇନାନ୍ସ, ମୁଦ୍ରା ଋଣ ଆଦି ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଠିକ୍ ଭାବେ ଋଣ ପରିଶୋଧ କରୁଥିବା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ଷେତ୍ର ଅଧିକାରୀ ପ୍ରତ୍ୟୁଷ ରଞ୍ଜନ ଦାଶ ବିଭିନ୍ନ ଋଣ ଓ ସବ୍‌ସିଡି ବିଷୟରେ ଅବଗତ କରାଇଥିଲେ।



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ଖଡ଼ିଆଳ,୨୦।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଦାବ୍ରି ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଚିନ୍ତାମଣି ହଂସ(୧୯)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଚିନ୍ତାମଣି କୌଣସି କଥାକୁ ନେଇ ମାନସିକ ଭାରସାମ୍ୟ ହରାଇ ନିକଟସ୍ଥ ମନାଡଙ୍ଗାର ଏକ ଗଛରେ ନିଜ ଜିନ୍ସ ପ୍ୟାଣ୍ଟରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଏ ନେଇ ମୃତକଙ୍କ ବାପା ଜଗମୋହନ ହଂସ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ତଦନ୍ତ ଅଧିକାରୀ ଏସ୍‌ଆଇ ଅଶୋକ ବିହାରୀ ପ୍ରକାଶ କରିଛନ୍ତି।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**କୋକସରା,୨୦।୧୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** ଜାତୀୟ ରାଜପଥ ୨୬ କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ କାଉଡୋଲା ଧାନ ମଣ୍ଡି ନିକଟରେ ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲଡୁଗାଁ ଗ୍ରାମର ମନୋରଞ୍ଜନ ଦାସ (୩୨)। ଯୁବକ ଜଣକ କିଭଳି ଦୁର୍ଘଟଣାର ସମ୍ମୁଖୀନ ହେଲେ ତାହା ଅସ୍ପଷ୍ଟ ରହିଛି। ସେ ଲଡୁଗାଁରୁ ବାଇକ୍‌ରେ କୋକସରା ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବର ପାଇ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କ ସମେତ ମୃତ ଯୁବକଙ୍କ ପରିଜନ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆମପାଣି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇ ଏହାର ତଦନ୍ତ ଜାରି ରଖିଛି। ଯୁବକଙ୍କ ଅକାଳ ବିୟୋଗରେ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବୋଡ଼େନ,୨୦।୧୨(ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଖଇରା ଜନଶକ୍ତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଖଇରା ୟୁ ପି ସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୭ଶହ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପଦକ ସହ ମାନପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରିନ୍ସିପାଲ ଅନନ୍ତରାମ ମେହେରଙ୍କ ତତ୍ତ୍ୱାବଧାନରେ ଅତିଥିଭାବେ ସରପଞ୍ଚ କୈଳାଶ ନାଗ, ମଦନ ମୋହନ ପ୍ରଧାନୀ, ମହେନ୍ଦ୍ର ବାଗ, ହେମନ୍ତ ମାଝୀ, ଖବରଦାତା ଜଗତ ରାମ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଦିଲୀପ ଦାସ, ଯୋଗେନ୍ଦ୍ର ନାଥ ଦଣ୍ଡସେନା, ହରିହର ମାଝୀ, ତନ୍ମୟ ତାଣ୍ଡି, ଜୟପ୍ରଭା ବଙ୍ଗୋଲା, ପୁଷ୍ପାଞ୍ଜଳି ମାଝୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ହରିହର ସାହୁ ମଞ୍ଚ ପରିଚାଳନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁନାହାନ୍ତି କର୍ମଚାରୀ

**ଲାଞ୍ଜିଗଡ଼,୨୦।୧୨(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ କୁମଖାଲ ଗ୍ରାମପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ, କର୍ମଚାରୀ ନିୟମିତ ରହୁ ନ ଥିବା ଅଭିଯୋଗକରି ପଞ୍ଚାୟତବାସୀ ପ୍ରତିବାଦ କରିଥିଲେ। ସେମାନଙ୍କ କହିବା ଅନୁସାରେ ସ୍ୱାସ୍ଥ୍ୟକର୍ମୀ କେବଳ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ଦେଖାଦିଅନ୍ତି। ଅନ୍ୟ ସମୟରେ କେତେବେଳେ କେନ୍ଦ୍ରକୁ ଆସନ୍ତି କେହି ଜାଣନ୍ତି ନାହିଁ। ସର୍ବଦା କେନ୍ଦ୍ରରେ ତାଲା ଝୁଲି ରହୁଥିବାରୁ ଶିଶୁ, ଗର୍ଭବତୀ, ପ୍ରସୂତି ମହିଳା, ଗୁରୁତର ରୋଗୀ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଛନ୍ତି। ସରକାରଙ୍କ ମାଗଣା ଔଷଧ ମଧ୍ୟ ରୋଗୀଙ୍କୁ ଦିଆଯାଉନାହିଁ। ଏଠାରୁ ସେବା ନ ପାଇ ଲୋକେ ବାଧହୋଇ ବ୍ଲକ୍ ମୁଖ୍ୟାଳୟ ବିଶ୍ୱନାଥପୁର ଡାକ୍ତରଖାନା ଯାଉଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ନେଇ ବିଶ୍ୱନାଥପୁର ମେଡିକାଲ ଅଫିସର ଭବାନୀ ଶଙ୍କର ଲେଙ୍କାଙ୍କୁ ପଚାରିବାରୁ ଦାୟିତ୍ୱରେ ଥିବ ସ୍ୱାସ୍ଥ୍ୟକର୍ମୀଙ୍କ ହାତ ଭାଙ୍ଗିଯିବା ଯୋଗୁ ୧ ମାସ ଛୁଟିରେ ଥିଲେ। ତାଙ୍କ ସ୍ଥାନରେ ତ୍ରିଲୋଚନପୁର ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଦାୟିତ୍ୱ ଦିଆଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ସେ ପ୍ରକାଶ କରିଥିଲେ।

# ଜୀବନ ଯୁଦ୍ଧରେ ବାଜି ଲଗାଇ ସେବା ଦେଉଛନ୍ତି କର୍ମଚାରୀ

**ଭବାନୀପାଟଣା,୨୦।୧୨(ଉତ୍ତମ କୁମାର ଦାଶ)**



ଅତିଥିଙ୍କ ଉପସ୍ଥିତିରେ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଟାଉନ ହଲଠାରେ ଶୁକ୍ରବାର ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ୬୨ତମ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ମାନବ ସମ୍ବଳ ଅଧିକାରୀ କସ୍ମସ ଡି ଲାକ୍ରା, ଆଇଆର୍ ତରୁଣ ରାଉତ, କଳାହାଣ୍ଡି ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଲୋକନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ଶକ୍ତି ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ବିଦ୍ୟୁତ୍ କର୍ମଚାରୀ ଜୀବନ ଯୁଦ୍ଧରେ ସର୍ବଦା ବାଜି ଲଗାଇ ସେବା ଦେଉଛନ୍ତି ବୋଲି କହିଥିଲେ। ସେହିପରି

**ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ**

ଆଜିକା ଦିନରେ ଦେଶରେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଯାହା ବିଦ୍ୟୁତ୍ କର୍ମଚାରୀଙ୍କ ପାଇଁ ସମ୍ଭବ ହୋଇପାରିଛି। ତେଣୁ ସେମାନଙ୍କ ଦାବିକୁ ବିଚାର କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଯୋଗଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ସଂଘର ବାର୍ଷିକ ବିବରଣୀ ପଠନ କରି ଶ୍ରମିକମାନଙ୍କ ମଜୁରି ନିର୍ଦ୍ଧାରଣ, କ୍ୟାଡ଼ର ପୁନଃଗଠନ ଆଦି ୬ଦଫା ଦାବି ଉପରେ ରାଜ୍ୟ ସରକାର ଓ ଟାଟା କର୍ତ୍ତୃପକ୍ଷଙ୍କୁ ବିଚାର ବିମର୍ଷ କରି ସମାଧାନ କରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭବାନୀପାଟଣା ଡିଭିଜନର ଦୁର୍ଗାମାଧବ ପଣ୍ଡା, ନିଗମା ନନ୍ଦ ଦାଶ, ପରମେଶ୍ୱର ବେହେରା, ଅଜୟ କୁମାର ସିଂହ, ସୁବ୍ରତ ସାହୁ, ମନୋଜ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୬୦ କଡିଭିଜନର ଏକହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି, ୬୦ ଜଣ ଡିଭିଜନ ସମ୍ପାଦକ, ୧୫ ଜଣ ସର୍କଲ ସମ୍ପାଦକ ଓ ୨୦ ଜଣ କେନ୍ଦ୍ରୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

# ୨୯ରେ ପ୍ରଗତି ପ୍ରତିଭା ପରୀକ୍ଷା

**ଭବାନୀପାଟଣା,୨୦।୧୨(ଉତ୍ତମ କୁମାର ଦାଶ)**

**ପ୍ରଗତି ପ୍ରତିଭା ପୁରସ୍କାର ପାଇଁ ପ୍ରସ୍ତୁତି ବୈଠକ**

ଭବାନୀପାଟଣା ସରସ୍ୱତୀ ପ୍ରଗତି ଶିକ୍ଷାନୁଷ୍ଠାନରେ ଶୁକ୍ରବାର ପ୍ରଗତି ପ୍ରତିଭା ପରୀକ୍ଷାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଜୟ ପଣ୍ଡା, ଚେୟାର ପର୍ସନ ସଂଗୀତା ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଦୀପ ପଣ୍ଡା, ଅଧ୍ୟକ୍ଷ ଶେଷଦେବ ମୁଣ୍ଡ, ମୁଖ୍ୟ ଶିକ୍ଷା ସଂଯୋଜକ ଅଞ୍ଜନ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନ ମୁଖ୍ୟ ପଣ୍ଡା କହିଥିଲେ, ପ୍ରଗତି ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଗତି ପ୍ରତିଭା ପୁରସ୍କାର ପ୍ରଦାନ ନିମନ୍ତେ ଆସନ୍ତା ୨୯ରେ ଓଡ଼ିଆ ଓ ଇଂରାଜୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଗତି କଲେଜ ପରିସରରେ ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବରୁ ସ୍କୁଲ ସ୍ତରରେ ହୋଇଥିବା ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ସେମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯିବ। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଯୋଗ୍ୟତା ପ୍ରଦର୍ଶନ କରିବା ପାଇଁ ପ୍ରଗତି ଟ୍ରଷ୍ଟ ଏହି ପୁରସ୍କାର ପ୍ରସ୍ତୁତ କରିଛି। ଏହି ପରୀକ୍ଷାରେ ଓଡ଼ିଆ ଓ ଇଂରାଜୀ ମାଧ୍ୟମରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇପାରିବେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୫ ହଜାର, ଦ୍ୱିତୀୟ ପ୍ରତିଯୋଗୀଙ୍କୁ ୧୦ ହଜାର ଓ ତୃତୀୟ ପ୍ରତିଯୋଗୀଙ୍କୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ସହିତ ଏହି ପ୍ରତିଭା ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଦୁଇବର୍ଷ ପଢ଼ିବା ଖର୍ଚ୍ଚ, ରହିବା ଓ ଖାଇବା ଖର୍ଚ୍ଚ ସ୍କୁଲ ବହନ କରିବ ବୋଲି ପଣ୍ଡା ଘୋଷଣା କରିଥିଲେ। ଏହାସହିତ ପ୍ରଗତି ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଇଚ୍ଛୁକ ଶ୍ରେଷ୍ଠ ୫୦ ଛାତ୍ରଛାତ୍ରୀ ମେଧାବୃତ୍ତି ସହ ପଢ଼ିବାର ସୁଯୋଗ ପାଇପାରିବେ। ଏହି ଶିକ୍ଷାନୁଷ୍ଠାନରେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିନା ଶୁଳ୍କରେ ଯୁକ୍ତ ୨ ଶ୍ରେଣୀରେ ଅଧ୍ୟୟନ କରିବାର ସୁଯୋଗ ଦିଆଯାଉଛି। ଅନୁଷ୍ଠାନର ଚେୟାର ପର୍ସନ ପଣ୍ଡା ପ୍ରଗତି ପ୍ରତିଭା ପରୀକ୍ଷାରେ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଆହ୍ୱାନ କରିଥିଲେ।

# ପ୍ରତିଶ୍ରୁତି ପାଳନ କରିବାରେ ସରକାର ବିଫଳ

**କଂଗ୍ରେସର ଶୋଭାଯାତ୍ରା, ଜିଲାପାଳଙ୍କୁ ଦାବିପତ୍ର**

**ଭବାନୀପାଟଣା,୨୦।୧୨(ଉତ୍ତମ କୁମାର ଦାଶ)**



ପ୍ରତିବାଦ ସଭାରେ କଂଗ୍ରେସ କର୍ମକର୍ତ୍ତା।

ଓଡ଼ିଶାରେ ଭାଜପା ସରକାର ଆସିଲେ ମଣ୍ଡିରେ ଚାଷୀଙ୍କ ଧାନ ବିନା କଟ୍‌ନିରେ କିଣାଯିବ ବୋଲି ନର୍ବାଚନ ସମୟରେ ଭାଜପା ପ୍ରତିଶ୍ରୁତି ଦେଇଥିଲା। ହେଲେ ସେହି ପ୍ରତିଶ୍ରୁତି ପାଳନ କରିବାରେ ସରକାର ଏବେ ବିଫଳ ହୋଇଛନ୍ତି। ବର୍ତ୍ତମାନ ପ୍ରତ୍ୟେକ ମଣ୍ଡିରେ ୫ରୁ ୮ କେଜି ପର୍ଯ୍ୟନ୍ତ କଟ୍‌ନି କରି ମିଲରମାନେ ଧାନ ଉଠାଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେଇ ନୀରବଦ୍ରଷ୍ଟା ସାଜିଛି। କଳାହାଣ୍ଡି ଜିଲା କଂଗ୍ରେସ ଏଭଳି ଅଭିଯୋଗ ଆଣି ଶୁକ୍ରବାର ଶୋଭାଯାତ୍ରା କରିଥିଲା। ଭବାନୀପାଟଣା ଷ୍ଟେଚ୍ୟୁ ଛକଠାରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬ଦଫା ଦାବି ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଚାଷୀଙ୍କ ଧାନ ବିନା କଟ୍‌ନିରେ ଉଠାଇବା, କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା ପ୍ରଦାନ, ଚାଷୀଙ୍କୁ ଅଖା ବସ୍ତା ଶୀଘ୍ର ଯୋଗାଇବା, ତୁରନ୍ତ ଚାଷୀଙ୍କ ଧାନ ମଣ୍ଡିରୁ ଉଠାଇବା, ମଣ୍ଡିରେ ପିଇବା ପାଣି ବ୍ୟବସ୍ଥା, ବର୍ଷା ଦାଉରୁ ଚାଷୀଙ୍କ ଧାନ ସୁରକ୍ଷିତ ରଖିବା ଆଦି ଦାବି କରାଯାଇଛି। ପରେ ୬ ଦଫା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଭବାନୀପାଟଣା ସଦର ବ୍ଲକ କଂଗ୍ରେସ ସଭାପତି ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଉପସଭାପତି ଧନୁର୍ଦ୍ଧର ଗହୀର, ଉଚ୍ଛବ ସାହୁ, ଇନ୍ଦ୍ରଜିତ ମହାକୁଡ, ମହିଳା ନେତ୍ରୀ ଦ୍ରୌପଦୀ ମାଝୀ, ସୁକାନ୍ତୀ ସରାଫ, ଜ୍ୟୋତ୍ସ୍ନା ବଗର୍ତ୍ତି, ବରିଷ୍ଠ ନେତା ସନ୍ତୋଷ ମୁଣ୍ଡ, ଯୁବନେତା ମହମ୍ମଦ ସାହେବ, ସୁଶାନ୍ତ ପ୍ରଧାନୀ, ମହେନ୍ଦ୍ର ନାୟକ, ଜଳନ୍ଧର ନାୟକ, ତାରିଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଚାପାରେ ଯୁବକଙ୍କ ମୃତ୍ୟୁ, ରାସ୍ତାରୋକୋ

**ଖଡ଼ିଆଳ,୨୦।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରିଷିଗାଁଠାରେ ଟ୍ରକ୍ ଚାପାରେ ଯୁବକଙ୍କ ମୃତ୍ୟୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ରାତିରେ ଡୁକଲା ଗ୍ରାମର ଉଦ୍ଧବ ରଣା (୨୨) ଖଡ଼ିଆଳ ପଟୁ ଗ୍ରାମକୁ ବାଇକ୍ ଯୋଗେ ଫେରୁଥିଲେ। ଏହି ସମୟରେ ଭବାନୀପାଟଣା ପଟୁ ଆସୁଥିବା ମାଲ ବୋଝେଇ ଟ୍ରକ୍ (ସିଜି୦୪ପିଏ-୪୯୧୩) ରିସିଗାଁଠାରେ ଉଦ୍ଧବଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଉତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର, ତହସିଲଦାର ନରସିଂ ଗଡ଼ବା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ସହାୟତା ସହ ଗାଡି ମାଲିକଙ୍କ ସହ ବୁଝାମଣା ପରେ ରାସ୍ତା ଅବରୋଧ ହଟିଥିଲା।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ଖଡ଼ିଆଳ,୨୦।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ନେହେନା ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨ଶହରୁ ଅଧିକ ଛାତ୍ରୀଛାତ୍ର ବିଭିନ୍ନ ଖେଳରେ ବରିଷ୍ଠ, କନିଷ୍ଠ ଓ ସର୍ବକନିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା ମୁଖ୍ୟ ଅତିଥି, ନେହେନା ସରପଞ୍ଚ ଅଶୋକା ଦଣ୍ଡସେନା, ସମିତି ସଭ୍ୟା ଲୀଳା ରାଉତରାୟ ସମ୍ମାନିତ ଅତିଥି ଓ ଏସ୍‌ଏମ୍‌ସି ସଭାନେତ୍ରୀ ଚାନ୍ଦା ବିଶି, ଶିକ୍ଷାବିତ୍ ଉମାକାନ୍ତ ଦଣ୍ଡସେନା, ନାଏବ ସରପଞ୍ଚ ସଦାଚରଣ ତାଣ୍ଡି ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ମନୋଜ ସୁନାନୀ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ଦଣ୍ଡସେନା, ମିତାଞ୍ଜଳି ପାତ୍ର, ମମତାଞ୍ଜଳି ବାଗ, ସୁରେଶ ବହିଦାର, ଅପର୍ଣ୍ଣା ଜଗତ, ସଙ୍ଗୀତା ସାଗର, କ୍ଷିତିମଣୀ ଚିନ୍ଦା ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ



ଦାୟିତ୍ୱ ଗ୍ରହଣ କରୁଛନ୍ତି ନାଏବ ସରପଞ୍ଚ।

**କେସିଙ୍ଗା,୨୦।୧୨(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ବାଲସି ସରପଞ୍ଚ ଭାରତୀ ସୁନାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଗୃହୀତ ପାଇଁ ଗତ ୨୮।୧୧।୨୦୨୪ରେ ଗୁପ୍ତ ଭୋଟିଂ ହୋଇଥିଲା। ଏଥିରେ ଦୁଇତୃତୀୟାଂଶରୁ ଅଧିକ ୱାର୍ଡମେମ୍ବର ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ଦେଇ ସରପଞ୍ଚ ସୁନାଙ୍କୁ ପରାସ୍ତ କରିଥିଲେ। ଏ ନେଇ ସୁନା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଭୋଟ ଫଳାଫଳ ଘୋଷଣା ସ୍ଥଗିତ ରଖିଥିଲେ। ଏହି ଆଦେଶନାମା ହଟିଲା ପରେ କଳାହାଣ୍ଡି ଜିଲାପାଳଙ୍କ ପତ୍ର ସଂଖ୍ୟା ୧୫୨୯/୧୯।୧୨।୨୦୨୪ରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୪(୧) ଅନୁସାରେ ଗୃହୀତ ଅନାସ୍ଥା ପ୍ରସ୍ତାବକୁ କାଏମ ରଖି ୧୯ ତାରିଖଠାରୁ ସରପଞ୍ଚ ଭାରତୀ ସୁନା ପଦଚ୍ୟୁତ ହେଲେ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି ହୋଇଛି। ଏହାସହ ନାଏବ ସରପଞ୍ଚ ନବକିଶୋର ସାହୁ ସରପଞ୍ଚ ଦାୟିତ୍ୱ ତୁଲାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତ। କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଚିଠି ନଂ.୭୭୫୫/୨୦।୧୨।୨୪ ପ୍ରକାରେ ନାଏବ ସରପଞ୍ଚ ସାହୁଙ୍କୁ ଶୁକ୍ରବାର ସରପଞ୍ଚ ଦାୟିତ୍ୱ ଦିଆଯାଇଛି।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା,୨୦।୧୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୭ମ ବାର୍ଷିକ ଉତ୍ସବ 'ଅଭ୍ୟୁଦୟ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶଶାଙ୍କ ଶେଖର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ମୁଖ୍ୟ ଅତିଥି, କେସିଙ୍ଗା କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢୀ ମୁଖ୍ୟ ବକ୍ତା ଓ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, ତହସିଲଦାର ଅରୁଣ ବର୍ଗେ, ଓଡିଶା ଆଦର୍ଶ ବିଦ୍ୟାଳୟର କଳାହାଣ୍ଡି ଜିଲା ନୋଡାଲ ଅଧ୍ୟକ୍ଷ ନୀଳ ମାଧବ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୋଳ ଗୋବିନ୍ଦ ହରିଜନ ଓ ମୁକେଶ ଥପା ସଭା ସଂଯୋଜନା କରିଥିବା ବେଳେ ପ୍ରଜ୍ଞାଦୀପ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବାଳକୃଷ୍ଣ ସାହୁ ଓ ଅବସରପ୍ରାପ୍ତ ସୈନିକ ହେମସାଗର ରଣାଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ଓଏଭିର ବାର୍ଷିକ ଉତ୍ସବ 'ଆବେଗ'



ଉତ୍ସବରେ ଉପସ୍ଥିତ ଅତିଥି।

**କୋକସରା,୨୦।୧୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ସଦର ମହକୁମାସ୍ଥିତ ବଙ୍ଗୋମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଆବେଗ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ନିଝୁମରାଣୀ ପଣ୍ଡିତଙ୍କ ସଭାପତିତ୍ୱରେ କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀ ମୁଖ୍ୟ ଅତିଥି, ସମ୍ବଲପୁର ୟୁନିଭର୍ସିଟିର ପ୍ରଫେସର ଡ. ଗୋପୀନାଥ ବାଗ ମୁଖ୍ୟବକ୍ତା ଓ ରାଜ୍ୟ ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ବିଇଓ ରଶ୍ମିତା ନେତମ, ପ୍ରଧାନ ଶିକ୍ଷକ ଜବାହର ଉଚ୍ଚ ବିଦ୍ୟାଳୟ ସୁଧୀର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଶିକ୍ଷୟିତ୍ରୀ ଭାରତୀ ହୋତା, ପ୍ରଜ୍ଞା ବିନୋଦିନୀ, ଶିକ୍ଷକ କମଳାକାନ୍ତ ସାହୁ ମଞ୍ଚ ସଂଯୋଜନା କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କ୍ୟାଣ୍ଡେଲ ଶୋଭାଯାତ୍ରାରେ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା,୨୦।୧୨(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇନ୍ଦ୍ରାବତୀ ହଷ୍ଟେଲଠାରେ ଗୁରୁବାର ଯୁକ୍ତ ୨ ପ୍ରଥମ ବର୍ଷ ବାଣିଜ୍ୟ ବିଭାଗର ଛାତ୍ରୀ ତୋଫାଳି ନାଏକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ତାଙ୍କ ଅକାଳ ବିୟୋଗରେ ଶୁକ୍ରବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ କମିଟି ସଦସ୍ୟ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରୁ ଇରିଗେଶନ ଛକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ସେଠାରେ ମୃତ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ଭୋଳା ନାଥ ନାଗ, ଆଶୁତୋଷ ପୂଜାରୀ, ବୋଧିସତ୍ତ୍ୱ ସୁନା, ମୋହିତ ପରିଡ଼ା, ଥବୀର ଚନ୍ଦ୍ର ରଣା, ଉମାକାନ୍ତ ନିଆଲ, ଅଭୟ ସାହୁ, ବସନ୍ତ କୁମ୍ଭାର, ସୋମ୍ୟରଞ୍ଜନ ନାଏକ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ।



# ସ୍ୱାସ୍ଥ୍ୟ ବିଭାଗ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର

**ନୂଆପଡ଼ା,୨୦।୧୨ (ମକାରୁ ବେମାଲ)**



ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସମସ୍ୟାକୁ ନେଇ ଜିଲା ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ସର୍କିଟ ହାଉସଠାରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଜିଲାରେ ୩୦୯ ମଞ୍ଜୁରିପ୍ରାପ୍ତ ଡାକ୍ତର ପୋଷ୍ଟରୁ ୧୨୭ ଥିବାବେଳେ ୧୮୨ ପଦବୀ ଖାଲି ପଡ଼ିଛି। ତନ୍ମଧ୍ୟରୁ ୩୦ ଜଣ ଷ୍ଟଡି ଲିଭରେ ଅଛନ୍ତି। ନର୍ସିଂ ଅଫିସର ୩୬୨ରୁ ୨୪୩ ଥିବାବେଳେ ୧୧୯ ଖାଲି ଅଛି। ଫାର୍ମାସୀ ଅଫିସର ୧୦ ପଦବୀ ଖାଲି ଅଛି। ଲାବରେଟୋରି ଟେକ୍ନିସିଆନ ୩୩ରୁ ୧୭ ଥିବାବେଳେ ୧୬ ଖାଲି ପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୩୪ ମଞ୍ଜୁରୀପ୍ରାପ୍ତ ଡାକ୍ତରରୁ ମାତ୍ର ୪୦ଡାକ୍ତର ଅଛନ୍ତି ଓ ୯୦ପଦବୀ ଖାଲି ପଡ଼ିଛି। କୋମନାରେ ୭, ଖରିଆର ରୋଡ୍‌ରେ ୧୦, ଖରିଆର ସବ୍‌ଡିଭିଜନାଲ ହସ୍ପିଟାଲରେ ୩୪, ଭେଲାରେ ୧୧, ବୋଡ଼େନରେ ୧୧ ଓ ସିନାପାଲିରେ ୯ ଡାକ୍ତର ପଦବୀ ଖାଲି ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଡାକ୍ତରଖାନାରେ ବିଶେଷଜ୍ଞ ପଦବୀ ପୂରଣ କରିବାକୁ ଉଲ୍ଲେଖ କରିଥିଲେ। ସେହିପରି କୋମନା ଓ ଭେଲା ହସ୍ପିଟାଲରେ ବାଉଣ୍ଡାରି ୱାଲ, ଭେଲାରେ ନୂତନ ବିଲ୍ଡିଂ, ବୋଡ଼େନ ଓ କୋମନାର ପୁରୁଣା ବିଲ୍ଡିଂ ଭାଙ୍ଗି ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ପାଇଁ ଦାବି କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଭାଜପା ଜିଲା ସଭାପତି ସୁବ୍ରତ ଠାକୁର ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ମନ୍ତ୍ରୀ ମହଲିଙ୍ଗ ଜିଲା ସ୍ୱାସ୍ଥ୍ୟ ବିଭାଗର ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### କୁଷ୍ଠରୋଗ ଯୋଗୁ ଶବ ସତ୍କାର ପାଇଁ ଆସିଲେନି ଜାତି ଭାଇ

ବଘିଆପଡ଼ା,୨୦।୧୨( ଶ୍ରୀକାନ୍ତ ସାହୁ)

କୁଷ୍ଠ ରୋଗ ପାଇଁ ଶବ ସତ୍କାର କରିବାକୁ ଆସିଲେନି ଜାତି ଭାଇ। ଦୀର୍ଘ ୧୨ ଘଣ୍ଟା ମୃତଦେହ ପଡିରହିବା ପରେ ମାହେଶ୍ୱରୀ ସେନା ପହଞ୍ଚି ବୁଝାସୁଝା କରିବାପରେ ଶବ ସତ୍କାର ହୋଇଥିଲା। ଏଭଳି ଏକ ଅଭାବନୀୟ ଘଟଣା ଶୁକ୍ରବାର ବୌଦ୍ଧ ଜିଲାରେ ଦେଖିବାକୁ ମିଳିଛି । ବୌଦ୍ଧ ଜିଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଜଗତି ଗ୍ରାମର ବିଧବା ମହିଳା ସତ୍ୟଭାମା ପାତ୍ର । ବୟସ ପାଖାପାଖି ୬୨ହେବ। ସତ୍ୟଭାମା ବାମଣ୍ଡା ଗ୍ରାମରେ ବିବାହ କରିଥିବା ବେଳେ କୁଷ୍ଠ ରୋଗ ହେବାରୁ ବାପ ଘର ଜଗତିର ଗ୍ରାମ ମୁଣ୍ଡରେ ଏକାକି ରହିଆସୁଥିଲେ। ତାଙ୍କର ୨ଟି ଝିଅ ଥିବା ବେଳେ ସେମାନେ ବିବାହ କରି ଶାଶୁଘର ରହୁଛନ୍ତି। ଗତ ଗୁରୁବାର ରାତିରେ ସତ୍ୟଭାମାଙ୍କ ମୃତ୍ୟୁ ଘଟିଥିଲା। କୁଷ୍ଠ ରୋଗ ଥିବାରୁ ଜାତି ସମାଜ କି ଗ୍ରାମବାସୀ କେହି ମୃତଦେହ ପାଖକୁ ଆସଲେନି। ଖବର ପାଇ ମାହେଶ୍ୱରୀ ସେନାର ସଦସ୍ୟ ମହେନ୍ଦ୍ର ମହକୁଲ, ଶମ୍ଭୁ ଗିରି ପ୍ରମୁଖ ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ସତ୍ୟଭାମାଙ୍କ ସମ୍ପର୍କୀୟ ଯୁଧିଷ୍ଠିର ବାରିକ ଓ ତାଙ୍କ ପୁତୁରା ମୃତଦେହକୁ ନେଇ ମହାନଦୀ ଘାଟରେ ପୋତି ଦେଇଥିଲେ।

### କାମରେ ଆସୁନାହିଁ ବିଏସ୍ଏନ୍ଏଲ୍ ଟାୱାର

ଖଣ୍ଟିଗୋରା,୨୦।୧୨(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗାଁ ଗ୍ରାମରେ ଏକବର୍ଷରୁ ଅଧିକ ଦିନ ହେଲାଣି ବିଏସଏନ୍ଏଲ୍ ଟାୱାର ନିର୍ମାଣ କରାଯାଇଛି। ହେଲେ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହୋଇନାହିଁ। ଯାହାଫଳରେ ଅଞ୍ଚଳବାସୀ ନେଟୱର୍କ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୂଚନାଅନୁଯାୟୀ, ବରଗାଁ ଗ୍ରାମରେ ଅନେକ ଦିନର ଦାବିପରେ ବିଏସଏନ୍ଏଲ୍ ଟାୱାର ନିର୍ମାଣ କରାଗଲା। କିନ୍ତୁ ଦୁଃଖର ବିଷୟ ଯେ ଅନେକ ସମୟରେ ନେଟୱର୍କ ସମସ୍ୟା ଦେଖାଯିବା ସହ ଇଣ୍ଟରନେଟ ଚଳିବାରେ ବାଧା ସୃଷ୍ଟି ହେଉଛି। ଏଥିସହ କଲ ମଧ୍ୟ ଲାଗୁନାହିଁ। ଏଥିପ୍ରତି ଜିଲାପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି। ଏସଂକ୍ରାନ୍ତରେ ବୌଦ୍ଧ ବିଏସଏନ୍ଏଲ୍ ଏସଡିଓ ହିରଣ୍ମୟ ଭୁକ୍ତାଙ୍କ ମତାମତ ନେବାକୁ ତାଙ୍କ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ କରି ନ ଥିଲେ।

### ଟ୍ରକ୍ ଭିତରୁ ଡ୍ରାଇଭରଙ୍କ ମୃତଦେହ ଜବତ

ବାଉଁଶୁଣୀ,୨୦।୧୨(ଦେବାଶିଷ ନେପାକ)

ଜାତୀୟ ରାଜପଥ ନଂ. ୫୭ର ବାଉଁଶୁଣୀ ଥାନା ସିଙ୍ଗାରୀ ଗ୍ରାମ ଗୋହିରା ଜୋର ନିକଟରେ ଛିଡା ହୋଇଥିବା ଏକ ଟ୍ରକ ମଧ୍ୟରୁ ଶୁକ୍ରବାର ଜଣେ ଡ୍ରାଇଭରଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କଟକ ଜିଲା ନୂଆପଡ଼ାର ଦୈତାରୀ ପ୍ରଧାନ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡିବ। ସୂଚନାଅନୁଯାୟୀ, ବଲାଙ୍ଗୀର ଜିଲାରୁ ଟ୍ରକଟି କଟକ ଫେରୁଥିବା ସମୟରେ ରାତି ୧୧ରେ ସିଙ୍ଗାରୀ ଗୁହିରା ଜୋର ନିକଟରେ ଅଟକି ଥିଲା। ଦୀର୍ଘ ସମୟ ଧରି ସେଠାରେ ଗାଡି ଅଟକି ରହିଥିବା ଯୋଗୁ ଗାଡି ମାଲିକ ଜିପିଏସ ଟ୍ରାକରେ ଜାଣି ପାରି ଡ୍ରାଇଭରକୁ ଫୋନ କରିଥିଲେ। ବାରମ୍ବାର କଲ୍ କରିବା ସତ୍ତ୍ୱେ ମଧ୍ୟ ଡ୍ରାଇଭର କୌଣସି ଉତ୍ତର ନଦେବା ଫଳରେ ମାଲିକ ଗାଡି ନିକଟକୁ ଆସିଥିଲେ। ମାଲିକ ଆସିବା ପରେ ଡ୍ରାଇଭରଙ୍କୁ ଡାକିବାରୁ କିଛି ଶୁଣିନଥିଲେ। ଗାଡ଼ିର ଗେଟ୍ ଭାଙ୍ଗି ତାଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାଙ୍କର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗାଁ ମୁହାଁ ହାତୀପଲ: ଲୋକେ ଆତଙ୍କିତ



ଉଲୁଣ୍ଡା ଅଞ୍ଚଳର ଚାଷ ଜମିରେ ହାତୀପଲ।

## ଉଲୁଣ୍ଡା ଅଞ୍ଚଳରେ ୨୧ ଟିକିଆ ହାତୀପଲ

ଅମରପାଲି,୨୦।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜ ଅଞ୍ଚଳରେ ୨୧ ଟିକିଆ ହାତୀପଲ ଦିନ ତମାମ ବିଭିନ୍ନ ସ୍ଥାନରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଗତ ଗୁରୁବାର ରାତିରୁ ହାତୀପଲ ହରିଣାପାଲି ଜଙ୍ଗଲରୁ ଯାଲୋଏ ଗାଁ ପାଖ ଦେଇ ମହାନଦୀ ପାର ହେବା ପାଇଁ ଚେଷ୍ଟା କରୁଥିଲେ। ମାତ୍ର ଲେହେଡି ଗାଁ ନିକଟକୁ ଶୁକ୍ରବାର ସକାଳୁ ହାତୀ ପହଞ୍ଚି ଯାଇଥିଲେ । ଚାଷୀମାନେ ହାତୀପଲକୁ ଦେଖିଲା ପରେ ଅଟକାଇ ଉଲୁଣ୍ଡା ଅଞ୍ଚଳର ଜଙ୍ଗଲକୁ କିପରି ଫେରିଯିବେ ଉଦ୍ୟମ କରିଥିଲେ। ଲୋକେ ହାତୀଙ୍କୁ ଘଉଡାଇବାରୁ ହାତୀପଲ ପୁଣି ଯାଲୋଏ କଲେଜ ନିକଟ ଦେଇ ରିଆପାଲି ଗାଁ ନିକଟରେ ରହିଥିଲେ। ଏହି ସମୟରେ ହାତୀପଲ ବିଭିନ୍ନ ସ୍ଥାନରେ ଚାଷ ଜମିରେ ଅମଳ ହେବାକୁ ଥିବା ଫସଲ ଦଳିଚକଟି ଖାଇ ଦେଇଥିବା ଅଭିଯୋଗ ହୋଇଛି। ବନ ବିଭାଗ ରେଞ୍ଜର ସଞ୍ଜୀବ ରାଉତ ହାତୀ କିପରି ସୁରକ୍ଷିତ ଭାବେ ଜଙ୍ଗଲ ମୁହାଁ ହୋଇ ପଳାଇବେ ବନ ବିଭାଗର କର୍ମଚାରୀଙ୍କ ସହ ଜଗି ରହିଛନ୍ତି । ଅନ୍ୟ ପଟେ ଶୁକ୍ରବାର ସକାଳୁ ସକାଳୁ ଗାଁ ପାଖକୁ ହାତୀ ଆସିଥିବା ଜାଣି ରାସ୍ତାରେ ବାଇକ୍ ଚାରିଚକିଆ ଗାଡି ଅଟକି ରହିଥିଲା। ହାତୀ ଯାଲୋଏ ଠାରୁ ପଲାଶ ରାସ୍ତା ଦେଇ ପାର ହେଲା ପରେ ଗାଡି ମୋଟର ଯାତାୟାତ କରିଥିଲା । ଏବେ ହାତୀପଲ ଗଡ଼ଗଡ଼ବାହାଲ ଗାଁ ନିକଟରେ ରହିଛନ୍ତି। ଦିନ ତମାମ ଗାଁ ପାଖରେ ହାତୀ ରହି ଥିବାରୁ ଲୋକ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ହାତୀ ସବୁ ଧାନ ଅମଳ ଅବସ୍ଥାରେ ରହିଥିବା ଜମିକୁ ଆସି କ୍ଷୟକ୍ଷତି କରୁଥିବାରୁ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି। ହାତୀକୁ ଦେଖିବା ପାଇଁ ଅଞ୍ଚଳର ହଜାର ହଜାର ଲୋକ ଆସି ଥିବାରୁ ଲୋକଙ୍କ ପାଟିତୁଣ୍ଡ ହୋହାଲ୍ଲାରେ ଉତ୍ୟକ୍ତ ହୋଇ ରାସ୍ତାରେ ଗାଡି ରଖିଥିବା ବାଇକକୁ ଗୋଡ଼ରେ ହାତୀ ଦଳି ଦେଇଥିବା ଦେଖିବାକୁ ମିଳିଛି। ତେବେ ଲୋକମାନେ ହାତୀପଲକୁ ଘଉଡାଇବା ସହିତ କ୍ଷୟକ୍ଷତିର ଆକଳନ କରି କ୍ଷତି ପୂରଣ ପ୍ରଦାନ କରିବାକୁ ସାଧାରଣରେ ଚାଷୀ ଦାବି କରିଛନ୍ତି।

## ଉମା ଉଚ୍ଚବିଦ୍ୟାଳୟର ୧୫ତମ ବାର୍ଷିକ କ୍ରୀଡା ଉତ୍ସବ



କ୍ରୀଡ଼ା ପତାକା ଉତ୍ତୋଳନ କରାଯାଉଛି।

ଖୁଣ୍ଟିଗୋରା,୨୦।୧୨(ମକରନ୍ଦ ସାହୁ)

କଣ୍ଟାମାଳ ବ୍ଲକ ଉମା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ୧୫ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜୋନ ନଂ.୧ ଜିଲାପରିଷଦ ସଦସ୍ୟା ସୁମିତ୍ରା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ବାର୍ଷିକ କ୍ରୀଡାର ଶୁଭାରମ୍ଭ କରିଥିଲେ। ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଖୋଖୋ, କବାଡି, ମ୍ୟାଜିକ ଚୌକି ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଷ୍ଟେଶ୍ୱର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ଜିଲା ପରିଷଦ ସଦସ୍ୟା ଶ୍ରୀମତୀ ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ ନୀଳାଞ୍ଚଳ ଭୋଇ ମୁଖ୍ୟବକ୍ତା, ସରପଞ୍ଚ ଦୌଲଥ ପାଣ୍ଡେ, ସମିତିସଭ୍ୟା ଶନ୍ତଳୀ ସୁନା ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷା ସହିତ ଛାତ୍ରୀଛାତ୍ରଙ୍କ କ୍ରୀଡାର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖିଥିଲେ। ଆଲୁମିନି ସଭାପତି, ଏସଏମଡିସି ସଭ୍ୟାସଭ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀକୁ ଗଡ଼ିଲା ବସ୍

ଅମରପାଲି,୨୦।୧୨(ପୀତାମ୍ବର ସାହୁ)



ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ବସ ସେବାକୁ ବିଧାୟକ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା କୋଟସମଲାଇସ୍ଥିତ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ଗଡିଲା ନୂତନ ବସ। ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଓଏସ୍ଆରଟିସି ତରଫରୁ ଉକ୍ତ ବସ ଚଳାଚଳ କରିବ। ଶୁକ୍ରବାର ସନ୍ଧ୍ୟାରେ ଏନେଇ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଅଜୟ କୁମାର ଜେନା, ଓଏସ୍ଆରଟିସି ଜିଲା ମ୍ୟାନେଜର ଜୟଶ୍ରୀ, ଭାଜପା ରାଜ୍ୟ ଏକଜ୍ୟୁକେଟିଭ ବିଜୟ କୁମାର ମହାକୁର, ଉଲୁଣ୍ଡା ବ୍ଲକ ସାଂସଦ ପ୍ରତିନିଧି ରାଧାକାନ୍ତ ମହାକୁର, ବୀରମହାରାଜପୁର ବ୍ଲକ ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ବିନିକା ବ୍ଲକ ସାଂସଦ ପ୍ରତିନିଧି ବାବଲୁ ବିଶି, ବିଶ୍ୱମ୍ଭର ମିଶ୍ର, ଭାଜପା ଜିଲା ଉପସଭାପତି ଅଶୋକ ପୃଷ୍ଟି, ପାତାଳୀ ଟ୍ରଷ୍ଟର ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ର, କୋଟସମଲାଇ ସରପଞ୍ଚ ପ୍ରତିନିଧି ସତ୍ୟା ମେଣ୍ଡିଲୀ, ସତ୍ୟବ୍ରତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେଣୁଧର ଦାସ ସଭା ସଂଯୋଜନା କରୁଥିବାବେଳେ ସପନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ବସଟି ପାତାଳୀରୁ ବାହାରି ଯାଲୋଏ, କଳାପଥର ଦେଇ ବୀରମହାରାଜପୁର, କଡଳିଗଡ, ବୌଦ୍ଧ, ଦଶପଲ୍ଲା, ନୟାଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର ଦେଇ ପୁରୀ ଶ୍ରୀକ୍ଷେତ୍ରକୁ ପ୍ରତ୍ୟହ ଯିବା ଆସିବା କରିବ। ସୂଚନାଯୋଗ୍ୟ ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ପୂର୍ବରୁ ଏକ ସରକାରୀ ବସ ଚଳାଚଳ କରୁଥିଲେ ମଧ୍ୟ ଦୀର୍ଘ ଦିନ ହେଲା ବନ୍ଦ ହୋଇ ପଡ଼ିଥିଲା। ଏବେ ଏହି ବସ ସେବା ଆରମ୍ଭ ହେବା ଦ୍ୱାରା ଅଞ୍ଚଳର ଲୋକେ ବେଶ ଉପକୃତ ହେବା ସହିତ ପାତାଳୀ ଶ୍ରୀକ୍ଷେତ୍ରର ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ।

## ତାମିଲନାଡୁରେ ମହିଳାଙ୍କ ଆକସ୍ମିକ ମୃତ୍ୟୁ

ବିନିକା/ସୋନପୁର,୨୦।୧୨(ରାମ ଗୋପାଳ ବାଘ/ମୃତ୍ୟୁଞ୍ଜୟ ଶତପଥୀ)

କାମ ଅନ୍ୱେଷଣରେ ତାମିଲନାଡୁ ଯାଇଥିବା ସୁବର୍ଣ୍ଣପୁର ଜିଲା ତରଭା ଥାନା ପୁଆ ଗାଁର ଧ୍ରୁବଲେଶ୍ୱର ସେଠ(୨୬)ଙ୍କୁ ଗତ ୧୭ ତାରିଖରେ ହତ୍ୟା କରାଯାଇଛି। ତାଙ୍କ ମୃତଦେହ ଆଣିବାକୁ ପ୍ରଶାସନ ଉଦ୍ୟମ କରୁଛି। ପୁଣି ଦାଦନ ଖଟିବାକୁ ଯାଇଥିବା ଜିଲାର ବିନିକା ଥାନା ଆମପାଲି ଗାଁର ନର୍ମଦା ସୁନା (୫୨)ଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଦୀର୍ଘ ମାସ ହେଲା ପରିବାର ସହ ନିଜ ଭିଟାମାଟି ଛାଡ଼ି ତାମିଲନାଡୁ ରାଜ୍ୟର ତିରପୁର ଜୟଚିତ୍ରା ବେନୀୟନ କମ୍ପାନୀରେ ସେ କାମ କରୁଥିଲେ। ହେଲେ କମ୍ପାନୀରେ କାମ ସାରି ଘରକୁ ଫେରୁଥିବା ସମୟରେ ଆକସ୍ମିକ ଭାବେ ତାଙ୍କର ମୃତ୍ୟୁ ଘଟିଛି। ଫଳରେ ଘରକୁ ମୃତଦେହ ଆଣିବା ପାଇଁ ହାତରେ ଅର୍ଥ ନ ଥିବାରୁ ମୃତ ଦେହ ଘରକୁ ଆସି ପାରୁନାହିଁ। ବର୍ତ୍ତମାନ ତାମିଲନାଡୁ ରାଜ୍ୟର ନାଲିଗୋଣ୍ଡୁର ଜିଲା ନାଲୋର ଥାନା ତିରପୁର ମେଡିକାଲରେ ମୃତଦେହ ରହିଛି । ପରିବାର ଲୋକେ ତାମିଲନାଡୁରୁ ମୃତଦେହ ଆଣିବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## କଲରାକୋଠା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ବାର୍ଷିକ ଉତ୍ସବରେ ଜଣେ ଅତିଥି ବକ୍ତବ୍ୟ ଦେଉଛନ୍ତି।

ଖୁଣ୍ଟିଗୋରା,୨୦।୧୨( ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ସାନ କଲରାକୋଠା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବନ୍ଧଗୋରା ଧବଳେଶ୍ୱର ମନ୍ଦିର ନିକଟ ଖଡଙ୍ଗ ନଦୀ କୂଳରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସିନ୍ଧୁ ରଣାଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ଶିକ୍ଷକ ମନ୍ଦଧର ବେହେରା, ସମ୍ମାନିତ ଅତିଥିଭାବେ ଖୁଣ୍ଟିଗୋରା କ୍ଲଷ୍ଟରର ସଂଯୋଜକ ଶତ୍ରୁଘନ ଜାନୀ,ପୂର୍ବତନ ବିଦ୍ୟାଳୟ ସଭାପତି ରୋହିତ ରଣା,ଗଣ୍ଡାରାମ ରଣା ଯୋଗଦେଇଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଗୋବିନ୍ଦ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ଦେବାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଧର୍ମାନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୋବର୍ଦ୍ଧନ ମଲିକ ଓ ଭୂପେନ୍ଦ୍ର ଭୋଇ ତଥା ପରିଚାଳନା କମିଟି ସଦସ୍ୟା ସଦସ୍ୟମାନେ ସହଯୋଗ କରିଥିଲେ।

## ଅନୁସୂଚିତ ଜାତି, ଜନଜାତି ମିଳିତ ସମନ୍ୱୟ ସମିତି ପକ୍ଷରୁ ଦାବିପତ୍ର

ଡୁଙ୍ଗୁରିପାଲି, ୨୦।୧୨(ଦୀନବନ୍ଧୁ ସୁନା)



ମିଳିତ ସମନ୍ୱୟ ସମିତି ବଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମନ୍ୱୟ ସମିତି ପକ୍ଷରୁ ଶୁକ୍ରବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଡୁଙ୍ଗୁରିପାଲି ବିଡ଼ିଓ ଦିଲୀପ କୁମାର ବାରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଡ଼କରଙ୍କ ଉପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କିଛି ଦିନ ଭିତରେ ସଂସଦରେ ଦେଇଥିବା ବିବାଦୀୟ ମନ୍ତବ୍ୟ ଆମ୍ବେଡ଼କରଙ୍କ ପ୍ରତି ଅସମ୍ମାନ। ଆକ୍ରୋଶମୂଳକଭାବେ ସଂସଦ ଭବନରେ ତାଙ୍କୁ ଆକ୍ଷେପ କରାଯାଇଥିବାରୁ ଡୁଙ୍ଗୁରିପାଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସସି /ଏସଟି) ସମନ୍ୱୟ ସମିତି ଅମିତ ଶାହାଙ୍କ ମନ୍ତବ୍ୟକୁ ଘୋର ନିନ୍ଦା କରୁଛି। ଗୃହମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ଦେବା ସମୟରେ ମିଳିତ ସମନ୍ୱୟ ସମିତିର ସଭାପତି ଶ୍ୟାମସୁନ୍ଦର ଭୋଇ, ରାଜୁ ତାଣ୍ଡି, ଦିନେଶ ଦୀପ, ପ୍ରତାପ ସୁନା, କୃଷ୍ଣ ବାଗ, ଶିବ ସା, ମାଟୁ ବାଗ ଉପେନ୍ଦ୍ର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଏବାବଦରେ ବିଡ଼ିଓ ବାରାଙ୍କୁ ପଚାରିବାରୁ ଦେଇଥିବା ଦାବିପତ୍ରକୁ ରାଷ୍ଟ୍ରପତିଙ୍କ ଉଦେଶ୍ୟ ପଠାଇଥିବା ପ୍ରକାଶ କରିଥିଲେ।

## ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

ଡୁଙ୍ଗୁରିପାଲି, ୨୦।୧୨(ଦୀନବନ୍ଧୁ ସୁନା)

ଡୁଙ୍ଗୁରିପାଲିବ୍ଲକ ସ୍ଥିତ ଶ୍ରୀରାମ ମହାବିଦ୍ୟାଳୟ ରାମପୁରରେ ମାରୱାଡି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସୋନପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶ୍ରୀରାମ ମହାବିଦ୍ୟାଳୟର ଅଧକ୍ଷ ତରଣୀସେନ ବେହେରା, ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମେଶଚନ୍ଦ୍ର ପୂଜାରୀ, ସମାଜସେବୀ ଉମେଶ ପୂଜାରୀ ଯୋଗ ଦେଇଥିଲେ। ଶିବିରରେ ମୋଟ ୩୬ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ବରଗଡ ଜିଲା ରକ୍ତଭଣ୍ଡାରରୁ ଆସିଥିବା ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହରେ ନିୟୋଜିତଥିଲେ। ରାଜ୍ୟ ଯୁବାମଞ୍ଚ ଉପ ସଭାପତି ରାକେଶ ଅଗ୍ରୱାଲ, ଡୁଙ୍ଗୁରିପାଲି ବ୍ଲକ ଯୁବାମଞ୍ଚ ସଭାପତି ଯୁଗେଶ ଅଗ୍ରୱାଲ, ସମ୍ପାଦକ ସଂକେତ ମିତ୍ତଲ, ସଂଯୋଜକ ମହେଶ୍ୱର ଅଗ୍ରୱାଲ, ଆଲୋକ ମିଶ୍ରଙ୍କ ସହ ଯୁବାମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## କୁମ୍ଭିଧର ପିକନିକ ସ୍ଥାନରୁ ପ୍ଲାଷ୍ଟିକ ସଫେଇ କଲା ସ୍ୱାସ୍ଥ୍ୟ ବିଭାଗ



ପ୍ଲାଷ୍ଟିକ ସଫେଇ କାର୍ଯ୍ୟରେ ସ୍ୱାସ୍ଥ୍ୟ କର୍ମଚାରୀ।

ହରଭଙ୍ଗା,୨୦।୧୨(ନରେନ୍ଦ୍ର କୁମାର ସାହୁ)

ପ୍ଲାଷ୍ଟିକ ପାଇଁ ପରିବେଶ ଦୂଷିତ ହେଉଥିବା ନେଇ ଚିନ୍ତାରେ ପରିବେଶବିତ ଥିବା ବେଳେ କିପରି ପ୍ଲାଷ୍ଟିକ ମୁକ୍ତ ହୋଇପାରିବ ସେ ନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲର ଆଡେଣୀଗଡ ପଞ୍ଚାୟତ ମାଧପୁର ନିକଟସ୍ଥ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପିକନିକ ସ୍ଥାନ କୁମ୍ଭିଧର। ଏଠାକୁ ପ୍ରତିଦିନ ପର୍ଯ୍ୟଟକମାନେ ଆସୁଥିବା ବେଳେ ପ୍ଲାଷ୍ଟିକ ପକାଇ ସ୍ଥାନର ସୌନ୍ଦର୍ଯ୍ୟ ନଷ୍ଟ କରୁଛନ୍ତି। ଏନେଇ ଶୁକ୍ରବାର ଆଡେଣୀଗଡ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଶ୍ରୀବନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏଠାରେ ଏକ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କରାଯାଇଥିଲା। ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଜୟକୃଷ୍ଣ ମିଶ୍ରଙ୍କ ସମତେ ୪୦ରୁ ଅଧିକ ସ୍ୱାସ୍ଥ୍ୟ କର୍ମଚାରୀ ଯୋଗଦେଇ ସଫେଇ କରିଥିଲେ। ଏହାସହ ଉକ୍ତ ସ୍ଥାନକୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ଆଗାମୀ ଦିନରେ ପ୍ଲାଷ୍ଟିକ ମୁକ୍ତ କରିବାକୁ ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ଡା.ସ୍ୱାଇଁ ସୂଚନା ଦେଇଛନ୍ତି।

## ସୋନପୁର ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ସୋନପୁର,୨୦।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ପାଣିସିଆଲି ସ୍ଥିତ ସୋନପୁର ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୧୪ତମ ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ଉତ୍ସବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ଆଧୁନିକୀକରଣ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ମାନସିକ ଓ ବୌଦ୍ଧିକ ବିକାଶ କରିବା ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦିଗନ୍ତ କୁମାର ମହାପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀଛାତ୍ରମାନେ ଲୋକନୃତ୍ୟ, ସଙ୍ଗୀତ ଓ ବାଦ୍ୟରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶିକ୍ଷକ ଦେବେନ୍ଦ୍ର ପାତ୍ର ସଭାକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀଶିକ୍ଷକ ଉତ୍ସବ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତ୍ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



ଉତ୍ସବରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଦନ୍ତା ଆକ୍ରମଣରେ ଜଣେ ମୃତ

ସୁନ୍ଦରଗଡ,୨୦।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ବୀରମିତ୍ରପୁର ବନାଞ୍ଚଳ ଅନ୍ତର୍ଗତ କୁସୁମ ଟଲାଠାରେ ଶୁକ୍ରବାର ରାତିରେ ଦନ୍ତା ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଖଲାଲ ସାହୁ (୪୯)। ସୂଚନାଅନୁଯାୟୀ, ସୁଖଲାଲ ତାଙ୍କ ଛେଳି ଖୋଜିବାକୁ ଯାଇ ଦନ୍ତା ହାବୁଡରେ ପଡିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବୀରମିତ୍ରପୁର ରେଞ୍ଜର ଦୁର୍ଯ୍ୟୋଧନ ଜରେଇ ଏବଂ ହାତୀବାରୀ ଫରେଷ୍ଟର ସୁଶୀଲ କେର କେଟା,ଫରେଷ୍ଟ ଗାର୍ଡ ସବିତା ରଣା, ସମାଜସେବୀ ଆକାଶ ଦେଓ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଯୁବକଙ୍କ ମୃତଦେହକୁ ହାତିବାରି ସରକାରୀ ଡାକ୍ତର ଖାନାକୁ ଅଣାଯାଇଛି।

# ଖରିଫ ଧାନ ସଂଗ୍ରହ ଆରମ୍ଭ

ସୁନ୍ଦରଗଡ଼, ୨୦।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲ୍ଲାରେ ଶୁକ୍ରବାର ଚଳିତବର୍ଷ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସଦର ବ୍ଲକ କିରେଇ ସ୍ଥିତ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ଉପବଜାର ପରିସରରେ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ମଣ୍ଡିକୁ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଉଦ୍‌ଘାଟିତ କରିଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ସଦର ଉପଜିଲାପାଳ ତଥା ସୁନ୍ଦରଗଡ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ଦାଶରଥି ସରାବୁ, ଡିଆରସିଏସ ଉମାଶଙ୍କର ଦାସ, ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା, ଏଆରସିଏସ ମୋହନ ଚନ୍ଦ୍ର ପ୍ରଧାନ, ଆରସିଏମଏସ ଅଧ୍ୟକ୍ଷ ବିମଳ ପଟେଲ,ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁଧୀର କୁମାର ନାଏକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପଞ୍ଜିକୃତ ଚାଷୀମାନଠାରୁ ସୁରୁଖୁରରେ ଏଫଏକ୍ୟୁ ଧାନକୁ ସଠିକ ସମୟରେ କ୍ରୟ କରିବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ମଣ୍ଡିକୁ ସ୍ୱଚ୍ଛ ଓ ଚାଷୀ ଅଭିମୁଖୀ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଧାନ ସଂଗ୍ରହ ନିମନ୍ତେ ସମସ୍ତ ମଣ୍ଡି ଗୁଡିକରେ ସରକାରଙ୍କ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ଚାଷୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରଥମ ଦିବସରେ ସଦର ବ୍ଲକ ସେମିନା ଗ୍ରାମର ୪ଜଣ ଚାଷୀ ଅନନ୍ତ ରାମ ପଟେଲ, ନିରଞ୍ଜନ ପଟେଲ, ଅହଲ୍ୟା ପଟେଲ ଓ ମୀନୁ ନାଏକଙ୍କ ଧାନ କ୍ରୟ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଜଂଘା ବଡଦେଓ ମନ୍ଦିରରେ ବାର୍ଷିକ ପୂଜା


ଉପବାଚସ୍ପତି ଠାକୁର ଦର୍ଶନ କରୁଛନ୍ତି।

ବଡ଼ଗାଁ,୨୦।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତୁଡାଲଗା ପଞ୍ଚାୟତ ବାଉଁଶେନ ଗ୍ରାମ ସ୍ଥିତ ଜଂଘା ବଡଦେଓ ପୀଠରେ ବାର୍ଷିକ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ପୂଜନ ଉତ୍ସବରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଠାକୁର ଦର୍ଶନ କରିବା ସହିତ ଶ୍ରଦ୍ଧାଳୁମାନଙ୍କ ସହିତ ସାକ୍ଷାତ କରିଥିଲେ। ଏହାସହ ସମାଜର ଐତିହ୍ୟ ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ସକାଳୁ ଜଂଘା ବଡଦେଓ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଠାକୁରଙ୍କ ପୂଜାର୍ଚ୍ଚନା କଳାପରେ ଜଂଘା ବଡଦେଓଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ପୂଜକ ଉପେନ୍ଦ୍ର ନାଏକ ପୂଜା କାର୍ଯ୍ୟ ତୁଲାଇଥିଲେ। ବାର୍ଷିକ ପୂଜାରେ ସମାଜର ଜିଲା ସଭାପତି ପ୍ରସୂତ ଭୋଇ, ପୂର୍ବତନ ସଭାପତି ଗୋବିନ୍ଦଚନ୍ଦ୍ର ଭୋଇ, ହେମଗିରି ସର୍କଲ ସଭାପତି ବୈଦେଶ୍ୱର ମାଝୀ, ତୁଡାଲଗା ସର୍କଲ ସଭାପତି ଘନଶ୍ୟାମ ଭୋଇ, ସମାଜ କର୍ମକର୍ତ୍ତା ଶୁଭମ ନାଏକ, ଅମର ପ୍ରସାଦ ମାଝୀ ପ୍ରମୁଖ ବ୍ୟକ୍ତିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ତଥା ରାଜ୍ୟ ବାହାରୁ ଆସିଥିବା ଶତାଧିକ ସମାଜର କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିଶୁଙ୍କ ଶୈକ୍ଷିକ ବିକାଶରେ ମାତାପିତା, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କୁଆଁରମୁଣ୍ଡା,୨୦।୧୨(ମହେନ୍ଦ୍ର କୁମାର ସାହୁ)

କୋମଳମତି ଶିଶୁମାନେ ହେଉଛନ୍ତି ମାଟି ପିଣ୍ଡୁଳା ସଦୃଶ। ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଉଭୟ ମାତାପିତା ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶୁକ୍ରବାର କୁଆଁରମୁଣ୍ଡା ବ୍ଲକ କଚାରୁ ହାଇସ୍କୁଲର ବାର୍ଷିକୋତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର,ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ବିଇଓ ଗୁରୁଚରଣ ସାହୁ, ସମ୍ମାନିତ ଅତିଥି ଏବିଇଓ ତପସ୍ୱିନୀ ମହାନନ୍ଦିଆ ପ୍ରମୁଖ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଇଓ ସଦାନନ୍ଦ ପଧାନ ସଭାପତିତ୍ୱ କରି ପିଲାଙ୍କ ଉତ୍ତମ ଚରିତ୍ର ଗଠନ ଓ ଭଲ ମଣିଷ ହେବା ପାଇଁ ବିଦ୍ୟାଳୟ ହିଁ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିଳୀମା ଭେଙ୍ଗରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିବ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପଞ୍ଚାନନ ଦାସ ମଞ୍ଚ ପରିଚାଳନା କରିଥିଲା ବେଳେ ସବିତା ମହନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ ବାର୍ଦ୍ଧକ୍ୟର ବେଦନା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ କାମିନୀ ସିଂଙ୍କ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।


କଚାରୁ ହାଇସ୍କୁଲର ବାର୍ଷିକୋତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଓଷ୍ଟା ପକ୍ଷରୁ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ


କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

କୁତ୍ରା,୨୦।୧୨(ଦେବାଶିଷ ସାହୁ)

କୁତ୍ରା ବ୍ଲକ ତୁନମୁରା ସ୍ଥିତ ସର୍ଗୁକିଷାନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓଷ୍ଟା ସଭାପତି ଲୋକନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ଯୋଗଦେଇଥିଲେ। ତାଙ୍କ ବକ୍ତବ୍ୟ ମାଧ୍ୟମରେ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଆଗକୁ ଆଣିବାକୁ ଓଷ୍ଟାର ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ତରଣୀସେନ ବରିହା, ସମିତି ସଭ୍ୟା କର୍ଦ୍ଦୁଲ୍ଲା କୁଲୁ, ଏବିଇଓ ଲକ୍ଷଣ ଜାମୁଣ୍ଡା, ନିରଞ୍ଜନ ରାଉଳ, ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ସିଏସଆର ବିଭାଗ ଅଧୀକ୍ଷକ ଅଲେଖ ଦଳାଇ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ମୋହନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକଡା,ଏବିଇଓ ମୀନା କୁମାରୀ ଜେନା,ଓଷ୍ଟା ରାଜ୍ୟ କାର୍ଯ୍ୟ ନିର୍ବାହୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ସମାଜସେବୀ ବାଇଲୋ କିଶାନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ତାଙ୍କ ଅନ୍ତର୍ନିହିତ ଗୁଣ ଗୁଡିକୁ ପରିପ୍ରକାଶ କରିବାରେ ସହଯୋଗ କରିବ ବୋଲି କହିଥିଲେ। ପରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗରେ ଆୟୁଷ କୁମାର ନାଏକ, ଅର୍ଚ୍ଚିତା ସୋନୀ, ଅମ୍ରିତା ଏକ୍କା, କରୁଣା ସୁନ୍ୟାନି, ଆଗ୍ନେସ କୁଜୁର, ପ୍ରିୟଙ୍କା କୁଜୁର, ଶ୍ରୀୟା ସଲୋନୀ ମିଞ୍ଜ, ପ୍ରୀତି ରାନୀ ନାଗ, ପ୍ରେମିକା ଲାକଡା, ସୁମିତ ପଟ୍ଟନାୟକ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲା ସ୍ତରୀୟ ଶିଶୁ ଉତ୍ସବରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇଥିଲେ। ପ୍ରାରମ୍ଭରେ ବ୍ଲକ ଓଷ୍ଟା ଉପ ସଭାପତି ରବୀନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଲୋକନାଥ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ମହେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ ସମ୍ପାଦକ ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ଉପସ୍ଥିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୀତାରାଣୀ ଖଣି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



ସ୍ୱାସ୍ଥ୍ୟ ଶିବିରରେ ଖଣି ଅଧିକାରୀ ଓ ଅନ୍ୟମାନେ।

ଟେନ୍‌ସା,୨୦।୧୨(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ସେକ୍ଟର ରାଇକେଲା ଗ୍ରାମରେ ଥିବା ଗୀତାରାଣୀ ଖଣି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣି ମାଲିକ ଶ୍ରୀନିବାସ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଖଣି ପରିସର ମଧ୍ୟରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ମାଗଣା ସ୍ୱାସ୍ଥ୍ୟ ଶିବିରକୁ କୋଇଡା ତହସିଲଦାର ଅନୀଲ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥିଭାବେ ଡେଙ୍ଗୁଳା ସରପଞ୍ଚ ବାବୁଲି ମୁଣ୍ଡା, ଗୀତାରାଣୀ ଖଣି ସିଇଓ ସୁମିତି ପଟେଲ, ଖଣି ଏଭିପିବିବି ସାହୁ, ଖଣି ପରିଚାଳକ ପି.କେ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗୀତାରାଣୀ ଖଣି ପକ୍ଷରୁ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ହୋଇ ଥିବାରୁ ଆଖପାଖ ଗ୍ରାମର ରୋଗୀମାନେ ବେଶ ଉପକୃତ ହେବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ରାଉରକେଲା, ଭୁବନେଶ୍ୱର,ବଡ଼ବିଲ ଅଞ୍ଚଳର ବିଭିନ୍ନ ବିଭାଗର ୧୨ ଜଣ ବରିଷ୍ଠ ଡାକ୍ତର ଯୋଗଦେଇଥିଲେ। ସ୍ତ୍ରୀ ରୋଗ, ଶିଶୁ, ଆଖି, ଗଳା, କାନ, ଚର୍ମ, ମେଡିସିନ, ଦାନ୍ତ ରୋଗ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୋଇଡ଼ା ବ୍ଲକ ଅଞ୍ଚଳର କେଲବାଗନା, ଟେନସା, ଜିରୋ ପଏଣ୍ଟ, କୁଲା, କମଣ୍ଡ, ସାରଖୁଣ୍ଟା, ଭୁତୁଡା, ପାଟମୁଣ୍ଡା, କାଲଟା, ରାଇକେଲା, ରେଙ୍ଗମା, ଡେଙ୍ଗୁଲା, କୋଇଡ଼ା, କାଶିରା, ବାହାମ୍ବା ଆଦି ପାରିପାର୍ଶ୍ୱିକ ଅଞ୍ଚଳର ୧୦୦୦ରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣରେ ଔଷଧ ନେଇଥିଲେ। ଗୀତାରାଣୀ ଖଣିର ଉପ ସଭାପତି ବି ବି ସାହୁଙ୍କ ନିର୍ଦ୍ଦେଶରେ ଖଣି କର୍ମଚାରୀ, ଆଶା ଦିଦିମାନେ ସ୍ୱତନ୍ତ୍ର ଗାଡିରେ ରୋଗୀଙ୍କୁ ନେବା ଆଣିବା କରୁଥିଲେ। ପ୍ରତ୍ୟେକ ରୋଗୀଙ୍କୁ ଗୀତାରାଣୀ ଖଣି ପକ୍ଷରୁ ଖାଦ୍ୟ ପ୍ୟାକେଟର ବ୍ୟବସ୍ଥା କରାଯିବା ସହ ମାଗଣାରେ ଔଷଧ ଦିଆଯାଇଥିଲା। ଶୀତ ସମୟରେ କମ୍ବଳ ବାଣ୍ଟିବା, ଗ୍ରାମକୁ ଟ୍ରାକ୍ଟରର ଯୋଗାଇ ଦେବା, ପାନୀୟ ଜଳ ଯୋଗାଇ ଦେବା, ମହିଳା ମାନଙ୍କ ପାଇଁ ସିଲେଇ ମେସିନ ଯୋଗାଇ ଦେବା ସହ ଗ୍ରାମ ଗୁଡିକର ଉନ୍ନତି ପାଇଁ ସବୁବେଳେ ଗୀତାରାଣୀ ଖଣି ଗ୍ରାମବାସୀଙ୍କ ସାଥିରେ ରହିଆସିଛି। ଗୀତାରାଣୀ ଖଣି ପକ୍ଷରୁ ପ୍ରଶାସନ ବିଭାଗର ତ୍ରିନାଥ ମହାପାତ୍ର, ମାନସ ଦାସ, ରଞ୍ଜନ ତ୍ରିପାଠୀ, ଶୁଶୀଲ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ଗିରି, ପ୍ରଶାନ୍ତ ଦାସ, ବଂଶୀ ଧର ପରିଡ଼ା, ଆଦିତ୍ୟରାଜ ସାହୁ, ଯଯାତି କିଶୋର ଦଳାଇଙ୍କ ସମେତ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ସର୍ବ ଭାରତୀୟ ବେଣୁଧର ନାଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ**

## କଲିକତା, କଟକ, ରାଉରକେଲା ଟିମ୍ ସେମିଫାଇନାଲକୁ ପ୍ରବେଶ

ଟେନସା,୨୦।୧୨(ସମୀର କୁମାର ପାଢ଼ୀ)

ଏକତା ଫାଉଣ୍ଡେଶନ ଟ୍ରଷ୍ଟ କୋଇଡା ଆନୁକୂଲ୍ୟରେ ୨୫ତମ ସର୍ବ ଭାରତୀୟ ବେଣୁଧର ନାଏକ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୁନ୍ଦରଗଡ଼ ଜିଲା କୋଇଡା ନୂତନ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଦ୍ୱିତୀୟ ଦିନରେ ଖେଳକୁ ମୁଖ୍ୟ ଅତିଥିଭାବେ କୋଇଡା ତହସିଲଦାରଦାର ଅନୀଲ କୁମାର ଆଚାର୍ଯ୍ୟ ଯୋଗଦେଇ ଆରମ୍ଭ କରିଥିଲେ। ପ୍ରଥମ ମ୍ୟାଚରେ ୟୁନାଇଟେଡ କ୍ଲବ ବରଗଡ଼କୁ ୨-୧ ଗୋଲରେ କଙ୍ଗୁରଗାଛି ଯୁବକ ସଂଘ କୋଲକାତା ହରାଇ ସେମି ଫାଇନାଲରେ ପ୍ରବେଶ କରିଛି ଓ ଦ୍ୱିତୀୟ ମ୍ୟାଚରେ ସ୍ପୋର୍ଟ୍ସ ଟ୍ରେନିଂ ସେଣ୍ଟର ଝାରଖଣ୍ଡକୁ ହରାଇ ରାଉରକେଲା ରେଡ ସେମି ଫାଇନାଲରେ ପ୍ରବେଶ କରିଛି। ଶନିବାର ପ୍ରଥମ ସେମି ଫାଇନାଲ ମ୍ୟାଚ ସ୍ପୋର୍ଟ୍ସ ହଷ୍ଟେଲ କଟକ ଓ ଟେଣ୍ଡ୍ରା ଫୁଟବଲ କ୍ଲବ କୋଲକାତା ଓ ଦ୍ୱିତୀୟ ସେମି ଫାଇନାଲ କଙ୍ଗୁରଗାଛି ଯୁବକ ସଂଘ କୋଲକାତା ଓ ରାଉରକେଲା ରେଡ ମଧ୍ୟରେ ରୋମାଞ୍ଚକର ମ୍ୟାଚ ହେବ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହେବ। ଏକତା ଫାଉଣ୍ଡେଶନ ଟ୍ରଷ୍ଟ କୋଇଡା ସଭାପତି ମନୋଜ କୁମାର ମାହାନା, ସମ୍ପାଦକ ସନ୍ତୋଷ କୁମାର ବେହେରା, ଉପ ସଭାପତି ତଥା ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ଯୁଗ୍ମ ସମ୍ପାଦକ ବିଜୟନନ୍ଦ ଜେନା, କୋଷାଧ୍ୟକ୍ଷ ଦେବବ୍ରତ ରାଉତ, ଧୀରଜ ଗୁପ୍ତା, ସମ୍ବିତ ଜେନା, ବିନୋଦ ଫତକାର, ରବି ରଣା ଓ ଅନ୍ୟାନ୍ୟ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି।



## କୁଆଁରମୁଣ୍ଡାରେ ବ୍ଲକସ୍ତରୀୟ ଯତ୍ରା ମହୋତ୍ସବ

କୁଆଁରମୁଣ୍ଡା,୨୦।୧୨(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକପକ୍ଷରୁ ଯତରା ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ,ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା,ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା,ତହସିଲଦାର ଚନ୍ଦ୍ରଜିତ ବେହେରା,କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ. ଶ୍ରୀମନ୍ତ ପଟ୍ଟନାୟକ,ବିଇଓ ସଦାନନ୍ଦ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିଡିଓ ଡ.ଜଗଦୀଶ ଚନ୍ଦ୍ର ମହାନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ସୁନ୍ଦରଗଡ ଜିଲାର ଐତିହ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ସହ ପାରମ୍ପରିକ ନୃତ୍ୟ,ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ବ୍ଲକସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ଜିଲା ଯତରା ମହୋତ୍ସବରେ ଅଂଶ ଗ୍ରହଣ କରିପାରିବେ ବୋଲି ବିଡିଓ ମହାନନ୍ଦ ସୂଚନା ଦେଇଛନ୍ତି। ମଞ୍ଚ ପରିଚାଳନା କରିଥିଲେ ଡବ୍ଲ୍ୟୁଇଓ ମନୋଜ ଶତପଥୀ ଓ ରଶ୍ମିତା ବେହେରା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସକାଳୁ ସ୍କୁଲ୍ ପିଲାମାନଙ୍କୁ ନେଇ ପ୍ରଭାତ ଫେରି କରାଯାଇ ସୁନ୍ଦରଗଡ ଜିଲାର ଐତିହ୍ୟ ସମ୍ପର୍କରେ ସ୍ଲୋଗାନ ଦିଆଯାଇ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଉକ୍ତ ସମସ୍ତ କାର୍ଯ୍ୟକୁ ଏବିଡ଼ିଓ ପ୍ରଶାନ୍ତ ଜେନା,ଏଇଇ ଚୈତନ୍ୟ ହେମ୍ବ୍ରମ, ଭରତ ସାହୁ, ଦେବପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ସୁଚାରୁରୂପେ ସଞ୍ଚାଳନ କରିଥିଲେ।


କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ବ୍ଲକସ୍ତରୀୟ ଯତରା ମହୋତ୍ସବରେ ବିଡିଓ ପ୍ରାରମ୍ଭିକ ସୂଚନା ଦେଉଛନ୍ତି।

## ସଂସ୍କୃତି, ପରମ୍ପରାକୁ ଲୋକଲୋଚନକୁ ଆଣିବାରେ ଯତ୍ରା ଯୋଗସୂତ୍ର ସୃଷ୍ଟିକରେ

**ବଡ଼ଗାଁ ଯତ୍ରା ମହୋତ୍ସବ**

ବଡ଼ଗାଁ,୨୦।୧୨( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଶୁକ୍ରବାର ଯତରା ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ଯୋଗଦେବାକୁ ଆସିଥିବା ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଓ ବିଭିନ୍ନ ସାଂସ୍କୃତିକ ସଙ୍ଗଠନର ସଦସ୍ୟମାନେ ବ୍ଲକ୍ ପରିସରରେ ସମବେତ ହେଲାପରେ ନୃତ୍ୟ ଓ ବାଜା ବଜାଇ ବିଡ଼ିଓ ଏବଂ ବ୍ଲକ୍ କର୍ମଚାରୀଙ୍କ ସହିତ ଶିଳ୍ପ ତାଲିମ୍ କେନ୍ଦ୍ର ପରିସରକୁ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ଆୟୋଜିତ ଯତରା ମହୋତ୍ସବରେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଏହାଦ୍ୱାରା ଗ୍ରାମାଞ୍ଚଳର କଳାକାରମାନଙ୍କ ପ୍ରତିଭାର ବିକାଶ ସହିତ ଏହା ଆମ ଜିଲାର ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ଯୋଗସୂତ୍ର ସୃଷ୍ଟି କରିଥାଏ। ସମ୍ମାନିତ ଅତିଥି ସୁନ୍ଦରଗଡ଼ ସିଡିଓ ନିରଞ୍ଜନ ସାହୁ ବ୍ଲକ୍ ସ୍ତରରୁ ଚୟନ ହୋଇଥିବା କଳାକାରମାନେ ଆସନ୍ତା ୧ତାରିଖ ସୁନ୍ଦରଗଡରେ ହେବାକୁଥିବା ଜିଲା ସ୍ତରୀୟ ଯତରା ମହୋତ୍ସବରେ କଳା ପ୍ରଦର୍ଶନ କରିବେ ବୋଲି ସୂଚନା ଦେଇଥିଲେ। ଏହି ମହୋତ୍ସବରେ ଅତିଥିଭାବେ ଶିଳ୍ପ ତାଲିମ୍ କେନ୍ଦ୍ରର ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଭାଇସ ଚେୟାରମେନ ରଶ୍ମିତା ପଟେଲ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଭାଜପା ମଣ୍ଡଳ ସଭାପତି ବାବୁଲି କର୍ସେଲ ଯୋଗଦେଇଥିଲେ। ଅତିଥିମାନେ ଯତରା ମହୋତ୍ସବର ଉଦ୍ଦେଶ୍ୟ, କଳା, ସଂସ୍କୃତି ଏବଂ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଗରିଆମାଲ ଗ୍ରାମର ଲକ୍ଷ୍ମୀ ଏସଏଚଜି, ଚଳନାମୁଣ୍ଡା ଗ୍ରାମର ନାରୀ ଶକ୍ତି ଏସଏଚଜି ଓ ବଡ଼ଗାଁର ଶ୍ରୀମା ଶ୍ରୀ ଅରବିନ୍ଦ ଏସଏଚଜିର କର୍ମକର୍ତ୍ତାମାନେ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ବଡ଼ଗାଁ ଡାକ୍ତରଖାନା ଏବଂ ବଡ଼ଗାଁ ବନ ବିଭାଗ ପକ୍ଷରୁ ସଚେତନତା ବାର୍ତ୍ତା ଦେଇ ଷ୍ଟଲ ପ୍ରଦର୍ଶିତ କରିଥିଲେ। ମହୋତ୍ସବରେ ଅଞ୍ଚଳର ୧୬ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରି କଳା ପ୍ରଦର୍ଶନ କରିଥିଲେ। ଏଥିରେ ଦାଣ୍ଡଜମରା ଗ୍ରାମର କ୍ରୀଷ୍ଣା ସାଂସ୍କୃତିକ ଦଳ ପ୍ରଥମ ହୋଇଥିଲାବେଳେ ଦେଓକରଣପୁର ହାଇସ୍କୁଲର ଛାତ୍ରୀମାନେ ଦ୍ୱିତୀୟ ଓ ବାମଡେରା ମା' ବାସନ୍ତୀ ନୃତ୍ୟ ଦଳ ତୃତୀୟ ସ୍ଥାନ ପାଇଥିଲେ। ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଯତରା ମହୋତ୍ସବ ବିଡ଼ିଓ ସୁମତି ପଣ୍ଡାଙ୍କ ଦ୍ୱାରା ପରିଚାଳିତ ହୋଇଥିଲାବେଳେ ଏବିଡିଓ ଉଷାବତୀ ଗରଡିଆ, ଏପିଓ ତପନ କୁମାର ପୂଜାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ କୁମାର୍ ମାଝୀଙ୍କ ସହିତ ସମସ୍ତ ବ୍ଲକ୍ କର୍ମଚାରୀ ସହଯୋଗ କରିଥିଲେ।


ଉପ ବାଚସ୍ପତିଙ୍କୁ ବିଡିଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଉଛନ୍ତି।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ମନ୍ଦିରର ନୂତନ ଭବନ ଉଦ୍‌ଘାଟିତ




ଝାରସୁଗୁଡ଼ା,୨୦।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହର ୱାର୍ଡ ନମ୍ବର ୧୪ ବଢେଇମୁଣ୍ଡାସ୍ଥିତ ବ୍ରଜବିହାର ସରସ୍ୱତୀ ଶିଶୁ ମନ୍ଦିର ନୂତନ ଭବନ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ଶୁକ୍ରବାର ପୂର୍ବାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ସ୍କୁଲ ପରିଚାଳନା ସମିତି ସଭାପତି ରତ୍ନାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଧାୟକ ତ୍ରିପାଠୀ, ସମ୍ମାନିତ ଅତିଥି ଶରୀନିତା ଦାଶ ଅଧ୍ୟକ୍ଷା ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ, ପ୍ରଧାନ ଆଚାର୍ଯ୍ୟା ଅର୍ଚ୍ଚନା ପଲେଇ, ପରିଚାଳନା ସମିତି ସମ୍ପାଦିକା ସୁଭାସୀନୀ ତ୍ରିପାଠୀ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟା ପଲେଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପରେ ସ୍କୁଲର ନୂତନ ଭବନ ମୁଖ୍ୟଅତିଥି ତ୍ରିପାଠୀଙ୍କ କରକମଳରେ କରାଯାଇଥିଲା ଓ ସ୍କୁଲର ଉନ୍ନତି ପାଇଁ ୨୫ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଏହି ଅବସରରେ ସ୍ୱର୍ଗୀୟ ବଜ୍ରବନ୍ଧୁ ପାଣିଗ୍ରାହୀଙ୍କ ପୁତ୍ର ଅନୁରାଗ ପାଣିଗ୍ରାହୀ ଏକ ଲକ୍ଷଟଙ୍କା ଶିଶୁ ମନ୍ଦିରକୁ ଦାନ ରୂପରେ ଦେଲେ। ଏହି ଅବସରରେ ନରେଶ ନାୟକ, ସରୋଜ କୁଅଁର, ସୁବ୍ରତ ତ୍ରିପାଠୀ, ସୁଭାଷ ଚନ୍ଦ୍ରସିକାନି, ସୁରେଶ ବୁଢ଼ିଆ, ଅଙ୍କିତ ଅଗ୍ରୱାଲ, ଖିରୋଦଦ୍ର ପ୍ରଧାନ, ଗୋପାଳ ଦାଶ, ପ୍ରକାଶ ତ୍ରିପାଠୀ, ଡମ୍ବରୁଧର ନାୟକ, ଲିପିକା ପାଢ଼ି, ଭଗବତ ପୃଷ୍ଟି, ଡିଲେଶ୍ୱର କିଶାନ ପ୍ରମୁଖ ଉପସ୍ଥିତ ଥିଲା। ଶେଷରେ ଛାତ୍ରମାନେ ନାଚ ଓ ଗୀତ ପରିବେଷଣ କରିଥିଲେ ଏବଂ ସୁଭାଷିନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଇନଗତ ପୋଷ୍ୟ ସନ୍ତାନ, ପ୍ରତିପାଳକ ଯତ୍ନ ସମ୍ପର୍କିତ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୦।୧୨(ଆଶିଷ ରଞ୍ଜନ ଦାଶ)

ଜିଲା ଶିଶୁ ସୁରକ୍ଷା ୟୁନିଟ ଝାରସୁଗୁଡା ପକ୍ଷରୁ ସହରସ୍ଥିତ ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ପୂର୍ବାହ୍ନରେ ଜିଲାସ୍ତରୀୟ ଆଇନଗତ ପୋଷ୍ୟ ସନ୍ତାନ ଓ ପ୍ରତିପାଳକ ଯତ୍ନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହିତ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣକୁ ତ୍ୱରାନ୍ୱିତ କରିବା ସହିତ ଲୋକାଭିମୁଖୀ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହିତ ଶିଶୁଙ୍କ ଅନୁଷ୍ଠାନିକ ଯତ୍ନ ଓ ଅଣଅନୁଷ୍ଠାନିକ ଯତ୍ନ ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା ଜିଲାରେ ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣକୁ କିପରି ରୋକାଯାଇ ପାରିବ ସେ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ରାଧାକାନ୍ତ ସା ଓ ସମ୍ପାଦକ ମନିଷ ବାଜପେୟୀ ଅତିଥି ଭାବେ ଯୋଗଦେଇ ଜିଲାରେ ଆଇନ ଗତ ପୋଷ୍ୟ ସନ୍ତାନ ଗ୍ରହଣକୁ ଦୃଢ଼ କରିବା ପାଇଁ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ଡିଏସ୍‌ପି ବନିତା ମାଝି, ଡାକ୍ତର ମଧୁଲିତା ସାହୁ, ସମାଜ ମଙ୍ଗଳ କଲ୍ୟାଣ ଅଧିକରୀ ପୁଣ୍ୟବତୀ ହେଲେନ ଖେସ ତଥା ପୂର୍ବତନ ଶିଶୁ ମଙ୍ଗଳ ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ, ବରିଷ୍ଠ ଆଇନଜୀବୀ, ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତା, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ନିର୍ଦ୍ଦେଶକ ବିଜୟ ପଟ୍ଟନାୟକ, ମେଡିକାଲ ଅଫିସର, ସିଡିପିଓ, ସୁପରଭାଇଜର ଶିଶୁ ସୁରକ୍ଷା କର୍ମକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ତାଲିମଦାତା ଭାବେ ଅରୁଣ କୁମାର ପ୍ରଧାନ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ୱାଇ ସିଡିଏ ପ୍ରତିପାଳକ ଯତ୍ନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଆଗାମୀ ଦିନରେ ବ୍ଲକସ୍ତରରେ ଆଇନଗତ ପୋଷ୍ୟ ସନ୍ତାନ ଓ ପ୍ରତିପାଳକ ଯତ୍ନ ସମ୍ପର୍କିତ ସଚେତନତା କରାଯିବ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚୂଡ଼ାମଣୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ ଦୀର୍ଘ ମିଆଦୀ ଲିଜ୍

ଦେବଗଡ଼,୨୦।୧୨(ଶଶାଙ୍କ ଶେଖର ଝାଙ୍କର)

**ସାର୍ବଜନୀନ ଗଣେଶ ମେଳା କମିଟି**

**ଜାଗା ଯୋଗାଇଲା ପୌର ପରିଷଦ**

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଗଣେଷ ମେଳା ଆୟୋଜନ କରୁଥିବା ଦେବଗଡ଼ ସାର୍ବଜନୀନ ଗଣେଶ ମେଳା କମିଟିର ଦୀର୍ଘ ଦିନର ଆଶା ଶୁକ୍ରବାର ଦେବଗଡ଼ ପୌର ପରିଷଦ ପୂରଣ କରିଛି। ଦେବଗଡ଼ ପୌର ପରିଷଦ ଅଧୀନ ଦୈନିକ ପୁରୁଣା ପରିବା ବଜାରଠାରେ ୧୯୪୯ରୁ ଆସ୍ଥାୟୀ ମଣ୍ଡପଠାରେ ପ୍ରତିବର୍ଷ ଗଣେଷ ପୂଜା ସହ ମେଳା ଆୟୋଜିତ ହୋଇ ଆସୁଥିବା ବେଳେ ଉକ୍ତ ସ୍ଥାନରେ ବିଘ୍ନ ନାଶକ ଶ୍ରୀ ଗଣେଷ ମହାପ୍ରଭୁଙ୍କ ସ୍ଥାୟୀ ମୂର୍ତ୍ତି ସ୍ଥାପନ ସହ ସ୍ଥାୟୀ ମଣ୍ଡପ ସ୍ଥାପନ ପାଇଁ ମେଳା କମିଟି ଚାହିଁଥିଲା। ଏହି କ୍ରମରେ ଚଳିତବର୍ଷ ଗଣେଷ ମେଳା ଆୟୋଜନ ପରେ କମିଟି ପକ୍ଷରୁ ପୌର ପରିଷଦକୁ ଉକ୍ତ ସ୍ଥାନରେ ଶ୍ରୀଗଣେଶଙ୍କ ସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ ଦୀର୍ଘ ମିଆଦୀ ଲିଜ ସୂତ୍ରରେ ସ୍ଥାନ ଯୋଗାଇବାକୁ ଅନୁରୋଧ କରାଯାଇଥିଲା। କମିଟି ଅନୁରୋଧକୁ ରକ୍ଷା କରି ପୌର ପରିଷଦର ଗତ ନଭେମ୍ବର ସାଧାରଣ ଅଧିବେଶନରେ ପ୍ରସ୍ତାବ ଗୃହୀତ ଓ ଦୃଢ଼ୀ କରଣ କରାଯାଇଥିଲା। ସେହି ଅନୁଯାଇ ଶୁକ୍ରବାର ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଓ ସାର୍ବଜନୀନ ଗଣେଷ ମେଳା କମିଟି ସଭାପତି ଉମାଶଙ୍କର ସାହୁ ଓ ସମ୍ପାଦକ ସୁରଞ୍ଜିତ କୁମାର ମହାପାତ୍ର ରେଜେଷ୍ଟ୍ରି କାର୍ଯ୍ୟାଳୟରେ ପୌର ପରିଷଦ ଅଧୀନସ୍ଥ ପୁରୁଣା ଦୈନିକ ବଜାର ଜାଗାରୁ ୧୨୪୩ ସ୍କୋୟାର ଫୁଟ ଜାଗାକୁ ମାସିକ ୬ ହଜାର ଟଙ୍କା ଭଡା ସୂତ୍ରରେ ୨୦ ବର୍ଷ ପାଇଁ ରେଜେଷ୍ଟ୍ରି ଡିଡ୍ ପ୍ରସ୍ତୁତ କରାଯାଇ ପ୍ରଦାନ କରାଯାଇଛି। ସେହିପରି କମିଟି ପକ୍ଷରି ଏକ ବର୍ଷର ଭଡା ବାବଦକୁ ଅଗ୍ରୀମ ୭୨ ହଜାର ଟଙ୍କା ଶୁକ୍ରବାର ପୈଠ କରାଯାଇଛି। ତେବେ ଶ୍ରୀ ଗଣେଷଙ୍କ ସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଇ ସ୍ଥାୟୀ ମୂର୍ତ୍ତି ସ୍ଥାପନ ସହ ପ୍ରତ୍ୟହ ବିଘ୍ନ ବିନାଶକ ଶ୍ରୀ ଗଣେଷଙ୍କ ଆରାଧନା ପାଇଁ ଇଚ୍ଛା କରିଥିବା ଜିଲାବାସୀଙ୍କ ଦୀର୍ଘ ଦିନର ଆଶା ପୂରଣ ହେବାର ବାଟ ଫିଟିଥିବାରୁ ସାର୍ବଜନୀନ ଗଣେଷ ମେଳା କମିଟି ପକ୍ଷରୁ ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ କମିଟି ସଦସ୍ୟ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ପୌର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ସମେତ ସମସ୍ତ ପୌର ପାରିଷଦଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଦେବଗଡ଼ ଜିଲାରେ ଧାନ ମଣ୍ଡିର ଶୁଭାରମ୍ଭ




ଧାନ କିଣା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼,୨୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ଚଳିତ ବର୍ଷର ଖରିଫ ବିପଣନ ଋତୁ ୨୦୨୪-୨୫ ଧାନ କିଣା ଶୁକ୍ରବାର ଆରମ୍ଭ ହୋଇଛି। ତିଲେଇବଣି ବ୍ଲକ କଂସର ପ୍ରାଥମିକ ସମବାୟ ସମିତି ପରିସରରେ ଧାନ ମଣ୍ଡିକୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଉପଜିଲାପାଳ ପରକ୍ଷିତ ସାହୁ ଯୋଗଦେଇ ଜିଲ୍ଲାର ପ୍ରଥମ ଧାନ ମଣ୍ଡି ଶୁଭାରମ୍ଭ କରିଥିଲେ। ପରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ପରକ୍ଷିତ ସାହୁ ଯୋଗଦେଇଥିଲେ।ବରଣ୍ୟ ଅତିଥି ଭାବେ ଉପନିବନ୍ଧକ ମୋନିକା ରାୟ, ପ୍ରେଜଡ଼େନ୍ଟ ପ୍ରସନ୍ନ ଦେହୁରୀ, ଡି.ଏଲ.ପି.ସି ରଞ୍ଜିତ ପଟେଲ, ଜିଲା ଧାନ କ୍ରୟ କମିଟିର ସଦସ୍ୟ ପ୍ରମୋଦ ଝଙ୍କାର ଅତିଥି ଭାବେ ଯୋଗଦେଇ ଚାଷୀମାଙ୍କ ଧାନ କ୍ରୟ ଉପରେ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପରମ୍ପିକ ସୂଚନା ପ୍ରଦାନ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ବରିଷ୍ଠ ସହକାରୀ ରେଜିଷ୍ଟର ଭବାନୀକାନ୍ତ ନାୟକ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ୪୯ ମଣ୍ଡି ଖୋଲିବା ପାଇଁ ସ୍ଥିର ହୋଇଛି। ଜିଲାରେ ୧୯୬୬୨ ଚାଷୀ ପଞ୍ଜୀକରଣ କରିଛନ୍ତି ଓ କଂସର ସମବାୟ ସମିତିରେ ୪୩୩ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ଏଥି ମଧ୍ୟରୁ ଶୁକ୍ରବାର ପ୍ରଥମ ଦିନରେ ୨ଜଣ ଚାଷୀ ମାନସ ପଟେଲ ଓ ଦୀପାଳି ପଟେଲ ୩୨୦ ବସ୍ତାରେ ୧୫୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି।

## ପୋଲିସ ଗାଡ଼ି ଧକ୍କାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

ଝାରସୁଗୁଡ଼ା,୨୦।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ବିଟିଏମ୍ ଛକଠାରେ ବୁଧବାର ଅପରାହ୍ଣରେ ପୋଲିସ ଗାଡ଼ି ଧକ୍କାରେ ଗୁରୁତର ଆହତ ମୁନୁ ଓରାମ (୬୦)ଙ୍କ ବୁର୍ଲା ବଡ଼ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତ୍ରିରେ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ବୁର୍ଲାରୁ ଝାରସୁଗୁଡାକୁ ଅଣାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ସଦର ଥାନାକୁ ଡାକି ମୁନୁଙ୍କ ପରିବାରକୁ ୧ ଲକ୍ଷ ୧୦ ହଜାର ଟଙ୍କା ଦେଇ ବୁଝାଶୁଝା କରିଥିଲେ। ଏହା ପରେ ପରିବାର ଲୋକେ ଶବ ସତ୍କାର କରିଥିଲେ। ମୃତକଙ୍କ ନାତୁଣୀ ସନ୍ତୋଷିନୀ କିଷାନ ବୁର୍ଲା ଭୀମସାରରେ ଚିକିତ୍ସା ପାଇଁ ଅବହେଳା କରିବା ସହିତ ଆଇସିୟୁରେ ରଖିବା ବ୍ୟବସ୍ଥା କରି ନ ଥିଲେ ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଆଦିବାସୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଦେବଗଡ଼,୨୦।୧୨(ଶଶାଙ୍କ ଶେଖର ଝାଙ୍କର)




ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼ ଜିଲା ବାରକୋଟ ବ୍ଲକ ବିଜୟ ନଗର ଗ୍ରାମପଞ୍ଚାୟତ ସଦର ମହକୁମାସ୍ଥିତ ଆଦିବାସୀ ହାଇସ୍କୁଲ ନଈକୂଳ ଖେଳ ପଡିଆଠାରେ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଇନ୍ଦ୍ରମଣୀ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ କ୍ରୀଡ଼ା ଉତ୍ସବ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀଣୀ ଗାୟତ୍ରୀ ସାହୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିନ ପାଇକରାୟ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଚଳନା ଜେନା, ମୋ ସ୍କୁଲ ଅଭିଯାନ ସଭାପତି ଇନ୍ଦୁଭୂଷଣ ବେହେରା ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ କରୁଣାକର ପାନ୍ନାଙ୍କ ପରିଚାଳନାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବାଳକ ବର୍ଗ ବରିଷ୍ଠ ବିଭାଗରେ ଛାତ୍ର ବିବେକା ଉଗ୍ରସାଣ୍ଡି ଓ ବାଳକ ବର୍ଗ କନିଷ୍ଠ ବିଭାଗରେ ଛାତ୍ର ଦିଲୀପ ଡାଙ୍ଗିଲ ଚାମ୍ପିୟନ ହୋଇଥିଲେ। ଅନୁରୂପ ଭାବେ ବାଳିକା ବର୍ଗ ବରିଷ୍ଠ ବିଭାଗରେ ଛାତ୍ରୀ ମମତା ଉଗ୍ରସାଣ୍ଡି ଓ ବାଳିକା ବର୍ଗ କନିଷ୍ଠ ବିଭାଗରେ ଛାତ୍ରୀଜିଙ୍ଗି ବାନରା ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇନ୍ଦ୍ରମଣୀ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ତଥା ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାଣି, ମୁଖ୍ୟବକ୍ତା ଭାବେ ଓଁରା ସରକାରୀ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଚଳନା ଜେନା, ମୋ ସ୍କୁଲ ଅଭିଯାନ ସଭାପତି ଇନ୍ଦୁଭୂଷଣ ବେହେରା ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ଜ୍ୟୋତିଷ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିବା ସହ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ଜ୍ୟୋତିଷ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବଗଡ଼ ମହାବିଦ୍ୟାଳୟର ୫୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଦେବଗଡ଼,୨୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ମହାବିଦ୍ୟାଳୟ ଖେଳ ପଡିଆଠାରେ ୫୭ତମ କ୍ରୀଡ଼ା ଉତ୍ସବ ଶୁକ୍ରବାର ମହା ସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡାକ୍ତର ସୁଦାମ କୁମାର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କ୍ରୀଡା ଉତ୍ସବର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ଈଶ୍ୱର ଗୁରୁ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ନରୀକ୍ଷକ ପଦ୍ମଲୋଚନ ପ୍ରଧାନ, ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ପ୍ରାଧାପିକା ସସ୍ମିତା ପ୍ରଧାନ, ମହାବିଦ୍ୟାଳୟର ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ପ୍ରଧାନ ଓ ପ୍ରତାପ ଦାସ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। କ୍ରୀଡ଼ା ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ମିଶି ମୋଟ ୩୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ବାଳିକା ବର୍ଗ ବରିଷ୍ଠ ବିଭାଗରେ ଜୟନ୍ତୀ ଦେହୁରୀ, ବାଳିକା ବର୍ଗ କନିଷ୍ଠ ବିଭାଗରେ ଅନଶିଲା ଏକ୍କା, ବାଳକ ବର୍ଗ ବରିଷ୍ଠ ବିଭାଗରେ କାହ୍ନା ସେଠୀ ଓ ବାଳକ ବର୍ଗ କନିଷ୍ଠ ବିଭାଗରେ ଜୟ ଜଗଦୀଶ କିଷାନ ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ଚାମ୍ପିୟନ ଓ ଅନ୍ୟ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ କ୍ରୀଡା ଧ୍ୱଜା ଅବତରଣ ଓ କ୍ରୀଡା ମଶାଲ ନିର୍ବାପନ କରାଯାଇଥିଲା । ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୌରଭ ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବ ଆୟୋଜନରେ କ୍ରୀଡା ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ, ପୁଲିନ ପ୍ରଧାନ, ନେତ୍ରାନନ୍ଦ ବେହେରା, ଡିଲେଶ୍ୱର ପ୍ରଧାନ, ବୁଦ୍ଧଦେବ ପ୍ରଧାନ ଓ ଭୌଲେଶ୍ୱର ଘଡେଇ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।

## ଓପିଜିସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା,୨୦।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ଦଳଗାଁ ପଞ୍ଚାୟତଠାରେ ଶୁକ୍ରବାର ଓପିଜିସି (ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼) ପକ୍ଷରୁ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଦଳଗାଁ ସରପଞ୍ଚ ସନ୍ତୋଷ ରୋହିଦାସ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ଇବଥର୍ମାଲ ଚିକିତ୍ସାଳୟ ଡାକ୍ତର ଗୋବର୍ଦ୍ଧନଲାଲ ଟେଟ୍ରିବଲଙ୍କ ସହିତ ଝାରସୁଗୁଡାରୁ ସ୍ୱତନ୍ତ୍ର ଭାବେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ବୈକୁଣ୍ଠ ନାଥ କଶ୍ୟପ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ପାଣିଗ୍ରାହୀ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ନେଗିପାଲି, କଣ୍ଟାଟିକିରା, ଦଳଗାଁ, ବାସୁପାଲି, ସେନାହାମାଳ, ବଡ଼ମାଳ, କଂସବାହାଲ, ସୋଲପାଲି ଇତ୍ୟାଦି ଗ୍ରାମର ୩୧୫ ରୋଗୀଙ୍କ ରକ୍ତଚାପ, ମଧୁମେହ, ରକ୍ତହୀନତା, ଶାରୀରିକ ଦୁର୍ବଳତା, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଶ୍ୱାସନଳୀ ସଂକ୍ରମଣ, ଚର୍ମରୋଗ, ଚକ୍ଷୁ ସଂକ୍ରମଣ, ଗ୍ୟାଷ୍ଟ୍ରିକ, ପେଟବ୍ୟଥା, ଏବଂ ବିଭିନ୍ନ ସ୍ତ୍ରୀ ରୋଗର ପରୀକ୍ଷା କରାଯାଇ ଔଷଧ, ଡାକ୍ତରୀ ପରାମର୍ଶ ପ୍ରଦାନ କରାଯାଇଥିଲା। ଓପିଜିସିର ସିଏସଆର୍ ବିଭାଗ ଦ୍ୱାରା ପରିଚାଳିତ ଶିବିରରେ ବିଭାଗ ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ରମିୟାନ ଛତ୍ରିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଇବଥର୍ମାଲ ଚିକିତ୍ସାଳୟର ପ୍ରଭାତ ବାରିକ ଶିବିର ପରିଚାଳନା କରିଥିଲେ ଓ ସୁଜାତା ନାୟକ, ପୁଷ୍ପା ସୁନିତା ଏକ୍କା, ସନ୍ଧ୍ୟାରାଣୀ କିଷାନ, ଅଗ୍ନିବେଶ ସିଂ, ଅଭିମନ୍ୟୁ ଭୋଇ, କର୍ଣ୍ଣ ବାଗ, କୁଞ୍ଜବିହାରୀ ପ୍ରମୁଖ ସହଯୋଗ କରିଥିଲେ।




ରୋଗୀଙ୍କୁ ଚିକିତ୍ସା କରାଯାଉଛି।

## 'ପଲଟନ କପ୍' କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼,୨୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ନିଳବେର୍ଣ୍ଣୀ ସାହିସ୍ଥିତ ପଲଟନ ୱାରିୟର ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ଗୁଡା ଖେଳ ପଡିଆଠାରେ ଚତୁଃଦିବସୀୟ 'ପଲଟନ କପ୍' କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ପଲଟନ ୱାରିୟର(ବି) ଦଳକୁ ସୁମିତ ୱାରିୟର ୮ ଉଇକେଟରେ ପରାସ୍ତ କରିଥିଲା। ଅମ୍ପାୟର ଭାବେ ଓ ସଞ୍ଜୀବ ସୁନା ଓ ରାଜେଶ ଆଇନ୍ଦ ପରିଚାଳନା କରିଥିବା ବେଳେ ପଙ୍କଜ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପଲଟନ ୱାରିୟରର ସଭାପତି ସଞ୍ଜୀଭ ଭୋଜଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଭାଜପା ଯୁବନେତା ସୁଧିର କୁମାର ବ୍ରହ୍ମା ଓ କଲଣ୍ଡା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଅଲେଖ ନାଏକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ପଲଟନ ୱାରିୟରର ସମ୍ପାଦକ ଶରତ କୁମାର ପାତ୍ର ଓ କୋଷାଧ୍ୟକ୍ଷ ହିମାଂଶୁ ହେନେଜ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ଖେଳାଳିଙ୍କ ସହିତ ପରିଚିତ ହେଉଛନ୍ତି।

# ୪୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବ୍ରଜରାଜନଗର,୨୦।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଞ୍ଚଳର ସର୍ବବୃହତ ଶିକ୍ଷାନୁଷ୍ଠାନ ବ୍ରଜରାଜନଗର ମହାବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ରଜରାଜନଗର ମଣ୍ଡଳିଆସ୍ଥିତ ଭିଏସଏସ୍ ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱ ତଥା କ୍ରୀଡ଼ା ବିଭାଗ ମୁଖ୍ୟ ଉପସଭାପତି ସୁମିତ ତିର୍କୀଙ୍କ ପ୍ରତ୍ୟକ୍ଷରେ ଆୟୋଜିତ ୨ଦିବସୀୟ କ୍ରୀଡ଼ା ଉତ୍ସବ ସମାପନ ସମାରୋହରେ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର କ୍ରୀଡ଼ା ବିକାଶ ସହ ସର୍ବାଙ୍ଗୀନ ବିକାଶ ପାଇଁ ସମୁଚିତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟଅତିଥି ପୂଜାରୀ କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ ଯୁକ୍ତ୨ ତଥା ଯୁକ୍ତ ୩ ବାଳକ ଏବଂ ବାଳିକା ବିଭାଗର ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ସମାରୋହରେ ଏମ୍‌ସିଏଲ୍ ଇବଭେଲି ଏରିଆ ମହାପ୍ରବନ୍ଧକ ଏ.କେ. ପାଣ୍ଡେ ତଥା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡାକ୍ତର ବିଶ୍ୱଜିତ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବୋଧିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମାପନ ସମାରୋହରେ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁରେଶ ହରିପାଲ, କଲେଜ ଅବସରପ୍ରାପ୍ତ ପ୍ରାଧ୍ୟାପକ ରବି ନାରାୟଣ ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ, ଏକେଡମିକ ବର୍ଷର ବିଜୟ କୁମାର ସାହୁ, ଅଧ୍ୟାପକ ବିକ୍ରମ ପ୍ରଧାନ, ଶ୍ରୀକର ଭୋଇ, ବିକାଶ ନାୟକ, ବରିଷ୍ଠ ଅଧ୍ୟାପିକା ଲଳିତା ପ୍ରଧାନ, ପଦ୍ମାବତୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। କ୍ରୀଡ଼ା ବିଭାଗ ଉପସଭାପତି ଅଧ୍ୟାପିକା ଡାକ୍ତର ଋତୁପର୍ଣ୍ଣା ମହାନ୍ତି ପରିଚାଳନା କରିବା ସହ ଧନ୍ୟବାଦ କରିଥିଲେ। କ୍ରୀଡ଼ା ଉତ୍ସବରେ କ୍ରୀଡ଼ା ବିଭାଗ ଉପସଭାପତି ଡାକ୍ତର ଋତୁପର୍ଣ୍ଣା ମହାନ୍ତି, ଅଧ୍ୟାପିକା ଚାନ୍ଦନି ବିଶ୍ୱାଳ, ଶ୍ୟାମା ଯାଦବ, ଅଧ୍ୟାପକ ଲୁଗୁ ଚରଣ ମାରାଣ୍ଡି, ଏସଏସ ପୃଷ୍ଟି, ଆଶିଷ ଅବସ୍ଥି, ମନୋଜ ପାଟଯୋଶୀଙ୍କ ସମେତ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଯୁକ୍ତ ୨ ତଥା ଯୁକ୍ତ ୩ ବିଭାଗର ପ୍ରାୟ ୫୫୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଯୁକ୍ତ୩ ବାଳିକା ବିଭାଗରେ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗ ଛାତ୍ରୀ କାଜଲ କୁମାରୀ ଏବଂ ଯୁକ୍ତ ୩ ବାଳକ ବିଭାଗରେ ପ୍ରଥମ ବର୍ଷ କଳା ଛାତ୍ର ଗୋବିନ୍ଦ କୁମାର ସା ଚାମ୍ପିୟନ ହୋଇଛନ୍ତି। ସେହିପରି ଯୁକ୍ତ୨ ବାଳିକା ବିଭାଗରେ ପ୍ରଥମ ବର୍ଷ ବାଣିଜ୍ୟ ବିଭାଗ ଛାତ୍ରୀ ଖୁସି କୁମାରୀ ରାମ ଏବଂ ଯୁକ୍ତ୨ ପ୍ରଥମ ବର୍ଷ କଳା ଛାତ୍ର ନିଖିଲ ରାୟ ଚାମ୍ପିୟନ ହୋଇଛନ୍ତି।



କୃତୀ ଛାତ୍ରୀଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅନ୍ୟମାନେ।

**ବ୍ରଜରାଜନଗର ମହାବିଦ୍ୟାଳୟ**

**ବଲାଙ୍ଗୀରରେ ଭାଜପାର ବିକ୍ଷୋଭ**

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ସଂସଦ ଭବନରେ ଠେଲାପେଲା ଏବଂ ଭାଜପା ଏମ୍‌ପିଙ୍କୁ ଧକ୍କା ମାରିବା ଘଟଣାର ପ୍ରତିବାଦ କରି ଭାଜପା ଦଳୀୟ କର୍ମୀମାନେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଜଗାଙ୍ଗପୁର ମହୋତ୍ସବ ଝରଝରା ଉଦ୍‌ଘାଟିତ



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ରାଜଗାଙ୍ଗପୁର,୨୦।୧୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଶୁକ୍ରବାର ପଞ୍ଚଦଶ ବର୍ଷ ରାଜଗାଙ୍ଗପୁର ମହୋତ୍ସବ ଝରଝରା ଉଦ୍‌ଘାଟିତ ହୋଇଯାଇଛି। ସକାଳେ ପ୍ରସିଦ୍ଧ ଶୈବପୀଠ ଘୋଘର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବିଶାଳ ମସାଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ମସାଲ ଯାତ୍ରାକୁ ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜନ ଏକ୍କା ଉଦ୍‌ଘାଟନ କରିଥିଲେ। ମସାଲ ଯାତ୍ରା ଘୋଘର ମନ୍ଦିରରୁ ବାହାରି ସହର ଅଭିମୁଖେ ଆସି ଓସିଏଲ କଲୋନୀର ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଡାଲମିଆ ସିମେଣ୍ଟର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। ଶୋଭାଯାତ୍ରା ଲାଲବାବା ବଜାର ଯାଇ ସେଠାରୁ ସୁବାସ ଛକ ହୋଇ ସହର ପରିକ୍ରମଣ କରି ଝରଝରା ମହୋତ୍ସବ ସ୍ଥାନ ଫୁଟବଲ ପଡିଆରେ ପହଞ୍ଚି ମସାଲ ସ୍ଥାପନା କରାଯାଇଥିଲା। ସନ୍ଧ୍ୟାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଫିତା କାଟି ମହୋତ୍ସବର ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଆୟୋଜକଙ୍କୁ ପ୍ରଶଂସିତ କରିବା ସହିତ ରାଜଗାଙ୍ଗପୁର ସହରକୁ ଏକ ସୁନ୍ଦର ସହର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡାଲମିଆ ସିମେଣ୍ଟ ମୁଖ୍ୟ ଚେତନ ଶ୍ରୀବାସ୍ତବ ଓ ପୂର୍ବତନ ଆଇଆରଏସ ସନ୍ତୋଷ ଅମାତ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ମହୋତ୍ସବର ସଭାପତି ପପୁ ଅଗ୍ରୱାଲ ସ୍ୱାଗତ ଭାଷଣ ରଖିଥିଲେ। ସମ୍ପାଦକ ଅଶୋକ ଦାସ ବିବରଣୀ ପ୍ରଦାନ କରିଥିଲେ। କୁଲଦୀପ ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ଅଧ୍ୟାପକ ଗୁଣନିଧି ମାଝି, ଅବସର ପ୍ରାପ୍ତ ଶିକ୍ଷକ ସରୋଜ ଦାସ, ସୁଧୀର ରଣାଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିର୍ମଳା ଇଂରାଜୀ ବିଦ୍ୟାଳୟ, ସ୍ୱାଧିମେରି ବାଳିକା ବିଦ୍ୟାଳୟ,ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଏଥିସହିତ ମହାରାଷ୍ଟ୍ର ପୁନେର ଭରତ ନାଟ୍ୟମ, ପଦ୍ମପୁରର ସମ୍ବଲପୁରୀ, ରାଜସ୍ଥାନର ରାଜସ୍ଥାନୀ ନୃତ୍ୟ, ପଶ୍ଚିମବଙ୍ଗର ବାଉଲ ସଙ୍ଗିତ, ଆସାମର ବିହୁନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ବିଭନ୍ନ ଷ୍ଟଲ ମାନ ମଧ୍ୟ ଲାଗିରହିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ରାଜଗାଙ୍ଗପୁର ପୋଲିସ ପ୍ରଶାସନ ପକ୍ଷରୁ କଡା ବ୍ୟବସ୍ଥା ରହିଥିଲା। ମହୋତ୍ସବ କମିଟିର ଉପସଭାପତି ରମେଶ ଅଗ୍ରୱାଲ, ଯୁଗ୍ମ ସଚିବ ଅଜୟ ସାହୁ, କୋଷାଧ୍ୟକ୍ଷ ପୱନ ଗାଡୋଡିଆଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବନ୍ଧୁକ ମୁନରେ ୨ଧାନ ବେପାରୀଙ୍କଠାରୁ ଲୁଟ୍

ସୁନ୍ଦରଗଡ,୨୦।୧୨(ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଶା-ଝାରଖଣ୍ଡ ସୀମାନ୍ତରେ ଏବେ ପୁଣି ଅପରାଧିକ କାର୍ଯ୍ୟକଳାପ ଆରମ୍ଭ ହୋଇଛି। ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ କାତେପୁର ସାପ୍ତାହିକ ହାଟ ଓ ଉର୍ମେଇଠାରେ ଶୁକ୍ରବାର ୨ଧାନ ବେପାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ଲୁଟି ନେଇଛନ୍ତି। ବିଶ୍ରା ଅଞ୍ଚଳର ଜଣାଶୁଣା ଧାନବ୍ୟବସାୟୀ ଦୀପକ ସାହା ଶୁକ୍ରବାର କାତେପୁର ସାପ୍ତାହିକ ହାଟରେ ଧାନ କିଣୁଥିଲେ। ୩ ଜଣ ଲୁଟେରା ଏକ ବାଇକରେ ଅସି ପ୍ରଥମେ କାତେପୁର ହାଟ ନିକଟରେ ଦୀପକ ସାହାଙ୍କଠାରୁ ବନ୍ଧୁକ ମୁନରେ ପ୍ରାୟ ୮୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ସେମାନେ ଗାଇଞ୍ଜାର ରାସ୍ତା ଦେଇ ଉର୍ମେଇ ପଞ୍ଚାୟତ ହୋଇ ଯାଉଥିବା ବେଳେ ଉର୍ମେଇ ଅଞ୍ଚଳର ଜଣାଶୁଣା ଧାନବ୍ୟବସାୟୀ ପଞ୍ଚାନନ ଦ୍ୱିବେଦୀଙ୍କ ଠାରୁ ମଧ ବନ୍ଧୁକ ମୁନରେ ପ୍ରାୟ ୯୦ ହଜାର ଟଙ୍କା ଲୁଟିନେଇ ଝାଡ଼ଖଣ୍ଡ ଅଞ୍ଚଳକୁ ଚାଲିଯାଇଥିଲେ। ଖବର ପାଇ ବିଶ୍ରା ଥାନା ପୋଲିସ ସେଠାରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାମୁତାବକ, ଶୁକ୍ରବାର ବଡ଼ ଦିନ ପାଇଁ କାତେପୁର ହାଟ ଭିଡ଼ ରହିଥିଲା। ଭିଡ଼ର ସୁଯୋଗ ନେଇ ୩ ଜଣ ଯୁବକ ବାଇକ ଯୋଗେ ଗାଇଞ୍ଜାର ପଟୁ ଆସି ଦୀପକଙ୍କ ଧାନମଣ୍ଡି ପାଖରେ ଆସି ଗାଡ଼ି ଠିଆ କରିଥିଲେ। ସେହି ମଧ୍ୟରୁ ଜଣେ ଯୁବକ ହେଲମେଟ ପିନ୍ଧି ଗାଡ଼ିରୁ ଓହ୍ଲାଇ ସିଧା ଦୀପକଙ୍କ ପାଖକୁ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ଟଙ୍କା ଦେବାକୁ କହିଥିଲେ। ପ୍ରଥମେ ଦୀପକ ଏହାକୁ ମଜା ଭାବି ନୀରବ ରହିଥିଲେ। ପରେ ତାଙ୍କୁ ଧମକ ଦେବା ସହ ଶୀଘ୍ର ଟଙ୍କା ଦେବାକୁ କହିଲେ। ସେ ଧାନ କ୍ରୟ ପାଇଁ ରଖିଥିବା ସମସ୍ତ ଟଙ୍କାକୁ ଦେଇଦେଇଥିଲେ। ସେହିପରି ଉର୍ମେଇଠାରେ ଧାନ କ୍ରୟ ପାଇଁ ବସିଥିବା ପଞ୍ଚାନନ ଦ୍ୱିବେଦୀଙ୍କ ଠାରୁ ମଧ ଅନୁରୂପ ଭାବେ ସେହି ହେଲିମେଟ ପିନ୍ଧା ଯୁବକ ବନ୍ଧୁକ ମୁନରେ ଟଙ୍କା ନେଇ ଫେରାର ମାରିଥିଲେ। ପରେ ଖବର ପାଇ ଉର୍ମେଇ ଗ୍ରାମର ଲୋକେ ଦୁର୍ବୃତ୍ତଙ୍କ ପିଛା କରିଥିଲେ ହେଁ ସେମାନେ କୁଲାଗଜ, ଅଜୟକେଲା, ସୁକୁଡ଼ା, କୁଣ୍ଡାପୋସ ଦେଇ ଝାଡ଼ଖଣ୍ଡ ଆଡ଼କୁ ଚାଲି ଯାଇଥିବା କୁହାଯାଉଛି। ଏହା ଝାଡ଼ଖଣ୍ଡ ଅଞ୍ଚଳର ଅପରାଧୀ ସଙ୍ଗଠନର କାର୍ଯ୍ୟ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ଜଣେ ଜୁଆଡି ଗିରଫ

ସୁନ୍ଦରଗଡ଼,୨୦।୧୨ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ଓଡ଼ିଶା-ଝାଡଖଣ୍ଡ ସୀମାବର୍ତ୍ତୀ ଟାଙ୍ଗର ଗାଁ ନିକଟ ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଗୁରୁବାର ରାତିରେ ଅତର୍କିତ ଚଢାଉ କରିଥିଲା। ପୋଲିସକୁ ଦେଖି ଘଟଣା ସ୍ଥଳରୁ ଯୁଆଡିମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ଜଣଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଦେଇଛି। ପୋଲିସ ଘଟଣା ସ୍ଥଳରୁ ୬ଟି କାର, ୬ଟି ବାଇକ୍, ନଗଦ ୧୫୦୦ ଟଙ୍କା ଓ ତାସ ପୁଡିଆ ଜବତ କରିଛି।

# ରାସ୍ତା ଉପରେ ଜଳିଗଲା ପାଉଁଶ ବୋଝେଇ ଟ୍ରଲର: ବର୍ତ୍ତିଲେ ଚାଳକ

ସୁନ୍ଦରଗଡ଼,୨୦।୧୨ (ଜୟ ନାରାୟଣ ମେଣ୍ଡୁଲି)

ସଦର ଥାନା ଅନ୍ତର୍ଗତ ସାର୍ଥକ ସ୍କୁଲ ସମ୍ମୁଖରେ ଶୁକ୍ରବାର ଏକ ପାଉଁଶ ବୋଝେଇ ଟ୍ରଲରରେ ହଠାତ ନିଆଁ ଲାଗିଯାଇଥିଲା। ଚାଳକ କୌଶଳକ୍ରମେ ଗାଡିରୁ ଡେଇଁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ଓ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶଟସର୍କିଟ ଯୋଗୁ ଟ୍ରଲରେ ନିଆଁ ଲାଗିଥିବା କୁହାଯାଉଛି।

# ନିମ୍ନମାନର ପୋଷାକ ବଣ୍ଟନ ଅଭିଯୋଗ

ଲାଠୋର,୨୦।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଅଧୀନ ଜଲପାଙ୍କେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ପୋଷାକ ବଣ୍ଟନ କରାଯାଇଛି। ଏ ନେଇ ବିଦ୍ୟାଳୟ ପରିଚାଳନା ସମିତି ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୯୧ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୪ଶହ ଟଙ୍କା ବ୍ୟୟରେ ପ୍ରତ୍ୟେକ ଛାତ୍ରୀଛାତ୍ରମାନଙ୍କୁ ଦୁଇ ହଳ ଲେଖାଏ ସ୍କୁଲ ପୋଷାକ ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ସେହି କ୍ରମରେ ଜଲପାଙ୍କେଲ ଗ୍ରାମର ଓମ ସାଇରାମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦାୟିତ୍ୱ ନେଇ ଛାତ୍ରୀଛାତ୍ରମାନଙ୍କୁ ଚଳିତବର୍ଷ ୨ହଳ ଲେଖାଏ ପୋଷାକ ବଣ୍ଟନ କରିଥିଲେ। ହେଲେ ସେମାନେ ବିଦ୍ୟାଳୟ ପରିଚାଳନା ସମିତି ସହ ଯୋଗାଯୋଗ ନ କରି ନିମ୍ନମାନର ପୋଷାକ ବଣ୍ଟନ କରିଥିଲେ। ଏହାକୁ ବିରୋଧ କରି ସମିତିର କେତେଜଣ ସଭ୍ୟ ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀଠାରେ ଅଭିଯୋଗ କରିଥିଲେ। ହେଲେ ସେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଫଳରେ ବିଦ୍ୟାଳୟ ପରିଚାଳନା ସମିତି ଶୁକ୍ରବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ସରକାରୀ ନିୟମ ଅନୁସାରେ ଛାତ୍ରୀଛାତ୍ରମାନଙ୍କୁ କେଉଁମାନର ପୋଷାକ ପ୍ରଦାନ କରାଯିବ ପରିଚାଳନା ସମିତି ତାକୁ ଚେକ କରିବା ପରେ ପୋଷାକ ବଣ୍ଟନ ହେବା କଥା। ହେଲେ ସରକାରୀ ନିୟମ ଉଲ୍ଲଂଘନ କରି ପରିଚାଳନା ସମିତିକୁ କିଛି ନ ଜଣାଇ ପୋଷାକ ବଣ୍ଟନ କରାଯାଇଛି। ପୋଷାକ ବଣ୍ଟନ ଦିନ ସମିତି ସଭାପତିଙ୍କୁ ଡ଼ାକି ପୋଷାକ ବଣ୍ଟନ କରିବା କେତେ ଯୁକ୍ତିଯୁକ୍ତ ବୋଲି ସମିତି ପାଲଟା ପ୍ରଶ୍ନ କରିଛି। ପୋଷାକ ବଣ୍ଟନ ଦାୟିତ୍ୱ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଅନିତା ମେହେରଙ୍କୁ ପଚାରିବାରୁ ଆମେ ଏସ୍‌ଏମ୍‌ସି ସଭାପତିଙ୍କୁ ସୂଚନା ଦେଇଥିଲୁ ବୋଲି କହିଥିଲେ। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝିଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଯଥାଶୀଘ୍ର ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ସମିତି ଦାବି କରିଛି।

No. RR-

ଓଡ଼ିଶା ସରକାର
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବର ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ (https://culture.odisha.gov.in/) ର OLLC/12751 ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି ।

ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନକରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ ଦିନ ମଧ୍ୟରେ ଆବେଦନ କରିବେ ।

OIPR-03029/11/0033/2425

No. RR-

ଓଡ଼ିଶା ସରକାର
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ (https://culture.odisha.gov.in/) ର OLLC/12750 ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି ।

ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନକରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ ଦିନ ମଧ୍ୟରେ ଆବେଦନ କରିବେ ।

OIPR-03029/11/0033/2425

No. RR-

ଓଡ଼ିଶା ସରକାର
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜରାଣୀ ସଙ୍ଗୀତ ମହୋତ୍ସବର ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ (https://culture.odisha.gov.in/) ର OLLC/12749 ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି ।

ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନକରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ ଦିନ ମଧ୍ୟରେ ଆବେଦନ କରିବେ ।

OIPR-03029/11/0033/2425

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୭

**ବିକ୍ରୟ ନୋଟିସ୍**
**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** **୧) ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, **୨) ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ୦୮.୦୪.୨୦୨୧ / ୧୮.୧୧.୨୦୨୧ / ୧୨.୧୨.୨୦୨୪ |
| **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** **୧) ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୩) ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁନ୍ଦା, ମେନ୍ ରୋଡ୍, ସୁକୁନ୍ଦା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୧୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ୦୭.୧୧.୨୦୧୭ / ୨୫.୦୪.୨୦୧୮ / ୧୨.୧୨.୨୦୨୪ |
| **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, **୩) ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହଡାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | **ଶ୍ରୀ ଶତ୍ରୁଘନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ୦୫.୦୫.୨୦୨୧ / ୦୨.୧୧.୨୦୨୧ / ୧୨.୧୨.୨୦୨୪ |
| **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** **୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରୀଷ୍ଣ ପଣ୍ଡିତ, ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, **୨) ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରୀଷ୍ଣ ପଣ୍ଡିତ, ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | **ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୮, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ୩୧.୦୮.୨୦୧୯ / ୧୬.୦୧.୨୦୨୦ / ୧୨.୧୨.୨୦୨୪ |
| **ଭାବିନିପୁର ଶାଖା, ଫୋନ୍: ୭୮୯୪୧୧୯୯୧୦ /** **୧) ବି ଚନ୍ଦ୍ରୟା,** ପିତା: ବୁରୁଡୁ ସାତେୟା, ପଡା ପେଣ୍ଟାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, **୨) ବି ଲଚିମି ଆମ୍ମା,** ସ୍ୱାମୀ: ବି ଚନ୍ଦ୍ରୟା, ପଡା ପେଣ୍ଟାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, **୩) ରବି ନାରାୟଣ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା | **ବି ଲଚିମି ଆମ୍ମା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ରେଭିନ୍ୟୁ ମୌଜା: ଡୁରା, ପଡା ପେଣ୍ଟାପଲ୍ଲୀ, ବାହାଦୁର ପେଟା, ଡୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପି ଏରମ୍ମାଙ୍କ ଗୃହ, ପଶ୍ଚିମ: ବି ସାତେୟାଙ୍କ ଗୃହ, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ୦୨.୦୧.୨୦୨୦ / ୧୯.୦୯.୨୦୨୧ / ୧୨.୧୨.୨୦୨୪ |
| **ବେଲଗୁଣ୍ଠା ଶାଖା, ଫୋନ୍: ୯୦୬୯୩୩୪୬୮୯ /** **୧) କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, **୨) ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, **୩) ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା.:କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦,ଖାତା ନଂ.: ୧୩୨୧/ ୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ୦୯.୦୪.୨୦୨୧ / ୧୪.୧୧.୨୦୨୧ / ୧୨.୧୨.୨୦୨୪ |
| **ବେଲଗୁଣ୍ଠା ଶାଖା, ଫୋନ୍: ୯୦୬୯୩୩୪୬୮୯ /** **୧) ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ବିହୁଡି,** ପିତା: ସନ୍ୟାସୀ ବିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ୦୧.୦୧.୨୦୨୦ / ୧୯.୧୧.୨୦୨୧ / ୧୨.୧୨.୨୦୨୪ |
| **ବେଲଗୁଣ୍ଠା ଶାଖା, ଫୋନ୍: ୯୦୬୯୩୩୪୬୮୯ /** **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଡାଳ ସେଠୀ, ସ୍ଥାୟୀ ଠିକଣା- କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା- କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ୦୮.୦୫.୨୦୧୮ / ୨୦.୦୯.୨୦୧୮ / ୧୨.୧୨.୨୦୨୪ |
| **ଦିଗପହଣ୍ଡି ଶାଖା, ଫୋନ୍: ୮୭୨୧୮୫୬୫୧୦ /** **୧) ମେସର୍ସ ଅଏଲଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, **୨) ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ | **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍‌ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ୧୧.୧୦.୨୦୨୨ / ୧୫.୦୪.୨୦୨୩ / ୧୨.୧୨.୨୦୨୪ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୮୬୮୮୬୨୧୧୦୭/** **୧) ମୁକ୍ତା ଦାସ,** ସ୍ୱାମୀ: ବନ ଦାସ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, **୨) ଚନ୍ଦ୍ରକଳା ରାଉତ,** ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, **୩) କେଦାର ରାଉତ,** ମାତା: ଚନ୍ଦ୍ରକଳା ରାଉତ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧ | **ମୁକ୍ତା ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବିଜିପୁର, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୦୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପଦ୍ମ ଦାସଙ୍କ ଗୃହ, ପଶ୍ଚିମ: କୁନ୍ତଳା ଦାସଙ୍କ ଗୃହ, ଉତ୍ତର: ଶ୍ରୀ ସୁବୁଦ୍ଧି ସେଠୀଙ୍କ ଗୃହ, ଦକ୍ଷିଣ: ରାସ୍ତା | ୨୮.୦୭.୨୦୨୨ / ୧୧.୧୦.୨୦୨୨ / ୧୨.୧୨.୨୦୨୪ |
| **କୁଲ୍ଲାଡ ଶାଖା, ଫୋନ୍: ୭୬୦୬୦୧୫୫୪୩ /** **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, **୨) ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡିଶା-୭୬୧୧୩୧ | **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍‌ଆରଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, **୨) ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍‌ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | ୩୦.୦୪.୨୦୨୧ / ୧୦.୧୨.୨୦୨୧ / ୧୨.୧୨.୨୦୨୪ |
| **ନୀଳକଣ୍ଠନଗର ଶାଖା,ଫୋନ୍: ୭୮୯୪୫୨୯୨୭୨/** **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, **୨) ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/ ୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୬.୦୪.୨୦୨୦ / ୧୭.୧୧.୨୦୨୨ / ୧୨.୧୨.୨୦୨୪ |
| **ରମ୍ଭା ଶାଖା, ଫୋନ୍: ୮୭୭୦୪୧୩୦୦୫ /** **୧) ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, **୨) ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା),** ସ୍ୱାମୀ: ରାମ ଚନ୍ଦ୍ର ନାହାକ, **୩) ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍- ୭୬୧୦୨୮ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍‌ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ: ଖଲ୍ଲିକୋଟ, ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଦକ୍ଷିଣ: ଯୋଗୀ ମହାପାତ୍ର, ଉତ୍ତର: ରାସ୍ତା | ୩୦.୦୪.୨୦୨୧ / ୦୫.୦୧.୨୦୨୨ / ୧୨.୧୨.୨୦୨୪ |
| **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୭୭୫୦୦୩୬୬୬୮ /** **୧(କ) ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା), ୨(କ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା)** | **ଶ୍ରୀ ଧୋବା ରାଉଳ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୩୦.୦୪.୨୦୨୧ / ୧୪.୧୨.୨୦୨୧ / ୧୨.୧୨.୨୦୨୪ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୦.୧୨.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ବିଦାୟୀ ବର୍ଷରେ ଭାରତର ନ୍ୟାୟପାଳିକା ଅନେକ ଐତିହାସିକ ରାୟ ପ୍ରଦାନ ପୂର୍ବକ ନାଗରିକଙ୍କ ନ୍ୟାୟ, ସମାନତା, ମୌଳିକ ଅଧିକାରର ସୁରକ୍ଷାକୁ ସୁନିଶ୍ଚିତ କରିଛନ୍ତି। ସୁପ୍ରିମକୋର୍ଟ ସରକାରୀ ହସ୍ତକ୍ଷେପରୁ ଦେଶବାସୀଙ୍କୁ ରକ୍ଷା କରିବା ସହ ଭାରତୀୟ ସମ୍ବିଧାନର ମୂଲ୍ୟବୋଧର ଅଖଣ୍ଡତାକୁ ସଂରକ୍ଷିତ ରଖିବା ଦିଗରେ ଏହାର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି। ୨୦୨୪ରେ ସର୍ବୋଚ୍ଚ ଅଦାଲତ କେତେକ ମୁଖ୍ୟ ସାମ୍ବିଧାନିକ ସିଦ୍ଧାନ୍ତକୁ ପୁନଃ ପୁଷ୍ଟି କରିବା ସହ ଏଥିରେ ରହିଥିବା ଅଧିକାରଗୁଡ଼ିକର ଦୃଢ଼ତା ଏବଂ ଅନୁଲଂଘନୀୟତାକୁ ପ୍ରତିପାଦିତ କରାଇଛନ୍ତି। ବର୍ତ୍ତମାନ ସମୟରେ ଆକ୍ରମଣାତ୍ମକ କାର୍ଯ୍ୟନିର୍ବାହୀ ବ୍ୟକ୍ତିଗତ ତଥା ସାମୂହିକ ଅଧିକାର ଓ ସ୍ୱାଧୀନତାକୁ ଅତିକ୍ରମଣ କରୁଥିବାବେଳେ ସୁପ୍ରିମକୋର୍ଟ ବିଭିନ୍ନ ମାମଲାରେ ସମ୍ବିଧାନର ମୌଳିକ ଚିନ୍ତାଧାରାକୁ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଏହା ଦ୍ୱାରା ଭାରତୀୟ ସମାଜ ପାଇଁ ସୁଦୂରପ୍ରସାରୀ ନିହିତାର୍ଥ ରହିଥିବା ଅନେକ ଜଟିଳ ତଥା ସମସାମୟିକ ପ୍ରସଙ୍ଗର ସମାଧାନ ହୋଇପାରିଛି। ଧର୍ମୀୟ ସ୍ୱାଧୀନତା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ ଆଦି ମାମଲାରେ ଅଦାଲତ ଧର୍ମୀୟ ସ୍ୱାୟତ୍ତତା ଏବଂ ସମସ୍ତ ନାଗରିକଙ୍କ ପାଇଁ ଗୁଣବତ୍ତା ଓ ସମାବେଶୀ ଶିକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ରାଷ୍ଟ୍ରର ଆନୁଗତ୍ୟ ମଧ୍ୟରେ ସନ୍ତୁଳନ ରକ୍ଷା କରିଛନ୍ତି। ରାଜ୍ୟ ପ୍ରଶାସନ ବୁଲ୍‌ଡୋଜର ଜଷ୍ଟିସ୍ ନାମରେ ନ୍ୟାୟପାଳିକା କ୍ଷମତା ହାତକୁ ନେଉଥିବାରୁ ସର୍ବୋଚ୍ଚ ଅଦାଲତ ଏହାକୁ ଅସାମ୍ବିଧାନିକ ଦର୍ଶାଇ ନ୍ୟାୟବହିର୍ଭୂତ କାର୍ଯ୍ୟରେ ରୋକ ଲଗାଇଛନ୍ତି।

# ବୁଲ୍‌ଡୋଜର ଅଟକାଇଲେ ସୁପ୍ରିମକୋର୍ଟ




ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଅସାମ୍ବିଧାନିକ। କୌଣସି ବ୍ୟକ୍ତିଙ୍କ ବିରୋଧରେ ଆଗତ ଅଭିଯୋଗ ଆଧାରରେ ତାଙ୍କ ଘର ଭଙ୍ଗାଯାଇପାରିବ ନାହିଁ। ଜଣେ ବ୍ୟକ୍ତି କିଛି ଭୁଲ୍ କରିଥିଲେ ତାଙ୍କ ପାଇଁ ପୂରା ପରିବାରକୁ ଦଣ୍ଡିତ କରାଯାଇପାରିବ ନାହିଁ। ଅଭିଯୋଗ ଉପରେ କାର୍ଯ୍ୟପାଳିକା କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ, ଏହା ନ୍ୟାୟପାଳିକାର କର୍ତ୍ତବ୍ୟ। ସୁପ୍ରିମକୋର୍ଟ ନଭେମ୍ବର ୧୩ରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇବା ସହ ଏହି ଐତିହାସିକ ରାୟ ଶୁଣାଇଥିଲେ। କ୍ଷମତାର ଦୁରୁପଯୋଗକୁ ବରଦାସ୍ତ କରାଯିବ ନାହିଁ। ମନଇଚ୍ଛା ବୁଲ୍‌ଡୋଜର ଲଗାଇ ଘର ଭାଙ୍ଗିଥିଲେ ସମ୍ପୃକ୍ତ ଅଧିକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଥିଲେ।

ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଆପରାଧିକ ମାମଲାର ଅଭିଯୁକ୍ତମାନଙ୍କ ଘର ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଉଥିବାରୁ ଏହା ବିରୋଧରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ ବି. ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ୯୫ ପୃଷ୍ଠା ସମ୍ବଳିତ ରାୟ ଦେଇଥିଲେ। ଜଣେ ନାଗରିକ କୌଣସି ଆପରାଧିକ ମାମଲାରେ ଅଭିଯୁକ୍ତ, ଏପରି କି ଦୋଷୀ ହୋଇଥିଲେ ମଧ୍ୟ ତାଙ୍କ ଘର ଭାଙ୍ଗିବା ସମ୍ପୂର୍ଣ୍ଣ ରୂପେ ଅସାମ୍ବିଧାନିକ। ଯଦି କାର୍ଯ୍ୟପାଳିକା ଏକତରଫା ଭାବେ ଜଣେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ତାଙ୍କ ଘରେ ବୁଲ୍‌ଡୋଜର ଲଗାଏ, ତେବେ ତାହା ଆଇନ ଶାସନର ସିଦ୍ଧାନ୍ତ ପରିପନ୍ଥୀ। ତେଣୁ କାରଣ ଦର୍ଶାଅ ନୋଟିସ ନ ଦେଇ କୌଣସି ପ୍ରକାର ଉଚ୍ଛେଦ କାର୍ଯ୍ୟ କରାଯାଇପାରିବ ନାହିଁ। ସ୍ଥାନୀୟ ପୌରପାଳିକା ଆଇନ ଅନୁସାରେ ଯଦି ଉଚ୍ଛେଦ କରାଯାଏ, ତେବେ ଧାର୍ଯ୍ୟ ଦିବସର ୧୫ ଦିନ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଜାରି କରାଯିବ। କାର୍ଯ୍ୟପାଳିକା ଏଭଳି ଦାୟିତ୍ୱ ତୁଲାଇବାବେଳେ ନ୍ୟାୟପାଳିକାର ସ୍ଥାନ ନେଇପାରିବ ନାହିଁ। ଯଦି କାର୍ଯ୍ୟପାଳିକା ବିଚାରପତିଙ୍କ ଭୂମିକା ନେଇ ନାଗରିକଙ୍କ ଘର ଭାଙ୍ଗିବା ଭଳି କାର୍ଯ୍ୟାନୁଷ୍ଠାନ ନିଏ ତାହା କ୍ଷମତା ବିକେନ୍ଦ୍ରୀକରଣ ସିଦ୍ଧାନ୍ତ ବିରୋଧୀ ବୋଲି ଖଣ୍ଡପୀଠ କହିଥିଲେ।

## ନାଗରିକତ୍ୱ ଆଇନ ଧାରା ୬ଏ'ର ବୈଧତା କାଏମ




ଆସାମକୁ ୧୯୬୬ ଜାନୁଆରୀ ୧ରୁ ୧୯୭୧ ମାର୍ଚ୍ଚ ୨୫ ମଧ୍ୟରେ ଆସିଥିବା ବାହାର ଦେଶର ଲୋକଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ନାଗରିକତ୍ୱ ଆଇନର ଧାରା ୬ଏ'ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ଅକ୍ଟୋବର ୧୭ରେ କାଏମ ରଖିଥିଲେ। ଆସାମ ବୁଝାମଣା ବେଆଇନ ଭାବେ ଆସି ରହିଯାଇଥିବା ଲୋକଙ୍କ ସମସ୍ୟାର ରାଜନୈତିକ ସମାଧାନ ଥିଲା ବୋଲି ସାମ୍ବିଧାନିକ ପୀଠ କହିଥିଲେ। ଆସାମ ବୁଝାମଣା ଅଧୀନରେ ଆସୁଥିବା ଲୋକଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ସିଟିଜେନ୍‌ଶିପ୍ ଆକ୍ଟରେ ଧାରା ୬ଏ'ସାମିଲ ହୋଇଥିଲା। ସାମ୍ବିଧାନିକ ପୀଠର ବିଚାରପତିମାନେ ନାଗରିକତ୍ୱ ଆଇନର ଧାରା ୬ଏର ବୈଧତାକୁ ସମର୍ଥନ କରିଥିଲେ।

## ରାଷ୍ଟ୍ର ନିଷ୍ପତ୍ତିକୁ ସମାଲୋଚନା କରିବା ଅଧିକାର ନାଗରିକଙ୍କର ରହିଛି

ରାଷ୍ଟ୍ରର ନିଷ୍ପତ୍ତିକୁ ସମାଲୋଚନା କରିବା ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ସମାଲୋଚନା କରି ହ୍ୱାଟ୍ସଆପ୍‌ରେ ମେସେଜ୍ ପୋଷ୍ଟ କରିଥିବା ପ୍ରଫେସର ଜାଭେଦ ମହମ୍ମଦ ହାଜମଙ୍କ ବିରୋଧରେ ମାମଲାକୁ ସୁପ୍ରିମକୋର୍ଟ ମାର୍ଚ୍ଚ ୭ରେ ଖାରଜ କରିଦେବା ଅବସରରେ ଏହା କହିଥିଲେ। ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଜାଭେଦ 'ଅଗଷ୍ଟ ୫ ଜମ୍ମୁ-କଶ୍ମୀର ପାଇଁ କଳାଦିବସ' ବୋଲି ଲେଖିବା ସହ ଅଗଷ୍ଟ ୧୪ ପାକିସ୍ତାନ ସ୍ୱାଧୀନତା ଦିବସ ପାଇଁ ଶୁଭେଚ୍ଛା ଜଣାଇଥିଲେ। ମହାରାଷ୍ଟ୍ର ପୋଲିସ ତାଙ୍କ ବିରୋଧରେ ଧାରା ୧୫୩ଏ (ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟ କରିବା)ରେ ମାମଲା ରୁଜୁ କରିଥିଲା। ପାକିସ୍ତାନର ସ୍ୱାଧୀନତା ଦିବସରେ ସେଠାର ନାଗରିକଙ୍କୁ କୌଣସି ଭାରତୀୟ ଶୁଭେଚ୍ଛା ଜଣାଇବାରେ କିଛି ଭୁଲ୍ ନାହିଁ ବୋଲି ଅଦାଲତ କହିଥିଲେ। ସମ୍ବିଧାନର ଅନୁଚ୍ଛେଦ ୯(୧)(ଏ)ରେ ବାକ୍ ସ୍ୱାଧୀନତାର ଅଧିକାର ସମସ୍ତଙ୍କୁ ଦିଆଯାଇଛି। ଏହି ଗ୍ୟାରେଣ୍ଟି ବଳରେ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଥିବା ଖଣ୍ଡପୀଠ କହିଥିଲେ।

## ଜେଲକୁ ଫେରିଲେ ବିଲ୍‌କିସ୍‌ଙ୍କ ବଳାତ୍କାରୀ

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୧୧ ଅପରାଧୀଙ୍କୁ ଜେଲ୍‌କୁ ଫେରିବାକୁ ହେବ ବୋଲି ସୁପ୍ରିମକୋର୍ଟ ଜାନୁଆରୀ ୮ରେ ରାୟ ଦେଇଥିଲେ। ଜେଲରେ ଉତ୍ତମ ଆଚରଣ ପ୍ରଦର୍ଶନ କରିଥିବା ଦର୍ଶାଇ ଗୁଜରାଟ ସରକାର ଅପରାଧୀମାନଙ୍କୁ ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ମୁକ୍ତ କରିଦେଇଥିଲେ। ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ଅଦାଲତ ଖାରଜ କରିଦେବା ସହ ଅପରାଧୀମାନେ ୨ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ୨୦୨୨ରେ ଅପରାଧୀମାନଙ୍କୁ ମୁକ୍ତ କରିବା କ୍ଷମତା ଗୁଜରାଟ ସରକାରଙ୍କର ନ ଥିଲା ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ରାୟରେ କହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଅପରାଧୀମାନେ ପୁନର୍ବାର ଜେଲକୁ ଫେରିଥିଲେ।



## ୟୁପି ମଦ୍ରାସା ଆଇନର ସାମ୍ବିଧାନିକ ବୈଧତା କାଏମ

ମୁସଲମାନ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନ, ୨୦୦୪ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ନଭେମ୍ବର ୫ରେ କାଏମ୍ ରଖିଥିଲେ। ଆଲ୍ଲାହାବାଦ ହାଇକୋର୍ଟ ପୂର୍ବ ରାୟରେ ଉକ୍ତ ଆଇନକୁ ଅସାମ୍ବିଧାନିକ ଦର୍ଶାଇଥିଲେ। ତେବେ ଧର୍ମନିରପେକ୍ଷତା ଆଧାରରେ ଏକ ଆଇନକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଥିଲେ। ଫଳରେ ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୬,୦୦୦ରୁ ଊର୍ଦ୍ଧ୍ୱ ମଦ୍ରାସାରେ ପଢୁଥିବା ୧୭ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହୋଇଥିଲେ।



## ଇଲେକ୍ଟୋରାଲ ବଣ୍ଡ୍ ରଦ୍ଦ ହେଲା

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ଲାଗି ପ୍ରଚଳିତ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ସୁପ୍ରିମକୋର୍ଟ ଫେବୃଆରୀ ୧୫ରେ ରଦ୍ଦ କରିଦେଇଥିଲେ। ଲୋକ ସଭା ନିର୍ବାଚନ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟ ସରକାରଙ୍କ ପାଇଁ ବଡ଼ ଝଟ୍‌କା ହୋଇଥିଲା। ଚାନ୍ଦା ସଂଗ୍ରହରେ ଇଲେକ୍ଟୋରାଲ ବଣ୍ଡ୍‌ର ପ୍ରଚଳନ ଅସାମ୍ବିଧାନିକ ବୋଲି ଅଦାଲତ କହିବା ସହ ଏହା ମାଧ୍ୟମରେ ଚାନ୍ଦା ଦେଇଥିବା ବ୍ୟକ୍ତି ଓ ଗ୍ରହଣ କରିଥିବା ଦଳଙ୍କ ନାଁ ଓ ଚାନ୍ଦା ପରିମାଣ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ର ଏହି ଯୋଜନା ମତବ୍ୟକ୍ତ କରିବାର ସ୍ୱାଧୀନ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ କରୁଛି ବୋଲି




ସାମ୍ବିଧାନିକ ପୀଠ କହିଥିଲେ। ରାଜନୈତିକ ଏସ୍‌ବିଆଇକୁ ମାର୍ଚ୍ଚ ୬ ସୁଦ୍ଧା ସବିଶେଷ ବିବରଣୀ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

## ଶିଶୁଙ୍କ ଉପରେ ଅଶ୍ଳୀଳ ଚିତ୍ର ଦେଖିବା ପୋକ୍‌ସୋ ଆଇନରେ ଅପରାଧ

ଛୋଟ ପିଲାମାନଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ଓ ସେଗୁଡ଼ିକୁ ପାଖରେ ରଖିବା ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନରେ ଅପରାଧ ବୋଲି ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୨ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ମାଡ୍ରାସ୍ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଥିଲେ। ଇଲେକ୍ଟ୍ରୋନିକ୍ ଉପକରଣରେ ଶିଶୁ ପର୍ନୋଗ୍ରାଫିକୁ ଡାଉନ୍‌ଲୋଡ୍ କରିବା କିମ୍ବା ଦେଖିବା ପୋକ୍ସୋ ଏବଂ ସୂଚନା ପ୍ରଯୁକ୍ତି ଆଇନରେ ଅପରାଧ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟ ରାୟ ପ୍ରଦାନରେ ତ୍ରୁଟି କରିଥିବାରୁ ଏହାକୁ ଖାରଜ କରାଗଲା ବୋଲି ଖଣ୍ଡପୀଠ ଉଲ୍ଲେଖ କରିଥିଲେ।

## ଏମ୍‌ପି, ବିଧାୟକଙ୍କୁ ମକଦ୍ଦମାରୁ ମୁକ୍ତି ମିଳିବ ନାହିଁ

### ଭୋଟ ପାଇଁ ଲାଞ୍ଚ ମାମଲା

ପାର୍ଲାମେଣ୍ଟ ବା ବିଧାନସଭାରେ ଭୋଟ ଦେବା ପାଇଁ ଲାଞ୍ଚ ନେଉଥିବା ଏମ୍‌ପି ଏବଂ ବିଧାୟକମାନେ ମକଦ୍ଦମାରୁ ମୁକ୍ତ ନୁହନ୍ତି ବୋଲି ସୁପ୍ରିମକୋର୍ଟ ମାର୍ଚ୍ଚ ୪ରେ ଏକ ଐତିହାସିକ ରାୟ ଶୁଣାଇଥିଲେ। ସେମାନେ ମକଦ୍ଦମାରୁ ମୁକ୍ତି ପାଇବା ପାଇଁ ଦାବି କରିପାରିବେ ନାହିଁ ବୋଲି ୭ ଜଣିଆ ସାମ୍ବିଧାନିକ ପୀଠ କହିଥିଲେ। ୧୯୯୮ର ଜେଏମ୍‌ଏମ୍ ଲାଞ୍ଚ ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ବୃହତ୍ତର ସାମ୍ବିଧାନିକ ପୀଠ ଖାରଜ କରିଦେଇଥିଲେ। ଲାଞ୍ଚ ନେବା ଏକ ସ୍ୱତନ୍ତ୍ର ଅପରାଧ। ଗୃହରେ ନିର୍ଭୟରେ ବିତର୍କ ପାଇଁ ସମ୍ବିଧାନ ଏମ୍‌ପିଙ୍କୁ ଦେଇଥିବା ଅବ୍ୟାହତି ମକଦ୍ଦମାରୁ ସେମାନଙ୍କୁ ସୁରକ୍ଷା ଦେଇପାରିବ ନାହିଁ। ୧୯୯୩ରେ ପି.ଭି. ନରସିଂହ ରାଓ ସରକାରଙ୍କୁ ଅନାସ୍ଥାରୁ ବଞ୍ଚାଇବା ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ୫ ଜଣ ଏମ୍‌ପି ଲାଞ୍ଚ ନେଇ ସରକାରଙ୍କ ସପକ୍ଷରେ ଭୋଟ ଦେଇଥିଲେ। ୧୯୯୮ରେ ୫ ଜଣିଆ ପୀଠ ଏମ୍‌ପିମାନଙ୍କୁ ମକଦ୍ଦମାରୁ ଅବ୍ୟାହତି ଦେଇଥିଲେ।

## ଧର୍ମାନୁଷ୍ଠାନରେ ସର୍ଭେ ବନ୍ଦ ନିର୍ଦ୍ଦେଶ

ଭାରତରେ ଉପାସନା ସ୍ଥଳଗୁଡ଼ିକର ଧର୍ମୀୟ ଚରିତ୍ରକୁ ବଜାୟ ରଖିବା ପାଇଁ ୧୯୯୧ରେ ଉପାସନା ସ୍ଥଳ (ସ୍ୱତନ୍ତ୍ର ନିୟମ) ଆଇନ ପ୍ରଣୟନ କରାଯାଇଥିଲା। ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ନିର୍ମିତ ଧର୍ମାନୁଷ୍ଠାନଗୁଡ଼ିକରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଏଥିରେ ବ୍ୟବସ୍ଥା ରହିଛି। କିନ୍ତୁ ଦେଶର ଅନେକ ସ୍ଥାନରେ ମନ୍ଦିରଗୁଡ଼ିକୁ ଭାଙ୍ଗି ମସ୍‌ଜିଦ ନିର୍ମାଣ କରାଯାଇଥିବା ହିନ୍ଦୁ ପକ୍ଷ ଦାବି କରିବା ସହ ସର୍ଭେ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବାରେ ଲାଗିଛନ୍ତି। ନଭେମ୍ବର ୨୪ରେ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଉତ୍ତର ପ୍ରଦେଶର ସମ୍ଭଲସ୍ଥିତ ଶାହି ଇମାମ୍ ମସ୍‌ଜିଦରେ ସର୍ଭେ ବେଳେ ସାମ୍ପ୍ରଦାୟିକ ହିଂସାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। କୋର୍ଟ ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ), ଦରଘା କମିଟି ଏବଂ ଭାରତ ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟକୁ ନୋଟିସ କରି ମସ୍‌ଜିଦ ଓ ଦରଘାଗୁଡ଼ିକରେ ସର୍ବେକ୍ଷଣ କାର୍ଯ୍ୟ ବନ୍ଦ କରିବାକୁ ଡିସେମ୍ବର ୧୨ରେ ନିର୍ଦ୍ଦେଶ ଦେଇଥିଲେ।



## ଏସ୍‌ସି, ଏସ୍‌ଟିଙ୍କ ମଧ୍ୟରେ ଉପବର୍ଗୀକରଣ କରିପାରିବେ ରାଜ୍ୟ

ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଜନଜାତିଙ୍କ ମଧ୍ୟରେ ଅଧିକ ପଛୁଆ ସମୁଦାୟର ଲୋକଙ୍କୁ ନେଇ ଉପବର୍ଗୀକରଣ କରାଯାଇପାରିବ। ସେମାନଙ୍କୁ ପୃଥକ୍ ଭାବେ ସଂରକ୍ଷଣ ସୁବିଧା ଅନୁମତି ଦିଆଯାଇପାରିବ। ସୁପ୍ରିମକୋର୍ଟ ଅଗଷ୍ଟ ୧ରେ ଏହି ଐତିହାସିକ ରାୟ ଦେଇଥିଲେ। ତତ୍କାଳୀନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୭ ଜଣିଆ ସାମ୍ବିଧାନିକ ପୀଠର ୬ ବିଚାରପତି ଉପରୋକ୍ତ ରାୟ ଦେଇଥିବାବେଳେ ଜଷ୍ଟିସ୍ ବେଲା ତ୍ରିବେଦୀ ଭିନ୍ନ ମତ ରଖିଥିଲେ। ରାଜ୍ୟଗୁଡ଼ିକ ଏସ୍‌ସି/ଏସ୍‌ଟିଙ୍କ ମଧ୍ୟରେ ଉପଜାତିଗୁଡ଼ିକର ବର୍ଗୀକରଣ କରିପାରିବେ। ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅଧିକ ପଛୁଆ ଥିବା ଲୋକେ ଏହାଦ୍ୱାରା ସଂରକ୍ଷଣ ସୁବିଧା ପାଇପାରିବେ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ମନୋଜ ମିଶ୍ରା, ବି.ଆର୍. ଗଭାଇ, ବିକ୍ରମ ନାଥ, ପଙ୍କଜ ମିତ୍ତଲ, ସତୀଶ ଚନ୍ଦ୍ର ଶର୍ମା ରାୟ ଦେଇଥିଲେ। ଏଥିସହ ୨୦୦୪ରେ ଇଭି ଚିନ୍ନାଇଆହ ବନାମ ଆନ୍ଧ୍ରପ୍ରଦେଶ ମାମଲାରେ ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ଦେଇଥିବା ରାୟକୁ ୬ ବିଚାରପତି ଖାରଜ କରିଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୧୮ ଲକ୍ଷ କୋଟିରୁ ଅଧିକ

ମୁମ୍ବାଇ,୨୦।୧୨



■୫ଦିନରେ ସେନ୍‌ସେକ୍ସ ୪୧୦୦ ପଏଣ୍ଟ ହ୍ରାସ
■୧୨୦୦ ପଏଣ୍ଟ କମିଲା ନିଫ୍ଟି

ଅନ୍ତର୍ଜାତୀୟ ଘଟଣାବଳୀ ଏବଂ ୟୁଏସ୍ ଫେଡେରାଲର ସୁଧହାର ହ୍ରାସର ପ୍ରଭାବ ସିଧାସଳଖ ଭାରତୀୟ ଷ୍ଟକ୍ ମାର୍କେଟ କାରବାରରେ ଦେଖିବାକୁ ମିଳୁଛି। ଏପରିକି ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ସହ ଆମେରିକାର ମୁଦ୍ରାସ୍ଫୀତ ହାର କମିବା ଯୋଗୁ ଭାରତୀୟ ପୁଞ୍ଜିବଜାରରେ ବଡ ଧରଣରେ କ୍ଷତି ପହଞ୍ଚିଛି।

ଚଳିତସପ୍ତାହରଶେଷ୫ଟିକାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ୧୮ ଲକ୍ଷ କୋଟିରୁ ଅଧିକ (୧୮,୪୩,୧୨୧,୨୩ କୋଟି) ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜିବଜାରର ବଜାର ପୁଞ୍ଜି ଶୁକ୍ରବାରର କାରବାର ଶେଷ ସୁଦ୍ଧା ୪,୪୦,୯୯,୨୧୭.୩୨ କୋଟି (୫.୧୮ ଟ୍ରିଲିୟନ ଡଲାର) ରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ସୋମବାରରୁ ଶୁକ୍ରବାର କାର୍ଯ୍ୟଦିବସ ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର କାରବାରରେ ମଧ୍ୟ କ୍ରମାଗତ ଭାବେ ପରିବର୍ତ୍ତନ ହେଉଛି। ଏପରିକି ଏହି ୫ଟି କାର୍ଯ୍ୟ ଦିବସ ମଧ୍ୟରେ ବିଏସ୍ଇ ସେନ୍‌ସେକ୍ସ ପ୍ରାୟ ୪୧୦୦ ପଏଣ୍ଟ ( ୪୦୯୧ ପଏଣ୍ଟ) ହ୍ରାସ ଘଟିଥିଲାବେଳେ ଏହି ସମୟ ମଧ୍ୟରେ ନିଫ୍ଟିର କାରବାରରେ ପ୍ରାୟ ୧୨୦୦ ପଏଣ୍ଟ କମିଛି।

ସେହିଭଳି ଚଳିତ ସପ୍ତାହର ଶୁକ୍ରବାର କାର୍ଯ୍ୟଦିବସ ଶେଷ ସୁଦ୍ଧା ୩୦ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସର କାରବାର ୧.୪୯% ହ୍ରାସ ଘଟି ୭୮,୦୪୧.୫୯ ଅଙ୍କରେ ରହିଥିଲାବେଳେ ନିଫ୍ଟିର କାରବାର ୧.୫୨% ଘଟି ୨୩,୫୮୭.୫୦ଅଙ୍କରେ ରହିଛି।

ସେହିପରି ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ ଏବଂ ସ୍ମଲକ୍ୟାପ କାରବାରରେ ମଧ୍ୟ ପ୍ରାୟ ୨% ଲେଖାଏ ପରିବର୍ତ୍ତନ ହୋଇଛି। ଏପରିକି ନିଫ୍ଟି ମିଡ୍‌କ୍ୟାପ୍‌ର କାରବାର ୨.୮୨% ପଏଣ୍ଟ ହ୍ରାସ ଘଟି ୫୬,୯୦୬.୭୫ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ୨.୭୫% ହ୍ରାସ ଘଟି ୮୯୨୫.୮୫ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୧.୫୮% ହ୍ରାସ ଘଟି ୫୦,୭୫୯.୨୦ ଅଙ୍କରେ ରହିଛି। ଏପରିକି ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ଉଭୟ ବିଏସ୍ଇ ସେନ୍‌ସେକ୍ସ ଓ ନିଫ୍ଟିର ନିବେଶକମାନେ ବଡ ଧରଣର କ୍ଷତି ସହିଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୧୭୬ (୧୧୭୬.୪୬) ପଏଣ୍ଟ କମି ୭୮,୦୪୨(୭୮,୦୪୧,୫୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୬୪(୩୬୪.୨୦) ପଏଣ୍ଟ ହ୍ରାସ ଘଟି ୨୩,୫୮୭ (୨୩,୫୮୭.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ରିଅଲ୍‌ମି ୧୪ଏକ୍ସ ୫ଜିର ଅନାବରଣ

ନୂଆଦିଲ୍ଲୀ,୨୦।୧୨

ରିଅଲ୍‌ମିର ବହୁପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ରିଅଲ୍‌ମି ୧୪ଏକ୍ସ ୫ଜି'ର ଅନାବରଣ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ଏପରିକି ଏହି ମଡେଲ ବଜାର ଉପଲବ୍ଧ ସହି ବ୍ରାଣ୍ଡର ସ୍ମାର୍ଟଫୋନ ପୋର୍ଟଫୋଲିଓରେ ଏହା ଏକ ଅତ୍ୟାଧୁନିକ ଯୋଗ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ସେହିଭଳି ରିଅଲ୍‌ମି ୧୪ଏକ୍ସ ୫ଜିରେ ଅନେକ ପ୍ରକାର ଅତ୍ୟାଧୁନିକ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ ଥିଲାବେଳେ ସେଗ୍‌ମେଣ୍ଟର ପ୍ରଥମ ଆଇପି୬୯ ଡଷ୍ଟ ଓ ୱାଟର ରେଜିଷ୍ଟାନ୍ସ, ମିଲିଟାରି ଗ୍ରେଡ୍ ସକ୍ ରେଜିଷ୍ଟାନ୍ସ ସହିତ ଏକ ବୃହତ୍ ୬୦୦୦ ଏମ୍ଏଏଚ୍ ବ୍ୟାଟେରି ଓ ୪୫ ୱାଟ୍ ଚାର୍ଜିଂ ଏବଂ ସୋନିକୱେଭ ୱାଟର ଇଜେକ୍ସନ ଓ ରେନ୍‌ୱାଟର ସ୍ମାର୍ଟ ଟଚ୍ ଭଳି ଅଭିନବ ଫିଚରଗୁଡିକ ସାମିଲ ରହିଛି। ସେହିଭଳି ରିଅଲ୍‌ମି ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଗୁଣବତ୍ତା ପ୍ରଦାନ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ରିଅଲ୍‌ମି ୧୪ଏକ୍ସ ୫ଜିର ଶୁଭାରମ୍ଭ ସହିତ ଏହି ବ୍ରାଣ୍ଡ ମିଡ୍-ରେ ସ୍ମାର୍ଟଫୋନ ସେଗ୍‌ମେଣ୍ଟର ସୀମାକୁ ଆଗକୁ ବଢାଇବା ବଜାୟ ରଖିଛି। ମିଡିଆଟେକ୍ ଡାଇମେନ୍‌ସିଟି ୬୩୦୦ ୫ଜି ଚିପ୍‌ସେଟ୍ ଦ୍ୱାରା ପରିଚାଳିତ ଏହି ସ୍ମାର୍ଟଫୋନ ଏକ ସୁଗମ ଉପଭୋକ୍ତା ଅନୁଭୂତି ସୁନିଶ୍ଚିତ କରୁଛି।

## ବିଆଇଏସ୍‌ର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୦।୧୨(ଅନୁରାଧା ମହାରଣା)

ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ(ବିଆଇଏସ୍)ର ୨ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ମାନକ ମାଧ୍ୟମରେ ବିଜ୍ଞାନ ଶିକ୍ଷା' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦୈନନ୍ଦିନ ଜୀବନରେ ବିଜ୍ଞାନଭିତ୍ତିକ ଚିନ୍ତାଧାରାକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଆଇଏସ୍‌ର ଭୁବନେଶ୍ୱର ଶାଖା ନିର୍ଦ୍ଦେଶକ ଏ.କେ. ପୁରୋହିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ବିଆଇଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ଦୀପକ ପାତ୍ର, ରଜନୀ ପନ୍‌ଓ୍ୱର, ସଞ୍ଜୀବ କୁମାର ନାଏକ, ସ୍ୱପନିଲ୍ ପ୍ରତାପ, ହିରିରାମ୍ ପନ୍‌ସାରୀ ପ୍ରମୁଖ ଉପସ୍ଥିତ ଥିଲେ। ଦୈନନ୍ଦିନ ଜୀବନରେ ମାନକର ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ବିଆଇଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ଦୀପକ ପାତ୍ର ବିଆଇଏସ୍‌ର କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଇଲେକ୍ଟ୍ରିକ୍ ପ୍ରେସରକୁକର ଉପରେ ମେଥୋଡୋଲୋଜି ଓ ଡେମୋନଷ୍ଟ୍ରେଶନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୪୦ ଜଣ ଶିକ୍ଷକ ୭ଟି ଗ୍ରୁପ୍‌କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓରେରାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ



ଭୁବନେଶ୍ୱର,୨୦।୧୨ (ଅଭୟ ଦାଶ)

ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି(ଓରେରା)ର ନୂତନ ୱେବ୍‌ସାଇଟ୍ https://rera.odisha.gov.in ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଓରେରା ସଂସ୍କରଣ ୨.୦ର ଆନୁଷ୍ଠାନିକ ଶୁଭାରମ୍ଭ ମଧ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ଓରେରା ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରେରା (ସଦସ୍ୟ) ପ୍ରଦୀପ କୁମାର ବିଶ୍ୱାଳ ଏବଂ ଗୋପାଳ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତି ଥିଲେ। ଏହି ଅବସରରେ ଦାସ କହିଥିଲେ, ବ୍ୟବସ୍ଥାରେ ସ୍ୱଚ୍ଛତା, ଦକ୍ଷତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବାରେ ରେରା ପାଇଁ ଏହା ଏକ ଐତିହାସିକ ଦିନ ହୋଇଥିଲାବେଳେ ରେକର୍ଡ ସମୟ ମଧ୍ୟରେ ଏହି ନୂତନ ୱେବ୍‌ସାଇଟକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବାରୁ ସେ ସମସ୍ତ ଅଧିକାରୀ ଏବଂ ଦଳର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏପରିକି ଏହା ବ୍ୟବହାରକାରୀ ଅନୁକୂଳ ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ସହାୟକ ହେବ ବୋଲି ଦାସ ଆଶା କରିଛନ୍ତି। ସେହିଭଳି ଓରେରା ସଚିବ ଶ୍ରାବଣୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅର୍ଥ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦୀପକ କୁମାର ବେଶରା ଧନ୍ୟବାଦ ଅର୍ପଣ କରିଥିଲେ।

## ଲାଇଫ୍ ଷ୍ଟାଇଲର ସେଲ୍ ଅଫ୍ ଦି ସିଜନ

ନୂଆଦିଲ୍ଲୀ,୨୦।୧୨

ଲାଇଫ୍ ଷ୍ଟାଇଲର ବହୁ ପ୍ରତୀକ୍ଷିତ ବିକ୍ରୟ ଅଫର 'ସେଲ୍ ଅଫ୍ ଦି ସିଜନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ସ୍ୱତନ୍ତ୍ର ବିକ୍ରୟ ଅଫର ଉପରେ ଆକର୍ଷଣୀୟ ରିହାତି ଦିଆଯାଉଛି। ଫ୍ୟାଶନ ବ୍ରାଣ୍ଡ ସାମଗ୍ରୀ ଉପରେ ବର୍ତ୍ତମାନ ୫୦%ର ରିହାତି ଉପଲବ୍ଧ ହେଉଛି।

ସେହିଭଳି ଲାଇଫ୍ ଷ୍ଟାଇଲର ସ୍ୱତନ୍ତ୍ର ବିକ୍ରୟ ଗ୍ରାହକଙ୍କୁ ବୋଲ୍‌ଡ ଫ୍ୟାଶନ ପସନ୍ଦ କରିବାକୁ ଓ ଅନନ୍ୟ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେଇଥାଏ। ଏପରିକି ଏହାକୁ ଜୀବନ୍ତ କରିବା ଲାଗି ଜୀବନଶୈଳୀ ଅଭିଯାନ ଆରମ୍ଭ କରିଛି, ଯାହା ଟିଭି, ଡିଜିଟାଲ ଓ ପ୍ରିଣ୍ଟ ମିଡିଆର ବିସ୍ତାର ଜରିଆରେ ପ୍ରସାରିତ ହେଉଛି। ଏହା ଫ୍ୟାଶନ ୱାଲ୍‌ଡ ଷ୍ଟାଇଲ-ଶପିଂ ୟାର୍କ-ଏକ ଫ୍ୟାଶନ ଫରୱାର୍ଡ ଟ୍ୱିଷ୍ଟ ସହିତ ପୁନଃ ଚିତ୍ରଣ କରିଥାଏ ଏବଂ ଗ୍ରାହକଙ୍କୁ ସେମାନଙ୍କ ଉପଯୋଗୀ ସାମଗ୍ରୀ କିଣିବାକୁ ପ୍ରେରିତ କରିଥାଏ। ଏହି ବିକ୍ରୟ ଫ୍ୟାଶନ ଉତ୍ସାହୀମାନଙ୍କୁ ସେମାନଙ୍କୁ ସବୁଠାରୁ ଷ୍ଟାଇଲିଶ ଓ ବିଭିନ୍ନ ପ୍ରକାର ସଂଗ୍ରହରୁ କଲେକ୍ସନ ହୋଇଥିବା ସାମଗ୍ରୀ ସହିତ ସତେଜ କରିବାର ଅନୁଭବ ପ୍ରଦାନ କରିଥାଏ। ଯାହା ପାର୍ଟିଠାରୁ କାଜୁଆଲ ଓ ଫ୍ୟୁଜନ ଲୁକ୍ ପର୍ଯ୍ୟନ୍ତ ପ୍ରତ୍ୟେକ ଉତ୍ସବକୁ ଆକର୍ଷିତ କରିବ। ଏହି ମାସରେ ପାର୍ଟି କଲେକ୍ସନ ଉତ୍ସବର ଚମତ୍କାର ଲାଗି ବୋଲ୍‌ଡ, ଷ୍ଟାଇଲିଶ ଓ ବିଶେଷ ବିକଳ୍ପ ସହିତ ଉପଲବ୍ଧ। ଗ୍ଲାମ ଏଡିଟ ଚମକଦାର, ଜେଟ୍ ବ୍ଲାକ୍, ଟାମ୍ପେନ ଏବଂ ବରଗଡ଼ର ସୁସଜ୍ଜିତ ବସ୍ତ୍ର ସହିତ ଉଜ୍ଜ୍ୱଳ, ଚମତ୍କାର ପୋଷାକ, ଟପ୍ ଓ ଟିକ୍ ମନୋକ୍ରୋମ ଶୈଳୀ ପ୍ରଦାନ କରିଥାଏ। ପୁରୁଷମାନଙ୍କ ଲାଗି ଜ୍ୟାକେଟ, ଟିସ, ଟ୍ରେଣ୍ଡି ଡେନିମ, କାର୍ଗୋ, ପାର୍ଟି ବ୍ଲେଜର ଏବଂ ପ୍ରିଣ୍ଟ ସାର୍ଟ ପରିଧାନ ରହିଛି।

## ଟାୟାର ୨+ ବଜାରରେ ବ୍ରାଣ୍ଡର ଉପସ୍ଥିତି ବୃଦ୍ଧି

ନୂଆଦିଲ୍ଲୀ,୨୦।୧୨

ଭାରତର ଟାୟାର ୨+ ବଜାରରେ ୱାଓ ସ୍କିନ ସାଇନ୍ସର ଉପସ୍ଥିତି ବୃଦ୍ଧି ପାଇଛି। ଏପରିକି ମିଶୋ ସହ ରଣନୀତିକ ଭାଗିଦାରୀ ମାଧ୍ୟମରେ ଏହି ବୃଦ୍ଧି ପରିଲକ୍ଷିତ ହୋଇଛି। ମିଶୋ ସହ ୱାଓ ସ୍କିନ ସାଇନ୍ସର ସହଭାଗିତା ଏହି ଉଦୀୟମାନ ବଜାର ଗୁଡ଼ିକରେ ବ୍ରାଣ୍ଡର ବିଶ୍ୱସ୍ତତା ପ୍ରଦର୍ଶନ କରି ଟାୟାର ୨+ ଅଞ୍ଚଳରୁ ୧ମିଲିୟନ ନୂଆ ଗ୍ରାହକ ସୃଷ୍ଟି କରିଛି। ପରବର୍ତ୍ତି ୧୨ ମାସରେ ୱାଓ ସ୍କିନ ସାଇନ୍ସ ମିଶୋରେ ବାର୍ଷିକ ପୁନରାବୃତ୍ତି ରାଜସ୍ୱ ୫ ଗୁଣା ବୃଦ୍ଧି ଲକ୍ଷ୍ୟ ରଖିଛି। ଏହି ସହଭାଗିତା ମାଧ୍ୟମରେ ୱାଓ ସ୍କିନ ସାଇନ୍ସ ଟାୟାର ୨+ ବଜାରରୁ ଅର୍ଡ଼ର ଗୁଡ଼ିକରେ ୧୦ଗୁଣା ଅଭିବୃଦ୍ଧି ହାସଲ କରିଛି, ସୁଗନ୍ଧ, ଫେସୱାସ, ସନସ୍କ୍ରିନ, ସାମ୍ପୋ, ହେୟାର ଅଏଲ, ଆଲୋଏଭେରା ଜେଲ ଓ ସ୍ୱାସ୍ଥ୍ୟକର ପନୀୟ ଉପରେ ଅଧିକ ଚାହିଦା ରହିଥିବା ଜଣାପଡିଛି। ଗୁଣବତା ଓ ପ୍ରଭାବଶାଳୀ ବ୍ରାଣ୍ଡର ପ୍ରତିବଦ୍ଧତା ଛୋଟ ସହର ଗୁଡ଼ିକରେ ଗ୍ରାହକମାନଙ୍କ ସହ ପୁନଃ ସୃଷ୍ଟି ହୋଇଛି। ୱାଓ ସ୍କିନ ସାଇନ୍ସର ସହ ପ୍ରତିଷ୍ଠାତା ମନୀଷ ଚୌଧୁରୀ କହିଛନ୍ତି, ମିଶୋ ସହିତ ଆମର ସହଭାଗିତା ବହୁ ପରିବର୍ତ୍ତନ ଆଣିଛି, ଯାହା ଦ୍ୱାରା ଆମକୁ ନୂଆ ଅଭିବୃଦ୍ଧିର ସୁଯୋଗ ମିଳିଛି।


# Classified Everyday
0674-2580101, 9692975378


REAL ESTATE

**SALE**

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399. D-2310

Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987. D-76220

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914. D-76223

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925.
D-2287

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ। 9658562429.
D-76224

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834.
D-76225

Official space & shops (BMC & RERA approved) for sale in a prime location of BBSR. For details please contact: 7605932509.
D-2319

Gharabari converted plots available near Hitech Square, Sundarpada, Bhubaneswar. For more details contact- 9040307584, 9437040045.
D-2333

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-2334




Newly open health benefits spa by expert therapist. Contact: 8280961126.
D-76180

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated 19.12.2024. I Shiba Prasad Jena, have changed my name from 'Siba Prasad Jena' to 'Shiba Prasad Jena'. Henceforth, I shall be known as 'Shiba Prasad Jena' for all purposes.
D-2330

I, Bishnupriya Sabat, W/o Brundaban Sabat, resident of Ram Mandir Sahi, Boipariguda, P.O./ P.S.- Boipariguda, Dist.- Koraput, PIN- 764043 declare by this affidavit No.2086, dtd.12.12.2024 that now onwards I shall be known as BISHNU PRIYA SABAT for all future purposes. D-2335

ମୁଁ ବାସନ୍ତୀ ବାରିକ, ସ୍ୱାମୀ ସୁରେନ୍ଦ୍ର ବାରିକ, ପିତା- ସ୍ୱର୍ଗତ ନବଘନ ବାରିକ, ଗ୍ରାମ- ପଟିଆମାଳ, ପୋଷ୍ଟ- ପଟିଆ, ପୋ.- ରଣପୁର, ଜିଲ୍ଲା- ନୟାଗଡ଼, ଓଡ଼ିଶା, ପିନ୍- ୭୫୨୦୨୩ ଘୋଷଣା କରୁଛି ଯେ ମୁଁ ଏହି ଆଫିଡେଭିଟ୍ ନଂ.-୨୨୭୪, ତାରିଖ ୨୬।୧୧।୨୦୨୪ ଦ୍ୱାରା ବର୍ତ୍ତମାନଠାରୁ ମଞ୍ଜୁବାଳା ବାରିକ ନାମରେ ନାମିତ ହେବି। ଧ-୭୩୫୬୭

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, BBSR dated 18.12.2024, I, Smt. Muni Munda, W/o Late Parshuram Munda, Address: At- Giridharipur, P.O.- Sunaposhi, Via- Champua, Dist.- Keonjhar, Odisha, declare that I have changed my son's name from Motilal Munda @ Manoj Kumar Soy to Motilal Munda. Henceforth, he shall be known as Motilal Munda for all purposes.
Muni Munda D-2337

**LOST**

ମୁଁ ପ୍ରଭାତ ରଞ୍ଜନ ବେଉରିଆ, ଜାଗମରାସ୍ଥିତ ଗୋଟିଏ propertyକୁ ରେନୁବାଲା ରାଉତ & others ଠାରୁ କିଣିଅଛି। କିଣିବା ସମୟରେ ସେମାନେ ଦଲିଲ ନଂ.- 7121, Dt.7.10.1980 ମୋତେ ଦେଇଥିଲେ। କିନ୍ତୁ ମୁଁ Unit-4 ଦେଇ ଯାଉଥିବା ସମୟରେ କେଉଁ ଜାଗାରେ ହଜାଇଦେଇଛି। ମୁଁ ଏହାକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ମୁଁ ଏଥିପାଇଁ Police Stationରେ F.I.R. ଦେଇଛି ଏବଂ Affidavit କରିଛି। ବର୍ତ୍ତମାନ ମୁଁ ଏହି propertyକୁ ବନ୍ଧକ ହିସାବରେ ଦେଇ ଗୃହଋଣ ନେବାକୁ ଯାଉଛି। ଯଦି କୌଣସି ସହୃଦୟ ବ୍ୟକ୍ତିଙ୍କୁ ମିଳେ, SBI RACPCରେ ଦେବାକୁ ଅନୁରୋଧ।
ଧ-୨୩୩୬

**LEGAL NOTICE**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ସ୍ୱର୍ଗତ ରାମଚନ୍ଦ୍ର ନାୟକ, ପି.- ସୁକଦେବ ନାୟକ, ସରଧାପାଲି, ଥାନା- ଧମା, ଜିଲ୍ଲା- ସମ୍ବଲପୁରଙ୍କ ନାମରେ ଥିବା ଜମି ଉତ୍ତରାଧିକାରୀ ସୂତ୍ରରେ ସୁମନ୍ତ ନାୟକ ଓ ପରିବାରର ସଦସ୍ୟଙ୍କ ନାମରେ ନାମିତ କରିବା ପାଇଁ ତହସିଲଦାର, ମନେଶ୍ୱରଙ୍କଠାରେ ଦାଖଲ ଖାରଜ ମକଦ୍ଦମା ନମ୍ବର ୧୧୧୮/୨୦୨୪ରେ ଆବେଦନ କରିଛନ୍ତି। ଯଦି କାହାର ଅଭିଯୋଗ ଥାଏ, ସୂଚନା ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ତହସିଲଦାରଙ୍କଠାରେ ଅଭିଯୋଗ ଜଣାଇବେ। ୧୫ ଦିନ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।
ସୁମନ୍ତ ନାୟକ
ଧ-୨୩୪୦

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

**Notice to show cause.**
**IN THE COURT OF THE S.D.J.M., ANANDAPUR**
**C.M.C. No.47/2023**

1. Smt. Bharati Chakra @ Jena, aged about 32 years, D/o Sri Amulya Kumar Chakra, Wife of Sri Prasanna Kumar Jena, of Vill./P.O.- Khalpal, P.S.- Ghasipura, Dist.- Keonjhar, At present residing in Aunt's house, C/o Smitarani Pahi, Vill./P.O./P.S. Anandapur, Dist.- Keonjhar.
2. Pratyansh Kumar Jena, aged about 2 years, Son of Sri Prasanna Kumar Jena, of Vill./P.O.- Khalpal, P.S.- Ghasipura, Dist.- Keonjhar. Being minor represented through, his minor guardian Smt. Bharati Chakra @ Jena, C/o Smitarani Pahi of Vill./P.O./P.S. Anandapur, Dist.- Keonjhar

... ... Aggrieved Persons.
Versus
Prasanna Kumar Jena and 14 others ... ... Respondents.
To
1. Smt. Sulochana@ Kamalini Jena, Wife of Sri Kumarabara Jena, of Vill./P.O.- Khalpal, P.S.- Ghasipura, Dist.- Keonjhar.
2. Smt. Pratap Kumar Routray, Son of Bijaya Kumar Routray.
3. Smt. Babitanjali Routray, Wife of Sri Pratap Kumar Routray.
4. Priyanka Routray, Daughter of Sri Pratap Kumar Routray, Sl. No.2 to 4 of Vill./P.O.- Korabandi, P.S.- Korei, Dist.- Jajpur.
5. Smt. Baijayanti Swain, Daughter of Sri Bibhuti Bhusan Swain, of ATM Chhak, Niladri Vihar, Sector-1, P.O.-Talasri Vihar, P.S.- Chandrasekharpur, Dist.- Khurdha, at present residing with, Sri Prasanna Kumar Jena of Vill./P.O.- Khalpal, P.S.- Ghasipura, Dist.- Keonjhar.

Take notice that the above named Aggrieved Persons have filed CMC No. 47/2023 claiming reliefs U/S, 18,19, 20 and 22 of the D.V. Act against you and as you are avoiding receiving notice issued from this court, hence you are hereby directed to appear on the date fixed i.e. on dt.30.01.2025 at 10.30 A.M. positively either in person or through pleader to answer the claim and in default of your appearance in the above mentioned date and time the case will be heard and determined in your absence as per law.
Given under my hand and the seal of this Court December 17th 2024.
Sd./- S.D.J.M.
Anandapur
D-2329

# ମନେ ପଡ଼ନ୍ତି

**ଏକାଦଶାହ**



୰ନବକିଶୋର ନାଥ
ଧରାବତରଣ: ୦୪-୧୧-୧୯୪୭
ସର୍ଗାରୋହଣ: ୧୧-୧୨-୨୦୨୪
କୁଆଗଡ଼ିଆ, ସିମୁଳିଆ, ବାଲେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୩୩୧

**ଦଶମ ଶ୍ରାଦ୍ଧବାର୍ଷିକୀ**



୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ- ୧୬।୦୩।୧୯୩୪
ତିରୋଧାନ- ୧୨।୧୨।୨୦୧୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ।
ଶୋକସନ୍ତପ୍ତ-
ବନ୍ଧୁ ଓ ପରିବାରବର୍ଗ
ଧ-୨୩୩୨

# ସହପାଠୀଙ୍କୁ ଛୁରି ଭୁସିଦେଲେ ଛାତ୍ର

**ପଟ୍ଟାମୁଣ୍ଡାଇ, ୨୦।୧୨ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତେଲଙ୍ଗାବସନ୍ତ ପଞ୍ଚାୟତର ଏକ ସ୍କୁଲରେ ଶୁକ୍ରବାର ଦୁଇ ଛାତ୍ରଙ୍କ ମଧ୍ୟରେ ବଚସାରୁ ଅପ୍ରୀତିକର ଘଟଣା ଘଟିଛି। ଅପରାହ୍ନ ସାଢ଼େ ୧ଟାରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ତାଙ୍କର ସହପାଠୀଙ୍କୁ ଛୁରି ଭୁସି ଦେଇଛନ୍ତି। ଫଳରେ ଆହତ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଛି। ବିଦ୍ୟାଳୟ ପକ୍ଷରୁ ଏ ନେଇ ପଟ୍ଟାମୁଣ୍ଡାଇ ବିଇଓ ହରିହର ଦଳାଇଙ୍କୁ ଅବଗତ କରାଯାଇଛି। ସ୍କୁଲର ଜଣେ ଶିକ୍ଷକଙ୍କ କହିବାନୁଯାୟୀ, ଶ୍ରେଣୀ ଗୃହରେ ୨ ଛାତ୍ର ବସିଥିବାବେଳେ ଜଣେ ଅନ୍ୟଜଣଙ୍କର ଚୁଟିକୁ ଝିଙ୍କି ଦେଇଥିଲେ। ମଧ୍ୟାହ୍ନଭୋଜନ ପରେ ଖେଳୁଥିବାବେଳେ ପୁଣି ଉକ୍ତ ଛାତ୍ରଙ୍କ ଚୁଟି ସହପାଠୀ ଜଣକ ଝିଙ୍କି ଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଚୁଟି ଟଣାଯାଇଥିବା ଛାତ୍ର ଜଣକ ଘରକୁ ଯାଇ ଏକ ଛୁରି ଆଣି ଅନ୍ୟ ସହପାଠୀଙ୍କ ପିଠିକୁ ଭୁସି ଦେଇଥିଲେ। ପରେ ସେ ଘରକୁ ପଳାଇଥିଲେ। ଆକ୍ରମଣର ଶିକାର ହୋଇଥିବା ଛାତ୍ରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିକ୍ଷକ ଉଦ୍ଧାର କରି ଚିକିତ୍ସାଳୟକୁ ନେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛୁରି ମାଡ଼ କରିଥିବା ଛାତ୍ରଙ୍କୁ ହେପାଜତକୁ ନେଇଛି। ଏ ସମ୍ପର୍କରେ ଆଇଆଇସି ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରେ ଆକ୍ରମଣକାରୀ ଛାତ୍ରଙ୍କ ବିଷୟରେ କିଛି କହିବାକୁ ମନା କରି ଦେଇଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି, ୨୦।୧୨ (ଅଶେଷ ନାଥ ମିଶ୍ର)**



ଅଭିଯୁକ୍ତ ଶିବାନନ୍ଦ

ବିବାହର ପ୍ରତିଶ୍ରୁତି ଦେଇ ଯାଜପୁର ଜିଲାର ଜଣେ ଅନୁସୂଚିତ ଜାତିର ଜଣେ ଯୁବତୀଙ୍କୁ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ମହୁଡ଼ା ନିକଟ ଏ.ରଘୁନାଥପୁର ଗ୍ରାମର ଶିବାନନ୍ଦ ସାହୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଏତଲାକୁ ଭିତ୍ତିକରି ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୪୯୭/୨୪ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଛନ୍ତି। ବ୍ରହ୍ମପୁର ଏସପି ଏସ୍. ବିବେକ. ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ ତଦନ୍ତଭାର ଗ୍ରହଣ କରିବା ସହ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଛନ୍ତି। ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜିଲା ଦୌରା ଜଜ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତା ଜଣକ ଚେନ୍ନାଇର ଏକ ସିଲେଇ କମ୍ପାନୀରେ କାମ କରୁଥିବା ବେଳେ ଗତ ପ୍ରାୟ ୭ ମାସ ପୂର୍ବେ ଶିବାନନ୍ଦଙ୍କ ସହ ତାଙ୍କ ସମ୍ପର୍କ ହୋଇଥିଲା। ସେ ତାଙ୍କୁ କୋର୍ଟରେ ରେଜିଷ୍ଟ୍ରି ବିବାହ କରିବାର ପ୍ରତିଶ୍ରୁତି ଦେଇ ଗତ ଜୁଲାଇ ୨ରେ ଭୁବନେଶ୍ୱର ଆଣି ବରମୁଣ୍ଡା ଅଞ୍ଚଳରେ ଏକ ଭଡ଼ା ଘରେ ରଖି ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ। ପରେ ବିବାହ କରିବା ପାଇଁ ପୀଡ଼ିତା ଜଣକ ବାଧ୍ୟ କରିବାରୁ ଶିବାନନ୍ଦ ତାଙ୍କୁ ଗାଁକୁ ଆଣି ଏକ ଘରେ ରଖି ଜବରଦସ୍ତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଶିବାନନ୍ଦଙ୍କ ବାପା ସନାତନ ସାହୁ ଉକ୍ତ ଘରେ ପହଞ୍ଚି ପୀଡ଼ିତାଙ୍କୁ ଜାତିଆଣ ମନ୍ତବ୍ୟ ଦେବାସହ ମାଡ଼ ମାରିଥିଲେ। ପରେ ତାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଫଳରେ ଶିବାନନ୍ଦ ପୀଡ଼ିତାଙ୍କୁ ପୁଣି ଚେନ୍ନାଇରେ ଛାଡ଼ି ଫେରାର ହୋଇଯାଇଥିଲେ। ତାଙ୍କୁ ମୋବାଇଲ ଫୋନରେ ହତ୍ୟା କରିବା ପାଇଁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ପୀଡ଼ିତା ଚେନ୍ନାଇରୁ ବହୁ କଷ୍ଟରେ ଫେରି ଗୁରୁବାର ଥାନାରେ ଏତଲା ଦେବା ପରେ ତଦନ୍ତକାରୀ ଅଧିକାରୀ ଚିକିଟି ଏସଡିପିଓ ଶିବାନନ୍ଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ୨ ଟେକ୍ସଟାଇଲ ଇନ୍ସପେକ୍ଟର

**ବୌଦ୍ଧ, ୨୦।୧୨ (ଅଜିତ କୁମାର ବାରିକ)**

## ପୈତୃକ ବାସଭବନ, ଭଡ଼ା ଘରେ ଚାଲିଛି ଚଢ଼ାଉ



କୃଷ୍ଣଚନ୍ଦ୍ର ସାହୁ ଓ ଆଦିତ୍ୟ କୁମାର ଦାସ

୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଶୁକ୍ରବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି ବୌଦ୍ଧ ଜିଲାର ୨ ଟେକ୍ସଟାଇଲ ଇନ୍ସପେକ୍ଟର। ସେମାନେ ହେଲେ କୃଷ୍ଣଚନ୍ଦ୍ର ସାହୁ ଓ ଆଦିତ୍ୟ କୁମାର ଦାସ। ଭିଜିଲାନ୍ସ କର୍ମଚାରୀ ଉଭୟ ଅଧିକାରୀଙ୍କଠାରୁ ଟଙ୍କା ଜବତ କରିଛନ୍ତି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ କେସ୍ ନଂ. ୨୧।୨୪ରେ ମାମଲା ରୁଜୁ କରି ଉଭୟ ଅଧିକାରୀଙ୍କୁ ଗିରଫ କରିଛି। ଏଥିସହ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ଡିଏସପି ସୁରେଶ କହଁର ସୂଚନା ଦେଇଛନ୍ତି। କୃଷ୍ଣଚନ୍ଦ୍ରଙ୍କ ପୈତୃକ ବାସଭବନ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ରତ୍ନମଣିପୁରରେ ଚଢ଼ାଉ ଚାଲିଥିବାବେଳେ ଆଦିତ୍ୟଙ୍କ ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଲନା ଗ୍ରାମରେ ଚଢ଼ାଉ ଚାଲିଛି। ଏଥିସହ ଉଭୟଙ୍କ ବୌଦ୍ଧ ସହରର ଭଡ଼ା ଘରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଖବର ଲେଖାହେବା ସୁଦ୍ଧା ଉଭୟଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ନେଇ ଭିଜିଲାନ୍ସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଚଢ଼ାଉରେ ବୌଦ୍ଧ, ଫୁଲବାଣୀ ଓ ବ୍ରହ୍ମପୁରର ଭିଜିଲାନ୍ସ ଟିମ୍ ସାମିଲ ହୋଇଛନ୍ତି। ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବୌଦ୍ଧ ବାଉଁଶୁଣୀ ବୈଦ୍ୟନାଥପୁର ଗଜାନନ ତନ୍ତୁ ସମବାୟ ସମିତର ସମ୍ପାଦକ ପଞ୍ଚାନନ ମେହେରଙ୍କଠାରୁ ବୁଣାକାରମାନଙ୍କ ଆର୍ଥିକ ସହାୟତା (ଶାଢ଼ି ବୁଣିବା ପାଇଁ) ଫାଇଲ ପ୍ରୋସେସ୍ ଓ ବୌଦ୍ଧ କେନ୍ଦ୍ରୀୟ ସମବାୟକୁ ବିଲ୍ ପାସ୍ ପାଇଁ ପ୍ରଥମେ ୫୦ ହଜାର ଟଙ୍କା ମଗାଯାଇଥିଲା। ଏନେଇ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତବାକ ଟେକ୍ସଟାଇଲ କାର୍ଯ୍ୟାଳୟଠାରେ ୨ ଅଧିକାରୀ ପଞ୍ଚାନନଙ୍କଠାରୁ ୫ ହଜାର ଟଙ୍କା ଲେଖାଏ ଲାଞ୍ଚ ନେଉଥିବା ବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ସେମାନଙ୍କୁ କାବୁ କରିଥିଲା।

# ବିସ୍ଫୋରଣ ମାମଲା: ସବ୍ୟସାଚୀ ଦୋଷମୁକ୍ତ

**ଗୁଣପୁର, ୨୦।୧୨ (ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଏଡିଜେ ଶେଖ ମହମ୍ମଦ କ୍ୱାଇସ ଶୁକ୍ରବାର ମୁନିଗୁଡ଼ା ଥାନା ଡାଙ୍ଗସୋରଡ଼ା ଫାଣ୍ଡି ଓ ବିଏସ୍‌ଏନ୍‌ଏଲ ଟାୱାର ବିସ୍ଫୋରଣ ମାମଲାର ବିଚାର କରି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ତାଙ୍କୁ ଦୋଷମୁକ୍ତ କରିଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୨୦୦୮ ଡିସେମ୍ବର ୧୧ରେ ରେ ମୁନିଗୁଡ଼ା ଥାନା ଡାଙ୍ଗସୋରଡ଼ା ଫାଣ୍ଡି ଓ ବିଏସ୍‌ଏନ୍‌ଏଲ୍ ଟାୱାରକୁ ସବ୍ୟସାଚୀଙ୍କ ସମେତ ୩୦୦ ମାଓବାଦୀ ସମର୍ଥକ ବିସ୍ଫୋରଣରେ ଉଡ଼ାଇ ଦେଇଥିବା ନେଇ ମାମଲା ରହିଥିଲା। ଏହି ମାମଲାର ବିଚାର ଗୁଣପୁର ଏଡିଜେଙ୍କ କୋର୍ଟରେ ଚାଲୁ ରହିଥିଲା। ସରକାରଙ୍କ ପକ୍ଷରୁ ଉମା ଚରଣ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ନାବାଳିକା ଗଣବଳାତ୍କାର: ୩ ଅଭିଯୁକ୍ତ କୋର୍ଟ ଚାଲାଣ

**ରାଉରକେଲା, ୨୦।୧୨ (ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ଅଧୀନ ଉଦିତନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ଶୁକ୍ରବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କୁ ଟିଆଇ ପରେଡ୍ କରାଯିବାକୁ ଥିବାରୁ ସେମାନଙ୍କ ପରିଚୟକୁ ସାର୍ବଜନୀନ କରାଯାଇନାହିଁ। ଏ ନେଇ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ କହିବା ଅନୁସାରେ, ଗତ ୧୭ ତାରିଖରେ ଉକ୍ତ ନାବାଳିକା ଘରୁ ପଳାଇଯାଇଥିଲେ। ନାବାଳିକା ଜଣକ ବୁଲୁଥିବା ଦେଖି ଜଣେ ଅଭିଯୁକ୍ତ ତାଙ୍କୁ ପ୍ରଲୋଭନ ଦେଖାଇ ବିଶ୍ରା ନେଇ ଯାଇଥିଲେ। ସେଠାରେ ଅଭିଯୁକ୍ତ, ଘର ମାଲିକ ଓ ତାଙ୍କର ଜଣେ ସାଙ୍ଗ ନାବାଳିକାଙ୍କୁ ୨ଦିନ ଧରି ବଳାତ୍କାର କରିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ଆଣି ଗୁରୁବାର ଭୋର୍ ସମୟରେ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଛାଡ଼ି ପଳାଇଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ଘରେ ସୂଚନା ଦେଇଥିଲା। ତେବେ ମାମଲା ହେବାର ୨ ଘଣ୍ଟା ମଧ୍ୟରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ପୀଡ଼ିତା ଓ ଅଭିଯୁକ୍ତମାନଙ୍କର ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତମାନଙ୍କୁ ସୁନ୍ଦରଗଡ଼ ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିବା ଡିଏସ୍‌ପି ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ମାମଲାରେ ବିଶ୍ରା ଅଞ୍ଚଳର ଜଣେ ବ୍ୟବସାୟୀ ସାମିଲ ଥିବା ଚର୍ଚ୍ଚା ହେଉଛି।

# କାର୍ କାଚ ଭାଙ୍ଗି ଲକ୍ଷେ ଟଙ୍କା ଲୁଟ

- ଅନୁଗୋଳ ସହରରେ ମାତିଲେଣି ଲୁଟେରା
- ଟାଉନ ଥାନାଠାରୁ ୧୦୦ ମିଟର ଦୂରରେ କଲେ ଲୁଟ୍
- ପୋଲିସ ପାଇଁ ବଢ଼ିଲା ଚ୍ୟାଲେଞ୍ଜ



କାର୍ କାଚ ଭଙ୍ଗାଯାଇ ଟଙ୍କା ଲୁଟ୍ କରାଯାଇଛି।

**ଅନୁଗୋଳ, ୨୦।୧୨ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଟାଉନ ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ହୋଇଛି ଲୁଟ୍। ଜିଲା କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ତଥା ଜନ ଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏକ କାର୍ କାଚ ଭାଙ୍ଗି ଲକ୍ଷେ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜୁକୁବୁ ଗାଁର ସତ୍ୟବ୍ରତ ପ୍ରଧାନ ଏକ ଜାଗା କିଣିବା ପାଇଁ କାଗଜପତ୍ର କରିବା ଉଦ୍ଦେଶ୍ୟରେ ଭାଇଙ୍କ ସହ ରେଜେଷ୍ଟି ଅଫିସକୁ ଆସିଥିଲେ। କାର୍ଯ୍ୟାଳୟ ବାହାରେ ସେ କାର୍ (ନଂ. ଓଡି ୦୨ସିପି-୪୫୮୯) ରଖି ଭିତରକୁ ଯାଇଥିଲେ। କାମ ସାରି ଗାଡ଼ି ପାଖକୁ ଆସିବା ପରେ ବାମ ପାର୍ଶ୍ୱ ଝରକା କାଚ ଭଙ୍ଗାଯାଇ ଟଙ୍କା ବ୍ୟାଗ ଲୁଟି ନିଆଯାଇଥିବା ଜାଣିବାକୁ ପାଇଥିଲେ। ଜାତୀୟ ରାଜପଥରୁ ବଜାର ରାସ୍ତାକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାରେ ଜିଲା କାର୍ଯ୍ୟାଳୟ ଥିବା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଫିସ ରହିଛି। ଏପରି କି ଉକ୍ତ ରାସ୍ତାରେ ପୋଲିସ, ସରକାରୀ ଅଧିକାରୀମାନେ ମଧ୍ୟ ଚଳପ୍ରଚଳ କରିଥାନ୍ତି। ତଥାପି ଲୁଟେରାମାନେ ଏପରି ସ୍ଥାନରୁ ଗାଡ଼ି କାଚ ଭାଙ୍ଗି ଲୁଟ୍ କରିବା ସହରର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିନକୁ ଦିନ ଅନୁଗୋଳ ସହରରେ ଲୁଟେରାଙ୍କ କାର୍ଯ୍ୟକଳାପ ବଢ଼ିବାରେ ଲାଗିଥିବାରୁ ଜନସାଧାରଣ ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ ହେଉଛି।

# ଶିମିଳିପାଳର ଏଆଇ କ୍ୟାମେରାରେ ଧରାପଡ଼ିଲେ ୬ ଶିକାରୀ

**ବାରିପଦା, ୨୦।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

## ୫ ବନ୍ଧୁକ ଜବତ

ଶିମିଳିପାଳ ଅଭୟାରଣ୍ୟର ବନ୍ୟଜନ୍ତୁଙ୍କୁ ଶିକାରୀଙ୍କ କବଳରୁ ସୁରକ୍ଷା ଦେବା ନିମନ୍ତେ ଖଞ୍ଜାଯାଇଥିବା ଏଆଇ କ୍ୟାମେରା ସଫଳତାର ସହ କାର୍ଯ୍ୟ କରିବାରେ ଲାଗିଛି। ଏହି କ୍ୟାମେରା ସହାୟତାରେ ପୁଣି ୬ ଜଣ ଶିକାରୀ ଧରାପଡ଼ିଛନ୍ତି। ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତ୍ତା ନେଟ୍‌ୱର୍କ (ଏସ୍‌ଡବ୍ଲ୍ୟୁଆଇଏନ୍) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀଙ୍କୁ ଧରିବାରେ ବନ ବିଭାଗର ପ୍ରୟାସ ସଫଳ ହୋଇଛି। ଧରାପଡ଼ିଥିବା ଶିକାରୀମାନେ ଉଦଳା ଥାନା ଅଧୀନ ବାଣିଆଦରା ଗ୍ରାମର ବୋଲି ବନ ବିଭାଗ ସୂଚନା ଦେଇଛି।

ସେମାନଙ୍କଠାରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ୫ଟି ବନ୍ଧୁକ, ବାରୁଦ, ଲୁହାଦ୍‌ଗୁଣ୍ଡ ଓ ମାରଣାସ୍ତ୍ର ଜବତ ହୋଇଛି। ଶିକାରୀମାନେ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା, ଯାହାକୁ ଆଧାର କରି ଯାଞ୍ଚ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଏସିଏଫ୍‌ଙ୍କ ନେତୃତ୍ୱରେ ବନ କର୍ମଚାରୀମାନଙ୍କ ଏକ ଟିମ୍ ଉକ୍ତ ଶିକାରୀମାନଙ୍କୁ ଚିହ୍ନଟ ପୂର୍ବକ ସେମାନଙ୍କ ଘରେ ଚଢ଼ାଉ ପରେ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଶିକାରୀମାନଙ୍କୁ ବାରିପଦା ସିଜେଏମ୍ କୋର୍ଟଚାଲାଣ କରାଯାଇଛି। ଅଧିକ ତଦନ୍ତ ପାଇଁ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ବନ ବିଭାଗ ୨ ଦିନିଆ ରିମାଣ୍ଡରେ ଆଣିଛି। ତଦନ୍ତରେ ବାଧା ଆଶଙ୍କା ଥିବାରୁ ଗିରଫ ଶିକାରୀମାନଙ୍କ ନାମ ବନ ବିଭାଗ ଗୋପନ ରଖିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଁ ବଳଦ ବିକାଏ ନାହିଁ
ଯଦି ବିକାଏ କଉଡ଼ି ନାହିଁ।**

ବଳଦ ନିଜ ଗ୍ରାମରେ ବିକାଯାଇ ପାରି ନ ଥାଏ ବା ବିକିବାରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। କାରଣ ବଳଦର ଗୁଣ ଓ ଅଗୁଣ ବିଷୟରେ ସେଠାକାର ଅଞ୍ଚଳବାସୀ ବେଶ୍ ଭଲଭାବେ ଅବଗତ ଥିବାରୁ ତାକୁ କିଣିବା ଲାଗି କେହି ଇଚ୍ଛା ପ୍ରକାଶ କରି ନ ଥାନ୍ତି। ଯଦି ବାଧ୍ୟବାଧକତାରେ ବା ପରିସ୍ଥିତିରେ ପଡ଼ି ବଳଦକୁ ନିଜ ଅଞ୍ଚଳରେ ବିକାଯାଏ ତେବେ ତା'ର ମୂଲ୍ୟ ସେତେ ଅଧିକ ମିଳି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଗୁଣ ଚିହ୍ନେ ଗୁଣିଆ
ସୁନା ଚିହ୍ନେ ବଣିଆ।**

ଗୁଣୀ ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ ଚିହ୍ନିଥାନ୍ତି। ଯାହା ପାଖରେ ଗୁଣ ଥାଏ ସେହିବ୍ୟକ୍ତି ଶ୍ରେଷ୍ଠ ବୋଲିଥାନ୍ତି। ଆଦର ସମ୍ମାନ ପାଇବା ସହ ପ୍ରଶଂସା ସାଉଣ୍ଟିଥାନ୍ତି। ସେହିପରି ସୁନା ଗହଣା କାରବାର କରୁଥିବା ବଣିଆ ସୁନାରେ କେତେ ପରିମାଣର ଖାଦ ମିଶିଛି କି ନାହିଁ ବା ସୁନା ଅସଲି ନା ନକଲି ତାହା ନିର୍ଭୁଲଭାବେ ଜାଣିପାରିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସ୍ତ୍ରୀଙ୍କୁ ହତ୍ୟା: ସ୍ୱାମୀଙ୍କୁ ୭ ବର୍ଷ କାରାଦଣ୍ଡ

**ବାଲେଶ୍ୱର, ୨୦।୧୨ (ବାଞ୍ଛାନିଧି ଦେ)**

ସ୍ତ୍ରୀ ହତ୍ୟା ମାମଲାର ଶୁଣାଣି କରି ଶୁକ୍ରବାର ବାଲେଶ୍ୱର ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ୍ ଦାସ ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୯ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ପୁରୁଷୋତ୍ତମପୁର ଅଞ୍ଚଳ ବଙ୍ଗାଳିସାହିର ରୂପକ ସେଠୀ ୨୦୧୭ରେ ବସ୍ତା ଥାନା ଅଧୀନ କୋଇଲିସାହି ଗ୍ରାମର ଚନ୍ଦ୍ରକେତୁ ଦାସଙ୍କ କନ୍ୟା ସବିତାଙ୍କୁ ବୈଦୀକ ରୀତିରେ ବିବାହ କରିଥିଲେ। ବରପକ୍ଷ ଦାବି ମୁତାବକ ସୁନାଗହଣା, ଆସବାବପତ୍ର ସହ ନଗଦ ୧ଲକ୍ଷ ଟଙ୍କା ଯୌତୁକ ଦିଆଯାଇଥିଲା। ଅବଶିଷ୍ଟ ୫୦ହଜାର ଟଙ୍କା ଦୁଇବର୍ଷ ମଧ୍ୟରେ ଦେବେ ବୋଲି କନ୍ୟାଙ୍କ ବାପା ପ୍ରତିଶ୍ରୁତି ଦେଇଥିଲେ। ୨୦୧୮ରେ ରୂପକ ଓ ସବିତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏହାପରେ ରୂପକ ବକେୟା ଥିବା ୫୦ହଜାର ଟଙ୍କା ବାପଘରୁ ଆଣିବାକୁ ସ୍ତ୍ରୀକୁ କହିଥିଲେ। ଯୌତୁକ ଟଙ୍କା ଦେବା ପାଇଁ ସବିତାଙ୍କ ବାପା ଅକ୍ଷମତା ପ୍ରକାଶ କରିବାରୁ ସବିତାଙ୍କ ଉପରେ ଆରମ୍ଭ ହୋଇଥିଲା ନିର୍ଯାତନା। ବିଭିନ୍ନ ସମୟରେ ସବିତାଙ୍କୁ ସ୍ୱାମୀ ରୂପକ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ୨୦୨୩ ନଭେମ୍ବର ୧୧ରେ ସବିତାଙ୍କୁ ସ୍ୱାମୀ ରୂପକ ହତ୍ୟା କରିଥିବା ନେଇ ରେମୁଣା ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା (ନଂ. ୨୦୮/୨୦୨୩) ରୁଜୁ କରି ରୂପକଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୦ଜଣ ସାକ୍ଷୀ ଏବଂ ୧୮ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ୨ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ, ୪ ଗିରଫ



**ଭୁବନେଶ୍ୱର, ୨୦।୧୨ (ସୂର୍ଯ୍ୟକାନ୍ତ ବେହେରା)**

ପୂର୍ବ ବିବାଦକୁ ନେଇ ୨ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣାରେ ଇନ୍‌ଫୋସିଟି ପୋଲିସ ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁରର ପୁନିଆ ପ୍ରସୁନ ମହାନ୍ତି ଓ ଶକ୍ତି ସ୍ୱରପ ମହାନ୍ତି, ଖଣ୍ଡଗିରିର ରାୟନ ଜାକର ଖାନ୍ ଏବଂ ଅନ୍ୟଜଣେ ହେଲେ ଆନ୍ଧ୍ର ପ୍ରଦେଶର ବରୁଣ ରାଓ। ସେମାନଙ୍କଠାରୁ ୪ଟି ଖଣ୍ଡା ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆହତ ସୌରଭ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୌରଭ ଜଣେ ବନ୍ଧୁଙ୍କ ସହ ଏକ କାରରେ କିଟ୍‌ସ୍ଥିତ ଖାଓଗଳି ଅତିକ୍ରମ କରୁଥିବାବେଳେ ହଠାତ ଏକ କୁକୁର ତାଙ୍କ କାର ସମ୍ମୁଖକୁ ଚାଲି ଆସି ଧକ୍କା ହୋଇଥିଲା। ପରେ ସେ କୁକୁରର ଅବସ୍ଥା ଜାଣିବା ଲାଗି କାରକୁ ରାସ୍ତା ପାର୍ଶ୍ୱରେ ପାର୍କିଂ କରି ସେଥିରୁ ଓହ୍ଲାଇବା କ୍ଷଣି ଅଭିଯୁକ୍ତମାନେ ପୂର୍ବ ବିବାଦକୁ ନେଇ ସୌରଭ ଓ ତାଙ୍କ ବନ୍ଧୁଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

# ସୀମାନ୍ତରେ ଆଇଇଡି ବିସ୍ଫୋରଣରେ ୨ ଯବାନ ଆହତ



ଆହତ ଯବାନଙ୍କ ଚିକିତ୍ସା ଚାଲିଛି।

**ମାଲକାନଗିରି, ୨୦।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲାର କୋହକାମେଟା ଥାନା ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବୋମା ବିସ୍ଫୋରଣରେ ୨ ଯବାନ ଗୁରୁତର ଆହତ ହୋଇଛନ୍ତି। କୋହକାମେଟା ଥାନା ଅନ୍ତର୍ଗତ କାଚପାଲ ଗ୍ରାମ ନିକଟରେ ଡିଆର୍‌ଜି ଏବଂ ବିଏସ୍‌ଏଫ୍ ଯବାନମାନେ ମାଓବାଦୀ ଦମନ ନିମନ୍ତେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ମାଓବାଦୀମାନେ ଖଞ୍ଜିଥିବା ଏକ ଆଇଇଡି ବୋମା ବିସ୍ଫୋରଣ ଘଟିବାରୁ ଡିଆର୍‌ଜିର ଜଣେ ଯବାନ ଏବଂ ବିଏସ୍‌ଏଫ୍‌ର ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ଆହତ ଯବାନ ହେଲେ ଜନକ ପଟେଲ ଏବଂ ଘସିରାମ ମଞ୍ଜୀ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ଯବାନଙ୍କୁ ନାରାୟଣପୁର ଜିଲା ଡାକ୍ତରଖାନାକୁ ନିଆଯାଇ ସେଠାରେ ଚିକିତ୍ସା ଜାରି ରହିଥିବା ବେଳେ ସେମାନଙ୍କ ଅବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି। ଅପରପକ୍ଷରେ ଘଟଣାସ୍ଥଳରେ ଯବାନଙ୍କ ଦ୍ୱାରା ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ସରକାରୀ ଅର୍ଥ ଆତ୍ମସାତ୍ ମାମଲା: ୧୭ ବର୍ଷ ପରେ ପଞ୍ଚାୟତ ସମ୍ପାଦକ ଦୋଷୀ ସାବ୍ୟସ୍ତ

**ବ୍ରହ୍ମପୁର, ୨୦।୧୨ (ସୁବାସ ଚନ୍ଦ୍ର ପାଢ଼ୀ)**

ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଡ. ଅରୁଣ କୁମାର ସାହୁ ଶୁକ୍ରବାର ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାର ୧୭ ବର୍ଷ ପରେ ସେ ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଗ୍ରାମପଞ୍ଚାୟତର ତତ୍କାଳୀନ ସମ୍ପାଦକ ବିଜୟ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ୪୫ ହଜାର ଟଙ୍କା ଜରିମାନା କରିଥିବା ରାୟରେ କହିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଉକ୍ତ ପଞ୍ଚାୟତର ତତ୍କାଳୀନ ଗ୍ରାମସେବକ କୈଳାସ ଚନ୍ଦ୍ର ସାହୁଙ୍କ ୨୦୨୩ ଡିସେମ୍ବର ୪ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଣୁ ତାଙ୍କୁ ଏହି ମାମଲାରୁ ବାଦ୍ ଦିଆଯାଇଥିଲା।

ମାମଲାର ବିବରଣୀରୁ ପ୍ରକାଶ, ବିଜୟ ଉକ୍ତ ବ୍ଲକ ଅନ୍ତର୍ଗତ ଟିଙ୍ଗୁଡ଼ିଖୋଲ ପଞ୍ଚାୟତର ସମ୍ପାଦକ ଥିବାବେଳେ ତାଙ୍କୁ ଚନ୍ଦନପୁର ପଞ୍ଚାୟତର ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ସେଠାରେ ୧୯୯୮ ମେ ୭ରୁ ୨୦୦୬ ମେ ୨୦ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ସେହିପରି ଚନ୍ଦନପୁର ପଞ୍ଚାୟତର ଗ୍ରାମସେବକ ତଥା ପିଇଓ ଭାବେ କୈଳାସ ଚନ୍ଦ୍ର ସାହୁ ଥିଲେ। ପଞ୍ଚାୟତକୁ ୧୧ତମ ଅର୍ଥ କମିଶନରେ ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ଚାଉଳ ଓ ସିମେଣ୍ଟ ଆସିଥିଲା। ଉଭୟେ ମିଶି ପଞ୍ଚାୟତକୁ ହିତାଧିକାରୀଙ୍କ ପାଇଁ ଆସିଥିବା ଏହି ଚାଉଳ ଓ ସିମେଣ୍ଟ ହେରଫେର କରିଥିବା ନେଇ ବ୍ରହ୍ମପୁର ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ୨୦୦୭ ଅକ୍ଟୋବର ୧୬ରେ ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ପ୍ରାୟ ୧୯୮ କୁଇଣ୍ଟାଲ ଚାଉଳ ଓ ୬୪ ବ୍ୟାଗ ସିମେଣ୍ଟ ହେରଫେର ହୋଇଥିବା ଜଣାପଡିଥିଲା, ଯାହା କି ୨ଲକ୍ଷ ୬୭ ହଜାର ୬୯୨ ଟଙ୍କା ୩୮ପଇସା ହୋଇଥିବା ମୂଲ୍ୟାୟନ ବେଳେ ଜଣାପଡିଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ୨୦୦୭ ଡିସେମ୍ବର ୨୭ରେ ୨୯/୦୭ରେ ଏକ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ଅରୁଣ ନାୟକ ଉପରୋକ୍ତ ଦୁଇ ଅଧିକାରୀଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ବିଜୟ କୋର୍ଟରେ ହାଜର ହୋଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ପ୍ରୋ କବାଡି ଲିଗ୍: ପ୍ଲେ ଅଫ୍‌ରେ ପିଙ୍କ୍ ପାନ୍ଥର୍ସ

**ପୁଣେ,୨୦।୧୨:** ପ୍ରୋ କବାଡି ଲିଗ୍‌ର ଚଳିତ ସଂସ୍କରଣରେ ପଞ୍ଚମ ଦଳ ଭାବରେ ପ୍ଲେ ଅଫ୍‌ରେ ପ୍ରବେଶ କରିଛି ଜୟପୁର ପିଙ୍କ ପାନ୍ଥର୍ସ। ଶୁକ୍ରବାର ବେଙ୍ଗଲ ୱାରିୟର୍ସକୁ ୩୧-୨୮ରେ ପରାସ୍ତ କରିବା ସହିତ ୨୧ ମ୍ୟାଚ୍‌ରୁ ୬୯ ପଏଣ୍ଟ ଅର୍ଜନ କରିଛି ପିଙ୍କ ପାନ୍ଥର୍ସ। ଶୁକ୍ରବାର ଉଭୟ ଦଳ ରେଡ୍‌ରେ ସମାନ ୧୫ ପଏଣ୍ଟ ଲେଖାଏ ହାସଲ କରିଥିଲା। ତେବେ ଟ୍ୟାକେଲରେ ୩ ପଏଣ୍ଟ ଅଧିକ ଅର୍ଜନ କରି ଜୟପୁର ବିଜୟୀ ହୋଇଥିଲା।

ଜୟପୁର ପକ୍ଷରୁ ଅର୍ଜୁନ ଦେଶୱାଲ ଚମତ୍କାର ପ୍ରଦର୍ଶନ କରିବା ସହିତ ଏକାକୀ ୯ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଭିଜିତ ମଲିକ ୭ ଓ ରେଜା ମୀରବାଘେରି ୫ ପଏଣ୍ଟ ସ୍କୋର କରିଥିଲେ। ସେହିପରି ବେଙ୍ଗଲ ୱାରିୟର୍ସ ପକ୍ଷରୁ ପ୍ରଣୟ ବିନୟ ରାଣେ ୮ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅର୍ଜୁନ ରାଠୀ ୭ ଓ ବୈଭବ ଗର୍ଜେ ୪ ପଏଣ୍ଟ ସ୍କୋର କରିଥିଲେ। ଏହି ବିଜୟ ସହ ୟୁ ମୁମ୍ବାକୁ ହଟାଇ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି ପାନ୍ଥର୍ସ। ଅନ୍ୟ ପକ୍ଷରେ ବେଙ୍ଗଲ ୱାରିୟର୍ସ ୨୧ ମ୍ୟାଚ୍‌ରୁ ୪୧ ପଏଣ୍ଟ ସହିତ ନବମ ସ୍ଥାନରେ ରହି ଆଗୁଆ ବିଦାୟ ନେଇ ସାରିଛି।



ପୁଣେରେ ଚାଲିଥିବା ପ୍ରୋ କବାଡ଼ି ଲିଗ୍‌ରେ ଶୁକ୍ରବାର ଜୟପୁର ପିଙ୍କ୍ ପାନ୍ଥର୍ସ ଓ ବେଙ୍ଗଲ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଆଇଓସି ସଭାପତି ପାଇଁ ପ୍ରଚାର ଆରମ୍ଭ

ଜେନେଭା,୨୦।୧୨(ପି.ଟି.)



■ ସେବାଷ୍ଟିଆନ୍, କ୍ରିଷ୍ଟି ସବୁଠୁ ଆଗରେ
■ ୨୦୨୫ରେ ଶେଷହେବ ବାକ୍‌ଙ୍କ କାର୍ଯ୍ୟକାଳ

ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍ (ଆଇଓସି) ସଭାପତି ଭାବରେ ଥୋମାସ୍ ବାକ୍‌ଙ୍କ କାର୍ଯ୍ୟକାଳ ଶେଷହେବାକୁ ଯାଉଛି। ୨୦୨୫ରେ ବାକ୍‌ଙ୍କ କାର୍ଯ୍ୟକାଳ ସରୁଥିବା ବେଳେ ଆଗାମୀ ସଭାପତି ଦୌଡରେ ୭ ଜଣ ବ୍ୟକ୍ତିଙ୍କ ନାମ ରହିଛି। ମିଡିଲ ଇଷ୍ଟର ରାଜକୁମାର ଫୈସଲ ଅଲ ହୁସେନ, ଲର୍ଡ ସେବାଷ୍ଟିଆନ୍ କୋ, କ୍ରିଷ୍ଟି କଭେଣ୍ଟ୍ରି, ଜୋହାନ୍ ଏଲିଆସ, ଡେଭିଡ୍ ଲାପାର୍ଟେଣ୍ଟ, ଜୁଆନ୍ ଆଣ୍ଟୋନିଓ ସାମାରାଞ୍ଚ ଓ ମୋରିନାରି ୱାଟାନାବେ ଏହି ଦୌଡରେ ସାମିଲ ଥିବା ବେଳେ ଶୁକ୍ରବାରଠାରୁ ପ୍ରଚାର ଆରମ୍ଭ କରିଛନ୍ତି। ତେବେ ସେବାଷ୍ଟିଆନ୍ କୋ ଓ କ୍ରିଷ୍ଟି କଭେଣ୍ଟ୍ରିଙ୍କ ନାମ ସବୁଠାରୁ ଆଗରେ ରହିଛି। ସୋସିଆଲ ମିଡିଆ ଓ ଡିଜିଟାଲ ମିଡିଆରେ ପ୍ରଚାର ଜୋର ଧରିଛି। ଯୁବଶକ୍ତିଙ୍କ ସହ ସମ୍ବନ୍ଧ, ପରିବେଶ ସୁରକ୍ଷା ସମସ୍ତ ପ୍ରତିଯୋଗୀଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ରହିଛି। ମାର୍ଚ୍ଚ ୧୮-୨୧ ମଧ୍ୟରେ ଆଇଓସିର ୧୦୦ ଜଣ ସଦସ୍ୟଙ୍କ ଭୋଟ ଆଧାରରେ ସଭାପତି ନିର୍ବାଚନ କରାଯିବ।

ଆଇଓସିର ୧୩୦ ବର୍ଷର ଇତିହାସରେ ସମୁଦାୟ ୯ ଜଣ ସଭାପତି ରହିଛନ୍ତି। ଏହା ମଧ୍ୟରେ ୮ ଜଣ ୟୁରୋପୀୟ ଓ ଜଣେ ଆମେରିକୀୟ ବ୍ୟକ୍ତି ରହିଛନ୍ତି। ବିଶ୍ୱର ଅନ୍ୟ କୌଣସି ସ୍ଥାନରୁ ଏହି ଦୌଡରେ କୌଣସି ବ୍ୟକ୍ତି ନ ଥିବା ବେଳେ ଜଣେ ବି ମହିଳା ଏଯାଏ ସଭାପତି ହୋଇ ନାହାନ୍ତି। ତେଣୁ ଜିମ୍ବାୱେର କ୍ରିଷ୍ଟିଙ୍କୁ ଅନ୍ୟତମ ଫେଭରିଟ୍ ବିବେଚନା କରାଯାଉଛି। ସେହିପରି ସେବାଷ୍ଟିଆନ୍ କୋ ସନ୍ତରଣରେ ଦୁଇଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ବର୍ତ୍ତମାନ ୱାର୍ଲ୍ଡ ଆଥ୍‌ଲେଟିକ୍ସର ସଭାପତି ରହିଛନ୍ତି। ଜୋର୍ଡାନର ରାଜକୁମାର ଫୈସଲ ଅଲ ହୁସେନ ଆଇଓସି ବୋର୍ଡର ସଦସ୍ୟ ରହିଥିବା ବେଳେ ଜୁଆନ୍ ଆଣ୍ଟୋନିଓ ସାମରାଞ୍ଚଙ୍କ ପିତା ୨୧ ବର୍ଷ ଧରି ଆଇଓସିର ସଭାପତି ରହିଥିଲେ। ଡେଭିଡ୍ ଲାପାର୍ଟେଣ୍ଟ ବିଶ୍ୱ ସାଇକ୍ଲିଂ ସଂଘର ସଭାପତି ରହିଥିବା ବେଳେ ମୋରିନାରି ୱାଟାନାବେ ବିଶ୍ୱ ଜିମ୍ନାଷ୍ଟିକ୍ସ ସଂଘର ସଭାପତି ରହିଛନ୍ତି। ଅନ୍ୟପକ୍ଷରେ ଜୋହାନ୍ ଏଲିଆସ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍କି ଓ ସ୍ନୋ ବୋର୍ଡ ଫେଡେରେଶନର ସଭାପତି ରହିଛନ୍ତି।

**୧୯ ବର୍ଷରୁ କମ୍ ମହିଳା ଏସିଆ କପ୍**

# ଶ୍ରୀଲଙ୍କାକୁ ହରାଇ ଫାଇନାଲରେ ଭାରତ

**ସିଙ୍ଗାପୁର, ୨୦।୧୨ (ପି.ଟି.):** ଆୟୁଷୀ ଶୁକ୍ଲାଙ୍କ ଘାତକ ବୋଲିଂ ବଳରେ ଶ୍ରୀଲଙ୍କାକୁ ୪ ଉଇକେଟରେ ପରାସ୍ତ କରି ୧୯ ବର୍ଷରୁ କମ୍ ମହିଳା ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି ଭାରତ। ଶ୍ରୀଲଙ୍କା ୯ ଉଇକେଟ ହରାଇ ୯୮ ରନ କରିଥିଲା। ଜବାବରେ ଭାରତ ୧୭ ଓଭରରେ ୬ ଉଇକେଟ ହରାଇ ୧୦୨ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।

ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୦ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ ସୁମୁଦୁ ନିଶାନଶାଳା(୨୧) ଓ ଅଧିନାୟିକା ମାନୁଦି ନାନାୟକାରା(୩୩)ରନ୍ ସ୍କୋର କରିଥିଲେ। ଭାରତ ପକ୍ଷରୁ ଆୟୁଷୀ ଶୁକ୍ଲା ୪ ଉଇକେଟ ନେଇଥିଲେ। ଜବାବରେ ଭାରତ ପକ୍ଷରୁ ଗୋଙ୍ଗାଡି ତ୍ରିଶା ସର୍ବାଧିକ ୩୨ ରନ୍ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜି. କମଳିନୀ ୨୮ ଓ ମିଥିଳା ବିନୋଦ ଅପରାଜିତ ୧୭ ରନ୍ ସ୍କୋର କରିଥିଲେ। ଆୟୁଷୀ ଶୁକ୍ଲାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ଶ୍ରୀଲଙ୍କା ୨୦ ଓଭରରେ ୯୮/୯(ସୁମୁଦୁ ନିଶାନଶାଳା-୨୧,ମାନୁଦି ନାନାୟକାରା-୩୩, ଆୟୁଷୀ ଶୁକ୍ଲା-୪/୧୦, ପାରୁଣିକା ସିସୋଦିଆ-୨/୨୭, ଶବନମ ଶକିଲ-୧/୮)। ଭାରତ ୧୭ ଓଭରରେ ୧୦୨/୬(ଗୋଙ୍ଗାଡି ତ୍ରିଶା-୩୨, ଜି. କମଳିନୀ-୨୮, ମିଥିଳା ବିନୋଦ-୧୭*, ଚାମୋଡି ପ୍ରବୋଦା-୩/୧୬, ଶାସିନୀ ଗିମହାରୀ-୨/୧୮)।

# କିଟ୍ ପୁରୁଷ ରଗ୍‌ବୀ ଦଳକୁ ରୌପ୍ୟ ପଦକ



ରୌପ୍ୟ ପଦକ ସହ କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ରଗ୍‌ବୀ ଦଳ।

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ପଞ୍ଜାବର ମୋହାଲିସ୍ଥିତ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିୟନଶିପ୍ ଶୁକ୍ରବାର ଶେଷ ହୋଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ଦଳ ପ୍ରଭାବୀ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛି। ୫ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ କିଟ୍ ଦଳ ଲିଗ୍ ମ୍ୟାଚଗୁଡ଼ିକରେ ରାଜା ମହେନ୍ଦ୍ର ପ୍ରତାପ ସିଂ ବିଶ୍ୱବିଦ୍ୟାଳୟକୁ ୬୪-୦, କରମବୀର ବାଉରାଓ ପାଟିଲ ବିଶ୍ୱବିଦ୍ୟାଳୟକୁ ୨୪-୦ରେ ହରାଇବା ପରେ କ୍ୱାର୍ଟର ଫାଇନାଲରେ କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟକୁ ୨୬-୦ରେ ପରାସ୍ତ କରିଥିଲା। ସେମିଫାଇନାଲରେ ମଧ୍ୟ ଦଳ ଚମତ୍କାର ଖେଳି ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ୨୬-୫ରେ ହରାଇ ଫାଇନାଲରେ ପହଞ୍ଚିଥିଲା। ଫାଇନାଲରେ ଆୟୋଜକ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟକୁ କଡ଼ା ଟକ୍କର ଦେଇଥିଲେ ହେଁ ୭-୧୦ରେ ପରାଜିତ ହୋଇଥିଲା। ରୌପ୍ୟ ପଦକ ହାସଲ ସହ କିଟ୍ ଦଳ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରୌପ୍ୟ ବିଜୟୀ ଦଳକୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

# ଆକର୍ଷଣ କେନ୍ଦ୍ରରେ ସାରା ଅଲୀ ଖାଁ, କିଙ୍ଗ୍

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ଦୀର୍ଘ ୭ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରୁଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଉଦ୍‌ଘାଟନୀ ସମାରୋହ ସମ୍ପୂର୍ଣ୍ଣ ଗ୍ରାଣ୍ଡ ଷ୍ଟାଇଲ୍‌ରେ ଅନୁଷ୍ଠିତ ହେବ। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚଳିତ ମାସ ୨୮ରେ ପ୍ରଥମ ମ୍ୟାଚ ପୂର୍ବରୁ ହେବାକୁଥିବା ଉଦ୍‌ଘାଟନୀ ସମାରୋହରେ 'ହକି କା ଜଶନ' ବିଷୟବସ୍ତୁକୁ ନେଇ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ଏଥିରେ କ୍ରୀଡ଼ା, ମନୋରଞ୍ଜନ ଏବଂ ଟେକ୍ନୋଲୋଜିର ଚମକ ପ୍ରତିଫଳିତ ହେବ। ହକି ଇଣ୍ଡିଆ ପକ୍ଷରୁ ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବଲିଉଡ୍ ସେନ୍‌ସେଶନ ସାରା ଅଲୀ ଖାଁ ଏବଂ ପ୍ରସିଦ୍ଧ ମ୍ୟୁଜିକ୍ ଆର୍ଟିଷ୍ଟ କିଙ୍ଗ୍ ଆକର୍ଷଣର କେନ୍ଦ୍ରରେ ରହିବେ। ଏ ଦୁହିଁଙ୍କ ସହ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଶୈମକ ଡାବର ଡ୍ୟାନ୍ସ ଟ୍ରୁପର କାର୍ଯ୍ୟକ୍ରମ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିବ। ଏହା ବ୍ୟତୀତ ଷ୍ଟାଡିୟମରେ ୩ ଡି'ର ରୋମାଞ୍ଚ ମଧ୍ୟ ହକିପ୍ରେମୀମାନେ ଉପଭୋଗ କରିବେ।

ଦର୍ଶକଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବା ପାଇଁ ବ୍ୟବସ୍ଥା ହୋଇଛି। ଉଦ୍‌ଘାଟନୀ ସମାରୋହ ଓ ରାଉରକେଲାରେ ହେବାକୁଥିବା ମ୍ୟାଚଗୁଡ଼ିକର ଟିକେଟ ଫ୍ରି କରାଯାଇଛି। ଅର୍ଥାତ୍ ଦର୍ଶକମାନେ ମାଗଣାରେ ଏ ସବୁକୁ ଉପଭୋଗ କରିପାରିବେ। ''ରାଉରକେଲା ଏପରି ଏକ ସହର ଯେଉଁଠାରେ ହକି ପ୍ରତି ଲୋକଙ୍କର ଅତ୍ୟଧିକ ଭଲପାଇବା ରହିଛି। ତେଣୁ ଆମେ ସେଠାରେ ଲିଗ୍‌ର ଆରମ୍ଭକୁ ସମ୍ପୂର୍ଣ୍ଣ ଗ୍ରାଣ୍ଡ ଷ୍ଟାଇଲ୍‌ରେ କରିବାକୁ ନିଷ୍ପତ୍ତି ନେଇଛୁ'' ବୋଲି ହକି ଇଣ୍ଡିଆ ଲିଗ୍‌ର ଅଧ୍ୟକ୍ଷ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଏଚ୍ଆଇଏଲ୍ ପରିଚାଳନା କମିଟିର ଅନ୍ୟତମ ପ୍ରମୁଖ ସଦସ୍ୟ ଭୋଳାନାଥ ସିଂ ମଧ୍ୟ ସମାନ ମତ ଦେଇଛନ୍ତି। ''ଏଥର ଉଦ୍‌ଘାଟନୀ ସମାରୋହରେ ଏଭଳି କିଛି ହେବାକୁ ଯାଉଛି, ଯାହାକି ପୂର୍ବରୁ କେବେ ହୋଇ ନ ଥିଲା। ଆମେ ପ୍ରକୃତରେ ହକିର ମହୋତ୍ସବ ମନାଇବାକୁ ଚାହୁଁଛୁ। ଦର୍ଶକଙ୍କୁ ଅଧିକରୁ ଅଧିକ ଆକୃଷ୍ଟ କରିବାଲାଗି ମନୋରଞ୍ଜନକୁ ସାମିଲ କରାଯାଇଛି। ସାରା ଅଲୀ ଖାଁ ଓ କିଙ୍ଗ୍‌ଙ୍କ ଉପସ୍ଥିତିରେ ଉଦ୍‌ଘାଟନୀ ସମାରୋହ ଅବିସ୍ମରଣୀୟ ହେବାନେଇ ଆଶା ରହିଛି'' ବୋଲି ସେ କହିଛନ୍ତି। ଏଚ୍ଆଇଏଲ୍ ଉଦ୍‌ଘାଟନୀ ସମାରୋହ ୨୦୨୪-୨୫ ଡିଡି ସ୍ପୋର୍ଟ୍ସରେ ସିଧା ପ୍ରସାରଣ ହେବ। ମ୍ୟାଚଗୁଡ଼ିକ ସୋନି ନେଟୱର୍କରେ ମଧ୍ୟ ପ୍ରସାରିତ ହେବ।



ସାରା ଅଲୀ ଖାଁ



କିଙ୍ଗ୍

■ ଗ୍ରାଣ୍ଡ୍ ଷ୍ଟାଇଲ୍‌ରେ ହେବ ଏଚ୍ଆଇଏଲ୍ ଉଦ୍‌ଘାଟନୀ
■ ଦର୍ଶକଙ୍କ ପାଇଁ ମାଗଣା ଟିକେଟ

# ସେମିଫାଇନାଲରେ କଟକ ରାଧାରମଣ କ୍ଲବ

ଢେଙ୍କାନାଳ,୨୦।୧୨
(ରତନ ନାୟାର)

**ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଜିଲା ପ୍ରଶାସନର ସହାୟତାରେ ସ୍ଥାନୀୟ ଷ୍ଟାଡିୟମଠାରେ ଆୟୋଜିତ ହେଉଥିବା ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚରେ ରାଧାରମଣ କ୍ଲବ କଟକ ଟାଇବ୍ରେକର ଜରିଆରେ ୪-୨ ଗୋଲରେ ସୁରଜ ଫୁଟ୍‌ବଲ କ୍ଲବ ଫୁଲବାଣୀକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ରାଧାରମଣ କ୍ଲବ ପକ୍ଷରୁ ଚିଣ୍ଟୁ ସାମଲ ୩ଟି ଗୋଲ, ଫୁଲବାଣୀ ପକ୍ଷରୁ ସୁନୀଲ ସୋରେନ, କାର୍ତ୍ତିକ ଭୋଳ ଓ ଚନ୍ଦନ ନାୟକ ଗୋଟିଏ ଲେଖାଏ ଗୋଲ କରିଥିଲେ। ମ୍ୟାଚ ୩-୩ରେ ଅମିମାଂସିତ ରହିବାରୁ ଟାଇବ୍ରେକରରେ ରାଧାରମଣ କ୍ଲବ କଟକ ୪-୨ ଗୋଲରେ ବିଜୟୀ ହୋଇଥିଲା। ରାଧାରମଣ କ୍ଲବର ଚିଣ୍ଟୁ ସାମଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଓଡ଼ିଶା ରାଜ୍ୟ ପୋଲିସ ଦଳର ପୂର୍ବତନ ଫୁଟ୍‌ବଲ ଖେଳାଳି ଗଙ୍ଗାଧର ରାଉତଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ରାଜୁ ମହାନ୍ତି, ଶଶିକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ ଓ ବୋନସନ ବରାଳ ଖେଳ ପରିଚାଳନା କରିଥିବା ବେଳେ ମାୟାଧର ସାହୁ ମ୍ୟାଚ ରେଫରି ଥିଲେ। ମୁଖ୍ୟ ଅତିଥି ଭାବେ ସୁରଜ ଫୁଟ୍‌ବଲ କ୍ଲବ ଫୁଲବାଣୀର ପରିଚାଳକ ସୁରଜ ବେହେରା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରତାପ କୁମାର ମହାନ୍ତି ଓ ସୁଶାନ୍ତ କୁମାର ଜେନା ଓ ବିଶିଷ୍ଟ କ୍ରୀଡ଼ାବିତ୍ ପ୍ରଦ୍ୟୁମ୍ନ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ସୁନୀଲ ପଣ୍ଡା, ସରୋଜ କୁମାର ପାଢ଼ୀ, ମନୋଜ ଦାସ, ରାଜେନ୍ଦ୍ର ପାଣି ପ୍ରମୁଖ ସହଯୋଗ କରିଥିଲେ। ଶନିବାର କେଏସ୍ଇବି କେରଳ ଓ ସମଲେଶ୍ୱରୀ ସ୍ପୋର୍ଟିଂ ସମ୍ବଲପୁର ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ।



କଟକର ରାଧାରମଣ କ୍ଲବ ଓ ଫୁଲବାଣୀର ସୁରଜ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।



ଜାତୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

# ଲଳିତ ମୋଦିଙ୍କୁ ୧ ଲକ୍ଷ ଫାଇନ

ମୁମ୍ବାଇ, ୨୦।୧୨ (ପି.ଟି.)

ପୂର୍ବତନ କ୍ରିକେଟ ପ୍ରଶାସକ ଲଳିତ ମୋଦିଙ୍କ ଉପରେ ଶୁକ୍ରବାର ୧ ଲକ୍ଷ ଟଙ୍କାର ଫାଇନ ଲଗାଇଛନ୍ତି ବମ୍ବେ ହାଇକୋର୍ଟ। ବୈଦେଶିକ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ(ଫେମା) ଆକ୍ଟରେ ହେରଫେର କାରଣରୁ ଇଡି ପକ୍ଷରୁ ତାଙ୍କୁ ୧୦.୬୫ କୋଟି ଟଙ୍କାର ଫାଇନ ପୈଠ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିସିସିଆଇ ଏହି ଅର୍ଥ ପୈଠ କରୁ ବୋଲି ଲଳିତ ବମ୍ବେ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଜଷ୍ଟିସ ଏମ. ଏସ୍. ସୋନାକ ଓ ଜିତେନ୍ଦ୍ର ସେନ୍‌ଙ୍କ ଖଣ୍ଡପୀଠ ଏହି ପିଟିସନକୁ ଖାରଜ କରିବା ସହିତ ମୋଦିଙ୍କ ଉପରେ ୧ ଲକ୍ଷ ଟଙ୍କାର ଫାଇନ ଲଗାଇଥିଲେ।

# ଜାତୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର,୨୦।୧୨(ସରୋଜ ଜେନା)

ଚେନ୍ନାଇର ଦିଣ୍ଡିଗୁଲରେ ଅନୁଷ୍ଠିତ ହେବାକୁ ଥିବା ୪୬ତମ ଜାତୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ୨୩ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଦଳରେ ସଲ୍‌ମା ମୁର୍ମୁ, ଜୁଲଫା ମଲିକ୍, ଶାମୁକା ପ୍ରଧାନ, ଜ୍ୟୋତି ମାଝି, ସୋନାଲିକା ବରାଳ, ସାଇନା ସରଗମ, ମୋନାଲିସା ବେହେରା, ପ୍ରଭାସିନୀ ଦାସ, ନିବେଦିତା ପାଣି, ସୁଜ୍ଞାନୀ ଆଚାର୍ଯ୍ୟ, ଇତିଶ୍ରୀ ପାତ୍ର, ନିବେଦିତା ନାୟକ, ସାବିତ୍ରୀ ମାଝୀ, ପିଙ୍କିନା ବେହେରା, ଗୀତାଞ୍ଜଳି ବେହେରା, ଦୀପ୍ତିମୟୀ ଦାସ, ଲିଜା ଦାସ ସାମିଲ ଅଛନ୍ତି। ସନ୍ତୋଷ ବେହେରା ଏହି ଦଳର କୋଚ୍ ରହିଥିବା ବେଳେ ନୀହାରିକା ପଣ୍ଡା ମ୍ୟାନେଜର ରହିଛନ୍ତି। ଭଣ୍ଡାରୀପୋଖରୀରେ ଅନୁଷ୍ଠିତ ରାଜ୍ୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପ୍ରଦର୍ଶନ ଆଧାରରେ ଏହି ଦଳ ଚୟନ କରାଯାଇଛି। ଏହି ଦଳକୁ ରାଜ୍ୟ ସମ୍ପାଦକ ବୀରେନ୍ ବେହେରା, ସଭାପତି ଗୋପୀନାଥ ସାହୁ, ବରିଷ୍ଠ ଉପସଭାପତି ପ୍ରେମାନନ୍ଦ ବିହାରୀ, କୋଷାଧ୍ୟକ୍ଷ ଉପେନ୍ଦ୍ର ଦାସ, ସହସମ୍ପାଦକ ଯଶୋବନ୍ତ ପରମଗୁରୁ ଓ ରେଫରି ବୋର୍ଡ ଅଧ୍ୟକ୍ଷ ଅର୍ଣ୍ଣବ କୁମାର ସିହ୍ନା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ସଧବା ସନ୍ତକ

## ଗଳ୍ପ

**ମଧୁମିତା ମିଶ୍ର**

ଆଜିକାଲି ଟିକେ ସମୟ ମିଳୁନି କାହା ସହ ଦି'ପଦ ମନ ଖୋଲି କଥା ହେବାକୁ। ମଣିଷ ସତରେ କେତେ ବ୍ୟସ୍ତ ବିବ୍ରତ ହୋଇପଡ଼ୁଛି! ଜୀବନ-ଯୁଦ୍ଧରେ ଲଢ଼େଇ କରୁକରୁ କ୍ଳାନ୍ତ...ଶ୍ରାନ୍ତ...! ହେଲେ ଗତବର୍ଷର ଫନି ବାତ୍ୟା କିନ୍ତୁ ଅନେକ ବିଧ୍ୱଂସକାରୀ ବିନାଶ ସହ କିଛିଟା ଭାଇଚାରାର ବୀଜ ବପନ କରିବାରେ ସକ୍ଷମ ହୋଇଥିଲା। କେବେ ଦେଖାଯାଉ ନ ଥିବା କିଛି ନୂଆ ମୁହଁ କେମିତି ହଠାତ୍ ଆପଣାର ଲାଗି ଆସିଥିଲେ; ଯେମିତିକି ଆମ ଘର ପାଖରେ ରହୁଥିବା ମିଶ୍ର ଭାଉଜ।

ମିଶ୍ର ଭାଇନା ଓ ଭାଉଜ ମୁମ୍ବାଇରେ ରୁହନ୍ତି। ଭୁବନେଶ୍ୱରରେ ଘର ଥିଲେ ମଧ୍ୟ ସେଇ ଘରକୁ ସେମାନେ ଭଡ଼ା ଦେଇନାହାନ୍ତି। ଖୋର୍ଦ୍ଧା ପାଖରେ ତାଙ୍କ ବାପଘର ଓ ଶାଶୁଘର। ତେଣୁ ଛୁଟିରେ ସେମାନେ ଏଠାକୁ ଆସନ୍ତି ଓ କିଛିଦିନ ରହି ପୁଣି କର୍ମସ୍ଥଳକୁ ଫେରିଯାଆନ୍ତି। ଅଦିନ ମେଘ ପରି ସେମାନଙ୍କ ଆବିର୍ଭାବ ହେତୁ ସେମାନଙ୍କ ସହ ଏତେ ଗପସପ ହୁଏନି। କିନ୍ତୁ ତାଙ୍କ ପରିବାର ଉପରେ ପଡ଼ିଥିବା ଚଡ଼କ ଯୋଗୁଁ ଆମ କଲୋନୀରେ ସମସ୍ତେ ଅତିଶୟ ବିଚଳିତ ହୋଇପଡ଼ିଥିଲୁ।

ମିଶ୍ର ଭାଇନାଙ୍କ ଅକାଳ ବିୟୋଗ! ଦୁଇ ଦୁଇଟି ଝିଅ ଆଉ ଭାଉଜଙ୍କୁ ଛାଡ଼ି ସେ ଅଦିନରେ ଆରପାରିକୁ ଚାଲି ଯାଇଥିଲେ। କିନ୍ତୁ କାହା ସାହାଯ୍ୟ ଓ ସହଯୋଗ ନେବାକୁ ମନା କରିଦେଇ ଭାଉଜ ସେମିତି ମୁମ୍ବାଇରେ ଏକଲା ନିଜ ସନ୍ତାନଙ୍କୁ ମଣିଷ କରିବାରେ ଲାଗି ପଡ଼ିଥିଲେ। ଭାଉଜ ଯେତେବେଳେ ଭୁବନେଶ୍ୱର ଆସନ୍ତି; ଥରେ ଅଧେ ତାଙ୍କ ସହ ଦେଖାହୁଏ। ଏଥର ଖରାଛୁଟିରେ ସେମାନେ ଭୁବନେଶ୍ୱର ଆସିଲା ବେଳେ 'ଫନି'ର ବିପ୍ଳାତ।

ପାଣିର ସମସ୍ୟା ଓ ବିଜୁଳି ଅଭାବ ସେହି ସମୟରେ ସମସ୍ତଙ୍କୁ ଘର ବାହାରକୁ ଆସିବା ପାଇଁ ଏକରକମ ବାଧ କରିଥିଲା। ମିଶ୍ର ଭାଉଜ ମଧ୍ୟ ସେହି କାରଣରୁ ଟିକେ ଅଧିକ ସମୟ ଆମ ସହ ବିତାଇଲେ। ହେଲେ ଏକ ବ୍ୟତିକ୍ରମ କେଜାଣି କାହିଁକି ମୋ' ମନକୁ ଘାଣ୍ଟି ପକାଉଥିଲା। ଭାଉଜଙ୍କ ମଥାରେ ସିନ୍ଦୂର ଓ ହାତରେ ଶଙ୍ଖା ଶୋଭା ପାଉଥିଲା। ମିଶ୍ର ଭାଇନାଙ୍କ ବିୟୋଗ ପରେ ମଧ୍ୟ ଏସବୁ! ଅବଶ୍ୟ ଆଜିକାଲି କିଛି କହି ହେଉନି। ସେ ଯେ ନୂତନ ଜୀବନସାଥୀ ପାଇ ନ ଥିବେ ତା' ନୁହେଁ। ତଥାପି କାହିଁକି କେଜାଣି ଏ ବିଷୟ ନେଇ ଭାଉଜଙ୍କୁ ପ୍ରଶ୍ନ କରିବାକୁ ମନଟା ଆଉଟୁପାଉଟୁ ହେଉଥାଏ।

ଆଉ ସେଦିନ...

ବିଜୁଳି ବିଭାଗର ପଦାଧିକାରୀ ଆସି ଆମ ଟ୍ରାନ୍ସଫର୍ମରରେ ଛିଡ଼ିଯାଇଥିବା ତାର ସବୁ ସଂଯୋଗ କରୁଥା'ନ୍ତି ଓ ସ୍ଥଳ ବିଶେଷରେ ଅର୍ଥ ମଧ୍ୟ ସଂଗ୍ରହ କରିବାରେ ଲାଗିଥାଆନ୍ତି। କଲୋନିର ଟ୍ରାନ୍ସଫର୍ମର କିନ୍ତୁ ତଳୁ ଭାଙ୍ଗି ଉପୁଡ଼ି ଯାଇଥିବାରୁ ନୂଆ କରି ବସେଇବା ପାଇଁ ସେମାନେ ମୋଟା ଅଙ୍କ ମାଗିଥାଆନ୍ତି। ଘର ପିଛା ଭାଗ କରି ଯେତେବେଳେ ଆମେ ଦେୟ ଅର୍ଥ ବିଷୟ ଭାଉଜଙ୍କୁ ଜଣାଇଲୁ ସେ ସଙ୍ଗେ ସଙ୍ଗେ କାହାକୁ ଫୋନ୍ ଲଗେଇଲେ ଓ ସେଥିପାଇଁ ସମ୍ମତି ଦେଲେ। ମୋ' ପାଟିରୁ ଯନ୍ତ୍ରବତ୍ ବାହାରିଗଲା 'ଭାଉଜ! କାହା ସହିତ କଥା ହେଲେ ଆପଣ?' ନିଜ ଅଭଦ୍ରାମି ବୁଝିପାରି ସଙ୍ଗେ ସଙ୍ଗେ ଅବଶ୍ୟ କ୍ଷମା ମାଗିନେଲି। ଭାଉଜ ମଧ୍ୟ ହସିଦେଲେ।

କିନ୍ତୁ ସମସ୍ତେ ଯିବା ପରେ ମୋତେ ସେ ତାଙ୍କ ପାଖରେ ରହିବାକୁ କହି ଆରମ୍ଭ କଲେ- "ମୁଁ ଜାଣେ ତୁମେ ମୋ' ସଧବା ବେଶ ବିଷୟରେ ଜାଣିବାକୁ ଚାହଁ।"

ଲାଜରେ ମୋ' ମୁହଁ ଲାଲ ହୋଇଗଲା ଆଉ ମୁଁ କହି ଉଠିଲି- "ନା ନା... ଭାଉଜ... ମୁଁ..." ଅଧା କଥାରୁ ମୋତେ ଅଟକାଇ ଭାଉଜ କହିଲେ, ମୋତେ ମଧ୍ୟ ଖୁସି ଲାଗିବ କାହାକୁ ଏ ଅକୁହା କଥା ଜଣେଇ ଦେଇ। ନିଜ ଛାତି ତଳର ବୋଝ ଟିକେ ହାଲୁକା ତ ଲାଗିବ! ତୁମ ଭାଇନା ମୋତେ ଏକା କରି ଚାଲିଯିବା ପରେ ମୁଁ ସତରେ ଏ ଦୁନିଆକୁ ଚିହ୍ନିଲି। ଏକାକିନୀ ବିଧବା ବୋଲି ଜାଣି କେବଳ ଗୋଟେ ମାସ ଭିତରେ ଲୋକଙ୍କ ଚାହାଣି, ଚାଲିଚଳଣିରେ ସତରେ ଏକ ଅଦ୍ଭୁତ ପରିବର୍ତ୍ତନ ଆସି ଯାଇଥିଲା। ମୁଁ ନିଜେ ମଧ୍ୟ ବୁଝି ପାରିଲିନି, ଆଉ ବୁଝିଲା ପରେ ବିଶ୍ୱାସ କରିପାରିଲିନି ଏ ସବୁର କାରଣ କ'ଣ!

ଦୁଇ ଦୁଇଟା ଝିଅଙ୍କ ସୁରକ୍ଷା ଆଉ ମୋ' ନିଜର ଆତ୍ମରକ୍ଷା। ସିନ୍ଦୂର ବିନା ଖୋଲା ମଥା ଆଉ ଚୁଡ଼ିଶୂନ୍ୟ ମୁକୁଳା ହାତ ନେଇ ସତରେ ମୁଁ ଦୁର୍ବଳ ହୋଇ ପଡ଼ିଥିଲି। କୌଣସି ଉପାୟ ଦେଖାଯାଉ ନ ଥିଲା। କାହାରି ସାହାଯ୍ୟ କି କରୁଣା ମୁଁ ଚାହୁଁ ନ ଥିଲି। ଆଉ ଦୁନିଆର କୁଦୃଷ୍ଟିରୁ ବଞ୍ଚିବା ପାଇଁ ବହୁତ ଚିନ୍ତା କରିବା ପରେ ମୁଁ ପୁଣି ଥରେ ଶଙ୍ଖା ସିନ୍ଦୂର ପିନ୍ଧି ଦିନେ ବାହାରକୁ ବାହାରି ପଡ଼ିଲି।

ଆଉ ସେତେବେଳେ ଦେଖିଲି ଲୋକଙ୍କ ନଜରରେ ଏକ ଅଦ୍ଭୁତ ପରିବର୍ତ୍ତନ!

ପ୍ରଥମଟି ଥିଲା ଏକ ଲୋଲୁପ ପୈଶାଚିକ ପ୍ରବୃତ୍ତିର... କିନ୍ତୁ ଦ୍ୱିତୀୟଟି ଥିଲା ସ୍ୱତଃ ଦୂରତା ରଖିବାର।

ଆଉ ତା' ପରଠୁ ମୁଁ ଫୋନ୍‌ରେ ମଧ୍ୟ ମୋ' ଦିବଂଗତ ସ୍ୱାମୀଙ୍କ ସହ କଥା ହେବା ପରି ଅଭିନୟ କରିବା ଆରମ୍ଭ କଲି। ଯେମିତିକି ସେ ପ୍ରତି ମୁହୂର୍ତ୍ତରେ ମୋ' ସହିତ ଅଛନ୍ତି! ତୁମେ ବିଶ୍ୱାସ କରିପାରିବନି, ଏହି ନିଷ୍ପତ୍ତି ନେବା ପରେ ମୋତେ ମଧ୍ୟ ଲାଗୁଛି ମୁଁ ସମ୍ପୂର୍ଣ୍ଣ ସୁରକ୍ଷିତ, ଆଉ ମୋ' ଝିଅମାନେ ମଧ୍ୟ।

ଏତିକି ଗୋଟିଏ ନିଃଶ୍ୱାସରେ କହିଦେଇ ଭାଉଜ ବୋଧେ ନିଜ ଲୁହ ଲୁଚାଇବାକୁ ଘର ଭିତରକୁ ଚାଲିଗଲେ, ହେଲେ ମୋ' ଲୁହ! ମୁଁ କ'ଣ ଆଉ ଲୁଚେଇ ପାରିଲି।

ମୋ: ୯୪୩୮୪୭୦୮୯୭



## କାମ ସରିନାହିଁ

**ମିନିଗଳ୍ପ: ପ୍ରଦ୍ୟୁମ୍ନ ପଟ୍ଟନାୟକ**



ଶରତଙ୍କ ବୟସ ସତୁରି ପାଖାପାଖି। ପୈତୃକ ଘର ଭୁବନେଶ୍ୱର। ପୁଅ ଝିଅ ଦୁଇଜଣ। ଝିଅର ବାହାଘର ସରିଛି। ପୁଅ ବାହାଘର ପାଇଁ ଝିଅ ଖୋଜା ଚାଲିଛି। ଚାଲିଛି କ'ଣ ଝିଅଟିଏ ପସନ୍ଦ ମୁତାବକ ମିଳୁନାହିଁ କହିଲେ ଚଳେ। ଏମିତିରେ ଆଜିକାଲି ପୁଅ ପାଇଁ ଝିଅ କିମ୍ବା ଝିଅ ପାଇଁ ପୁଅ ଖୋଜିବା ମା'ବାପାଙ୍କ ପକ୍ଷେ କାଠିକର ପାଠ।

ଶରତଙ୍କର ଝିଅ ଜ୍ୱାଇଁ ରହନ୍ତି ବେଙ୍ଗାଲୁରୁରେ। ଜ୍ୱାଇଁ ଇଞ୍ଜିନିୟର। ବିଦେଶୀ କମ୍ପାନୀରେ ଚାକିରି। ମଝିରେ ମଝିରେ ଝିଅଜ୍ୱାଇଁ ଆସି ବୁଲିଯାଆନ୍ତି। କିଛିଦିନ ବାପଘରେ ତ କିଛିଦିନ ଶାଶୁଘରେ ରହି ଝିଅ ଫେରିଯାଏ ଜ୍ୱାଇଁ ସାଙ୍ଗରେ। ଝିଅ ବାପା ମା'ଙ୍କର ଗେହ୍ଲୀ। ତାଙ୍କୁ ଛାଡ଼ି ରହିପାରେନି ବେଶୀଦିନ। ବିଶେଷକରି ମା' କଥା ମନେପଡ଼ିଲେ ଭାଇ ଟୁନାକୁ କହେ ମା'କୁ ନେଇ ବେଙ୍ଗାଲୁରୁରେ ପହଞ୍ଚିବାକୁ। ସେଠି ଭାଇଭଉଣୀ, ମା'ଝିଅଙ୍କର ଦେଖାସାକ୍ଷାତ ହୋଇଯାଏ। କିନ୍ତୁ କେବେ ସାରା ପରିବାର ଏକାଠି କୁଆଡ଼େ ଯାଇପାରନ୍ତି ନାହିଁ। କେହି ନା କେହି ଘରେ ରହିବା ଦରକାର। ଡ୍ରଇଂରୁମ୍‌ରେ ଥିବା କାଚର ଆକ୍ୱାରିୟମ୍‌ରେ ରଙ୍ଗିନ୍ ମାଛ, ଘର ବାହାର ପୋର୍ଟିକୋରେ ଝୁଲୁଥିବା ପଞ୍ଜୁରିରେ ତିନିଚାରୋଟି ସଉକିନ୍ ପକ୍ଷୀ ସହ ଘର ବାହାରେ ଶୋଉଥିବା କୁକୁର କାଳୁ ଗୃହପାଳିତ। ତାଙ୍କ ପାଇଁ ନିୟମିତ ଖାଦ୍ୟପାନୀୟର ବ୍ୟବସ୍ଥା ହେବା ଦରକାର।

ଏସବୁ ବ୍ୟତୀତ ଘରେ ତାଲା ପକାଇ ସାରା ପରିବାର କୁଆଡ଼େ ଯିବାର ପ୍ରଶ୍ନ ଉଠୁନାହିଁ। ଗୋଟିଏ ରାତି କେହି ନ ରହିଲେ ଚୋର ଠାଉରିଆମାନେ କଳାକନା ବୁଲାଇଦେବେ। ଏମିତିରେ ଘରେ ଲୋକ ଥାଉ ଥାଉ ଜୋତା ଚପଲ ଚୋରି କରି ନେଉଛନ୍ତି। କେହି ନ ଥିବା ଜାଣିଲେ ତାଲା ଭାଙ୍ଗି, ଝରକା ତାଡ଼ି ଘରେ ପଶିଯିବେ। ଯାହା ପାଇବେ ନେଇ ପଳାଇବେ। ସବୁଥର କିନ୍ତୁ ଘର ଜଗିବା ପାଳିପଡ଼ୁଥାଏ ବିଚରା ଶରତଙ୍କର। ତେଣୁ କୁଆଡ଼େ ଯିବା ପ୍ରସଙ୍ଗ ପଡ଼ିଲେ ମନ ଥାଉ କି ନ ଥାଉ ସେ ଆଗତୁରା କହିଦିଅନ୍ତି- ମୋର ଯିବାର ନାହିଁ। ବାହାନା କରନ୍ତି, ବାହାର ଖାଇବା ତାଙ୍କ ଦେହରେ ଯିବନାହିଁ। ସେ ଏ ବୟସରେ ବେଶୀ ବୁଲାଚଲା କରିପାରିବେ ନାହିଁ। ତେଣୁ ଘର ଜଗି ବସିବା ଶ୍ରେୟସ୍କର ହେବ।

ଏଥର ମା'ପୁଅ ବେଙ୍ଗାଲୁରୁ ଯିବାକୁ ବାହାରିଲେ। ସେପଟୁ ଝିଅ ବାରବାର ଫୋନ୍ କରୁଥିବାରୁ ଯାଇ ତା' ପାଖରେ ଦଶ ପନ୍ଦର ଦିନ ରହି ଫେରିଲେ। ଏଣେ ଶରତ ଘରଟିରେ ଏକୁଟିଆ ରହି ହାତରେ ରୋଷେଇ କରି ଖାଇ ହାଲିଆ ହୋଇଗଲେ। ବାପାଙ୍କୁ ଘରେ ଏକୁଟିଆ ଛାଡ଼ି ଯାଇଥିବାରୁ ବେଙ୍ଗାଲୁରୁରୁ ଫେରିବା ବେଳେ ଟୁନା ଶରତଙ୍କ ପାଇଁ ଶାର୍ଟଟିଏ କିଣି ଆଣିଥିଲା। ଘରେ ପହଞ୍ଚି ତାଙ୍କୁ ଦେଇ କହିଲା, ବାପା ଦେଖିଲ ତୁମକୁ ଏ ଶାର୍ଟଟା କେମିତି ମାନୁଛି?

ଶାର୍ଟଟିକୁ ଦେଖୁଦେଖୁ ଶରତ କହିଲେ, "ଏ ନୂଆ ଶାର୍ଟଟା ମୋ' ପାଇଁ କାହିଁକି ଆଣିଥିଲୁ! ମୋର ପରା ଯିବା ସମୟ ହେଲାଣି।" ଏକଥା ଶୁଣୁ ଶୁଣୁ ଟୁନା କହିଲା- "କ'ଣ କହିଲ! ଯିବା ସମୟ ହେଲାଣି! ତୁମର କିଛି କାମ ତ ସରିନାହିଁ। ଭାଇଭାଗ, ଘରତୋଳା, ପୁଅ ବାହାଘର ଆଦି କେତେ କାମ ବାକି ପଡ଼ିଛି। ସେସବୁ ନ ସାରି କୁଆଡ଼େ ବାହାରିଛ?"

ମୋ: ୯୯୬୮୨୮୦୮୯୬

## ପୁସ୍ତକ ପରିଚୟ

### ସ୍ମୃତିର ଈଶ୍ୱର



**କବି:** ଦିଲୀପ ନାୟକ
**ପ୍ରକାଶକ:** ବର୍ଷା ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ମୋଟ ୬୬ଟି କବିତାର ସମାହାର ହେଉଛି ଆଲୋଚ୍ୟ କବିତାଗ୍ରନ୍ଥ 'ସ୍ମୃତିର ଈଶ୍ୱର'। ବୃତ୍ତି ଇଂଲିଶ୍ ଭାଷା-ସାହିତ୍ୟରେ ଅଧ୍ୟାପନା, ରୁଚି କିନ୍ତୁ କବିତାରେ। ଏହା କବିଙ୍କର ତୃତୀୟ କବିତାଗ୍ରନ୍ଥ। ପୂର୍ବରୁ 'ଆହତ ନାଦ' (୧୯୮୩) ଓ 'ଦର୍ପଣର ପାଣି' (୧୯୯୨) ପ୍ରକାଶିତ। ଗ୍ରନ୍ଥ ପ୍ରକାଶନର ବ୍ୟବଧାନକୁ ଲକ୍ଷ୍ୟ କଲେ କବି ରହିରହି କବିତା ଲେଖନ୍ତି ବା ଲେଖିବାରେ ନିରନ୍ତରତା ସତ୍ତ୍ୱେ ରହିରହି ପ୍ରକାଶିତ କବିତାଗୁଡ଼ିକୁ ଗ୍ରନ୍ଥାୟିତ କରନ୍ତି। ବହିର ପ୍ରଥମ କବିତା 'ଖୋଜିବାର କ୍ଷୟ' ଓ ଶେଷ କବିତା 'ପାହାଡ଼ି ଷ୍ଟେସନ୍‌ର ଖରା'। ଏଥିରୁ ଉଦ୍ଧୃତି ନେବା: ୧. "ନିର୍ଜନ ଜହ୍ନ ଆଲୁଅରେ/ କାହାର ଶବ ଶଢ଼େ/ କାହାର ଅବରୁଦ୍ଧ ଲୁହ/ ବାଷ୍ପ ହୋଇ ମିଶେ ଏ ମେଘରେ।" ୨. "ପ୍ରାଣ ଏକ ଋତୁ/ ଖରାରେ ଫୁଟିଉଠେ ମୋହିତ ଆହ୍ଲାଦେ,/ ସୁନ୍ଦର ପୃଥିବୀ।" ଧାଡ଼ିଗୁଡ଼ିକରେ ଅନୁଭବର ନିକାଞ୍ଚନ ସୌନ୍ଦର୍ଯ୍ୟ ପାଠକର ମନଦେଇ ଆତ୍ମାଯାଏ ସଂଚରିଯାଏ ଓ ଏଇ ସଂଚରିଯିବା ହିଁ ହେଉଛି କମ୍ କଥା କହୁଥିବା କବିତାର ସାମର୍ଥ୍ୟ। ଜୀବନ ଓ ଜଗତର ଅନୁଭବ ଚେତନାରେ ପରିପକ୍ୱ ହେବାପରେ ସେଇ ପରିପକ୍ୱତା ଭିତରୁ ଯେଉଁ ଉଚ୍ଚାରଣ ରୂପନିଏ, ତା'କୁ କବି ଲେଖିବସନ୍ତି ଅତି ସଂକ୍ଷେପରେ। କବିତାର ଚରିତ୍ର ରୋମାଣ୍ଟିକ୍, ଅଥଚ ତହିଁରେ ବୁଡ଼ି ରହେ ଗଭୀର ଦର୍ଶନ। "ବେଳଯାଏ ଗଡ଼ିଗଡ଼ି/ ପୋଖରୀରେ ସୂର୍ଯ୍ୟାସ୍ତର ଅନ୍ତର୍ଦାହ ଜଳେ/ ପବନରେ କଇଁ ଥରିଉଠେ।" (ବହୁଦିନ ପରେ, ପୃ:୨୬) ଆଲୋଚ୍ୟ କାବ୍ୟଗ୍ରନ୍ଥଟି ପାଠକଙ୍କୁ ନୂଆନୂଆ ସମ୍ଭାବନାରେ ଉଦ୍ଦୀପିତ କରି ରଖିବ ବୋଲି ଆଶା।

### ବୋଝ ଓ ଅନ୍ୟାନ୍ୟ ଗଳ୍ପ



**ଲେଖକ:** ରଶ୍ମି ସାମଲ
**ପ୍ରକାଶକ:** ଶାନ୍ତିସେନା ପବ୍ଲିକେଶନ୍ସ, ଜଗତ୍‌ସିଂହପୁର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୫୦/-

ମୋଟ ୩୧ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ। ଗପଗୁଡ଼ିକ ଅବୟବରେ ଛୋଟଛୋଟ। ପଢ଼ିଲେ ମନେହୁଏ ଯେପରି ସେସବୁ ଅଧାକୁହା। ଆଉ ବାକି ଅଧାକ ପାଠକ ତା' ଭାବନା ମୁତାବକ ଗଢ଼ିନେବ- ଏଇ ପ୍ରତ୍ୟାଶା ସମ୍ଭବତଃ ଲେଖିକାଙ୍କ ଗଳ୍ପଗୁଡ଼ିକ ରଖିଥା'ନ୍ତି ସାଇତି ସଜାଡ଼ି। ଯେମିତି ଗଳ୍ପ 'ବୋକି ଝିଅଟା'। ସିଲା ଓ ଜୀବନଭାଇ ମଝିରେ ଖାଲି ଖାଁ ଖାଁ ସ୍ମୃତି, ଯାହା କବଳରୁ ସିଲାର ମୁକ୍ତି ନାହିଁ। ଗପଟି ପଢ଼ିସାରିବା ପରେ ମନ ଘୂରିସାରି ହୁଏ, ଆଉ କିଛି କୁହାଯାଇଥା'ନ୍ତା କି! ବହିରେ ଥିବା ଅନେକ ଗଳ୍ପ ପାଠକଙ୍କୁ ଫାନ୍ଦରେ ପକାଇ ଆକ୍ରାମାକ୍ରା କରନ୍ତି, ନାନା ଭାବେ ନୂଆ କରି, ପ୍ରକାରେ ପ୍ରକାରେ ଗଢ଼ିହୁଅନ୍ତି ପାଠକର କଳ୍ପନାରେ। ଗୋଟେ ଭଲ ଗଳ୍ପ ଠିକ୍ ଏଇୟା ହିଁ କରେ। ହାତ ଧରିନିଏ ଓ ଗପୁଗପୁ ଅଧାବାଟରେ ଛାଡ଼ିଦେଇ ଅନ୍ତର୍ଦ୍ଧାନ ହୋଇଯାଏ। 'ମୁଖବନ୍ଧ'ରେ ଲେଖିକା ଲେଖିଛନ୍ତି: "ମୋର ପ୍ରତ୍ୟେକ ଗଳ୍ପର ଚରିତ୍ର ଆମ ଚାରିପାଖରେ ଘୂରି ବୁଲୁଥିବା ବ୍ୟକ୍ତିବିଶେଷ। ମୁଁ ଗଳ୍ପରେ କାହାରିକୁ ଆଘାତ ଦେବାକୁ ଚେଷ୍ଟା କରିନାହିଁ। କାହାର ବ୍ୟକ୍ତିଗତ ଜୀବନ କାହାଣୀକୁ ଲେଖିବାକୁ ଚେଷ୍ଟା କରିନାହିଁ। ଯଦିବା କେଉଁଠି ଟିକେ କାହାର ଜୀବନ କାହାଣୀ ସହ ମେଳ ଖାଇଯାଉଥାଏ, ତେବେ ଏହାକୁ କେବଳ ଗଳ୍ପ ରୂପେ ବିବେଚନା କରିବାକୁ ଅନୁରୋଧ।" ଏପରି ଲେଖିବା ପଛର ସତ୍ୟଟି ହେଲା, ଯେତେ ସତର୍କତାର ସହ ଲେଖିଲେ ବି ଅସଲ ଗଳ୍ପ କାହାରି ନା କାହାରି ଜୀବନ କାହାଣୀ ହୋଇ ଉଠିବାର ସମ୍ଭାବନା ରଖିଥାଏ। ଆଶା କରିବା, ଆଲୋଚ୍ୟ ଗ୍ରନ୍ଥଟି ପାଠିକାପାଠକଙ୍କ ଆଶାନୁରୂପ ହେବ ଓ ସେମାନଙ୍କୁ ଭାଗୀଦାରି କରି ବାଟ ଚାଲିବ।

## କାଳକାଳକୁ

### "ସ୍ୱର୍ଗରେ ଦାସତ୍ୱ ଅପେକ୍ଷା ନର୍କରେ ରାଜତ୍ୱ ଭଲ।"
– ଜନ୍ ମିଲ୍‌ଟନ୍



**ଜନ୍ ମିଲ୍‌ଟନ୍‌ଙ୍କ** ଜନ୍ମ ୯ ଡିସେମ୍ବର ୧୬୦୮ରେ ଓ ପରଲୋକ ୮ ନଭେମ୍ବର ୧୬୭୪ରେ ଲଣ୍ଡନରେ। ଲାଟିନ୍, ଗ୍ରୀକ୍, ହିବ୍ରୁ, ଫରାସୀ, ସ୍ପାନିଶ୍ ଓ ଇଟାଲିଆନ୍ ଭାଷାରେ ସେ ଦୋରସ୍ତ ଥିଲେ ଏବଂ ପ୍ରାଚୀନ ଇଂଲିଶ୍ ଓ ଡଚ୍ ଭାଷାରେ ତାଙ୍କର ଗଭୀର ପରିଚିତି ଥିଲା। ତାଙ୍କ ରଚିତ 'ପାରାଡାଇଜ୍ ଲଷ୍ଟ' (୧୬୬୭) ଓ 'ପାରାଡାଇଜ୍ ରିଗେନ୍‌ଡ' (୧୬୭୧) ବିଶ୍ୱ ସାହିତ୍ୟରେ ଧ୍ରୁପଦ ମର୍ଯ୍ୟାଦାର ଅଧିକାରୀ ହୋଇଥିଲା। ୪୩ ବର୍ଷ ବୟସରେ ସେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇଥିଲେ ବି ଅନ୍ତର୍ଲୋଚନ ଦ୍ୱାରା ଅସାଧାରଣ କବିତ୍ୱର ଅଧିକାରୀ ହୋଇପାରିଥିଲେ। ସେ କହୁଥିଲେ- "ସ୍ଥାନ ଓ କାଳ ମନକୁ ବଦଳାଇପାରେ ନାହିଁ, ବରଂ ମନ ସ୍ୱର୍ଗକୁ ନର୍କ କରେ ଓ ନର୍କକୁ ସ୍ୱର୍ଗ କରେ।"

## କବିତା

### ନୂଆ ମୁହୂର୍ତ୍ତ ପାଇଁ

**ପ୍ରତିଭା ପରିଡ଼ା**

ଜୟଯାତ୍ରା ନୁହେଁ,
ନୂଆ ଶୋଭାଯାତ୍ରାର ଝଲକରେ
ମୁଁ ନିଜେ ଉଜ୍ଜ୍ୱଳି ଉଠୁଛି କି ନା' ଜାଣିନି,
ମୋ' ଚାରିପାଖର ପୃଥିବୀ
ତୁମକୁ ଆମନ୍ତ୍ରି ଯିବାବେଳେ
ପଥପ୍ରାନ୍ତରେ ମୁଁ ସ୍ଥିର ପାଲଟିଯାଉଛି...

ହୁଏତ ମୁଁ ନୂଆ ସାହାନାଇର ସୁର
ଶୁଣିପାରୁନି
ଅବା ନିଜକୁ ରଙ୍ଗେଇବା ଲାଗି
ଯାହାସବୁ ବିତିଯାଇଛି,
ସେସବୁକୁ ମନଭରି ସାଇତି ପାରିନି...
ମୋ' ମଥାରେ
ଇତିହାସ ବଦଳେଇବାର ଭାର ରଖି
ନିଜେ ମୁଁ ଇତିହାସ ପାଲଟିଯାଇଛି...

ସବୁତକ ଅଭିମାନକୁ ବିଛେଇ ଦେବା ଲାଗି
ହୃଦୟ କାହିଁ?...
ସବୁତକ ନିରୋଳା ସ୍ୱପ୍ନକୁ
ସମ୍ଭାଳି ରଖିବା ଲାଗି,
ଆୟୁଷ କାହିଁ?

ଏହି ମୁହୂର୍ତ୍ତରେ ମୁଁ
ଆର୍ଦ୍ର ପାଲଟିଯାଉଛି...
ପ୍ରତି ମୁହୂର୍ତ୍ତକୁ ଶୋଷିନେବା ଲାଗି
ତୃଷାର୍ତ୍ତ ହୋଇପଡ଼ୁଛି..
ସବୁତକ ମଧୁର ବିଷାଦର ଚିତ୍ରକୁ
ଫେଣ୍ଟିଦେବା ଲାଗି
ବିକଳ ହୋଇପଡ଼ୁଛି।
ନୂଆ ଚିତ୍ରକରଟିଏ ମୁଁ, ଆଙ୍କୁଅଛି,
ଆସନ୍ତା ମୁହୂର୍ତ୍ତର ବର୍ଣ୍ଣଭୋର ବିଭାସ
ସାଇତିଛି ତୁମ ପାଇଁ
ପ୍ରତ୍ୟୟ ଅୟୁତ ନିଃଶ୍ୱାସ,
ସତ୍ୟର ପୁଲକ ପୁଣି ମହିମ୍ନ ଉଚ୍ଛ୍ୱାସ।

ମୋ: ୮୯୧୭୬୦୩୪୪୨

## ବ୍ୟଙ୍ଗ କବିତା

### ଆମ ଗାଁ ସରପଞ୍ଚ

**କାହ୍ନୁ ଚରଣ ମୁଦୁଲି**

କଟାସ ପଧାନ ଆମ ପଞ୍ଚାୟତ
ମାନନୀୟ ସରପଞ୍ଚ
ଦେଶ ସେବା ପାଇଁ ଶପଥ ନେଇଛି
ସବୁଥିରୁ ମାଗେ ଲାଞ୍ଚ। (୧)

ରାସ୍ତା କାମରେ, ମନ୍ଦିର କାମରେ
ସବୁଠି ପୂରାଏ ପେଞ୍ଚ
ସଭାରେ ଭାଷଣ ସତେ ଗୋପବନ୍ଧୁ
ବିଧବାକୁ ମାଗେ ଲାଞ୍ଚ। (୨)

ଅଙ୍ଗନୱାଡ଼ି ଦିଦିକୁ ମାଗୁଛି
ଦେବାକୁ ଛତୁଆ ଅଣ୍ଡା
ଧମକ ଦେଉଛି ଅବଜ୍ଞା କଲେ
ତାକୁ କରିଦେବ ଲଣ୍ଡା। (୩)

ଗାଁ ବିଦ୍ୟାଳୟ ମଧ୍ୟାହ୍ନଭୋଜନ
ମାଗୁଛି ଚାଉଳ ଡାଲି
ଦେବାରେ ଟିକିଏ ଉଣା ହୋଇଗଲେ
ଅଭିଯୋଗ କରେ ଖାଲି। (୪)

ଥିଲାବାଲାକୁ ତ ପ୍ରଧାନ ଆବାସ
ଧନୀକୁ ବାର୍ଦ୍ଧକ୍ୟ ଭତ୍ତା
ବିକଳାଙ୍ଗଙ୍କୁ ସେ ପଇସା ମାଗୁଛି
ଶୁଣିଥାଅ ତା'ର କଥା। (୫)

କଂକ୍ରିଟ୍ ରାସ୍ତା ଏମିତି କରିଛି
ଦି'ମାସରେ ଗଲା ଫାଟି
ମେଟାଲ ଚିପ୍ସ ଗଲାଣି ଉଠି
ଦିଶୁଅଛି ଖାଲି ମାଟି। (୬)

ଭାବୁଛୁ ଏଥର ସଭାଟେ ଡକାଇ
ତାକୁ ପୁରସ୍କାର ଦେବୁ
ହରିବୋଲ, ହୁଳହୁଳି, କରତାଳି
ଜୋତା ମାଳ ପିନ୍ଧାଇବୁ। (୭)

ମୋ: ୯୭୭୬୦୯୭୬୧୨

## ଗୀତି-କବିତା

### ଶୀତରାତି

**ସୁହଂସ ଭୋଇ**

ଗାଆଁ ଗଛ କ୍ଷେତ ଶୋଇଗଲା ପରେ
ଘୂରି ଘୂରି ବୁଲେ ଶୀତ
ରାତିର ପ୍ରହରେ ଝରକା ଫାଙ୍କରେ
ପଶି ଆସେ ଅନାହୂତ।

ଯେତେ ବଢୁଥିଲେ ରାତିର ଆୟୁଷ
ସେତେ ଲାଗେ ନିଶବଦ
ଅନ୍ଧାର ଭିତରେ ସେ ବୀର ଦର୍ପରେ
ଧୀରେ ଧୀରେ ଥାପେ ପାଦ
ନିର୍ଜନ ବେଳାରେ କେହି ନାହିଁ ତାକୁ
କରିବାକୁ ପ୍ରତିହତ।

ଶିହରି ଉଠଇ ନିଶ୍ଚଳ ଶରୀର
ବାଜିଲେ ତାହାର ହାତ
ଦେହ ଖୋଜେ ଖଣ୍ଡେ ରେଶମୀ ଚାଦର
ମନ ଖୋଜେ ଗୋଟେ ମିତ
ଭାବନା ଆକାଶେ ଆଙ୍କି ହୋଇଯାଏ
କେତେଯେ ରଙ୍ଗିନ୍ ଚିତ୍ର।

ସପନ ଭାଙ୍ଗଇ ଉଦାସ ଲାଗଇ
ଯେବେ ରାତି ହୁଏ ଶେଷ
ଶୀତର କୋଳରେ ଭରିଛି ବିଳାସ
ନିଦର ନିର୍ଭୟ ବାସ
କହିଛି ତ ପୁଣି କାଲିକି ଆସିବ
ମିଛ ହେଉ ଅବା ସତ।

ମୋ: ୯୪୩୭୫୨୨୪୫୫

## ସଂପର୍କ

**ଲଘୁଗଳ୍ପ: ଗାୟତ୍ରୀ ସିଂହ**

ଡିସେମ୍ବର ମାସ ଶୀତ ସକାଳ। ସାରା ପ୍ରକୃତି କୁହୁଡ଼ିର ଚାଦର ଘୋଡ଼େଇ ହୋଇ ରହିଛି। ପ୍ରବଳ ଥଣ୍ଡା ସହିତ ଘନକୁହୁଡ଼ିରେ ଆବୃତ ରାସ୍ତାଗୁଡ଼ିକ ଶୂନ୍‌ଶାନ୍ ଲାଗୁଛି। କାଁ ଭାଁ ଲୋକ ଯିବାଆସିବା କରୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ମା' କୋଳରେ ଜାକିଜୁକି ହୋଇ କୁଁ କୁଁ ହେଉଛନ୍ତି କୁକୁର ଛୁଆଗୁଡ଼ିକ। ଆଗ ଛକ ରାସ୍ତାରେ ଦାନା ଖାଇବା ପାଇଁ ପାରାଙ୍କ ଗୁମୁରୁ ଗୁମୁରୁ ସ୍ୱର। ପାଖ ଜଳଖିଆ ଦୋକାନ ପାଖରେ ପଡ଼ିଥିବା ଅଇଁଠା ପତ୍ର ଗଦାରେ କାଉ କୁକୁରଙ୍କ ଭିଡ଼ ଜମିଛି। ଟ୍ୟାକ୍ସି ଷ୍ଟାଣ୍ଡ ଓ ଅଟୋ ଷ୍ଟାଣ୍ଡ ଖାଲି ଖାଲି ଲାଗୁଛି। ଗୋଟେ ଦୁଇଟି ଦୂରଗାମୀ ବସ୍ ପାହାନ୍ତା ପହରୁ ଚାଲିଯିବା ପରେ ପାସେଞ୍ଜର ବସ୍ ଠିଆ ହୋଇଛି। ବସ୍ କେତେବେଳେ ଛାଡ଼ିବ ବୋଲି ଜଣେ ଦୁଇଜଣ ପାସେଞ୍ଜର ପଚାରି ପଚାରି ଗଲେଣି। କାରଣ ଚା ପିଇବା ଭିତରେ ବସ୍ କାଳେ ଛାଡ଼ିଦେବ।

ପ୍ରତୀକ ସେଇ ବାଟ ଦେଇ ଯାଉଥିବା ବେଳେ ଜଣେ ଯାତ୍ରୀ ଏ ବସ୍ କେତେବେଳେ ଛାଡ଼ିବ ବୋଲି ପଚାରିବାରେ ପ୍ରତୀକ ପ୍ରକୃତିସ୍ଥ ହୋଇ ଥରେ ସେ ଲୋକକୁ ଏବଂ ଥରେ ବସ୍‌କୁ ଅନାଇ ସେ ଚା'ବାଲାକୁ ପଚାର କହିଦେଇ ଆଗକୁ ପାଦ ବଢ଼ାଇଥିଲେ। ସବୁଦିନ ପ୍ରତୀକ ଭୋର ପାଞ୍ଚଟାରୁ ୱାକ୍‌ରେ ବାହାରିପଡ଼ନ୍ତି। ମୁଖ୍ୟ ରାସ୍ତା ଦେଇ ଗଳି ସାହି ହୋଇ ଘରକୁ ଫେରନ୍ତି। ସେ ଖରା ବର୍ଷା ଶୀତ ଯେଉଁ ଋତୁ ହେଉନା କାହିଁକି, ୱାକ୍ ସମୟରେ ସେ ବହୁତ ଲୋକଙ୍କୁ ଭେଟନ୍ତି। କେତେ ଅସହାୟ ଲୋକଙ୍କର ସେ ସହାୟ ହୁଅନ୍ତି। ଅନେକ ଅସଜଡ଼ା ପରିବାରକୁ ସେ ସଜାଡ଼ି ଦେଇଥାଆନ୍ତି। ତାଙ୍କର ସ୍ନେହପୂର୍ଣ୍ଣ କଥା, ସମ୍ବେଦନଶୀଳ ବ୍ୟବହାର, ସମ୍ବୋଧନମୂଳକ ବାର୍ତ୍ତାଳାପରେ ଯେମିତି ଯାଦୁ ରହିଛି। ଯେ କେହି ବି ସହଜରେ ବଶ ହୋଇଯିବ ଆଉ ତାଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଆସିଯିବ।

ସେ ଜଣେ ସମାଜସେବୀ। ନିଜର ଗୋଟିଏ ସଙ୍ଗଠନ ରହିଛି। ସେଥିରେ ସେ ସାଂସ୍କୃତିକ, ସାମାଜିକ ଚେତନାଧର୍ମୀ କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନତାର ବାର୍ତ୍ତା ଦିଅନ୍ତି। ସମଗ୍ର ସଂସାରକୁ ନିଜର ପରିବାର ମନେକରୁଥିବା ମଣିଷ ନିଜ ପାଇଁ ପରିବାର ଗଢ଼ି ନାହାନ୍ତି। କୁହୁଡ଼ି ଭିତରେ ସ୍ପଷ୍ଟ ଦେଖାଯାଉନଥିଲେ ମଧ୍ୟ ପାଖରେ ଥିବା ଗଛମୂଳରୁ କାହାରି ସ୍ୱର ସ୍ପଷ୍ଟ ଭାବେ ଶୁଣାଯାଉଥିଲା। ସେ ସେଇ ଆଡ଼କୁ ଆଗେଇଲେ। ଦୁଇଜଣ ବୃଦ୍ଧାବୃଦ୍ଧ ବସି କଥା ହେଉଛନ୍ତି। ବୃଦ୍ଧା ଜଣଙ୍କର ଆଖିରୁ ଲୁହ ଝରି ଆସୁଛି। ବୃଦ୍ଧ ଜଣଙ୍କ ତାଙ୍କୁ ବୁଝାଇବାର ପ୍ରୟାସ କରୁଛନ୍ତି। ପାଖକୁ ଯାଇ ପ୍ରତୀକ ତାଙ୍କ ସମସ୍ୟା ବୁଝିଲେ।



ଶାଶୁ-ବୋହୂ କଳି ହେବାରୁ ବୃଦ୍ଧା ଜଣକ ରାଗି କାଲି ରାତିରୁ ଘରୁ ବାହାରି ଆସିଛନ୍ତି। କିଛି ସମୟ ଅପେକ୍ଷା କରିବା ପରେ ସ୍ତ୍ରୀ ନ ଫେରିବାରୁ ବୃଦ୍ଧ ସ୍ୱାମୀ ବାଧ୍ୟ ହୋଇ ଶୀତ ରାତିରେ ଥରିଥରି ଖୋଜି ଖୋଜି ସ୍ତ୍ରୀ ପାଖରେ ପହଞ୍ଚିଛନ୍ତି।

ପ୍ରତୀକ ବୃଦ୍ଧାଙ୍କୁ ବହୁତ ବୁଝାଇଲେ। ଏଇ ବୟସରେ ଛୋଟ ଛୋଟ କଥାରେ ଅଭିମାନ ସ୍ୱାଭିମାନ ରହିବ। ଯଦି ସେ ବୋହୂ ନହୋଇ ଆପଣଙ୍କ ଝିଅ ହୋଇଥାନ୍ତା, କ'ଣ ଏମିତି ଦାଣ୍ଡରେ ଆସି ଝିଅ ନାଁରେ କହିଥା'ନ୍ତେ। ତାକୁ ବୋହୂ ନ ଭାବି ଝିଅ ବୋଲି ଥରେ ଚିନ୍ତା କରି ଦେଖନ୍ତୁ! ଏହି ସମୟରେ ବୃଦ୍ଧାଙ୍କ ବୋହୂ ଆସି ସେଠାରେ ପହଞ୍ଚିଲେ, ସେ ଶାଶୁଶ୍ୱଶୁରଙ୍କୁ ଘରକୁ ନେବା ପାଇଁ ଆସିଥିଲେ। ତାଙ୍କର କହିବା କଥା ଥିଲା ମା' ଟିକେ ଟିକେ କଥାରେ ରାଗିଯାଉଛନ୍ତି। କାଲି ଶୀତରାତିଟାରେ ପଦେପଦେ କଥାରେ ଘରୁ ଚାଲି ଆସିଲେ। ପ୍ରତୀକ ବୋହୂକୁ ବୁଝାଇଲେ, ଇଏ ଶାଶୁ ନ ହୋଇ ତୁମ ମାଆ ହୋଇଥିଲେ ତାଙ୍କୁ ଶୀତ ରାତିରେ ଏମିତି ବାହାରେ ଛାଡ଼ି ନିଶ୍ଚିନ୍ତରେ ଶୋଇ ପାରିଥା'ନ୍ତ କି? ଶାଶୁଙ୍କୁ ନିଜର ମାଆ ରୂପରେ ଥରେ ଦେଖିବା ଆରମ୍ଭ କରନ୍ତୁ, ସବୁ ସମାଧାନ ହୋଇଯିବ। ରାଗ, କଳିଝଗଡ଼ା ସବୁ ଉଭେଇ ଯିବ। ସେମାନେ ଅସ୍ତ ବେଳାରେ ପହଞ୍ଚିଲେଣି, ତାଙ୍କ ସହିତ ଆମକୁ ଖାପ୍‌ଖୁଆଇ ଚଳିବାକୁ ପଡ଼ିବ। ସେମାନେ ତାଙ୍କ ପ୍ରକୃତି ଛାଡ଼ି ପାରିବେନି କି ତାଙ୍କର ଚିନ୍ତାଧାରାରେ ଅଙ୍କୁଶ ଲଗାଇ ପାରିବେନି। ଆମକୁ ତାଙ୍କ ମାନସିକତାକୁ ବୁଝିବାକୁ ପଡ଼ିବ।

ଶାଶୁବୋହୂ ଉଭୟଙ୍କ ଆଖିରେ ଲୁହ। ସତେ ଯେମିତି ସେମାନେ ବୁଝିପାରିଛନ୍ତି ସମ୍ପର୍କର ନିବିଡ଼ତାକୁ। ବୋହୂଟି ଶାଶୁଶ୍ୱଶୁରଙ୍କୁ ବୁଝାଇ ଶୁଝାଇ ନେବାବେଳକୁ ଆକାଶରେ ସିନ୍ଦୂରା ଫାଟି ସୂର୍ଯ୍ୟକିରଣରେ କୁହୁଡ଼ି ଅପସରି ଯାଇଛି। ସୁନେଲି କିରଣରେ ଆଖିର ଲୁହ ଟୋପା ଆଉ ଲୁହ ହୋଇ ରହିନାହିଁ, ମୁକ୍ତାବିନ୍ଦୁ ହୋଇଯାଇଛି।

ମୋ: ୭୬୦୬୯୫୬୭୪୫

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୧/୨୦୨୪ Bhubaneswar, Saturday, December 21/ 2024

# ୟୁଥ୍ ଏସିଆନ ରେକର୍ଡ ସହ ଜ୍ୟୋସ୍ନାଙ୍କୁ ସ୍ୱର୍ଣ୍ଣ

- ପ୍ରୀତିସ୍ମିତାଙ୍କୁ ରୌପ୍ୟ
- କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ




ପଦକ ପ୍ରଦର୍ଶନ କରୁଛନ୍ତି ଜ୍ୟୋସ୍ନା ଶବର ଓ ପ୍ରୀତିସ୍ମିତା ଭୋଇ।

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ଦୋହାରେ ଚାଲିଥିବା ଏସିଆନ ୟୁଥ୍ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଚମକପ୍ରଦ ପ୍ରଦର୍ଶନ କରିଛନ୍ତି ଓଡ଼ିଶାର ଜ୍ୟୋସ୍ନା ଶବର। ଶୁକ୍ରବାର ୪୦ କେଜି ୟୁଥ୍ ବାଳିକା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ସେ ସ୍ନାଚ୍‌ରେ ୬୦, କ୍ଲିନ୍ ଆଣ୍ଡ ଜର୍କରେ ୭୫ ଏହିପରି ମୋଟ ୧୩୫ କେଜି ଉତ୍ତୋଳନ କରି ୟୁଥ୍ ଏସିଆନ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୪୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟତମ ଓଡ଼ିଶା ଭାରୋତ୍ତୋଳନ ପ୍ରତିଭା ପ୍ରୀତିସ୍ମିତା ଭୋଇ ୪୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ମୋଟ ୧୪୫ (ସ୍ନାଚ୍‌ରେ ୬୦, କ୍ଲିନ୍ ଆଣ୍ଡ ଜର୍କରେ ୮୫)କେଜି ଭାର ଉଠାଇ ଓଭରଅଲ୍ ୫ମ ସ୍ଥାନରେ ରହିଥିଲେ। ତେବେ କ୍ଲିନ୍ ଆଣ୍ଡ ଜର୍କରେ ୮୫ କେଜି ଉତ୍ତୋଳନ କରିଥିବାରୁ ବ୍ୟକ୍ତିଗତ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଚଳିତ ବର୍ଷ ଜ୍ୟୋସ୍ନାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଜାନୁଆରୀରେ ଚେନ୍ନାଇରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ବାଳିକା ଭାରୋତ୍ତୋଳନରେ ସେ ଜାତୀୟ ୟୁଥ୍ ରେକର୍ଡ ସୃଷ୍ଟି କରିଥିଲେ। ୪୦ କେଜି ବର୍ଗରେ ସେ ମୋଟ ୧୩୦ (ସ୍ନାଚ୍-୬୦, କ୍ଲିନ୍ ଆଣ୍ଡ ଜର୍କ-୭୦) କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଲିମାରେ ଅନୁଷ୍ଠିତ ବିଶ୍ୱ ଯୁବ ଭାରୋତ୍ତୋଳନରେ ମଧ୍ୟ ପଦକ ପାଇବା ସହ ରାଜ୍ୟକୁ ଗର୍ବିତ କରିଥିଲେ। ୟୁଥ୍ ଏସିଆନ ରେକର୍ଡର ଅଧିକାରୀ ହୋଇଥିବାରୁ ଜ୍ୟୋସ୍ନାଙ୍କୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅଭିନନ୍ଦନ ଜଣାଇଛନ୍ତି।

# ‘ମେଲ୍‌ବୋର୍ନରେ ମୁଁ ତୁମ ସହ ଥିବି’

ଚେନ୍ନାଇ,୨୦।୧୨(ପି.ଟି.)

ମେଲବୋର୍ନରେ ମୁଁ ମଧ୍ୟ ତୁମ ସହିତ ବ୍ୟାଟିଂ ପାଇଁ ଓହ୍ଲାଇବି ବୋଲି ବିରାଟ କୋହଲିଙ୍କ ପୋଷ୍ଟରେ ଲେଖିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ବ୍ରିସବେନ୍‌ରେ ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ଶେଷ ହେବା ପରେ ଅଚାନକ ସମସ୍ତଙ୍କୁ ଚକିତ କରି ଅବସର ଘୋଷଣା କରିଥିଲେ ଅଶ୍ୱିନ। ଏହାର କିଛି ସମୟ ପୂର୍ବରୁ ସେ ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ସହିତ କିଛି ଆଲୋଚନା କରୁଥିବାର ଦେଖିବାକୁ ମିଳିଥିଲା। ଆଲୋଚନା ପରେ ଉଭୟ ଖେଳାଳି ଭାବବିହ୍ୱଳ ହୋଇପଡିଥିଲେ। ଅଶ୍ୱିନଙ୍କ ଅବସର ପରେ ବିରାଟ କୋହଲି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରିଥିଲେ। ‘ତୁମ ସହ ୧୪ ବର୍ଷ ସାଥୀ ହୋଇ ଖେଳିଛି। ଆଜି ଯେତେବେଳେ ତୁମ ଅବସର ନିଷ୍ପତ୍ତି ସମ୍ପର୍କରେ ଶୁଣିଲି ଏହା ମୋତେ ଭାବବିହ୍ୱଳ କରି ଦେଇଥିଲା। ଏତେ ବର୍ଷ ସାଥୀ ହୋଇ ଖେଳିବାର ସ୍ମୃତିଗୁଡିକ ମୋ ସାମ୍ନାକୁ ଆସି ଯାଇଥିଲା ବୋଲି କୋହଲି ଏକ୍ସରେ ପୋଷ୍ଟ କରିଥିଲେ। ଏହା ସହ ସେ ଲେଖିଥିଲେ ଭାରତୀୟ ଦଳକୁ ମ୍ୟାଚ୍ ଜିତାଇବାରେ ତୁମ ଦକ୍ଷତା ଅଦ୍ୱିତୀୟ। ତୁମେ ସର୍ବଦା ଭାରତୀୟ କ୍ରିକେଟର କିମ୍ବଦନ୍ତୀ ଭାବରେ ରହିବ।’

ଶୁକ୍ରବାର ଏହି ପୋଷ୍ଟକୁ ଶେୟାର କରିବା ସହିତ ଅଶ୍ୱିନ ଲେଖିଛନ୍ତି, ‘ଧନ୍ୟବାଦ ବନ୍ଧୁ, ମୁଁ ତୁମକୁ ଯେମିତି କହିଥିଲି ଏମ୍‌ସିଜିରେ ମୁଁ ତୁମ ସହିତ ସେମିତି ବ୍ୟାଟିଂ ପାଇଁ ଓହ୍ଲାଇବି’। ଅଶ୍ୱିନ କେଉଁ ବ୍ୟାଟିଂ କଥା କହୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ।

# ମାଳଦ୍ୱୀପ ବିପକ୍ଷରେ ୨ ମ୍ୟାଚ ଖେଳିବ ଭାରତ

ନୂଆଦିଲ୍ଲୀ, ୨୦।୧୨(ପି.ଟି.)

ମାଳଦ୍ୱୀପ ବିପକ୍ଷରେ ଭାରତୀୟ ମହିଳା ଫୁଟବଲ ଦଳ ୨ଟି ଅନ୍ତର୍ଜାତୀୟ ଫିଫା ଫ୍ରେଣ୍ଡଲୀ ମ୍ୟାଚ ଖେଳିବ। ଏହି ମ୍ୟାଚ ୨ଟି ଯଥାକ୍ରମେ ଡିସେମ୍ବର ୩୦ ଓ ଜାନୁଆରୀ ୨ରେ ବେଙ୍ଗାଲୁରୁସ୍ଥିତ ପାଦୁକୋନେ-ଦ୍ରାବିଡ ସେଣ୍ଟର ଫର୍ ଏକ୍ସିଲେନ୍ସିରେ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ପ୍ରକାଶ କରାଯାଇଛି। ଗତ ୧୩ ତାରିଖରେ ପ୍ରକାଶିତ ଫିଫା ର୍‍ୟାଙ୍କିଙ୍ଗ୍ ଅନୁସାରେ ଭାରତ ୬୯ ଓ ମାଳଦ୍ୱୀପ ୧୬୩ତମ ସ୍ଥାନରେ ରହିଛି। ବ୍ଲୁ ଟାଇଗ୍ରେସ ଶେଷଥରପାଇଁ ଗତ ଅକ୍ଟୋବରରେ ସାଫ୍ ମହିଳା ଚାମ୍ପିୟନଶିପ୍‌ରେ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ସେଥିରେ ନେପାଳଠାରୁ ସେମିଫାଇନାଲରେ ହାରି ଯାଇଥିଲେ।

# ଅନ୍ତିମ ୨ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳରେ କୋନଷ୍ଟାସ

**ମେଲବୋର୍ନ,୨୦।୧୨(ପି.ଟି.):** ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଦୁଇ ଟେଷ୍ଟ ମ୍ୟାଚ୍ ପାଇଁ ଟିନ୍ ଏଜ୍ ସେନସେସନ ସାମ କୋନଷ୍ଟାସଙ୍କୁ ଅଷ୍ଟ୍ରେଲିଆ ଦଳକୁ ଡାକରା ମିଳିଛି। ଓପନର ନାଥାନ ମ୍ୟାକସୁଇନିଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ କୋନଷ୍ଟାସଙ୍କୁ ସାମିଲ କରାଯାଇଛି। ୧୯ ବର୍ଷୀୟ କୋନଷ୍ଟାସ ୭୦ ବର୍ଷରେ ଅଷ୍ଟ୍ରେଲିଆର ସର୍ବକନିଷ୍ଠ ବ୍ୟାଟର ଭାବରେ ପଦାର୍ପଣ କରିବାକୁ ଯାଉଛନ୍ତି। ସେହିପରି ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବରେ ବକ୍ସିଂ ଡେ ଟେଷ୍ଟ ଖେଳିବାକୁ ଯାଉଛନ୍ତି। ବର୍ତ୍ତମାନର ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ୧୮ ବର୍ଷ ୧୯୩ ଦିନରେ ୨୦୧୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବକ୍ସିଂ ଡେ ଟେଷ୍ଟ ଖେଳିଥିଲେ।

୨୫ ବର୍ଷୀୟ ମ୍ୟାକ୍‌ସୁଇନି ପର୍ଥରେ ପଦାର୍ପଣ କରିଥିଲେ। ୩ ଟେଷ୍ଟର ୬ ଇନିଂସରେ ସେ ଯଥାକ୍ରମେ ୧୦, ୦, ୩୯, ୧୦, ୯ ଓ ୪ ରନ୍ ସ୍କୋର କରିଥିଲେ। ଏହି ୬ ଇନିଂସ ମଧ୍ୟରେ ବୁମ୍‌ରା ତାଙ୍କୁ ୪ ଥର ଆଉଟ କରିଥିଲେ। ନିକଟରେ କୋନଷ୍ଟାସ ସେଫିଲ୍ଡ ସିଲ୍ଡରେ ନ୍ୟୁ ସାଉଥ ୱେଲ୍ସ ପାଇଁ ଦୁଇଟି ଶତକ ହାସଲ କରିଥିଲେ।

# ମୁକ୍ତେଶ୍ୱର-କଳିଙ୍ଗ ୟୁଥ୍ ଫାଇନାଲ

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ ‘ବି’ ଡିଭିଜନ ଫୁଟବଲ ଲିଗ୍‌ର ଫାଇନାଲ ମୁକ୍ତେଶ୍ୱର ଏଫ୍‌ସି ଓ କଳିଙ୍ଗ ୟୁଥ୍ ସ୍ପୋର୍ଟିଂ ମଧ୍ୟରେ ରବିବାର ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ମୁକ୍ତେଶ୍ୱର ୩-୦ ଗୋଲରେ ସିଲିକନ୍ ଏଫ୍‌ସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱର ପକ୍ଷରୁ ରାମଚନ୍ଦ୍ର ମୁର୍ମୁ ୧୪ ଓ ୨୨ ମିନିଟରେ ୨ଟି ଏବଂ ଜୟରାମ କ୍ରିସାନୀ ୬୧ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ ଦାସ ଅତିଥିଭାବେ ଯୋଗଦେଇ ରାମଚନ୍ଦ୍ର ମୁର୍ମୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ ଦେହୁରି, ଏମ୍.ଏସ୍. ବେଗ୍, ସାଫିକୁଲ ଖାଁ ଓ ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ।



ରାମଚନ୍ଦ୍ର ମୁର୍ମୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।









Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ